


‘ଛାଭା’ ଚଳଚ୍ଚିତ୍ର ଦେଖିଲେ ବିଷ୍ଣୁଦେବ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



୫.୩ ନିୟୁତ ପ୍ରବାସୀଙ୍କୁ ଆମେରିକା ଛାଡ଼ିବାକୁ ନିର୍ଦ୍ଦେଶ | ୬

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୫୧ Vol. 21 No-351 23 MARCH 2025 SUNDAY BHUBANESWAR ରବିବାର, ୨୩ ମାର୍ଚ୍ଚ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## କାଳବୈଶାଖୀ ତାଣ୍ଡବ

# ବ୍ରହ୍ମପୁର ଉବୁଟୁବୁ






- ଗଛ ପଡ଼ି ରାସ୍ତା ଅବରୋଧ
- ହସ୍ପିଟାଲରେ ପଶିଲା ପାଣି
- ବଜ୍ରାଘାତ ନେଲା ଦୁଇ ଜୀବନ
- ଆହୁରି ଦୁଇଦିନ ବର୍ଷିବ
- ଜିଲ୍ଲାପାଳଙ୍କୁ ସତର୍କ ନିର୍ଦ୍ଦେଶ

ଭୁବନେଶ୍ୱର/ବ୍ରହ୍ମପୁର, ୨୨।୩(ଭାସ୍କର ନ୍ୟୁଜ): ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷାଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ତାତିରୁ ସାମାନ୍ୟ ତ୍ରାହି ମିଳିଥିବାବେଳେ ଜଳ ନିଷ୍କାସନ ଏକ ମୁଖ୍ୟ ସମସ୍ୟା ସୃଷ୍ଟି କରିଛି। ବ୍ରହ୍ମପୁରରେ ପ୍ରବଳ ବର୍ଷା ହେବାରୁ ଏମକେସିଜି ମେଡ଼ିକାଲ ଓପିଡି ଓ ଲେଡିଜ ହଷ୍ଟେଲରେ ପାଣି ପଶିଥିବାରୁ ରୋଗୀସେବା ବାଧାପ୍ରାପ୍ତ ହୋଇଛି। ସେହିପରି ମେଡ଼ିକାଲ ଆଉଟଡୋରର ଅନେକ ୱାର୍ଡରେ ବର୍ଷାପାଣି ପଶିବାରୁ ଦମକଳବାହିନୀ ପକ୍ଷରୁ ଜଳ ନିଷ୍କାସନ କରାଯାଇଛି। ବିଭିନ୍ନ ଯାଗାରେ ଗଛପଡ଼ି ରାସ୍ତା ଅବରୋଧ ହେବାରୁ ଅଗ୍ନିଶମ ବିଭାଗ ପକ୍ଷରୁ ରାସ୍ତାକୁ ସଫା କରାଯାଇ ଯାତାୟତକୁ ସ୍ୱାଭାବିକ କରାଯାଇଛି। ଅପରପକ୍ଷରେ ବଜ୍ରାଘାତରେ ଦିଗପହଣ୍ଡିର ରାଜେଶ କୁମାର ଗୌଡ଼ ନାମକ ଜଣେ ୧୦ମ ଶ୍ରେଣୀ ଛାତ୍ରର ମୃତ୍ୟୁ ଘଟିଛି। ବମକେଇରୁ ନାରାୟଣପୁର ଫେରୁଥିବାବେଳେ ଏହି ବଜ୍ରାଘାତ ଘଟିଥିଲା। ଉକ୍ତ ଛାତ୍ରଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ପୁରୀଜିଲ୍ଲା ବ୍ରହ୍ମଗିରିରେ କାଳବୈଶାଖୀ ପ୍ରଭାବରେ ବଜ୍ରପାତ ସାଙ୍ଗକୁ • ପୃଷ୍ଠା ୫ ଦେଖନ୍ତୁ

## ରଙ୍ଗାରଙ୍ଗ ଆଲୋକରେ ଝଲସିଲା ଇଡେନ ଗାର୍ଡେନ

# ଆରମ୍ଭ ହେଲା ଆଇପିଏଲ୍ ସିଜିନ୍-୧୮







**ଜଲୱା ଦେଖାଇଲେ ବଲିଉଡ୍ ଷ୍ଟାର**

**ଉଦ୍‌ଘାଟନୀ ମ୍ୟାଚ୍‌ରେ ଆରସିବି ବିଜୟୀ**

କୋଲକାତା, ୨୨।୩: ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଆରମ୍ଭ ହୋଇଛି ଫଟାଫଟ କ୍ରିକେଟର ଅଷ୍ଟାଦଶ ସଂସ୍କରଣ। କ୍ରିକେଟ ଓ ଗ୍ଲାମରକୁ ନେଇ ପରିଚିତ ଏହି ଲିଗ୍‌ର ଉଦ୍‌ଘାଟନୀ ସନ୍ଧ୍ୟା ଅତ୍ୟାଧୁନିକ ଆଲୋକ ସାଜସଜ୍ଜା ଓ ଆତସବାଜି ପ୍ରଦର୍ଶନରେ ଐତିହାସିକ ଇଡେନଗାର୍ଡେନ ମୈଦାନ ଝଲସି ଉଠିଛି। ଏକ ବର୍ଣ୍ଣାଢ୍ୟ ପରିବେଶରେ ବଲିଉଡ୍ ସୁପରଷ୍ଟାର ତଥା କୋଲକାତା ନାଇଟ୍ ରାଇଡର୍ସର ମାଲିକ ଶାହରଖ ଖାନ, ବଲିଉଡ୍ ସିଙ୍ଗର ଶ୍ରେୟା ଘୋଷାଲ, ବଲିଉଡ୍ ଅଭିନେତ୍ରୀ ଦିଶା ପଟାନୀ, କରଣ ଔଜଲା ପ୍ରମୁଖ ମୁଖ୍ୟ ଆକର୍ଷଣ ପାଲଟିଥିଲେ। ନାଚ, ଗୀତରେ ଷ୍ଟାଡିୟମରେ ଥିବା ଦର୍ଶକ ମତୁଆଲା ହୋଇଥିଲେ। ପ୍ରଥମେ ଷ୍ଟାଡିୟମକୁ ଆସି ଦର୍ଶକଙ୍କୁ ନିଜର ସୁମଧୁର ସ୍ୱରରେ ବାନ୍ଧି ରଖିଥିଲେ ଶ୍ରେୟା ଘୋଷାଲ। ଶ୍ରେୟାଙ୍କ ‘ପେଜ୍-୨’ ଗୀତରେ କୋଲକାତାବାସୀ ନାଚିବା ପାଇଁ ବାଧ୍ୟ ହୋଇଥିଲେ। ପ୍ରାୟ ୧୫ ମିନିଟ୍ ଯାଏ ଶ୍ରେୟା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ମା’ ତୁଝେ ସଲାମ ଓ ବନ୍ଦେ ମାତରଂ ଗୀତ ଗାନ ପରେ ସେ ମଞ୍ଚ ଛାଡ଼ିଥିଲେ। ଶ୍ରେୟାଙ୍କ ପରେ ବଲିଉଡ୍ ନାୟିକା ଦିଶା ତାଙ୍କ ନାଚର ଯାଦୁଗରୀ ଦେଖାଇଥିଲେ ଓ ଦର୍ଶକଙ୍କ ମନ ମୋହିଥିଲେ। ଏହାପରେ ମଞ୍ଚକୁ ଆସିଥିଲେ ପଞ୍ଜାବୀ ଗାୟକ କରଣ ଔଜଲା। କରନଙ୍କ ଗୀତ ମଧ୍ୟ ଦର୍ଶକଙ୍କ ମନକୁ ବେଶ୍ ଆକର୍ଷିତ କରିଥିଲା। ଏପରିକି ଦିଶା କରନଙ୍କ ଗୀତରେ ନୃତ୍ୟ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା। ଆଇପିଏଲ-୨୦୨୫ ଉଦ୍‌ଘାଟନୀ ସମାରୋହର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଶେଷ • ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ବାଲି ଖାଦାନ ପାଇଁ ଏସ୍‌ଓପି ଜାରି

ଭୁବନେଶ୍ୱର, ୨୨।୩(ଭାସ୍କର ନ୍ୟୁଜ): ରାଜ୍ୟରେ ବେଆଇନ୍ ବାଲି ଚାଲାଣ ରୋକିବା ପାଇଁ ବାଲି ଖାଦାନ ପରିଚାଳନା ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର ବା ଏସଓପି ଆସିଛି। ଲଘୁ ଖଣିଜ ନିର୍ଦ୍ଦେଶାଳୟ ପକ୍ଷରୁ ଏସ୍‌ଓପି ଜାରି ହୋଇଛି। ଏସ୍‌ଓପି ଅନୁଯାୟୀ ବାଲି ପରିଚାଳନା ପାଇଁ ପ୍ରତି ଜିଲ୍ଲାରେ କମିଟି ଗଠନ ହେବ। ଏହି • ପୃଷ୍ଠା ୫ ଦେଖନ୍ତୁ

### ନବ ଦାସଙ୍କ ରୋଷେୟା ମୃତ୍ୟୁର ମୁଖ୍ୟସାକ୍ଷୀ ଦୁର୍ଘଟଣାରେ ଗୁରୁତର

ଝାରସୁଗୁଡ଼ା, ୨୨।୩(ଭାସ୍କର ନ୍ୟୁଜ): ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲାର ପୁନଃ ତଦନ୍ତ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର ହୋଇଛି । ସେପଟେ କ୍ରାଇମବ୍ରାଞ୍ଚ ହତ୍ୟାକାଣ୍ଡ ସଂପର୍କରେ ଅବଗତ ଥିବା କିଛି ସାକ୍ଷୀଙ୍କୁ ମାରାଥନ ଜେରା କରୁଥିବାବେଳେ ଶନିବାର ନବ ଦାସଙ୍କ ରୋଷେୟା ଲଳିତ ସାହୁ ମୃତ୍ୟୁ ମାମଲାର • ପୃଷ୍ଠା ୫ ଦେଖନ୍ତୁ


### ଡିସେମ୍ବରରେ ବାରବାଟୀରେ ଆନ୍ତର୍ଜାତିକ ମ୍ୟାଚ୍!

କଟକ, ୨୨।୩(ଭାସ୍କର ନ୍ୟୁଜ): କଟକରେ ଏବର୍ଷ ପୁଣି ଆନ୍ତର୍ଜାତିକ ମ୍ୟାଚ୍ ଖେଳାଯିବା ନେଇ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ଡିସେମ୍ବର ୯ରେ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ ମ୍ୟାଚ୍ ଖେଳାଯାଇପାରେ। ଡିସେମ୍ବରରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୫ଟିକିଆ ଟି-୨୦ ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍ ଡିସେମ୍ବର ୯ ତାରିଖରେ କଟକ ବାରବାଟୀ ଷ୍ଟାଡିୟମରେ ଏହି ଏକଦିବସୀୟ ମ୍ୟାଚ୍ ଖେଳାଯିବା ନେଇ ଆଲୋଚନା ହେବାପରେ କ୍ରୀଡ଼ାପ୍ରେମୀଙ୍କ • ପୃଷ୍ଠା ୫ ଦେଖନ୍ତୁ

ସେନ୍‌ସେକ୍ସ: ୭୬,୯୦୫.୫୧
ସର୍ବାଧିକ: ୨୫.୨ ଡିଗ୍ରୀ
ସର୍ବନିମ୍ନ: ୨୨.୮ ଡିଗ୍ରୀ

**୨୨।୩।୨୦୨୫ ର ମତାମତ**

ସାନି ତଦନ୍ତରେ ନବ ଦାସଙ୍କ ପ୍ରକୃତ ହତ୍ୟାକାରୀ ଚିହ୍ନଟ କରାଯିବା ସମ୍ଭବ କି ?




**ଆଜିର ପ୍ରସଙ୍ଗ**

ନବ ଦାସଙ୍କ ରୋଷେୟା ହତ୍ୟାର ମୁଖ୍ୟସାକ୍ଷୀର ଦୁର୍ଘଟଣା ଷଡ଼ଯନ୍ତ୍ର କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ଜେଏସି ବୈଠକରେ ସ୍ୱଚ୍ଛ ସୀମା ପୁନଃ ନିର୍ଦ୍ଧାରଣ ନେଇ ଆଲୋଚନା

# ୨୫ବର୍ଷ ସ୍ଥଗିତ ରଖିବାକୁ ପ୍ରସ୍ତାବ ପାରିତ



- ବିରୋଧୀ ଶିବିରରେ ବିଜେଡି, ଆସିଲାନି ଟିଏମ୍‌ସି
- ଯୋଗଦେଲେ ଭକ୍ତ, ନବୀନଙ୍କ ସମର୍ଥନ
- ତାମିଲନାଡୁର ଶରଣ ପଶିଛି ବିଜେଡି: ସୁକାନ୍ତ

ଚେନ୍ନାଇ, ୨୨।୩: ଜନସଂଖ୍ୟା ଆଧାରରେ ଲୋକସଭା ଆସନ ସୀମା ପୁନଃ ନିର୍ଦ୍ଧାରଣକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ.କେ.ଷ୍ଟାଲିନ ବିରୋଧ କରି ଆସୁଛନ୍ତି। ଏହି ଆଧାରରେ ସେ ପଡ଼ୋଶୀ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଦଳୀୟ ନେତାମାନଙ୍କୁ ଆମନ୍ତ୍ରିତ କରି ଯେଉଁ ବୈଠକ ଆୟୋଜନ କରିଥିଲେ, ସେଥିରେ ବିଜେଡି, କଂଗ୍ରେସ ସମେତ ଆପ୍‌କୁ ସାମିଲ କରିବାରେ ସେ ସଫଳ ହୋଇଛନ୍ତି । ପରସ୍ପରର ବିରୋଧୀ ହୋଇଥିଲେ ମଧ୍ୟ ସୀମା ନିର୍ଦ୍ଧାରଣବେଳେ ଲୋକସଭା ସଂଖ୍ୟା ଆଧାରରେ କରିବାକୁ ଏହି ସମସ୍ତ ଦଳ ବିରୋଧକରି ଆସୁଛନ୍ତି। ତେଲଙ୍ଗାନାର ପରସ୍ପର ବିରୋଧୀ କଂଗ୍ରେସ-ବିଆର୍‌ଏସ୍, ଓଡ଼ିଶାର ମୁଖ୍ୟ ବିରୋଧୀ ଦଳ ବିଜେଡିର ପ୍ରତିନିଧିଙ୍କ ସମେତ ଓଡ଼ିଶା କଂଗ୍ରେସ ସଭାପତି ଭକ୍ତଚରଣ ଦାସ ଯୋଗ ଦେଇଥିଲେ। ବୈଠକରେ ଯୋଗ ଦେଇଥିବା ସମସ୍ତ ରାଜ୍ୟଗୁଡ଼ିକ ଜନସଂଖ୍ୟା ନିୟନ୍ତ୍ରଣରେ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ଲୋକସଂଖ୍ୟା ଆଧାରରେ ସୀମା ପୁନଃ ନିର୍ଦ୍ଧାରଣ ହେଲେ ଏହି ରାଜ୍ୟଗୁଡ଼ିକ ଉତ୍ତର ଭାରତୀୟ ରାଜ୍ୟ ତୁଳନାରେ ବହୁ ଲୋକସଭା ଆସନ ହରାଇବେ। ଯେଉଁଥିପାଇଁ ଉପସ୍ଥିତ ରାଜ୍ୟର ପ୍ରତିନିଧିମାନେ ଏହାକୁ ବିରୋଧ କରିଛନ୍ତି। ଆଗାମୀ ଦିନରେ ଏ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବାକୁ ଜଏଣ୍ଟ ଆକ୍ସନ କମିଟି (ଜେଏସି) ଗଠନ କରାଯାଇଛି। ୨୦୨୬ରେ ତାମିଲନାଡୁ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହାପୂର୍ବରୁ କେନ୍ଦ୍ରର ବିଜେପି ସରକାର ବିଭିନ୍ନ ନୀତି, ଯେପରିକି ଜାତୀୟ ଶିକ୍ଷାନୀତି ସମେତ ହିନ୍ଦୀ ଭାଷାକୁ ନେଇ ଷ୍ଟାଲିନ ବିରୋଧ କରୁଛନ୍ତି । ଲୋକସଭା ସୀମା ନିର୍ଦ୍ଧାରଣ ପ୍ରସଙ୍ଗରେ ଅନେକ ଅଣବିଜେପି ରାଜନୈତିକ ଦଳଗୁଡ଼ିକୁ ଏକାଠି କରି ଷ୍ଟାଲିନ ନିଜେ ନେତୃତ୍ୱ ପ୍ରମାଣିତ କରିବାକୁ ଚାହୁଁଛନ୍ତି।


## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ପ୍ରଧାନମନ୍ତ୍ରୀଙ୍କୁ ଭେଟି ଜଣାଇଲେ
ରାଉରକେଲାର ଦିଲ୍ଲୀପ ରାୟ,
ରେଳ ବିଭାଗର ଉନ୍ନତି ହୋଇଲେ
ବଢ଼ିଆ ରାଜସ୍ୱ ହେବ ଆଦାୟ ।
ରେଳମନ୍ତ୍ରୀ ଏବେ ହୋଇ ସଦୟ,
ବେଳକାଳ ଦେଖି କରିବେ ପ୍ଲାନିଙ୍ଗ୍,
ପୂର୍ବରୁ ସୂରୁଜ ହେବ ଉଦୟ !

# ବିନୋଦ ଶୁକ୍ଳ ପାଇବେ ଜ୍ଞାନପୀଠ ପୁରସ୍କାର



ନୂଆଦିଲ୍ଲୀ, ୨୨।୩: ହିନ୍ଦୀ ସାହିତ୍ୟର ପ୍ରସିଦ୍ଧ ଲେଖକ ବିନୋଦ କୁମାର ଶୁକ୍ଳଙ୍କୁ ଦେଶର ସର୍ବୋଚ୍ଚ ସାହିତ୍ୟ ସମ୍ମାନ ‘ଜ୍ଞାନପୀଠ’ ପୁରସ୍କାରରେ ସମ୍ମାନିତ କରାଯିବା ନେଇ ଘୋଷଣା କରାଯାଇଛି। ଏହି ପୁରସ୍କାର ପାଇବାରେ ଶ୍ରୀ ଶୁକ୍ଳ ଛତିଶଗଡ଼ର ପ୍ରଥମ ଲେଖକ। ୮୮ବର୍ଷୀୟ ଶ୍ରୀ ଶୁକ୍ଳ ତାଙ୍କର କାହାଣୀ, କବିତା ଓ ପ୍ରବନ୍ଧ ଲାଗି ବେଶ୍ ପରିଚିତ ଓ ସମକାଳୀନ ହିନ୍ଦୀ ସାହିତ୍ୟର ସବୁଠାରୁ ପ୍ରଭାବଶାଳୀ ରଚନାକାରୀଙ୍କ ମଧ୍ୟରେ ତାଙ୍କୁ ଗଣାଯାଏ। ଏହି ପୁରସ୍କାର ବାବଦକୁ ତାଙ୍କୁ ୧୧ଲକ୍ଷ ଟଙ୍କା, ମା’ ସରସ୍ୱତୀଙ୍କ କାଂସ୍ୟ ପ୍ରତୀମା ଓ ପ୍ରଶସ୍ତିପତ୍ରରେ ସମ୍ମାନିତ କରାଯିବ। ସାହିତ୍ୟ କ୍ଷେତ୍ରରେ ଦେଶର ଏହି ସର୍ବୋଚ୍ଚ ସମ୍ମାନ ପାଇବାକୁ ମନୋନୀତ ହୋଇଥିବାରୁ ଶ୍ରୀ ଶୁକ୍ଳ ଖୁସିବ୍ୟକ୍ତ କରିଛନ୍ତି। ଏଭଳି ସମ୍ମାନ ପାଇବେ ବୋଲି ସେ ଭାବିନଥିବା କହିଛନ୍ତି। ନିଜର ସହଜ ଭାଷା ଓ ସମ୍ବେଦନଶୀଳ ଲେଖନୀ ଚାଳନା ନିମନ୍ତେ ପରିଚିତ ଶ୍ରୀ ଶୁକ୍ଳ କହିଛନ୍ତି ଯେ ଏହା ଏକ ବଡ଼ ପୁରସ୍କାର। ସେ ରଚନା ସୃଷ୍ଟି କରିବାବେଳେ କେବେ ପୁରସ୍କାର କଥା ଭାବିନଥାନ୍ତି ବୋଲି ଉଲ୍ଲେଖ କରିଛନ୍ତି। ତାଙ୍କ ଲେଖନୀ ଆଜି ବି ସକ୍ରିୟ। ଖାସ୍‌କରି ପିଲାମାନଙ୍କ ପାଇଁ ସେ ଲେଖିବାକୁ ସେ ପସନ୍ଦ କରନ୍ତି। • ପୃଷ୍ଠା ୫ ଦେଖନ୍ତୁ







ମାଲକାନଗିରି (ଭାସ୍କର ନ୍ୟୁଜ): ଓଡିଶା ରାଜ୍ୟ ଆଶାକର୍ମୀ ସଂଘ, ମାଲକାନଗିରି ଜିଲ୍ଲା ଶାଖା ତରଫରୁ ଆଜି ଜିଲ୍ଲାର ସମସ୍ତ ଆଶା କର୍ମୀମାନେ ରାଲି ମାଧ୍ୟମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ୧୦ ଦଫା ଦାବି ସମ୍ବଳିତ ପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଆଶା କର୍ମୀମାନଙ୍କ ଦରମା ୧୮ ହଜାରକୁ ବୃଦ୍ଧି କରାଯାଉ, ସେହିପରି ଆଶା ଫେମିନିଟେରଙ୍କ ଦରମା ୨୪ ହଜାର କରାଯାଉ, ଆଶା କର୍ମୀମାନଙ୍କ କୌଣସି ଦୁର୍ଘଟଣାରେ ହେଲେ କିମ୍ବା କାର୍ଯ୍ୟରତ ସମୟରେ ମୃତ୍ୟୁବରଣ କଲେ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରାଯାଉ, ସେହିପରି ଆଶାକର୍ମୀ ମାନଙ୍କୁ ଅବସରକାଳୀନ ସହାୟତା ବାବଦକୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଉ, ପ୍ରତ୍ୟେକ ଚିକିତ୍ସାଳୟ, ଓ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଆଶାକର୍ମୀ ମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବିଶ୍ରାମ ଗୃହ ନିର୍ମାଣ କରାଯାଉ, ଆଶାକର୍ମୀ ମାନେ ପ୍ରତି ଗ୍ରାମ ଗ୍ରାମ ବୁଲି ସେବା ଯୋଗାଉଥିବା ବେଳେ ଗ୍ରାମ ଗୁଡିକୁ ଯାତ୍ରା କରିବା ନିମନ୍ତେ ଯାତ୍ରାଜନିତ ଅର୍ଥ ରାଶି ପ୍ରଦାନ କରାଯାଉ, ବରିଷ୍ଠ ଆଶାକର୍ମୀ ମାନଙ୍କୁ ଟିକାକରଣ ସମ୍ବନ୍ଧୀୟ ତାଲିମ ପ୍ରଦାନ କରାଯାଉ, ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମନଧନ ଯୋଜନାରେ ପ୍ରବେଶିକାମାନଙ୍କ ବୟସ ସୀମା ୧୮ ରୁ ୪୦ ବର୍ଷ ଥିବା ବେଳେ ଏହାକୁ ୬୦ ବର୍ଷକୁ ବର୍ଦ୍ଧିତ କରାଯାଉ ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଶାକର୍ମୀ ସମ୍ପାଦିକା ତାପସୀ ବିଶ୍ୱାସଙ୍କ ସମେତ ୨୦୦ ରୁ ଊର୍ଦ୍ଧ୍ୱ ଆଶାକର୍ମୀମାନେ ଯୋଗ ଦେଇଥିଲେ।



# ଶବ ବ୍ୟବଚ୍ଛେଦ ଗୃହରେ ପ୍ରଥମ କରି ଶବ ବ୍ୟବଚ୍ଛେଦ




ବେତନଟୀ (ଭାସ୍କର ନ୍ୟୁଜ୍): ମୟୁରଭଞ୍ଜ ଜିଲ୍ଲା ବେତନଟୀ ଡାକ୍ତରଖାନା ପରିସରରେ ଏକ ଶବ ବ୍ୟବଚ୍ଛେଦ ଗୃହରେ ପ୍ରଥମ କରି ଶବ ବ୍ୟବଚ୍ଛେଦ କରାଯାଇଛି । ଏହି ଶବବ୍ୟବଚ୍ଛେଦ ଗୃହ ବେତନଟୀ ବାସୀଙ୍କର ଗୋଟିଏ ସ୍ୱପ୍ନ ହୋଇ ରହିଯାଇଥିଲା। କିନ୍ତୁ ବଡ଼ସାହି ବିଧାୟକଙ୍କ ନିଜସ୍ୱ ପାଣ୍ଠିରୁ ଅନୁଦାନ ଦେଇ ଗୃହ ନିର୍ମାଣ କରିବା ସହ ଉଦଘାଟନ ମଧ୍ୟ କରିଥିଲେ । ଏଣୁ ଆଉ ବେତନଟୀ, ବୈଶିଙ୍ଗା , ବଡ଼ସାହି ଅଧିନରେ ଥିବା ତିନି ଟି ଥାନା ଅଞ୍ଚଳ ର ଲୋକ ଗୋଟିଏ ଦିନ ଅପେକ୍ଷା କରିବା ପାଇଁ ପଡିବ ନାହିଁ। ଏଥିପାଇଁ ଶବ ବ୍ୟବଚ୍ଛେଦ ପାଇଁ ନିୟୋଜିତ କର୍ମଚାରୀମାନଙ୍କୁ ମଧ୍ୟ ଆବଶ୍ୟକ ତାଲିମ୍ ପ୍ରଦାନ କରାଯାଇଛି । ଆଜି ବୈଶିଙ୍ଗା ଥାନା ଅଧୀନ ବାଛୁରୀପଡା ଗ୍ରାମର ସ୍ୱର୍ଗତ ପରେଶଚନ୍ଦ୍ର ସାହୁଙ୍କ ୨୩ବର୍ଷୀୟ ପୁଅ ଶୁଭମ ସାହୁ ସକାଳେ ଘର ଭିତରେ ବେକରେ ଫାଶୀ ଦେଇ ଆତ୍ମହତ୍ୟା କରିଥିବା ବେଳେ ବୈଶିଙ୍ଗା ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରିଥିଲା । ଶୁଭମଙ୍କ ମୃତଦେହକୁ ବେତନଟୀ ଶବ ବ୍ୟବଚ୍ଛେଦ ଗୃହରେ ବ୍ୟବଚ୍ଛେଦ କରାଯାଇଥିଲା । ବେତନଟୀ ଅଞ୍ଚଳବାସୀଙ୍କ ସ୍ୱପ୍ନ ପୂରଣରେ ପ୍ରତିଶୃତିବଦ୍ଧ ଲୋକପ୍ରିୟ ବିଧାୟକ ସନାତନ ବିଜୁଳିଙ୍କ ପ୍ରଚେଷ୍ଟା ତଥା ସିଡିଏମଓ ଡ଼ ପ୍ରଭାତ କୁମାର ବେହେରା, ଏଡିଏମଓ ଡ଼. ବିଜୟ କୁମାର ଦାସଙ୍କ ତତ୍ପରତାରୁ ଶେଷରେ ବେତନଟୀରେ ଶବ ବ୍ୟବଚ୍ଛେଦ ଆରମ୍ଭ କରାଯାଇଛି। ଏହି ଅବସରରେ ବେତନଟୀ ଡାକ୍ତରଖାନା ଅଧିକାରୀ ଡ଼ ସିପୁନ କୁମାର ପଣ୍ଡା, ଭାରତୀୟ ଜନତା ପାର୍ଟିର ମଣ୍ଡଳ ସଭାପତି ଜୀବନ ପରିଡା, ପୁରୁଣିଆର ଯୁବ ସଂଗଠକ ଶାନ୍ତନୁ ପଣ୍ଡା , ଯୁବ ସଂଗଠକ ଚନ୍ଦ୍ର ଶେଖର ବେହେରା, ଯୁବନେତା ସଂଜୀବ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ। ତାଲିମପ୍ରାପ୍ତ ଅମର କୁମାର ମୁଖୀ ମୃତଦେହର ବ୍ୟବଚ୍ଛେଦ କରିଥିଲେ। ଏହି ଶବ ବ୍ୟବଚ୍ଛେଦ ଗୃହଟି ବିଧାୟକଙ୍କ ପ୍ରଚେଷ୍ଟା ରେ ହୋଇଥିବାରୁ ବେତନଟୀ ଅଞ୍ଚଳବାସୀ ବିଧାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ସାମ୍ନାକୁ ଆସିଲା ଅବନ୍ତିକା ପାୱାର ପ୍ରକଳ୍ପର ସାଂଘାତିକ ସତ୍ୟ

## ଆଗୁଆ ସତର୍କ ନକରାଇ ବଳକା ପାଣିକୁ ଇଚ୍ଛା ମୁତାବକ ନଦୀରେ ନିଷ୍କାସିତ, ବାଜିରେ ଲୋକଙ୍କ ଜୀବନ



ମାଲକାନାଗିରି(ଭାସ୍କର ନ୍ୟୁଜ୍): ପୁଣି ସାମ୍ନାକୁ ଆସିଲା ମାଲକାନଗିରି ଜିଲ୍ଲା ଗୋବିନ୍ଦପାଲିର ଅବନ୍ତିକା ପାୱାର ପ୍ରକଳ୍ପର ସାଙ୍ଘାତିକ ସତ । ମାଲକାନଗିରି ଜିଲ୍ଲାର ପାଣି ନେଇ ବିଜୁଳି ଉତ୍ପାଦନ କରୁଥିବା ଏହି କମ୍ପାନୀ ଏବେ ଲୋକଙ୍କ ଜୀବନକୁ ବାଜିରେ ଲଗାଉଛି । ଆଗୁଆ ଅବଗତ ନକରାଇ ନିଜର ବଳକା ପାଣିକୁ ନିଜ ଇଚ୍ଛା ମୁତାବକ ସପ୍ତଧାରା ନଦୀରେ ନିଷ୍କାସିତ କରୁଛି। ଫଳରେ ନଦୀର ଜଳସ୍ତର ହଠାତ୍ ବଢି ଯାଉଛି। ଫଳରେ ଲୋକେ ନଦୀ ପାର ହେବାବେଳେ ହଠାତ ଜଳସ୍ତର ବଢ଼ିଯିବାରୁ ଜୀବନ ବାଜିରେ ଲାଗୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବିଶେଷ କରି ଗୋଜିଆ ଗୁଡ଼ା, ପାକାନା ଗୁଡ଼ା, ନୂଆଗୁଡ଼ା, ଅନ୍ଧାରୀ, ରୁଞ୍ଜି, ଗୋଲୋରିଗୁଡ଼ା, ରୁଞ୍ଜୀ, କୋପ୍ରାପୁଟ ଆଦି ଗାଁର ଲୋକେ ନିତିଦିନ ଏହି ସପ୍ତାଧାରା ନଈ ପାର ହେଉଛନ୍ତି । ଗାଁରୁ କୌଣସି ଏକ ସ୍ଥାନକୁ ଯିବାକୁ ଅଞ୍ଚଳର ଲୋକେ ନଦୀ ପାର ହେଉଥିବା ବେଳେ ହଠାତ ଜଳସ୍ତର ବୃଦ୍ଧି ପାଉଥିବା ଦେଖି ଭୟଭୀତ ହୋଇଯାଉଛନ୍ତି । ସବୁଠୁ ବଡ଼ କଥା ହେଲା ପାଣି ନିଷ୍କାସନ କରିବା ସମୟରେ ସାଇରନ ଦେଇ ଗ୍ରାମବାସୀମାନଙ୍କୁ ଅବଗତ କରାଇବା କଥା, କିନ୍ତୁ କୌଣସି ନିୟମ ନମାନି ନିଜ ଇଚ୍ଛା ମୁତାବକ ଲୋକଙ୍କ ଜୀବନ ସହ କମ୍ପାନୀ ଖେଳ ଖେଳୁଛି। ଏ ବାବଦରେ ସମ୍ପୃକ୍ତ ପ୍ରକଳ୍ପର ଅଧିକାରୀଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରିଥିଲେ ହେଁ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରି ନଥିଲା ଓ ପୂର୍ବରୁ ବିନା ଅନୁମତିରେ ରହିବା ପାଇଁ ଆବାସ ତିଆରି ଓ ସ୍ଥାନୀୟ ଲୋକଙ୍କୁ ଚାକିରି ନଦେବା ନେଇ ଏହି କମ୍ପାନୀ ନାମରେ ଅଭିଯୋଗ କରିଥିଲେ ଅଞ୍ଚଳ ବାସୀ। ଏବେ ଏପରି ସାଂଘାତିକ ଅଭିଯୋଗ ପରେ ଜିଲ୍ଲା ପ୍ରଶାସନ ପ୍ରକଳ୍ପ ବିରୋଧରେ ଉଚିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଥିବା ଜଣାପଡ଼ିଛି ।

# ଓଡିଶା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ୯୦ ତମ ଓଡିଶା ଦିବସ ପାଳନ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର କରିବା ପାଇଁ ଜିଲ୍ଲାପାଳ ବିଶାଳ ସିଂହଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟସ୍ଥ ଦରବାର ହଲ୍ଠାରେ ଏକ ପ୍ରସ୍ତୁତି ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାଲିକ ଉଦ୍‌ବୋଧନ ଦେଇ ଆଗାମୀ ଓଡିଶା ଦିବସକୁ ଉତ୍ସାହ, ଉଦ୍ଦୀପନା ଓ ଉତ୍କଳୀୟ ଭାବନା ସହ ମହାସମାରୋହରେ ପାଳନ କରିବା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜ୍ୟୋତିର୍ମୟ ଭୁକ୍ତା, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସାର୍ଥକ ରାୟ ସମସ୍ତଙ୍କୁ ସ୍ୱାଗତ ସମ୍ଭାଷଣ କରିବା ସହ କାର୍ଯ୍ୟକ୍ରମର ରୂପରେଖ ସଂପର୍କରେ ଆଲୋକପାତ କରିଥିଲେ ଏବଂ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା ଆରମ୍ଭ କରିଥିଲେ । ଓଡିଶା ଦିବସ ପାଳନ ଅବସରରେ ଏପ୍ରିଲ୍ ୧ ତାରିଖ ପ୍ରତ୍ୟୁଷରେ ବନ୍ଦେ ଉତ୍କଳ ଜନନୀ ବନ୍ଦନା ପ୍ରଚାର, ସକାଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଭାତଫେରୀ, ସହରରେ ଅବସ୍ଥାପିତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ । ଦରବାର ହଲଠାରେ ସାଧାରଣ ସଭା, ସ୍ଥାନୀୟ ଅଡ଼ିଟୋରିୟମରେ ସନ୍ଧ୍ୟା ୬ ଘଟିକା ସମୟରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ ଏବଂ ପରେ ପରେ ରାଜ୍ୟ ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ପ୍ରଯୋଜିତ ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷିତ ହେବ । ଓଡିଶା ଦିବସ ଅବସରରେ ସନ୍ଧ୍ୟାରେ ସରକାରୀ କୋଠାବାଡି ତଥା ବାଣିଜ୍ୟିକ ଅନୁଷ୍ଠାନର କୋଠାବାଡିରେ ରଙ୍ଗୀନ ଆଲୋକ ସଜ୍ଜା କରିବା ପାଇଁ ଅନୁରୋଧ କରାଯାଇଛି। ଏତଦ୍ ବ୍ୟତୀତ ଓଡିଶା ଦିବସ ପାଳନ ସଂପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା କରାଯାଇଥିଲା । ଓଡିଶା ଦିବସ ପାଳନକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ସ୍ୱତଃସ୍ଫୁର୍ତ୍ତ ଭାବେ ସହଯୋଗ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି ।

# ବିଶ୍ୱ ଜଙ୍ଗଲ ଦିବସ ପାଳିତ




ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ବନଖଣ୍ଡ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅଧୀନ ମୁକ୍ତାପଶି ସେକ୍ସନ ଅଧିନସ୍ଥ ପଥରଖମ୍ବ ଓ କଙ୍କିଳି ଗ୍ରାମରେ ବିଶ୍ୱ ବନ ଦିବସ ୨୦୨୫ ଅବସରରେ ଜଙ୍ଗଲ ସୁରକ୍ଷା ସମ୍ବନ୍ଧୀୟ ଏକ ଅୱାରନେସ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଅଛି। ଏହି କାର୍ଯ୍ୟକ୍ରମ ଓଡିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଜିଲ୍ଲା ବନଖଣ୍ଡ ଆୟୋଜକ ଓ ସହଯୋଗ ରେ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜର ଏବଂ ମୁକ୍ତାପଶି ବନପାଳ ପ୍ରଦୀପ୍ତ କୁମାର ଭଞ୍ଜଙ୍କ ସହଯୋଗରେ ପରିଚାଳନା ହୋଇଥିଲା । ଜଙ୍ଗଲକୁ ନଷ୍ଟ ନକରିବା ପାଇଁ ପଥପ୍ରାନ୍ତ ନାଟକ ପରିବେଷଣ ଓ ଜନସଚେତନତା କାର୍ଯ୍ୟକ୍ରମ ଢେଙ୍କାନାଳ ସଂଗୀତ ବାହିନୀ କଲଚୁରାଲ ଟିମ ଢେଙ୍କାନାଳ ଦ୍ୱାରା ସଚେତନ କରାଯାଇଥିଲା ।ଜଙ୍ଗଲର ଗୁରୁତ୍ୱ ଏବଂ ତାର ସୁରକ୍ଷିତର ଆବଶ୍ୟକତା ଉପରେ,ଜୀବ ବିବିଧତା ଓ ସୁରକ୍ଷା,ଜଙ୍ଗଲ ଏବଂ ସେଥିରେ ଥିବା ବିଭିନ୍ନ ପ୍ରଜାତିର ସମ୍ପର୍କ ଓ ସଂରକ୍ଷଣ, ଗଛ ନକଟିବା, ପରିବେଶ ସନ୍ତୁଳନ ରଖିବା, ଜୀବଜନ୍ତୁଙ୍କୁ ଦୟା,ବନାଗ୍ନୀ ପ୍ରତିରୋଧ ଓ ହାତୀ ଆମର ସାଥୀ, ସ୍ଥାନୀୟ ଅଧିକାରୀ ଓ ସଂଗଠନ ସହ ସମ୍ମିଳିତ ଉଦ୍ୟମ ରଖିବା ଆଦି ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ବିଶ୍ୱ ଜଙ୍ଗଲ ଦିବସରେ ଏକ ନୂତନ ପ୍ରତିଶୃତି ନେଇ ବିଶ୍ୱକୁ ଆଗାମୀ ପିଢ଼ି ପାଇଁ ସବୁଜ ଓ ସୁନ୍ଦର ଗଢିବାକୁ ସଂକଳ୍ପ ନିଆଯାଇଥିଲା ।

# ଭାରତୀୟ ସେନା କର୍ମଚାରୀଙ୍କ ଶେଷ କୃତ୍ୟ ସଂପନ୍ନ



ଧାମନଗର(ଭାସ୍କର ନ୍ୟୁଜ): ଧାମନଗର ବ୍ଲକ ପଧାନୀ ପଂଚାୟତ ଦଶନ୍ଧିକୁଳ ଗ୍ରାମର ଦୁଶାସନ ଦାସଙ୍କ ପୁତ୍ର ମୃତ୍ୟୁଞ୍ଜୟ ଦାସ (୩୭) ଙ୍କ ର ପାରିବାରିକ ଘଟଣା କୁ ନେଇ ଆତ୍ମହତ୍ୟାଜନିତ ମୃତ୍ୟୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ଥାଉକି ମୃତ୍ୟୁଞ୍ଜୟ ରାଜସ୍ଥାନର ଯଦୁପୁରରେ ଭାରତୀୟ ସେନାରେ କର୍ମଚାରୀ ଭାବେ କାମ କରୁଥିଲେ । ସେ ୨୦୧୬ ମସିହା ରେ ଯାଜପୁର ଜିଲ୍ଲା ବିଞ୍ଝାରପୁର ଅଂଚଳରେ ପ୍ରଣିତା ମିଶ୍ର ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ବିବାହ ର ତିନିବର୍ଷ ସ୍ୱାମୀ ସ୍ତ୍ରୀ ଙ୍କ ମଧ୍ୟ ରେ ଭଲ ରେ କଟିଥିଲା ପରେ ସ୍ୱାମୀ ସ୍ତ୍ରୀ ଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଛାଡପତ୍ର ପାଇଁ କୋର୍ଟ ରେ ଆବେଦନ ମଧ୍ୟ ହୋଇଥିଲା। ଏପରି କି ସ୍ତ୍ରୀ ପ୍ରଣିତା ସ୍ୱାମୀ ଙ୍କ ଦରମା ରୁ ଅଧା ଟଙ୍କା କେସ କରି ନେଇ ଯାଉଥିଲେ । ଏପରି ମାନସିକ ଚାପରେ ମୃତ୍ୟୁଞ୍ଜୟ ରହି ଆସୁଥିଲେ । ଏହି ଘଟଣା କୁ ନେଇ ଚଳିତ ମାସ ୨୦ ତାରିଖ ରେ ଯଦୁପୁରରେ ଆତ୍ମହତ୍ୟା କରିଥିଲେ । ତେବେ ଭାରତୀୟ ସେନା ପକ୍ଷରୁ ତାଙ୍କ ବାପାଙ୍କୁ ସୁଚନା ଦିଆଯାଇ ଥିଲା ଏବଂ ସମ୍ମାନର ସହ ମୃତ୍ୟୁଞ୍ଜୟର ଶବକୁ ତାଙ୍କର ନିଜ ଗ୍ରାମ ଦଶନ୍ଦିକୁଳ କୁ ନିଆଯାଇ ଶୋକାକୁଳ ପରିବେଶ ମଧ୍ୟରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ଧାମନଗର ଥାନାରେ ଶବ ପହଞ୍ଚିବାପରେ ସେଠାରେ ଶବରେ ପୁଷ୍ପଗୁଚ୍ଛ ଦିଆଯାଇ ଥିଲା ।ପରେ ଗ୍ରାମବାସୀଙ୍କ ଦ୍ୱାରା ବିରାଟ ଶୋଭାଯାତ୍ରା ରେ ଗ୍ରାମକୁ ନିଆଯାଇ ଥିଲା। ସେଠାରେ ବିଭାଗୀୟ ଅଧିକାରୀ ବାଲେଶ୍ୱର ୟୁନିଟ ପକ୍ଷରୁ ଶ୍ମଶାନରେ ଶବ ଉପରେ ଜାତୀୟ ପତାକା ପକାଇ ସମ୍ମାନ ଜଣା ଯାଇଥିଲା । ତେବେ ଏହି ଖବର ପାଇ ଧାମନଗର ପଂଚାୟତ ସମିତିର ପୂର୍ବତନ ଅଧକ୍ଷ ବିନୋଦ ନାୟକ, ନିର୍ବାଚନ ମଣ୍ଡଳୀ ନେତା ଡ଼. ସଂଜୟ ଦାସ, ସମାଜସେବୀ ସୁଶାନ୍ତ ରାଉତ ସମେତ ବିଶିଷ୍ଟ ବ୍ୟକ୍ତି ମାନେ ଶବରେ ପୁଷ୍ପମାଲ୍ୟ ଅର୍ପଣ କରି ଶେଷ ଦର୍ଶନ କରିଥିଲେ। ତେବେ ଏପରି ଦୁଃଖଦ ଘଟଣାରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବିଶ୍ୱ ଜଳ ଦିବସ ପାଳିତ




ବାଲିମେଳା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଳା ସ୍ଥିତ ପୋଟେରୁ ଇରିଗେସନ ବିଭାଗ ପକ୍ଷରୁ ଆଜି ସୋର୍ଲୁକୋଣ୍ଡା ବ୍ୟାରେଜ ଠାରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ସ୍ଥାନୀୟ ଅଞ୍ଚଳର ବହୁ ଚାଷୀ ମାନେ ଉପସ୍ଥିତ ରହିଥିଲେ। ମୁଖ୍ୟ ଅତିଥି ଭାବେ ପୋଟେରୁ ଇରିଗେସନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ କରୁଣା ସାଗର ବେହେରା ଯୋଗ ଦେଇଥିଲେ। ଶ୍ରୀ ବେହେରା ପାନୀୟ ଜଳର ଆବଶ୍ୟକତା ସମ୍ବନ୍ଧରେ ଉପସ୍ଥିତ ଚାଷୀମାନଙ୍କୁ ବୁଝାଇଥିଲେ। ତେବେ ସେ କହିଥିଲେ ଯେ ମନୁଷ୍ୟ ବଂଚିବା ନିମନ୍ତେ ବାୟୁ, ଜଳ ଏବଂ ଖାଦ୍ୟର ଆବଶ୍ୟକତା ରହିଥିବା କହିଥିଲେ। ଏଥିସହ ମେଗା ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଚାଷୀମାନେ ଖରିଫ ଏବଂ ରବି ଚାଷରେ କେଉଁ ଶସ୍ୟ ଏବଂ ପନିପରିବା ଚାଷ କରିବେ ତାହା ବୁଝାଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅଧିକ୍ଷଣ ଯନ୍ତ୍ରୀ ନିହାର ରଞ୍ଜନ ବେହେରା, ଓସିସି ବରିଷ୍ଠ ପରିଚାଳକ ଇଂ ବାସୁଦେବ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ବ୍ୟାରେଜ ଛକ ଠାରେ ଏସ.କେ କଲଚୁରାଲ ଟିମ ପକ୍ଷରୁ ପଥ ପ୍ରାନ୍ତ ନାଟକ ଜଳ ସେଚନ ଏବଂ ପୋଟେରୁ ଇରିଗେସନ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ଏହି ନାଟକ ମାଧ୍ୟମରେ ଜଳର ଆବଶ୍ୟକତା ଏବଂ କେଉଁ ଋତୁରେ କେଉଁ ଚାଷ କରାଯିବା ଉଚିତ ସେନେଇ ନାଟକୀୟ ଢଙ୍ଗରେ ବାଜା ବଜାଇ ପରିବେଷଣ କରିଥିଲେ। ଏହାକୁ ଦେଖିବା ନିମନ୍ତେ ସ୍ଥାନୀୟ ଅଞ୍ଚଳର ବହୁ ଲୋକଙ୍କ ଭିଡ଼ ଜମିଥିଲା। ପଥଚାରୀ ମାନେ ମଧ୍ୟ ଏହି ନାଟକ ଦେଖିବା ପାଇଁ ଅଟକି ଯାଇଥିଲେ। ଆଜିର ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସହକାରୀ ଯନ୍ତ୍ରୀ ଅଭିମନ୍ୟୁ ପ୍ରଧାନ ପରିଚାଳନା କରିଥିବା ବେଳେ ଇଂ ଏଲ ଏନ ଦଳବେହେରା, ଇଂ ଦୀନବନ୍ଧୁ ପାତ୍ର ଏବଂ ଇଂ. ଧନେଶ୍ୱର ହେମ୍ବ୍ରମ ସହଯୋଗ କରିଥିଲେ।

# ଜିଲ୍ଲା ଶିକ୍ଷାଧିକାରୀଙ୍କ ସହ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ଆଲୋଚନା




କେନ୍ଦୁଝର(ଭାସ୍କର ନ୍ୟୁଜ): ଓଡିଶା ମାଧ୍ୟମିକ ଶିକ୍ଷକ କର୍ମଚାରୀ ସଂଘର ବୈଠକ ସଭାପତି ଚିନ୍ତାମଣି ଜେନାଙ୍କ ସଭାପତିତ୍ୱରେ କେନ୍ଦୁଝର ଶିକ୍ଷକଭବନରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଅତିରିକ୍ତ ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର, ଚିନ୍ତାମଣି ପଣ୍ଡା ଏବଂ ପ୍ରକାଶ କୁମାର ନାୟକ ଯୋଗ ଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ। ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ସଂଘର ବହୁବିଧ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ, ଶିକ୍ଷାଧିକାରୀ ଏହିସବୁ ମୌଳିକ ସମସ୍ୟାର ତ୍ୱରିତ ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ଓ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ମାନଙ୍କ ସହିତ ନିୟମିତ ଭାବେ ଆଲୋଚନା କରିବେ ତଥା ଜିଲ୍ଲାରେ ଶିକ୍ଷାର ବିକାଶରେ ସହଯୋଗ କରିବାକୁ ନିବେଦନ କରିଥିଲେ। କ୍ଷୀରୋଦ ରାଉତ ବୈଠକ ପରିଚାଳନା କରିଥିବା ବେଳେ କୋଷାଧକ୍ଷ ମଦନ ମୋହନ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ। ଓଷ୍ଠା ସମ୍ପାଦକ ପ୍ରଶାନ୍ତ ମିଶ୍ର, ନଳିନୀଘଣା, ବଳରାମ ରାଉତ, ରବିନାରାୟଣ ସାହୁ, କାଶୀନାଥ ମହାନ୍ତ, ଲମ୍ବୋଦର ମହାନ୍ତ, ଦିଗାମ୍ବର ଗିରି, ସୁଶୀଲ ନାୟକ, ସ୍ୱପ୍ନେଶ୍ୱର ସାହୁ,ଶାନ୍ତନୁ ମିଶ୍ର ପ୍ରମୁଖ ବହୁସଂଖ୍ୟା ରେ ଉପସ୍ଥିତ ଥିଲେ।

# ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ପରଲୋକ

କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲାର ଆଳି ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ୬୭ ବୟସରେ ପରଲୋକ ହୋଇଯାଇଛି। ସେ କିଛି ଦିନ ଧରି ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶୁକବାର ରାତି ୮ଟାରେ ତାଙ୍କର ଦେହାନ୍ତ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ କଂଗ୍ରେସର ବରିଷ୍ଠ ନେତା, ବିଜେପି ନେତା ଓ ମନ୍ତ୍ରୀ, ବିଜେଡି ନେତା ପ୍ରମୁଖ ହସପିଟାଲକୁ ଯାଇ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ୱର୍ଗତ ଶର୍ମା ଜଣେ ଲଢୁଆ ତଥା ଟାଣୁଆ ନେତା ଭାବେ ସାରା ଜିଲ୍ଲାରେ ବେଶ ଖ୍ୟାତି ଅର୍ଜନ କରିଥିଲେ । ଛାତ୍ର ଜୀବନରୁ ରାଜନୀତି ଆରମ୍ଭ କରି ଜନତା ଦଳରେ ପ୍ରଥମେ ଯୋଗ ଦେଇଥିଲେ । ପରବର୍ତ୍ତୀ ସମୟରେ କଂଗ୍ରେସରେ ଯୋଗଦେଇ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ହୋଇଥିଲେ। ଏହାପରେ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ଆଳି ବିଧାନସଭା କ୍ଷେତ୍ରର ବିଧାୟକ ଭାବେ ନିର୍ବାଚିତ ହୋଇ ନିର୍ବାଚନମଣ୍ଡଳୀର ବହୁବିଧ ବିକାଶ କରିଥିଲେ । ସେ ଦୀର୍ଘ ୧୦ ବର୍ଷଧରି କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ ସଭାପତି ଭାବେ ଦଳୀୟ ସଂଗଠନକୁ ସୁଦୃଢ଼ କରିଥିଲେ । ତାଙ୍କ ବିୟୋଗରେ ଜିଲ୍ଲାରେ ଗଭୀର ଶୋକ ପ୍ରକାଶ ପାଇଛି । ତାଙ୍କ ବିୟୋଗରେ କଂଗ୍ରେସ ଏକ ସଂଗ୍ରାମୀ ନେତାକୁ ହରାଇଲା ବୋଲି ବରିଷ୍ଠ କଂଗ୍ରେସ ନେତୃତ୍ୱମାନେ ଶୋକ ବାର୍ତ୍ତାରେ କହିଛନ୍ତି। କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ଆଳି ବିଧାୟକ ପ୍ରତାପ ଦେବ, ରାଜନଗର ବିଧାୟକ ଧ୍ରୁବ ସାହୁ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ମହାକାଳପଡା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ, ପୂର୍ବତନ ବିଧାୟକ ଡ. ସିପ୍ରା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, କଂଗ୍ରେସ ନେତା ପ୍ରଦୀପ କୁମାର ମହାନ୍ତି, ପ୍ରଫୁଲ୍ଲ ଦାସ, ଫକୀର ଖଟୁଆ, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ଅର୍ବାନ ବ୍ୟାଙ୍କ ସଭାପତି ଗୁରୁପ୍ରସାଦ ମହାନ୍ତି ପ୍ରମୁଖ ଶୋକବାର୍ତ୍ତାରେ କହିଛନ୍ତି ସ୍ୱର୍ଗତ ଶର୍ମା ଜଣେ ସଂଗ୍ରାମୀ ଜନନେତା ଥିଲେ। ତାଙ୍କ ବିୟୋଗରେ କେନ୍ଦ୍ରାପଡା ଜିଲ୍ଲାର ଅପୂରଣୀୟ କ୍ଷତି ଘଟିଲା।

# ଅବକାରୀ ବିଭାଗ ପକ୍ଷରୁ ଚଢାଉ

## ୨୩୯ ଲିଟର ଦେଶୀ ମଦ ଜବତ,୯ କୋର୍ଟଚାଲାଣ



ବୋଲଗଡ(ଭାସ୍କର ନ୍ୟୁଜ୍): ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ଅଧିକାରୀ ତପସ୍ୱିନୀ ବରାଳଙ୍କ ନେତୃତ୍ୱରେ ବେଗୁନିଆ ଅବକାରୀ ଥାନା ପୁଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ୨୩୯ ଲିଟର ଦେଶୀ ମଦ ସହ ୯ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ବେଗୁନିଆ ଅବକାରୀ ଥାନା ଉପ ନୀରିକ୍ଷକ ରାଜେନ୍ଦ୍ର ଖେସଙ୍କ ସୂଚନା ଅନୁଯାୟୀ ସିକୋ ଗ୍ରାମର ଅର୍ଜୁନ ପ୍ରଧାନଙ୍କ ଠାରୁ ୩୨ ଲିଟର, ପ୍ରକାଶ କୁମାର ପାତ୍ରଙ୍କ ଠାରୁ ୧୧ ଲିଟର, ମୁକ୍ତାପୁର ଗ୍ରାମର ରମେଶ ପାଇକରାୟଙ୍କ ଠାରୁ ୭ ଲିଟର, ହିରାପୁର ଗ୍ରାମର କୃପାସିନ୍ଧୁ ରଥଙ୍କ ଠାରୁ ୯୨ ଲିଟର, ଗଡମାଣିତିର ଗ୍ରାମର ବଳରାମ ନାୟକଙ୍କ ଠାରୁ ୨୬ ଲିଟର, ଜଗବନ୍ଧୁ ନାୟକଙ୍କ ଠାରୁ ୨୭ ଲିଟର ଓ ପଦ୍ମଚରଣ ପାଟଶାଣୀଙ୍କ ଠାରୁ ୬ ଲିଟର ଦେଶୀ ମଦ ଜବତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ବୋଲି ସୂଚନା ଦେଇଛନ୍ତି । ସେହିପରି ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ଅଧିକାରୀ ଥାର୍ପା ମାରାଣ୍ଡି କର୍ମଚାରୀ ସହ ଚଢାଉ କରି ୩୮ ଲିଟର ଦେଶୀ ମଦ ଜବତ ସହ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଖଙ୍ଗୁରିଆ ଓ ଆରିକମା ଗ୍ରାମର ପ୍ରଫୁଲ୍ଲ କୁମାର ରାଉତରାୟ ଓ ପରମାନନ୍ଦ ସ୍ୱାଇଁ।

# ହାଇୱା ଧକ୍କାରେ ଯୁବକ ଗୁରୁତର



ଗୋପ (ଭାସ୍କର ନ୍ୟୁଜ୍): ଏକ ବାଲି ବୋଝେଇ ହାଇୱା ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଯୁବକ ଜଣକ ହେଉଛନ୍ତି ଗୋପ ଥାନା ଅଧିନ ବୀରତୁଙ୍ଗ ଗ୍ରାମର ହୃଦାନନ୍ଦ ମହାରଣାଙ୍କ ପୁଅ ବିଚିତ୍ରାନନ୍ଦ ମହାରଣା । ଏନେଇ ହୃଦାନନ୍ଦ ଲିଖିତ ଅଭିଯୋଗ କରିବା ପରେ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ହାଇୱା କୁ ଜବତ କରି ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀ ସ୍ୱ- ଇନ୍ସପେକ୍ଟର ବୁଦ୍ଧରାମ ମାଝି କହିଛନ୍ତି । ଅଭିଯୋଗ ମୁତାବକ ବିଚିତ୍ର କୌଣସି କାର୍ଯ୍ୟରେ ବେଗୁନିଆ ଛକ ଆସି ଘରକୁ ଫେରୁଥିବା ସମୟରେ ବେଗୁନିଆ ଛକ ଅଭିମୁଖେ ଆସୁଥିବା ଏକ ହାଇୱା ନଂ ଓଡି ୦୧ ପି ୩୨୫୩ ବୀରତୁଙ୍ଗ ପଂଚାୟତ ଅଫିସ ନିକଟରେ ବିଚିତ୍ରଙ୍କୁ ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଗୋପ ଡାକ୍ତରଖାନା ଆଣିଥିବା ବେଳେ ଅବସ୍ଥା ସଂଙ୍କଟାପନ୍ନ ଥିବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଖବରପାଇ ସବ- ଇନ୍ସପେକ୍ଟର ବୁଦ୍ଧରାମ ମାଝୀ ଘଟଣାସ୍ଥଳରେ ପହଁଚି ହାଇୱା ଜବତ କରି ଥାନାକୁ ଆଣିଛନ୍ତି । ଏଠାରେ ସୂଚନାଥାଉକି ପ୍ରତିଦିନ ଶହଶହ ସଂଖ୍ୟାରେ ହାଇୱାରେ ବାଲି ଚୋରା ଚାଲାଣ ହେଉଥିବା ବେଳେ ରାଜସ୍ୱ ବିଭାଗ ଓ ଖଣି ବିଭାଗ ନୀରବଦ୍ରଷ୍ଟା ସାଜିଛନ୍ତି । ଯାଂଚ ଅଭାବରୁ ଏହି ଗାଡି ଗୁଡିକ ଦୃତ ଗତିରେ ଆସି ବ୍ୟାପକ ଧନ ଜୀବନ ନଷ୍ଟ କରୁଥିବା ଦେଖିବାକୁ ମିଳୁଛି । ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାପାଇଁ ଦାବି ହୋଇଛି ।



କଟକ(ଭାସ୍କର ନ୍ୟୁଜ): ନୟାସଡ଼କସ୍ଥିତ ଇମର୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ ଭାରପ୍ରାପ୍ତ ଅଧକ୍ଷା ନିବେଦିତା ମହାନ୍ତିଙ୍କ ପୌରହିତ୍ୟରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀମାନଙ୍କର ୮ଦିନ ଧରି ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଅଛି । କଲେଜର ଆତ୍ମରକ୍ଷା ଅଧିକାରୀ ଡ଼. ପ୍ରମୋଦିନୀ ସାହୁଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହବର୍ଦ୍ଧକ ବକ୍ତବ୍ୟ ପ୍ରଦାନ କରିଥିଲେ । ମାଷ୍ଟର ଟ୍ରେନର ବିଷ୍ଣୁପ୍ରିୟା ବେହେରା ଓ କ୍ଷୀରୋଦ୍ରା ହାତୀଙ୍କ ଦ୍ୱାରା ପ୍ରଶିକ୍ଷିତ ଛାତ୍ରୀମାନେ ଆତ୍ମରକ୍ଷାର ବିଭିନ୍ନ କୌଶଳଗୁଡ଼ିକ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆତ୍ମରକ୍ଷା ଦାୟିତ୍ୱରେ ଥିବା ଅନ୍ୟ ସଦସ୍ୟ ଅଧ୍ୟାପିକା ତୃପ୍ତିବାଳା ପତି ଓ କଲେଜର ପୁରାତନ ଛାତ୍ରୀ ଅଧ୍ୟାପିକା ରଶ୍ମିତା ନନ୍ଦୀ ସହଯୋଗିତା କରିଥିଲେ । ଶେଷରେ ଶାରୀରିକ ଶିକ୍ଷା ବିଭାଗର ଅଧ୍ୟାପିକା ମୁସ୍ମିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

### ବିଶ୍ୱ ଜଳ ଦିବସ ସମାରୋହ

## ଛତିଶଗଡ ସହ ମହାନଦୀ ଜଳ ବିବାଦର ଆପୋଷ ସମାଧାନ ହେବ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜଳ ସଂରକ୍ଷଣ, ଜଳ ପରିଚାଳନାରେ ସରକାରଙ୍କର ସବୁଠାରୁ ବଡ ଭୂମିକା ରହିଛି କିନ୍ତୁ ଏଥିରେ ବ୍ୟକ୍ତିଗତ ସ୍ତରରେ ତଥା ଗୋଷ୍ଠୀଗତ ସ୍ତରରେ ସମସ୍ତେ ନିଜ ନିଜ ଯୋଗଦାନ ରଖିବା ନିତାନ୍ତ ଆବଶ୍ୟକ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଶ୍ୱ ଜଳ ଦିବସ ଅବସରରେ ଲୋକସେବା ଭବନ ସ୍ଥିତ କନଭେନସନ ସେଣ୍ଟର ଠାରେ ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ଆୟୋଜିତ ସମାରୋହରେ ଯୋଗ ଦେଇ କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ରାଜ୍ୟ ସହିତ ଥିବା ଜଳ ବିବାଦ ବିଷୟରେ ଆଲୋକପାତ କରି କହିଥିଲେ ଯେ, ଓଡିଶା ସହିତ ଜଳକୁ ନେଇ ଯେଉଁଠି ବିବାଦ ଅଛି ତାକୁ ଆମେ ଗୁରୁତ୍ୱର ସହ ନେଇଛୁ । ତାର ତ୍ୱରିତ ସମାଧାନ କରାଯିବ । ମହାନଦୀକୁ ନେଇ ଛତିଶଗଡ଼ ସହ ବିବାଦ ଚାଲିଛି । ଆଜି ଲୋକସେବା ଭବନରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ଅବସରରେ ଏହି ବିଷୟରେ ଆଲୋଚନା ହୋଇଥିଲା । ଯେହେତୁ କେନ୍ଦ୍ର, ଛତିଶଗଡ଼ ଓ ଓଡିଶାରେ ଟ୍ରିପଲ-ଇଂଜିନ ସରକାର ଚାଲିଛି, ତେଣୁ ଏ ବିବାଦର ଆପୋଷ ସମାଧାନ ହେବ। ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଥିଲେ ଯେ, ଜଳ ବିନା ଜୀବନ ସୃଷ୍ଟି ହେବା ଅସମ୍ଭବ। ବିଶ୍ୱ ଜଳବାୟୁ ପରିବର୍ତ୍ତନ ଯୋଗୁଁ ବ୍ୟବହାର ଯୋଗ୍ୟ ଜଳର ଉପଲବ୍ଧତା ନେଇ ବିଶ୍ୱ ପାଣିପାଗ ସଂଘ ଆଶଙ୍କା ପ୍ରକାଶ କରିଛି। ଗତ ୨୦ ବର୍ଷ ଧରି, ମାଟିର ଆର୍ଦ୍ରତା ଏବଂ ଗ୍ଲାସିଆରରେ ଗଚ୍ଛିତ ଜଳର ପରିମାଣ କ୍ରମାଗତ ଭାବେ କମିବାର ଲକ୍ଷ୍ୟ କରାଯାଇଛି। ଏ ସବୁ ଦୃଷ୍ଟିକୋଣରୁ ଆଗାମୀ ଦିନରେ ଜଳ ସଂରକ୍ଷଣ ଓ ଜଳକୁ ପ୍ରଦୂଷଣ ମୁକ୍ତ ରଖିବା ଅପରିହାର୍ଯ୍ୟ। ଆଗାମୀ ୫ ବର୍ଷ ଅର୍ଥାତ ୨୦୨୯ ସୁଦ୍ଧା ଅତିରିକ୍ତ ୧୫ ଲକ୍ଷ ହେକ୍ଟର ଜମିକୁ ଜଳ ସେଚିତ କରିବା ପାଇଁ ଆମେ ଲକ୍ଷ୍ୟ ରଖିଛୁ । ଜଳ ସମ୍ପଦର ସୁରକ୍ଷା ଓ ଏହାର ସୁପରିଚାଳନା ପାଇଁ ଚଳିତ ବର୍ଷ ବଜେଟରେ ୧୪ ହଜାର ୮୪୧ କୋଟି ୭୨ ଲକ୍ଷ ୯୨ ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଛି। ଆମ ସରକାରଙ୍କ ଲକ୍ଷ୍ୟ କେବଳ ଜଳସେଚନ ଯୋଗାଇବା ନୁହେଁ, ସାମଗ୍ରିକ ଭାବେ ଜଳ ପରିଚାଳନା କରିବା, ଯାହାଦ୍ୱାରା ରାଜ୍ୟର ପ୍ରତ୍ୟେକ ଲୋକେ ପରିବେଶକୁ କ୍ଷତି ନ ପହଞ୍ଚାଇ ଆବଶ୍ୟକ ଜଳ ପାନୀୟ ତଥା ଅନ୍ୟ କାର୍ଯ୍ୟ ପାଇଁ ହାତ ପାହାନ୍ତାରେ ପାଇ ପାରିବେ। ଶେଷରେ ମୁଖ୍ୟମନ୍ତ୍ରୀ ଜଳ ସଂରକ୍ଷଣ, ଘରୋଇ ବ୍ୟବହାରରେ ଜଳ ଅପବ୍ୟବହାର ରୋକିବା, କୃଷି ଓ ଶିଳ୍ପ କ୍ଷେତ୍ରରେ ଜଳର ସୁବିନିଯୋଗ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ, ନୂଆ ସରକାର ଜଳସମ୍ପଦର ବିକାଶ ଓ ଜଳ ସଂରକ୍ଷଣକୁ ବିଶେଷ ଗୁରୁତ୍ୱ ଦେଉଛନ୍ତି । ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଲକ୍ଷ୍ୟ ରଖି ଜଳ ସମ୍ପଦ ବିଭାଗ ପକ୍ଷରୁ ସମସ୍ତଙ୍କ ପାଇଁ ପାନୀୟ ଜଳ, କୃଷି ପାଇଁ ଜଳ ସେଚନ, ପରିବେଶ ପର୍ଯ୍ୟଟନ ଓ ବିଦ୍ୟୁତ ଶକ୍ତି, ଶିଳ୍ପ ଆଦି ସବୁ କ୍ଷେତ୍ରରେ ଜଳର ଆବଶ୍ୟକତା ପୂରଣ କରିବା ପାଇଁ ଯୋଜନା ଓ କାର୍ଯ୍ୟକ୍ରମ ମାନ ପ୍ରସ୍ତୁତ କରାଯାଇଛି । କାର୍ଯ୍ୟକ୍ରମରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ର ଶେଖର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସର୍ବୋଚ୍ଚ ଯନ୍ତ୍ରୀ ଯୋଜନା ଓ ପରିକଳ୍ପନା, ଲିଙ୍ଗରାଜ ଗୌଡ଼ ଏବଂ ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ଶାସନ ସଚିବ ଆଶୁତୋଷ ଦାଶ ନିଜର ଅଭିଭାଷଣ ରଖିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ପାଣିପଞ୍ଚାୟତ ସଦସ୍ୟ ମାନେ ଉପସ୍ଥିତ ଥିଲେ ।

## କଳାଭୂମି ଉତ୍ସବ ଉଦ୍‌ଘାଟିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସ୍ଥାନୀୟ ଓଡ଼ିଶୀ ହସ୍ତଶିଳ୍ପ ସଂଗ୍ରହାଳୟଠାରେ ଶନିବାରଠୁ ଆରମ୍ଭ ହୋଇଛି ସପ୍ତମ କଳାଭୂମି ଉତ୍ସବ । ୫ ଦିନିଆ ଉତ୍ସବକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଉଦ୍‌ଘାଟନ କରିଛନ୍ତି । ସେ କହିଛନ୍ତି, ଓଡ଼ିଶାର ଗରିମାମୟ ହସ୍ତତନ୍ତ ଓ ହସ୍ତଶିଳ୍ପର ସମୃଦ୍ଧ ପରମ୍ପରାକୁ ଆଗେଇ ନେବା ପାଇଁ ବିଭାଗ ପ୍ରତିଶ୍ରୁତିବଦ୍ଧ ଅଛି । ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପ୍ରଭାକର ମହାରଣା, ହସ୍ତଶିଳ୍ପ ନିର୍ଦ୍ଦେଶକ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଉଦଘାଟନୀ ଉତ୍ସବରେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ମଧୁମିତା ରଥ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅତିରିକ୍ତ ଶାସନ ସଚିବ ଧନ୍ୟବାଦ ଅର୍ପଣ କରିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମ ପରେ ଏକ ପଥର ଖୋଦେଇ କର୍ମଶାଳା ସ୍ଥାପତ୍ୟ: ଇଟିଙ୍ଗ୍ ଲାଇଭଲିହୁଡ୍ ଅନ୍ ଷ୍ଟୋନ୍ ଆୟୋଜନ ହୋଇଥିଲା। ଖୋଦେଇ ଶିଳ୍ପକଳା ସମ୍ପର୍କିତ ପ୍ୟାନେଲ୍ ଆଲୋଚନାରେ ଜାତୀୟ ପୁରସ୍କାରପ୍ରାପ୍ତ ଉଦୟ ମହାନ୍ତି, ପଦ୍ମଚରଣ ଓଝା, ଉଦ୍ଧବାଶିଷ ମହାରଣା, ମହେଶ୍ୱର ଓଝା, ରାଜେନ୍ଦ୍ର ମିଶ୍ର, ବିନୟ କୃଷ୍ଣ ଜେନା, ଗୋଲକ ପାତ୍ର ଓ ଭାରତୀୟ ରପ୍ତାନି ସଂଗଠନ ମହାସଂଘ ପକ୍ଷରୁ ଗୋପାଳ କାନ୍ତ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ବିଭାଗ ପକ୍ଷରୁ ଦେବୀ ପ୍ରସନ୍ନ ନନ୍ଦ ଆଲୋଚନାକୁ ସଂଚାଳନ କରିଥିଲେ । ସୂଚନାଯୋଗ୍ୟ, ଉତ୍ସବ ଚଳିତ ମାସ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ । ଆସନ୍ତାକାଲି ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯିବ । ମାର୍ଚ୍ଚ ୨୪ରେ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଗ୍ରାଫ୍ଟ ଶିବିର ଆୟୋଜନ ମଧ୍ୟ କରାଯିବ । ମାର୍ଚ୍ଚ ୨୩ ଓ ୨୪ ତାରିଖରେ ନିଃଶୁଳ୍କ ପ୍ରବେଶ ସୁବିଧା ରହିଛି । ମାର୍ଚ୍ଚ ୨୫ ଓ ୨୬ରେ କୋଲକାତାସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ପ୍ୟାକେଜିଂ ସହ ଏକ କର୍ମଶାଳାର ଆୟୋଜନ ହେବ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରଖାଯାଇଛି। ଉଦଯାପନୀ ସମାରୋହରେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିବେ।

## ସ୍ୱର୍ଗତ ଦେବେନ୍ଦ୍ର ଶର୍ମାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଜ୍ଞାପନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପୂର୍ବତନ ବିଧାୟକ ସ୍ୱର୍ଗତ ଦେବେନ୍ଦ୍ର ଶର୍ମାଙ୍କ ପରଲୋକ ହୋଇଛି । ସ୍ୱର୍ଗତ ଶର୍ମାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ । ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ କହିଛନ୍ତି ଆଳି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ବିୟୋଗରେ ମୁଁ ଦୁଃଖିତ ଏବଂ ମର୍ମାହତ । ଆଳି ନିର୍ବାଚନ ମଣ୍ଡଳୀରୁ ବିଧାନସଭାକୁ ପ୍ରତିନିଧିତ୍ୱ କରୁଥିଲେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା । ୨୦୧୪-୧୯ ପର୍ଯ୍ୟନ୍ତ ସେ ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ । ବିଧାନସଭାରେ ଆଳି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ଉପସ୍ଥାପନା କରୁଥିଲେ । ଯୁବକ ଅବସ୍ଥାରୁ ହିଁ ସିଏ ରାଜନୀତିକୁ ଆସିଥିଲେ । ବ୍ଲକ ଅଧ୍ୟକ୍ଷ ହେବା ସହ ରାଜନୀତିରେ ରହି ଲୋକଙ୍କ ସେବା କରୁଥିଲେ । ତାଙ୍କ ଆତ୍ମାର ସଦଗତି କାମନା କରିବା ସହ ତାଙ୍କ ପରିବାରକୁ ଶକ୍ତି ଯୋଗାଇବାକୁ ମହାପ୍ରଭୁଙ୍କ ପାଖରେ ପାର୍ଥନା କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ସେକେଣ୍ଡାରୀ ବୋର୍ଡ଼ ହାଇସ୍କୁଲରେ ବିଶ ଜଳ ଦିବସ

କଟକ(ଭାସ୍କର ନ୍ୟୁଜ): ସେକେଣ୍ଡାରୀ ବୋର୍ଡ଼ ହାଇସ୍କୁଲ ଇକୋ କ୍ଲବ ଆନୁକୂଲ୍ୟରେ ବିଦ୍ୟାଳୟ ପରିସରରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଇକୋ କ୍ଲବ ଭାରପ୍ରାପ୍ତ ଶିକ୍ଷୟିତ୍ରୀ ସସ୍ମିତା ବେହେରା ପରିଚାଳନା କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଚିନ୍ମୟ କୁମାର ଦାସ ଉପସ୍ଥିତ ଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ପୁଷ୍ପିତ ନାୟକ, ସୌଭାଗ୍ୟ ମଞ୍ଜରୀ ମହାପାତ୍ର ଓ ସସ୍ମିତା ବେହେରା ଜଳର ମହତ୍ୱ ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ । ପ୍ରଧାନଶିକ୍ଷକ ଶ୍ରୀ ଶତପଥୀ ଆଗାମୀ ଭବିଷ୍ୟତର ଜଳ ସଙ୍କଟ ଓ ଏହାର ନିରାକରଣ ଦିଗରେ ଛାତ୍ରଛାତ୍ରୀଙ୍କ ଭୂମିକା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ଚଳିତ ବର୍ଷର ବିଷୟବସ୍ତୁ ହିମବାହର ସଂରକ୍ଷଣ ଆଧାରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, କୁଇଜ ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଓ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷୟିତ୍ରୀ ସୌଭାଗ୍ୟବତୀ ନାୟକ, ଶିବାନୀ ସାହୁ ଓ କ୍ରୀଡ଼ାଶିକ୍ଷକ ପ୍ରମୋଦ କୁମାର ପାଲ ପ୍ରମୁଖ ପ୍ରତିଯୋଗିତା ପରିଚାଳନା ଓ ପୁରସ୍କାର ବିତରଣରେ ସହାୟତା କରିଥିଲେ । ଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ମୁଖ୍ୟମନ୍ତ୍ରୀ ସବୁ ବିଷୟରେ ଅବଗତ ଅଛନ୍ତି : ଦେବୀ ମିଶ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମହାନଦୀ ବିବାଦ ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇ ବିଜେଡି ସମନ୍ୱୟ କମିଟି ଅଧକ୍ଷ ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେତେ ଦିନ ଆଉ ବିଜେଡିକୁ ଦାୟୀ କରିବେ। ସରକାର ଗୋଟେ ଦାୟିତ୍ୱବୋଧ । ଦାୟିତ୍ୱସମ୍ପନ୍ନ ସରକାର ଭାବେ କାର୍ଯ୍ୟ କରିବା କଥା। ମୁଖ୍ୟମନ୍ତ୍ରୀ ପୂର୍ବରୁ ବିରୋଧୀ ଦଳ ମୁଖ୍ୟ ସଚେତକ ଥିଲେ। ମୁଖ୍ୟମନ୍ତ୍ରୀ ସବୁ ବିଷୟରେ ଅବଗତ ଅଛନ୍ତି। ପିଏସି କମିଟିର ଅଧ୍ୟକ୍ଷ ମଧ୍ୟ ଥିଲେ । ମହାନଦୀ ପ୍ରସଙ୍ଗ ଟ୍ରିବ୍ୟୁନାଲରେ ଥିଲେ ମଧ୍ୟ ଆପୋଷ ସମାଧାନ କଥା ମୁଖ୍ୟମନ୍ତ୍ରୀ କହିଛନ୍ତି । ବର୍ତ୍ତମାନ ଟ୍ରିପଲ ଇଞ୍ଜିନ ସରକାର ଅଛି । ତେଣୁ ସୁବିଧା ଅଛି । ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା ହୋଇଥିବା ମୁଖ୍ୟମନ୍ତ୍ରୀ କିଛି ମାସ ତଳେ କହିଥିଲେ । ମୁଖ୍ୟମନ୍ତ୍ରୀ ଖୁବଶୀଘ୍ର ଖୁସି ଖବର ଜଣେଇବେ ବୋଲି ଆଶା କରୁଛୁ ।

### ବିଶ୍ୱ ଆର୍ଥ ଆୱାର ପାଳିତ

## ରାତି ୮ଟା ୩୦ରୁ ଘଣ୍ଟାଏ ଲାଇଟ ବନ୍ଦ ରହିଲା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୨୦୨୫ ମାର୍ଚ୍ଚ ୨୨ ତାରିଖ ଶନିବାର ବିଶ୍ୱ ଆର୍ଥ ଆୱାର ପାଳିତ ହୋଇଯାଇଛି । ବିଶ୍ୱର ବିଭିନ୍ନ ଭାଗରେ ଜନସାଧାରଣ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ରାତି ୮ଟା ୩୦ରୁ ୯ଟା ୩୦ ମିନିଟ୍ ପର୍ଯ୍ୟନ୍ତ ୧ ଘଣ୍ଟା ପାଇଁ ବିଦ୍ୟୁତ୍ ଲାଇଟ୍‌ଗୁଡ଼ିକୁ ବନ୍ଦ ରହିଥିଲା। ଜଳବାୟୁ ସୁରକ୍ଷା ଦିଗରେ ଉଦାହରଣ ସୃଷ୍ଟି ସକାଶେ ପ୍ରତିବର୍ଷ ମାର୍ଚ୍ଚ ୨୨ ରାତିରେ ଅଣଜରୁରୀ ଲାଇଟ୍ ଓ ବୈଦ୍ୟୁତିକ ଉପକରଣଗୁଡ଼ିକୁ ବନ୍ଦ ରଖାଯାଇଥିଲା। କଟକ, ଭୁବନେଶ୍ୱରର ବିଭିନ୍ନ ସରକାରୀ ଓ ବେସରକାରୀ ସ୍ତରରେ ଏହି ବିଶ୍ୱ ଆର୍ଥ ଆୱାର ପାଳନ କରାଯାଇଥିଲା ।

## ଏନ୍‌ଇପି ଲାଗୁ ହେବା ପରେ ନୂଆ ସିଲାବସ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଏନଇପି ଲାଗୁ ହେବା ପରେ ସିଲାବସ ପରିବର୍ତ୍ତନ ପାଇଁ କମିଟି ଗଠନ କରିଛି ବିଦ୍ୟାଳୟ ଏବଂ ଗଣ ଶିକ୍ଷା ବିଭାଗ । ପ୍ରଥମରୁ ଅଷ୍ଟମ ଯାଏଁ ସିଲାବସ ପରିବର୍ତ୍ତନ ହେବ । ୨୬-୨୭ ଶିକ୍ଷା ବର୍ଷରେ ଲାଗୁ ହେବ ଏନଇପି । ଏଥିପାଇଁ ପ୍ରସ୍ତୁତି ଚାଲିଛି । କାମ ଆରମ୍ଭ ହୋଇଛି । କେନ୍ଦ୍ର ସରକାର ଏନଇପିରେ ଯାହା ସ୍ଥାନ ପାଇଛି, ରାଜ୍ୟର ବି ଭାଷା, ସଂସ୍କୃତି, ଐତିହ୍ୟକୁ ଆଧାର କରି ନୂତନ ସିଲାବସ ଆସିବ । କମିଟି ତର୍ଜମା କରୁଛି ରାଜ୍ୟ ପାଇଁ ଯାହା ଠିକ ହେବ ତାକୁ ସିଲାବସରେ ସ୍ଥାନ ଦିଆଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ।

## ନାମଲେଖା ବୟସ ନେଇ ଦ୍ୱନ୍ଦ୍ୱ ନାହିଁ: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନାମଲେଖା ବୟସ ନେଇ କୌଣସି ଦ୍ୱନ୍ଦ୍ୱ ନାହିଁ । ରାଜ୍ୟ ସରକାର ଯେଉଁ ସମୟ ସୀମା ଦେଇଛନ୍ତି ତାକୁ ମାନିବାକୁ କୁହାଯାଇଛି ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । କେନ୍ଦ୍ର ସରକାରଙ୍କ ଗାଇଡଲାଇନ ମାର୍ଚ୍ଚ ୩୧ ଯାଏ ୬ ହେବା ଦରକାର । କିନ୍ତୁ ସେଥିପାଇଁ କିଛି ପିଲା ବାଦ ପଡିବେ । ରାଜ୍ୟ ସରକାର କୋହଳ କରି ସେପ୍ଟେମ୍ବର ୧କୁ ନେଇଛନ୍ତି । କୌଣସି ପିଲା ବାଦ ପଡିବେନି । ସେଥିପାଇଁ କୋହଳ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

## ଓମଫେଡ୍ ଦୋକାନରୁ ଗଞ୍ଜେଇ ସିଗାରେଟ୍ ଜବତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓମ୍ଫେଡ ଦୋକାନରେ ଗଞ୍ଜେଇ କାରବାର । ଜୟଦେବ ବିହାରରେ ଥିବା ଦୁଇ ଓମ୍ଫେଡ ଦୋକାନରେ ସ୍ପେଶାଲ କ୍ରାଇମ ୟୁନିଟ୍ ରେଡ କରି ବିପୁଳ ଗଞ୍ଜେଇ ସିଗାରେଟ ଜବତ କରିଥିବା ବେଳେ ଘଟଣାରେ ୪ ଜଣଙ୍କୁ ଅଟକ ରଖି ଦୋକାନ ସିଲ କରିଛି ।

## ଜେଇ ଭୀମସେନ ମହାରଣାଙ୍କ ଘରେ ଭିଜିଲାନ୍ସ ରେଡ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜେଇଙ୍କ ଘରେ ରାତି ସାରା ଭିଜଲାନ୍ସ ରେଡ କରିଛି । ଯାଜପୁର ଜାରକା ଆରଡି ଜେଇ ଭୀମସେନ୍ ମହାରଣାଙ୍କ ବାଲିଅନ୍ତା ଥାନା ବ୍ରାହ୍ମଣ ଷଡଙ୍ଗୀସ୍ଥିତ ବାସଭବନରେ ଭିଜିଲାନ୍ସର ୧୨ ଜଣିଆ ଟିମ୍ ଚଢାଉ କରିଛି । ଘରେ ଥିବା ସମସ୍ତ କାଗଜପତ୍ର ଯାଞ୍ଚ କରୁଛି ଭିଜିଲାନ୍ସ ଟିମ୍ । ଜେଇଙ୍କ ଘରେ ଏକ ଫର୍ଣ୍ଣିଚର ଦୋକାନ ରହିଛି । ଏଥିପାଇଁ ବାଲିପାଟଣା ରେଞ୍ଜ ଅଫିସରଙ୍କୁ ମଧ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି ।

## ପୂର୍ବତନ ବିଧାୟକ ଦେବେନ୍ଦ୍ର ନାଥ ଶର୍ମାଙ୍କୁ କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶନିବାର ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ, କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ କମିଟିର ପୂର୍ବତନ ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ନାଥ ଶର୍ମାଙ୍କ ମର ଶରୀର ଶନିବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ପହଂଚିବା ପରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ଆଜି ପୂର୍ବାହ୍ନରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ ସ୍ୱର୍ଗତ ଶର୍ମାଙ୍କର ପାର୍ଥୀବ ଶରୀରରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ, ସୁରେଶ କୁମାର ରାଉତରାୟ, ଡ. ଲଲାଟେନ୍ଦୁ ମହାପାତ୍ର, କୁମାର ଚିରଞ୍ଜିବି, ବିଶ୍ୱଜିତ୍ ଦାସ, ବାଙ୍କନିଧି ବେହେରା, ପୃଥିବୀ ବଲ୍ଲଭ ପଟ୍ଟନାୟକ, ଚିନ୍ମୟ ପ୍ରସାଦ ବେଉରା, ମନୋରଞ୍ଜନ ଦାଶ, ରାଜୀବ ପଟ୍ଟନାୟକ ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ଡିଲିମିଟେସନ୍ ବୈଠକକୁ ବାର୍ତ୍ତା ଦେଲେ ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଡିଲିମିଟେସନ୍‌କୁ ନେଇ ଚେନ୍ନାଇରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଉପ ମୁଖ୍ୟମନ୍ତ୍ରୀ ମାନେ ଯୋଗ ଦେଇଥିଲେ। ବିଜେଡି ପକ୍ଷରୁ ଏହି ବୈଠକରେ ସଞ୍ଜୟ ଦାସବର୍ମା ଓ ଅମର ପଟ୍ଟନାୟକ ଯୋଗ ଦେଇଥିଲେ। ବୈଠକରେ ଯୋଗ ଦେଇ ନଥିଲେ ହେଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବୈଠକକୁ ଭିଡିଓ ବାର୍ତ୍ତା ପଠାଇଥିଲେ। ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି, ଜନସଂଖ୍ୟା ନିୟନ୍ତ୍ରଣ ଏବଂ ସ୍ଥିରୀକରଣ ପାଇଁ ବହୁତ ଭଲ କାମ କରିଥିବା ରାଜ୍ୟଗୁଡ଼ିକରେ ରହୁଥିବା ଲୋକଙ୍କ ଗଣତାନ୍ତ୍ରିକ ପ୍ରତିନିଧିତ୍ୱ ଏବଂ ଅଧିକାର ସୁନିଶ୍ଚିତ କରିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ। ଆମ ଦେଶର ବିକାଶ ପାଇଁ ଜନସଂଖ୍ୟା ନିୟନ୍ତ୍ରଣ ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ଏଜେଣ୍ଡା । ଯଦିଓ ଏହା ଏକ ସକାରାତ୍ମକ ଜାତୀୟ ଏଜେଣ୍ଡା ପ୍ରତି ଆମର ଅବଦାନ, ଏକ ଶକ୍ତିଶାଳୀ ଭାରତ ଗଠନ ପାଇଁ, କେବଳ ଜନସଂଖ୍ୟା ଉପରେ ଆଧାରିତ ସୀମା ନିର୍ଦ୍ଧାରଣ ସେହି ରାଜ୍ୟମାନଙ୍କ ପ୍ରତି ଅନ୍ୟାୟ ହେବ । ଯେଉଁମାନେ ଜାତୀୟ ପ୍ରାଥମିକତା ସହିତ ସେମାନଙ୍କର ଜନସଂଖ୍ୟା ବୃଦ୍ଧି ହାର ହ୍ରାସ କରିବା ପାଇଁ କଠିନ ପରିଶ୍ରମ କରିଛନ୍ତି ଆସନ କମିଲେ ତାହା ଅନ୍ୟାୟ ହେବ ବୋଲି କହିଛନ୍ତି ନବୀନ । ଆମର ମତ ହେଉଛି ଯେ ଆମ ଦେଶର ସର୍ବୋଚ୍ଚ ପ୍ରତିନିଧିତ୍ୱ ସଂସ୍ଥାରେ ଆସନ ସଂଖ୍ୟା ନିର୍ଣ୍ଣୟ କରିବା ପାଇଁ ଜନସଂଖ୍ୟା ଏକମାତ୍ର ମାନଦଣ୍ଡ ହେବା ଉଚିତ୍ ନୁହେଁ। ମୁଁ ପରାମର୍ଶ ଦେଉଛି ଯେ କେନ୍ଦ୍ର ସରକାର ସମସ୍ତ ଦଳ ସହିତ ଏକ ବିସ୍ତୃତ ଆଲୋଚନା କରନ୍ତୁ ଯାହା ଦ୍ୱାରା ଆମର ଗଣତନ୍ତ୍ର ପାଇଁ ଦୂରବର୍ତ୍ତୀ ପ୍ରଭାବ ପକାଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଯେକୌଣସି ସନ୍ଦେହ ଦୂର ହୋଇପାରିବ । ଆଜିର ବୈଠକ ଆୟୋଜନ କରିଥିବାରୁ ତାମିଲନାଡୁ ମୁଖ୍ୟମନ୍ତ୍ରୀଙ୍କୁ ନବୀନ ଧନ୍ୟବାଦ୍ ଜଣାଇଛନ୍ତି ।

## ଜେଲ୍‌କୁ ଫେରିଲେ ରାଜା ଚକ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟ ଦୁର୍ନୀତି ମାମଲାରେ ଗିରଫ ବିଜେଡି ନେତା ରାଜା ଚକ୍ର ଜେଲକୁ ଫେରିଛନ୍ତି। ରାଜାଙ୍କ ସହ ସହଯୋଗୀ ମାନସ ବାରିକ, ଉତ୍କଳ ଦାସ ଓ ସୁଶାନ୍ତ ସାମଲ ମଧ୍ୟ ବିଚାର ବିଭାଗ ହାଜତକୁ ଯାଇଛନ୍ତି। ରାଜାଙ୍କ ୩ ଦିନିଆ ରିମାଣ୍ଡ ସରିବା ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ରିମାଣ୍ଡ ଅବଧି ଶେଷ ପରେ କ୍ରାଇମବ୍ରାଞ୍ଚ ଇଓଡବ୍ଲୁ ଶନିବାର ରାଜାଙ୍କୁ ବାଲେଶ୍ୱର ଓପିଆଇଡି କୋର୍ଟରେ ହାଜର କରିଥିଲା। ରାଜାଙ୍କ ପକ୍ଷରୁ ଜାମିନ ଆବେଦନ ହୋଇଥିବା ବେଳେ ୩ରୁ ୪ ଦିନ ମଧ୍ୟରେ ଏହାର ଶୁଣାଣି ହେବ ।

## କପିଳେଶ୍ୱର ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ ବାବୁ ସିଂ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଏକାମ୍ର ନିର୍ବାଚନ ମଣ୍ଡଳୀର ରାଧାରମଣ କଲୋନୀ-କୁମ୍ଭାର ସାହି ରାସ୍ତା କାର୍ଯ୍ୟର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି ବିଧାୟକ ବାବୁ ସିଂ। ଦୀର୍ଘଦିନ ଧରି ସ୍ଥାନୀୟ ଜନସାଧାରଣ ଏହି ରାସ୍ତାର ନିର୍ମାଣ ପାଇଁ ଦାବି କରି ଆସୁଥିଲେ । ଏହି ରାସ୍ତା ପୁରୁଣା ଭୁବନେଶ୍ୱର, ସାମନ୍ତରାପୁର, ପୁରୀ ଯିବା ପାଇଁ ପ୍ରତିଦିନ ହଜାର ହଜାର ଲୋକ ଯିବା ଆସିବା କରନ୍ତି । ଏଥିପାଇଁ ପ୍ରତିଦିନ ଏହି ସ୍ଥାନରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୁଏ। ଏହି ରାସ୍ତା ହେବା ଦ୍ୱାରା ଗାଡ଼ି ଗୁଡ଼ିକ ଗୋଟିଏ ପଟେ ଯିବା ସହ ଅନ୍ୟ ପଟେ ଫେରିବେ ଏହା ଦ୍ୱାରା ଆଉ ଟ୍ରାଫିକ ସମସ୍ୟା ଦେଖାଯିବ ନାହିଁ । ଏକାମ୍ର ବାସୀଙ୍କ ବିଶ୍ୱାସକୁ ନେଇ ବିଜେପି ସରକାର କାମ କରିବ। ନିର୍ବାଚନୀ ପ୍ରତିଶ୍ରୁତିକୁ ବାସ୍ତବ ରୂପ ଦେବା କାର୍ଯ୍ୟ ଆରମ୍ଭ ହୋଇସାରିଛି ବୋଲି ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି। ଏକାମ୍ର ନିର୍ବାଚନ ମଣ୍ଡଳୀରେ ବିକାଶ ର ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି ହେବାକୁ ଯାଉଛି ବୋଲି ଶ୍ରୀ ସିଂ କହିଛନ୍ତି ।ଏକାମ୍ର ନିର୍ବାଚନ ମଣ୍ଡଳୀର ବିକାଶକୁ ପ୍ରାଧାନ୍ୟ ଦିଆଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଏକାମ୍ର ବିଧାୟକ ବାବୁ ସିଂ ଏକାମ୍ର ବାସୀଙ୍କ ତରଫରୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।

### ଭାରତ-ନିଉଜିଲାଣ୍ଡ ମଧ୍ୟରେ ଶୈକ୍ଷିକ ବିକାଶ

## ତୋଇ ଓହୋମାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଓ କିଟ୍ ମଧ୍ୟରେ ବୁଝାମଣା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନିଉଜିଲାଣ୍ଡର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଓ କିଟ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ଗୁରୁବାର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ନିଉଜିଲାଣ୍ଡ ପ୍ରଧାନମନ୍ତ୍ରୀ ଖ୍ରୀଷ୍ଟଫର ଲକ୍‌ସନ, ତେ ପୁକେଙ୍ଗା-ନିଉଜିଲାଣ୍ଡ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍କିଲ୍‌ସ ଆଣ୍ଡ ଟେକ୍ନୋଲୋଜିର ମୁଖ୍ୟ କାର୍ଯ୍ୟନିର୍ବାହୀ ଗସ ଗିଲମୋର, ନିଉଜିଲାଣ୍ଡ ଟ୍ରେଡ୍ ଆଣ୍ଡ ଏଣ୍ଟରପ୍ରାଇଜ୍ର କନସୁଲ ଜେନେରାଓ ଓ ଟ୍ରେଡ୍ କମିଶନର ଗ୍ରାହମ ରାଉଜ, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ରିଲେସନ୍ସ ବିଭାଗ ମହାନିର୍ଦ୍ଦେଶକ ଦେବରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୁଝାମଣା ଦ୍ୱାରା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ, ମିଳିତ ଗବେଷଣା ଏବଂ ଅଧ୍ୟାପକ ବିନିମୟ ପାଇଁ ନୂତନ ପଥ ଖୋଲିବ, ଯାହା ଦ୍ୱାରା ଶୈକ୍ଷିକ ଉତ୍କର୍ଷତା ଏବଂ ବିଶ୍ୱସ୍ତରୀୟ ପରିଚିତି ବୃଦ୍ଧି ପାଇବ। ଏହା ସହ ଦକ୍ଷତା ବିକାଶ, ଏଆଇ ସମନ୍ୱୟ ଏବଂ ବୃତ୍ତିଗତ ଶିକ୍ଷା ଉପରେ ଭାରତର ଅଧିକ ଧ୍ୟାନ ସହ ବୁଝାମଣା ଭବିଷ୍ୟତର କର୍ମଶକ୍ତି ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ବୁଝାମଣା ସମୟରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିଙ୍କୁ ଶୁଭେଚ୍ଛା ଜଣାଇବା ସହ ନିଶ୍ଚିତ ସାର୍ଥକ ଫଳାଫଳ ପ୍ରଦାନ କରିବ ବୋଲି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି। ନୂଆଦିଲ୍ଲୀରେ ଅବସ୍ଥାପିତ ଇଣ୍ଡୋନେସିଆ ରାଷ୍ଟ୍ରଦୂତ ଇନା ଏଚ୍ କ୍ରିଷ୍ଣାମୂର୍ତ୍ତିଙ୍କ ସହ ଏକ ପ୍ରତିନିଧିମଣ୍ଡଳ କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି। ପ୍ରତିନିଧିମଣ୍ଡଳୀ କିଟ୍ ଓ କିସ୍ ପରିଦର୍ଶନ କରି ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଶିକ୍ଷା ଜରିଆରେ ସାମାଜିକ ପରିବର୍ତ୍ତନର ପ୍ରଶଂସା କରିଥିଲେ।

## ବିରଳ ଅସ୍ତ୍ରୋପଚାର ସବୁ ସ୍ଥାନରେ ସମ୍ଭବ: ବିଶିଷ୍ଟ ରୋବୋଟିକ୍ ଅଙ୍କୋ ସର୍ଜନ୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆଧୁନିକ ଅସ୍ତ୍ରୋପଚାର ପଦ୍ଧତିର ଉଦ୍‌ଭାବନ ଦ୍ୱାରା ବର୍ତ୍ତମାନ ଛୋଟ ଛୋଟ ସହରରେ ମଧ୍ୟ ବିରଳ ଅସ୍ତ୍ରୋପଚାର ସମ୍ଭବପର ହୋଇପାରୁଛି। ଏହା ରୋଗୀଙ୍କ ପାଇଁ ବେଶ ଆଶ୍ୱସ୍ତିକର ବୋଲି କହିଛନ୍ତି ଭାରତର ପ୍ରଥମ ରୋବୋଟିକ୍ ଅଙ୍କୋସର୍ଜନ ଡକ୍ଟର ଶୈଳେଶ ପୁନ୍‌ଟାମ୍‌ବେକର। କ୍ୟାନ୍ସର ରୋଗୀଙ୍କ ଚିକିତ୍ସା ନିମନ୍ତେ ଲାପାରୋସ୍କୋପିକ୍ ରାଡିକାଲ୍ ହିଷ୍ଟେରେକ୍ଟୋମି ପଦ୍ଧତିର ପ୍ରୟୋଗ କ୍ଷେତ୍ରରେ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିବା 'ପୁନେ ଟେକ୍ନିକ୍' ଡାକ୍ତର ପୁନ୍‌ଟାମ୍‌ବେକରଙ୍କ ଦ୍ୱାରା ହିଁ ଆରମ୍ଭ କରାଯାଇଥିଲା। ଶନିବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ସ୍ତ୍ରୀ ଓ ପ୍ରସୂତି ବିଭାଗ ଦ୍ୱାରା ଆୟୋଜିତ 'ଆଡ୍‌ଭାନ୍ସଡ ମିନିମାଲ୍ ଇନ୍‌ଭାସିଭ୍ ସର୍ଜରୀ' କର୍ମଶାଳାରେ ଯୋଗ ଦେଇ ଏହି ବିଶିଷ୍ଟ ସର୍ଜନ କହିଥିଲେ ନୂତନ ପ୍ରୟୋଗର ଉଦ୍ଭାବନ ହେତୁ ଏହି ପ୍ରକ୍ରିୟା ଏବେ ଯେ କୌଣସି ସ୍ଥାନରେ ମଧ୍ୟ ଉପଲବ୍ଧ ହୋଇପାରିବ। ପୁନେ ସ୍ଥିତ ଗ୍ୟାଲେକ୍ସି କେୟାର ହସ୍ପିଟାଲ୍‌ର ପ୍ରତିଷ୍ଠାତା ଡକ୍ଟର ପୁନ୍‌ଟାମ୍‌ବେକର କହିଛନ୍ତି ଭାରତରେ ସମସ୍ତ ପ୍ରକାର କର୍କଟ ରୋଗର ୨୦ ପ୍ରତିଶତ ହେଉଛି ଜରାୟୁ କର୍କଟ। ତେଣୁ ଏହି ନୂତନ ପ୍ରକ୍ରିୟା ରୋଗୀଙ୍କ କ୍ଷେତ୍ରରେ ବେଶ ଉପକାରୀ ହୋଇପାରୁଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର, ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର, ସ୍ତ୍ରୀ ଓ ପ୍ରସୂତି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ମନୀଷା ସାହୁ, ପ୍ରଫେସର (ଡାକ୍ତର) ବସନ୍ତ କୁମାର ପତି ଏବଂ ଫୁଲନଖରା ସ୍ଥିତ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ସ୍ତ୍ରୀ ଓ ପ୍ରସୂତି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ତାପସୀ ପତି ଉପସ୍ଥିତ ଥିଲେ।

## ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି






ଭୁବନେଶ୍ୱର(ଭାସ୍କର ନ୍ୟୁଜ):ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ଏକ ସର୍ବଦଳୀୟ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ଶନିବାର ଓୟୁଏଟି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ, ମଧ୍ୟପ୍ରଦେଶ ଉପ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ଶୁକ୍ଲା, ମନୋହର ଲାଲ ଖଟ୍ଟର, ମନ୍ତ୍ରୀ, ଗୃହ ଓ ନଗର ମନ୍ତ୍ରଣାଳୟ, ଭାରତ ସରକାର, ଜି. କିଷନ ରେଡ୍ଡୀ, ମନ୍ତ୍ରୀ, କୋଇଲା ଓ ଖଣି ମନ୍ତ୍ରଣାଳୟ, ଭାରତ ସରକାର, ଗିରିରାଜ ସିଂହ, ମନ୍ତ୍ରୀ, କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରଣାଳୟ, ଭାରତ ସରକାର, ଅନୁପ୍ରିୟା ପଟେଲ, ରାଷ୍ଟ୍ର ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର, ବୈଜୟନ୍ତ ପଣ୍ଡା, ରାଷ୍ଟ୍ରୀୟ ଉପାଧ୍ୟକ୍ଷ, ବିଜେପି, ଅରୁଣ ସିଂହ, ସାଂସଦ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ, ବିଜେପି, ରାଓ ଇନ୍ଦ୍ରଜିତ ସିଂହ, ରାଷ୍ଟ୍ରମନ୍ତ୍ରୀ (ସ୍ୱତନ୍ତ୍ର ପାହ୍ୟା), ଭାରତ ସରକାର , ବିପୁଳ ଗୋୟଲ, କ୍ୟାବିନେଟ୍ ମନ୍ତ୍ରୀ, ହରିୟାଣା, ସୁରେଶ ପୂଜାରୀ, ରାଜସ୍ୱ ମନ୍ତ୍ରୀ, ଓଡ଼ିଶା, ନରେନ୍ଦ୍ର କାଶ୍ୟପ, ମନ୍ତ୍ରୀ, ଉତ୍ତର ପ୍ରଦେଶ, ସୁନିଲ କୁମାର ଶର୍ମା, ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ, ଉତ୍ତରପ୍ରଦେଶ, ମଦନ ଦିଲୱାର, ମନ୍ତ୍ରୀ, ସ୍କୁଲ ଶିକ୍ଷା ଓ ପଞ୍ଚାୟତରାଜ ମନ୍ତ୍ରଣାଳୟ, ରାଜସ୍ଥାନ, ଡା. ଅନିଲ୍ ଜୈନ, ପୂର୍ବତନ ସାଂସଦ, ଉତ୍ତରପ୍ରଦେଶ, ପିପି ଚୌଧୁରୀ, ସାଂସଦ, ଆଲୋକ ଶର୍ମା, ସାଂସଦ, ଭୋପାଳ, ବୀରେନ୍ଦ୍ର ସିଂହ ଲୋଧି, ବିଧାୟକ, ଉତ୍ତରପ୍ରଦେଶ, ଧର୍ମଲାଲ କୌଶିକ, ବିଜେପି ରାଜ୍ୟ ସଭାପତି, ଛତିଶଗଡ଼, ସିପି ଯୋଶୀ, ବିଜେପି ରାଜ୍ୟ ସଭାପତି, ରାଜସ୍ଥାନ, ବସନ୍ତ ପଣ୍ଡା, ବରିଷ୍ଠ ବିଜେପି ନେତା, ଓଡ଼ିଶା, ରାଜ ବବ୍ବର, ଲୋକପ୍ରିୟ ବଲିଉଡ ଅଭିନେତା, ପୂର୍ବତନ ସାଂସଦ, ପଦ୍ମଚରଣ ନାୟକ, ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ବିଧାୟକ, ରାଜନଗର, ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ, ମେୟର ସୁଲୋଚନା ଦାସ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କେ.ଭି.ସିଂହଦେଓ, ପୂର୍ବତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ ଏବଂ ପୂର୍ବତନ ସାଂସଦ ଐର ଖାରବେଳ ସ୍ୱାଇଁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ।"
- ମହାତ୍ମା ଗାନ୍ଧୀ



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"
- ଉତ୍କଳମଣି ଗୋପବନ୍ଧୁ ଦାସ



# ସୁନାଚୋରଣୀ ନାୟିକାର କଥା



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

କାହିଁ କେତେକାଳରୁ ସୁନା ମଣିଷର ପ୍ରିୟ ଧାତୁ ହୋଇ ରହିଛି। ବହୁଦିନ ଧରି ଏହା ପୃଥିବୀର ପ୍ରାୟ ସବୁ ଦେଶରେ ମୁଦ୍ରା ଭାବରେ ବ୍ୟବହାର ହୋଇଥିଲା। ଭାରତରେ ତ ସୁନା କେବଳ ଧାତୁ ଖଣ୍ଡେ ନୁହେଁ। ଏହା ସେମାନଙ୍କ ପାଇଁ ଲକ୍ଷ୍ମୀଦେବୀଙ୍କର ସାକ୍ଷାତରୂପ। ସୁନା ସହିତ ଭାରତୀୟମାନଙ୍କର ଭାବାବେଗ ଜଡ଼ିତ। ସୁନା ସମସ୍ତ ପାରିବାରିକ ଓ ସାମାଜିକ ଉତ୍ସବ ସହିତ ସଂଯୋଜିତ। ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସୁନାଦାନ ଭାରତୀୟ ଶାସ୍ତ୍ରମାନଙ୍କରେ ସର୍ବୋତ୍ତମ ଦାନ ବୋଲି କୁହାଯାଇଛି। ସମ୍ପତ୍ତି ଆକାରରେ ସଞ୍ଚୟ କରିବା ପାଇଁ ସୁନା ଠାରୁ ଶ୍ରେଷ୍ଠ କିଛି ନାହିଁ। ଦେଖିବାକୁ ଗଲେ ଭାରତର ଅନ୍ୟସବୁ ଅଞ୍ଚଳ ଅପେକ୍ଷା ଦକ୍ଷିଣ ଭାରତରେ ସୁନା ପ୍ରତି ଲୋକଙ୍କର ଆକର୍ଷଣ ଅଧିକ। ଏହାର କାରଣ ଉଭୟ ଭୌଗୋଳିକ ଏବଂ ଐତିହାସିକ। ତେଣୁ ଦକ୍ଷିଣ ଭାରତୀୟଙ୍କର ସୁନା ପ୍ରତି ମୋହ ଅନେକ ସମୟରେ ଅପରାଧିକ କାର୍ଯ୍ୟକଳାପ କରିବାକୁ ଉତ୍ସାହିତ କରିଥାଏ।

୨୦୨୫ ମସିହା ମାର୍ଚ୍ଚ ମାସ ୩ ତାରିଖ। ବେଙ୍ଗାଲୁରୁ କେମ୍ପେଗୌଡ଼ା ବିମାନବନ୍ଦରରେ ଅପେକ୍ଷା କରିଥିଲେ ଡାଇରେକ୍ଟୋରେଟ୍ ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସ୍‌ର ବେଙ୍ଗାଲୁରୁ ଶାଖାର ଅଧିକାରୀମାନେ। ଗୁଇନ୍ଦାସଂସ୍ଥା ଠାରୁ ପ୍ରାକ୍‌ସୂଚନା ମିଳିଥାଏ ଦୁବାଇରୁ ଇ.କେ. ୫୬୬ ବିମାନ ଯୋଗେ ଜଣେ ମହିଳା ସନ୍ଦିଗ୍ଧ ପଦାର୍ଥ ଧରି ଆସୁଛନ୍ତି। ଯେହେତୁ ମହିଳା ଜଣକ ବିଦେଶରୁ ବାହ୍ୟଶୁଳ୍କଦେୟ କୌଣସି ଜିନିଷ ଆଣୁନାହାନ୍ତି ବୋଲି ଘୋଷଣା କରିଥିଲେ, ସବୁ ଥର ପରି ସେ ବିମାନବନ୍ଦରର ସବୁଜ ଚାନେଲ୍ ଦେଇ ଆସୁଥିଲେ। ବାହାରେ ଅପେକ୍ଷା କରିଥିଲା ରାଜ୍ୟରେ ଡିଜିପି ଭାବରେ ଅବସ୍ଥାପିତ ସାବତ ପିତାଙ୍କ ଦ୍ୱାରା ପ୍ରେରିତ ସରକାରୀ ଗାଡ଼ି। ସୁରକ୍ଷା ଦେଇ ଆଣିବାକୁ ସାଙ୍ଗରେ ଥିଲେ ରାଜ୍ୟ ସରକାରଙ୍କ ପକ୍ଷରୁ ବିମାନ ବନ୍ଦରରେ ନିଯୁକ୍ତ ପ୍ରୋଟୋକଲ୍ ଅଧିକାରୀ।

ହଠାତ୍ ମେଟାଲ୍ ଡିଟେକ୍ଟର୍ ବାଜି ଉଠିଲା। ଡି.ଆର୍.ଆଇ.ର ଅଧିକାରୀମାନେ ତାଙ୍କୁ ଅଟକାଇ ଚେକିଂ ପାଇଁ କହିଲେ। ପୂର୍ବରୁ କେବେ ବି ଯାଞ୍ଚର ସମ୍ମୁଖୀନ ହୋଇ ନଥିବାରୁ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ମହିଳା। ସେ ସାଧାରଣ ଲୋକ ନଥିଲେ। କନ୍ନଡ଼ ଚଳଚ୍ଚିତ୍ର ଜଗତର ନାମୀ ଅଭିନେତ୍ରୀ ରାନ୍ୟା ରାଓ। ଅଧିକାରୀମାନେ ଯାଞ୍ଚ୍ ପ୍ରକ୍ରିୟାରେ ତାଙ୍କୁ ସହଯୋଗ କରିବା ପାଇଁ ଅନୁରୋଧ କରି ନିଜର କାମ ଆରମ୍ଭ କଲେ। ଯାଞ୍ଚ୍ ବେଳେ ଜଣାପଡ଼ିଲା ସେ ତାଙ୍କ ଅଣ୍ଟା ଓ ଜଙ୍ଘରେ ଟିସୁ ଓ ବ୍ୟାଣ୍ଡେଜ୍ ଗୁଡ଼େଇ ସୁନା ଆଣୁଥିଲେ। ନିଜ ଜୋତା ଓ ପକେଟ୍‌ରେ ସୁନାଇଟା ଓ କଟାସୁନା ଆଣୁଥିଲେ। ୧୨.୫୬ କୋଟି ଟଙ୍କା ମୂଲ୍ୟର ସମୁଦାୟ ୧୪.୨ କିଲୋଗ୍ରାମର ୨୪- କ୍ୟାରେଟ୍ ସୁନା କଷ୍ଟମସ୍ ଆକ୍ଟ, ୧୯୬୨ ଅନୁସାରେ ତାଙ୍କ ଠାରୁ ଜବତ ହେଲା। ଏହି ପରିମାଣର ସୁନା ଯଦି ସେ ନିୟମ ଅନୁସାରେ ଆଣିଥାନ୍ତେ ତାହେଲେ ତାଙ୍କୁ ୪.୮୩ କୋଟି ଟଙ୍କା ଆମଦାନୀ ଶୁଳ୍କ ଦେବାକୁ ପଡ଼ିଥାନ୍ତା। ସୁନା ଚୋରାରେ କାହିଁକି ଆଣୁଥିଲେ ସେ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ସେ ଦେଇପାରି ନଥିଲେ। ଏହା ଏକ ଜାମିନବିହୀନ ଅପରାଧ ହୋଇଥିବାରୁ ତାଙ୍କୁ କଷ୍ଟମସ୍ ଆକ୍ଟ, ୧୯୬୨ର ଧାରା ୧୦୪(୪) ଏବଂ ୧୦୪(୬) ଅନୁସାରେ ତାଙ୍କୁ ଗିରଫ କରାଗଲା।

ରାନ୍ୟା ରାଓ ଧରା ପଡ଼ିବାର କାରଣ ତାଙ୍କର ବାରମ୍ବାର ଦୁବାଇ ଗସ୍ତ। ଗତ ବର୍ଷକ ଭିତରେ ସେ ୩୦ ଥର ଦୁବାଇ ଯାଇଥିଲେ। ଏ ବର୍ଷ କେବଳ ପନ୍ଦର ଦିନରେ ସେ ଚାରିଥର ଯାଇଥିଲେ। ଡିଆର୍‌ଆଇ ଦେଖିବାକୁ ପାଇଥିଲେ ଯେ ସେ ଦୁବାଇ ଯିବାବେଳେ ବିଭିନ୍ନ ପ୍ରକାରର ପୋଷାକ ପିନ୍ଧିଥିବା ବେଳେ ଆସିବା ବେଳକୁ ସବୁଥର ଗୋଟିଏ ପ୍ରକାରର ପୋଷାକ ପିନ୍ଧୁଛନ୍ତି। ତାଙ୍କ ଉପରେ ଅନେକ ଦିନରୁ ଡି.ଆର୍.ଆଇ ନଜର ରଖିଥିଲେ। ବିମାନବନ୍ଦରରେ ସେ ଧରା ହେବା ପରେ ଡାଇରେକ୍ଟୋରେଟ୍ ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସ ତାଙ୍କ ଘର ଉପରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ୨.୬୭ କୋଟି ନଗଦ ଟଙ୍କା ଏବଂ ୨.୦୬ କୋଟି ଟଙ୍କାର ଗହଣା ମିଳିଥିଲା। ଦୁବାଇ କଷ୍ଟମସ୍ ଠାରୁ ଖବର ମିଳିଥିଲା ଯେ ରାନ୍ୟା ୨୦୨୪ ମସିହାର ନଭେମ୍ବର ୧୩ ତାରିଖ ଏବଂ ଡିସେମ୍ବର ମାସ ୨୦ ତାରିଖରେ ଦୁବାଇରୁ ସୁନା କିଣି ଜେନେଭା ଯିବାକୁ ଘୋଷଣା କରିଥିଲେ। କିନ୍ତୁ ଜେନେଭା ନଯାଇ ଭାରତ ଆସିଥିଲେ। ଏହି ସୁନା ସେ ଭାରତକୁ ଆଣୁଛନ୍ତି ବୋଲି ଦେଖାଇ ନଥିଲେ କିମ୍ବା ବିମାନବନ୍ଦରରେ ଏହା ଧରାପଡ଼ି ନଥିଲା। ସେ ନିୟମିତ ଦୁବାଇ ଯିବାଆସିବା କରୁଥିଲେ। ଗତବର୍ଷ ସେ ତିରିଶରୁ ଅଧିକ ଥର ଦୁବାଇ ଯାଇଥିଲେ। ଏ ବର୍ଷ କେବଳ ପନ୍ଦର ଦିନରେ ଚାରି ଥର ଯାଇଥିଲେ। ଏହାର ଅର୍ଥ ସୁନା ଚୋରା ଚାଲାଣରେ ସେ ଅନେକ ଦିନରୁ ସଂଶ୍ଳିଷ୍ଟ।

## ମୁଦ୍ରା କାହାଣୀ

ଏହାପରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ଏହି ଘଟଣାର ତଦନ୍ତ କଲାବେଳେ ସୁନା ଚୋରାଚାଲାଣର ଚେର ବେଙ୍ଗାଲୁରୁ ଓ ମୁମ୍ବାଇରକୁ ଲମ୍ବିଥିବା କଥା ପଦାକୁ ଆସିଛି, ଅନେକ ଦଳ ଏଥିରେ ସଂପୃକ୍ତ। କିଛି ଲୋକ ନିଜ ଶରୀରରେ ବା ଆମଦାନୀ ହେଉଥିବା ଜିନିଷର ବଡ଼ବଡ଼ ବାକ୍ସରେ ଏବଂ କୁଟନୈତିକ ବ୍ୟାଗ୍ ବ୍ୟବହାର କରି ସୁନା ଆଣନ୍ତି। ସୁନା ଆସିବା ପରେ ନିର୍ଦ୍ଦିଷ୍ଟ ସ୍ଥାନୀୟଲୋକ ସୁନାକୁ ଗହଣାଦୋକାନୀଙ୍କୁ ବିକୁଛନ୍ତି। କିଛି ଅସାଧୁ କଷ୍ଟମସ୍ ଅଧିକାରୀ ମଧ୍ୟ ଏଥିରେ ଜଡ଼ିତ ବୋଲି ବ୍ୟୁରୋ କହିଛନ୍ତି।

ରାନ୍ୟା ରାଓ କେ ଏସ ହେଗେଡେସ୍ ନାମକ ଜଣେ ରିଅଲ୍ ଇଷ୍ଟେଟ୍ ବ୍ୟବସାୟୀଙ୍କର ଝିଅ। କର୍ଣ୍ଣାଟକ ପୋଲିସ୍‌ର ଜଣେ ବରିଷ୍ଠ ପୁଲିସ୍ ଅଧିକାରୀ ତାଙ୍କ ସାବତ ବାପା ହୋଇଥିବାରୁ ଭି.ଆଇ.ପି.ଙ୍କୁ ଦିଆ ଯାଉଥିବା ପ୍ରୋଟୋକଲ୍ ସେ ଉପଭୋଗ କରନ୍ତି। ଏହାର ସୁଯୋଗ ନେଇ ସେ ସବୁବେଳେ ସୁରକ୍ଷା ଯାଞ୍ଚକୁ ଏଡ଼ାଇ ଯାଉଥିଲେ। ତାଙ୍କର ପିତା ବା ଅନ୍ୟ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଜଣେ ପ୍ରୋଟୋକଲ୍ ଅଧିକାରୀ ବିମାନବନ୍ଦରର ଇମିଗ୍ରେସନ୍ କାଉଣ୍ଟରରେ ଅପେକ୍ଷା କରି ତାଙ୍କ ଜିନିଷପତ୍ର ଧରି ଆସୁଥିଲେ। ପ୍ରୋଟୋକଲ୍ ଅଧିକାରୀ ବାସବରାଜଙ୍କୁ ଗିରଫ କରାଯାଇଛି। ତଦନ୍ତ ବେଳେ ସୁନା ଚୋରାଚାଲାଣରେ ତାଙ୍କର ସମ୍ପୃକ୍ତିକୁ ଖଣ୍ଡନ କରି ସେ କହିଛନ୍ତି ଯେ ସେ ରାନ୍ୟାଙ୍କ ପିତା କେ ରାମଚନ୍ଦ୍ର ରାଓ ଏବଂ ଅନ୍ୟ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଯୋଗୁ କୌଣସି ପ୍ରକାରର ଚେକିଂ ହେଉ ନଥିଲା। ସେ ନିଜ କର୍ତ୍ତବ୍ୟ ଛଡ଼ା ଆଉ କିଛି ଜାଣିନାହାନ୍ତି।

ରାନ୍ୟା ଏକ ସୁନା ଚୋରା ଚାଲାଣ ରାକେଟର ଅଂଶ ବୋଲି ଜଣାପଡ଼ିଛି। ଆହୁରି ଜଣାପଡ଼ିଛି ଯେ ଏ ମାମଲାରେ ଗୋଟିଏ ଅନ୍ତର୍ଜାତୀୟ ସୁନା ଚୋରାଚାଲାଣ କରୁଥିବା ଦଳ ସଂପୃକ୍ତ। ରାନ୍ୟା ତାଙ୍କର ପୂର୍ବତନ ପ୍ରେମିକ ବାଙ୍ଗାଲୁରୁର ପ୍ରସିଦ୍ଧ ଆଟ୍ରିଆ ହୋଟେଲ ମାଲିକଙ୍କ ନାତି ତରୁଣ ରାଜୁଙ୍କ ସହିତ ମିଶି ଏହି କାମ କରିଛନ୍ତି। ନଭେମ୍ବର ମାସରେ ସ୍ଥପତି ଯତୀନ୍ ହୁକ୍କେରିଙ୍କୁ ବିବାହ ପରେ ରାନ୍ୟାଙ୍କର ତରୁଣଙ୍କ ସହିତ ପ୍ରେମ ସମ୍ପର୍କ ନଥିଲେ ମଧ୍ୟ ସୁନା ଚୋରାଚାଲାଣ ପାଇଁ ଉଭୟ ଏକାଠି କାମ କରୁଥିବା ଜଣାପଡ଼ିଛି। ଭାରତ ଓ ଦୁବାଇରେ ପ୍ରତି କିଲୋଗ୍ରାମ ସୁନା ଦରରେ ପ୍ରାୟ ତିନିରୁ ଚାରି ଲକ୍ଷ ଟଙ୍କା ତଫାତ୍। ପ୍ରତି କିଲୋଗ୍ରାମ୍ ସୁନାରେ ସେ ପ୍ରାୟ ତିନି ଲକ୍ଷ ଟଙ୍କା କମିଶନ୍ ପାଉଥିଲେ। ୟୁଟ୍ୟୁବ୍ ଭିଡିଓରୁ ସେ ଚୋରାଚାଲାଣର ପ୍ରଣାଳୀ ଶିଖିଥିଲେ ବୋଲି ତଦନ୍ତ ବେଳେ କହିଛନ୍ତି।

ଦୁବାଇରେ ଅବସ୍ଥାନ କରୁଥିବା ବେଳେ ସେ ପ୍ରାୟ ଏକ ସପ୍ତାହ ଧରି କେତେକ ବିଦେଶୀ ଫୋନ୍ ନମ୍ବରରୁ କଲ୍ ପାଇଥିଲେ। ଆସିବା ଦିନ ତାଙ୍କୁ ଦୁବାଇ ବିମାନବନ୍ଦରର ତୃତୀୟ ଟର୍ମିନାଲ୍‌ର ଏକନମ୍ବର୍ ଗେଟ୍ ପାଖରୁ ସୁନା ସଂଗ୍ରହ କରି ବେଙ୍ଗାଲୁରୁରେ ଦେବାକୁ କୁହାଯାଇଥିଲା। ସେ ସୁନା ସଂଗ୍ରହ କରି ସେଠିଠାରୁ କତୁରୀ ଓ କ୍ରେପ୍ ବ୍ୟାଣ୍ଡେଜ୍ କିଣି ବିଶ୍ରାମାଳୟରେ ନିଜ ଶରୀର ଓ ପୋଷାକରେ ସୁନା ଖଞ୍ଜି ଆଣିଥିଲେ। ତଦନ୍ତ ବେଳେ ସେ କହିଛନ୍ତି ତାଙ୍କୁ ବ୍ଲାକ୍‌ମେଲ୍ କରି ତାଙ୍କ ହାତରେ ସୁନା ଅଣାଯାଇଛି।

ରାନ୍ୟା ଧରା ପଡ଼ିବା ପରେ କର୍ଣ୍ଣାଟକର ଡି.ଜି.ପି. ପାହ୍ୟାର ଅଧିକାରୀ ରାନ୍ୟାଙ୍କ ସାବତ ବାପା ରାମଚନ୍ଦ୍ର ରାଓ ଦୁଃଖ ପ୍ରକାଶ କରି କହିଛନ୍ତି ତାଙ୍କର ଏଥିରେ କିଛି ଭୂମିକା ନାହିଁ। ତାଙ୍କର ଚାକିରୀ ଜୀବନରେ କଳାଦାଗ ନାହିଁ। ସଂପୂର୍ଣ୍ଣ ସଚ୍ଚୋଟତାର ସହିତ ସେ ନିଜର କର୍ତ୍ତବ୍ୟ ପାଳନ କରିଛନ୍ତି। କିନ୍ତୁ ରିପୋର୍ଟ ପ୍ରକାଶ ପାଇଛି ୨୦୧୪ ମସିହାରେ ସେ ଯେତେବେଳେ ମହୀଶୂରର ଇନ୍ସପେକ୍ଟର୍ ଜେନେରାଲ ଅଫ୍ ପୁଲିସ୍ ଥିଲେ ସେତେବେଳେ କେରଳର ଜଣେ ସୁନା ବ୍ୟବସାୟୀଙ୍କର ହିସାବ ବହିର୍ଭୂତ ଟଙ୍କା ଟ୍ରକ୍ ଜବତ କରିଥିଲେ ଏବଂ ୨୦ ଲକ୍ଷ ଟଙ୍କା ଜବତ ହୋଇଛି ବୋଲି ଦେଖାଇଥିଲେ। ମାତ୍ର ବ୍ୟବସାୟୀ ଟ୍ରକ୍‌ରେ ଦୁଇ କୋଟି ସତେଇଶ ଲକ୍ଷ ଟଙ୍କା ଥିଲା ବୋଲି କହିଥିଲେ। ସି.ଆଇ.ଡି. ଏହାର ତଦନ୍ତ କରିଥିଲେ। ସେଥିରେ ରାଓଙ୍କ ସୁରକ୍ଷା କର୍ମୀଙ୍କ ସହିତ ଅନ୍ୟ କେତେକଙ୍କୁ ଗିରଫ କରାଯାଇଥିଲା। ତାଙ୍କର ସେଥିରେ ସଂପୃକ୍ତି ନାହିଁ ବୋଲି କହିଲେ ମଧ୍ୟ ତାଙ୍କୁ ସେ ପଦରୁ ହଟା ଯାଇ ମୁଖ୍ୟଦପ୍ତରରେ ଅବସ୍ଥାପିତ କରାଯାଇଥିଲା। ବଡ଼ବଡ଼ ଲୋକ ଜଡ଼ିତ ଅନେକ ମାମଲା ଏହିପରି ହୋଇଥାଏ। ଅତଏବ ରାନ୍ୟାଙ୍କର ପାରିବାରିକ ଅପରାଧିକ ଇତିହାସ ରହିଛି।

ବର୍ତ୍ତମାନ ରାନ୍ୟାଙ୍କ ବିଷୟରେ ଖୋଳତାଡ଼ ହେବାରୁ ବିଭିନ୍ନ କଥା ବାହାରକୁ ଆସୁଛି। ରାନ୍ୟା ଷ୍ଟିଲ୍ କାରଖାନା ତିଆରି କରିବାକୁ ଯାଉଥିଲେ, ଏଥିପାଇଁ କର୍ଣ୍ଣାଟକ ଇଣ୍ଡଷ୍ଟ୍ରିଆଲ୍ ଉନ୍ନୟନ କର୍ତ୍ତୃପକ୍ଷ ତୁମାକୁରୁ ଜିଲ୍ଲାର ସିରା ଔଦ୍ୟୋଗିକ ଅଞ୍ଚଳରେ ତାଙ୍କ କମ୍ପାନୀ କ୍ଷୀରୋଦା ଇଣ୍ଡିଆକୁ ୨୦୨୩ ମସିହା ଫେବୃଆରୀ ମାସରେ ୧୨ଏକର ଜାଗା ପ୍ରଦାନ କରିଥିଲେ। ରାନ୍ୟା ତିନିଟି କମ୍ପାନୀର ନିର୍ଦ୍ଦେଶକ ପଦବୀରେ ଅବସ୍ଥାପିତ। ତଦନ୍ତରୁ ଜଣାପଡ଼ିଛି କର୍ଣ୍ଣାଟକ ରାଜନୀତିରେ ତାଙ୍କର ବହୁତ ପ୍ରଭାବ ରହିଛି। ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ବଡ଼ ପୁଲିସ୍ ଅଧିକାରୀଙ୍କ ଝିଅ। ତାଙ୍କୁ ଜମିବଣ୍ଟନ ଏବଂ ବାରମ୍ବାର ଦୁବାଇ ଯାଇ ଚୋରାରେ ସୁନା ଆଣିବାରୁ ଏହା ପ୍ରମାଣିତ। ଅତ୍ୟନ୍ତ ପ୍ରଭାବଶାଳୀ ରାଜନୈତିକ ଓ ଅମଲାତାନ୍ତ୍ରିକ ଛତ୍ରଛାୟାରେ ଥିବା ରାନ୍ୟାଙ୍କ ଅପରାଧର ବିଚାର କ'ଣ ମୋଡ଼ ନେଉଛି ଭବିଷ୍ୟତ କହିବ।

# ଅଗ୍ନିଶୁଦ୍ଧ ସଶସ୍ତ୍ର ମୁକ୍ତିସଂଗ୍ରାମୀ ଭଗତ ସିଂହ...

ରେଣୁବାଳା ମହାପାତ୍ର
ଅନୁଗୁଳ, ମୋ: ୭୯୭୮୧୫୯୬୫୧

ଭାରତର ସଶସ୍ତ୍ର ସ୍ୱାଧୀନତା ସଂଗ୍ରାମର ଇତିହାସରେ ଭଗତ ସିଂହ ଜଣେ ଚର୍ଚ୍ଚିତ ଚେହେରା। ପ୍ରଚଣ୍ଡ ଦେଶପ୍ରେମୀ ତଥା ମହାନ୍ ବିପ୍ଳବୀ ଭଗତ ସିଂହଙ୍କ କାର୍ଯ୍ୟଧାରା ତତ୍କାଳୀନ ସମୟରେ ବହୁ ମୁକ୍ତିସଂଗ୍ରାମୀଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ତତ୍କାଳୀନ ବ୍ରିଟିଶ ଇଣ୍ଡିଆର ପଞ୍ଜାବର ଲାୟଲପୁର ଅନ୍ତର୍ଗତ ବଙ୍ଗା ଗ୍ରାମରେ (ବର୍ତ୍ତମାନ ପାକିସ୍ତାନରେ) ୧୯୦୭ ମସିହା ସେପ୍ଟେମ୍ବର ୨୮ ତାରିଖରେ ସର୍ଦ୍ଦାର କିଶନ ସିଂ ଓ ବିଦ୍ୟାବତୀ ଦେବୀଙ୍କ କୋଳମଣ୍ଡନ କରିଥିଲେ ଭଗତ ସିଂହ।

ଭଗତ ସିଂହଙ୍କ ଜୀବନରେ ଦେଶପ୍ରେମର ବହ୍ନି ପ୍ରଜ୍ୱଳିତ କରିଥିଲା ୧୯୧୯ ମସିହା ଅପ୍ରେଲ ୧୩ ତାରିଖର ଜାଲିଆନାୱାଲାବାଗ ଗଣହତ୍ୟା। ରେଜିନାଲ୍ଡ ଡାୟାରର ନିର୍ଦ୍ଦେଶରେ ସେଦିନ ହୋଇଥିବା ଏହି ଲୋମହର୍ଷଣକାରୀ ଗଣହତ୍ୟା ୧୨ ବର୍ଷର ଭଗତ ସିଂହଙ୍କ ମନରେ ଜାଳି ଦେଇଥିଲା ବ୍ରିଟିଶ ବିରୋଧୀ ବିପ୍ଳବର ବହ୍ନି। ଜାଲିଆନାୱାଲାବାଗର ରକ୍ତ ଭିଜା ମାଟିକୁ ଏକ ବୋତଲରେ ଆଣି ନିରସ୍ତ୍ର ଲୋକଙ୍କ ରକ୍ତ ବୁହାଇଥିବା ଇଂରେଜଙ୍କୁ ବିତାଡ଼ିତ କରିବାର ବଜ୍ର ଶପଥ ନେଇଥିଲେ କ୍ଷୁବ୍ଧ ଭଗତ ସିଂହ। ବ୍ରିଟିଶ ଶାସନରୁ ମୁକ୍ତି ପାଇଁ ସଶସ୍ତ୍ର ବିପ୍ଳବର ରାସ୍ତାକୁ ପରବର୍ତ୍ତୀ ଜୀବନରେ ଆପଣାଇ ନେଇଥିଲେ ଭଗତ ସିଂହ। ଜାଲିଆନାୱାଲାବାଗର ସେହି ମାଟିକୁ ପୂଜା କରିବା ବେଳେ ଦେଶ ପାଇଁ ନିଜକୁ ଉତ୍ସର୍ଗ କରିବାକୁ ସଂକଳ୍ପ ନେଉଥିଲେ ଭଗତ। ୧୯୨୬ ମସିହା ମାର୍ଚ୍ଚ ମାସରେ ଭଗତ ସିଂହ ନୌଜୱାନ ଭାରତ ସଭା ପ୍ରତିଷ୍ଠା କରିଥିଲେ। ତେବେ ୧୯୨୮ ମସିହା ସେପ୍ଟେମ୍ବର ମାସରେ ଫିରୋଜ ଶାହ କୋଟଲାରେ ଚନ୍ଦ୍ରଶେଖର ଆଜାଦଙ୍କ ନେତୃତ୍ୱରେ ଭଗତ ସିଂହ, ଭଗବତୀ ଚରଣ ଭୋରା, ବିଜୟ ସିହ୍ନା, ସୁଖଦେବ ଆଦି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲେ। ରାମ ପ୍ରସାଦ ବିସମିଲ୍ ଓ ସାଥୀଙ୍କ ଦ୍ୱାରା ପ୍ରତିଷ୍ଠିତ ହିନ୍ଦୁସ୍ତାନ ରିପବ୍ଲିକାନ ଆସୋସିଏସନ୍ ନୂତନ ଭାବେ ହିନ୍ଦୁସ୍ତାନ ସୋସିଆଲିଷ୍ଟ ରିପବ୍ଲିକାନ ଆସୋସିଏସନ ନାମରେ ପୁନର୍ଗଠିତ ହେଲା। କାକୋରୀ ଷଡ଼ଯନ୍ତ୍ର ଠାରୁ ଆରମ୍ଭ କରି ବହୁ ଘଟଣାରେ ବ୍ରିଟିଶ ଶାସକର ଛାତି ଥରେଇ ଦେଇଥିଲା ଏହି ହିନ୍ଦୁସ୍ତାନ ସୋସିଆଲିଷ୍ଟ ରିପବ୍ଲିକାନ ଆସୋସିଏସନ୍।

୩୦ ଅକ୍ଟୋବର ୧୯୨୮ରେ ସାଇମନ କମିଶନର ବିରୋଧ କରି ପଞ୍ଜାବ କେଶରୀ ଲାଲା ଲଜପତ୍ ରାୟ ଲାହୋରରେ ଇଂରେଜ ଅଫିସର୍ ଜେମ୍ସ ସ୍କଟ ନିର୍ଦ୍ଦେଶରେ ଲାଠି ଚାଳନାରେ ଗୁରୁତର ଆହତ ହେଇଥିଲେ ଓ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଲାଲାଜୀଙ୍କ ହତ୍ୟାର ପ୍ରତିଶୋଧ ନେବାକୁ ନିଷ୍ପତ୍ତି ନେଇଥିଲେ ଭଗତ ସିଂହ ଓ ତାଙ୍କ ସାଥି। ତେବେ ସ୍କଟ ବଦଳରେ ସେଦିନ ପୋଲିସ ଷ୍ଟେସନରୁ ବାହାରିଥିଲା ଆସିଷ୍ଟାଣ୍ଟ ପୋଲିସ ସୁପରିନଟେଣ୍ଡେଣ୍ଟ ଜନ୍ ସାଣ୍ଡର୍ସ। ଭଗତ ସିଂହ ଓ ଶିବରାମ ରାଜଗୁରୁଙ୍କ ଗୁଳିରେ ଜନ୍ ସାଣ୍ଡାର୍ସ ମୃତ୍ୟୁବରଣ କରିବା ପରେ ରକ୍ତମୁଖା ହୋଇ ଉଠିଥିଲା ବ୍ରିଟିଶ ପୋଲିସ। ତେବେ ବ୍ରିଟିଶ ପୋଲିସ ଆଖିରେ ଧୂଳି ଫିଙ୍ଗି ଅତି ସନ୍ତର୍ପଣରେ ଭଗତ ସିଂହ, ଦୁର୍ଗା ଭାବୀ (ଭଗବତୀ ଚରଣ ଭୋରାଙ୍କ ପତ୍ନୀ), ତାଙ୍କ ଶିଶୁ ପୁତ୍ର ଓ ଶିବରାମ ରାଜଗୁରୁ ଲାହୋର ଷ୍ଟେସନରୁ ଖସି ଆସିଲେ। ସାହେବୀ ବେଶରେ ଥିବା ଭଗତ ସିଂହଙ୍କୁ ଚିହ୍ନିବା ସହଜ ନଥିଲା, ଦୁର୍ଗା ଭାବୀ ଭଗତ ସିଂହଙ୍କ ପତ୍ନୀ ବେଶରେ ନିଜ ପୁଅ ସହ ଆସିଥିବାବେଳେ ଶିବରାମ ଚାକର ବେଶରେ ଥିଲେ। ଛଦ୍ମବେଶରେ ଲାହୋରରୁ ଖସି ଆସିବା ପରେ ବାଟରେ ଶିବରାମ ଓହ୍ଲାଇ ଯାଇଥିଲେ।



କଲିକତାରେ ଭଗତ ସିଂହ ପହଞ୍ଚିବା ପରେ ଫେରିଯାଇଥିଲେ ଦୁର୍ଗା ଭାବୀ। ତେବେ ସାଣ୍ଡାର୍ସ ହତ୍ୟା ମାମଲାରେ ଫେରାର ଥିଲେ ବି ଦେଶ ପାଇଁ ଜୀବନ ଉତ୍ସର୍ଗ ପାଇଁ ସଦା ପ୍ରସ୍ତୁତ ଭଗତ ନିଜ କ୍ରାନ୍ତିକାରୀ ଜୀବନ ଓ ବିଚାରଧାରାରୁ ଦୂରେଇ ଯାଇ ନଥିଲେ, ସେ ଚାହୁଁଥିଲେ ସାରା ଦେଶରେ କ୍ରାନ୍ତି, ଦେଶବାସୀଙ୍କ ଭିତରେ ଦେଶପ୍ରେମ ଜାଗ୍ରତ କରାଇବା ନିମନ୍ତେ ସେ ଯୋଜନା ଆରମ୍ଭ କଲେ। ଯୋଜନା ଅନୁଯାୟୀ ସେ ନିଷ୍ପତ୍ତି ନେଲେ ସେଣ୍ଟ୍ରାଲ ଲେଜିସଲେଟିଭ ଆସେମ୍ବଲିରେ ବୋମା ଫିଙ୍ଗିବେ। ତେବେ ଉଦ୍ଦେଶ୍ୟ ନଥିଲା କ୍ଷୟକ୍ଷତି, କେବଳ ବଧିର ସରକାରକୁ ଶୁଣାଇବା ନିମନ୍ତେ ଏକ ତୀବ୍ର ଧମାକା, ଯାହା ସେମାନେ ଆସେମ୍ବଲି ହଲ୍‌ରେ ଫିଙ୍ଗିଥିବା ଲିଫ୍ଲେଟରୁ ସ୍ପଷ୍ଟ ହୋଇଥିଲା। ପବ୍ଲିକ ସେଫ୍ଟି ବିଲ୍ ଓ ଟ୍ରେଡ୍ ଡିସ୍ପୁଟ ବିଲ୍ ବିରୋଧରେ ଭଗତ ସିଂହ ଓ ବଟୁକେଶ୍ୱର ଦତ୍ତ ଫିଙ୍ଗିଥିବା ବୋମା ଲୋ ଇଣ୍ଟେନସିଟିର ମଧ୍ୟ ଥିଲା, ବୋମା ବିସ୍ଫୋରଣ ପରେ ସେମାନେ ଘଟଣାସ୍ଥଳରୁ ଖସିଯିବାକୁ ମଧ୍ୟ ଚାହିଁନଥିଲେ। ଘଟଣାସ୍ଥଳରେ ବ୍ରିଟିଶ ପୋଲିସ ସେମାନଙ୍କୁ ଗିରଫ କରିଥିଲା, ଆଉ ଏହାଦ୍ୱାରା ଭଗତ ସିଂହ ଏବଂ ବଟୁକେଶ୍ୱରଙ୍କ ଉଦ୍ଦେଶ୍ୟ ସାଧିତ ହୋଇଥିଲା। ଗଣମାଧ୍ୟମରେ ସେମାନଙ୍କ ଗିରଫଦାରୀ, ସେମାନଙ୍କ କୋର୍ଟ ବୟାନ ଆଦି ପ୍ରସାରିତ ହେଲେ ତାଙ୍କ ବିଚାରଧାରା ଲୋକଙ୍କ ନିକଟରେ ପହଞ୍ଚିବ ବୋଲି ଭଗତ ସିଂହ ଆଶାବାଦୀ ଥିଲେ ଓ ତାହା ମଧ୍ୟ ସତ୍ୟ ପ୍ରମାଣିତ ହେଲା।

ପୁନଶ୍ଚ ଭଗତ ସିଂହ ଜେଲ୍ ଭିତରୁ ନିଜର ଆଉ ଏକ ସଂଗ୍ରାମ ଆରମ୍ଭ କଲେ। ବ୍ରିଟିଶ ଜେଲରେ ଥିବା ଭାରତୀୟ ମୁକ୍ତିସଂଗ୍ରାମୀଙ୍କୁ ଉତ୍ତମ ବ୍ୟବହାର, ଭଲ ଖାଦ୍ୟ ଏବଂ ଖବରକାଗଜ ଆଦି ଯୋଗାଇବା ଦାବିରେ ଜେଲରେ ଥାଇ ଭଗତ ସିଂହ ଓ ତାଙ୍କ ସାଥୀ ଆମରଣ ଅନଶନ ଆରମ୍ଭ କଲେ। ଭଗତ ସିଂହଙ୍କ ସାଥୀ ବିପ୍ଳବୀ ଯତୀନ୍ଦ୍ରନାଥ ଦାସ ୬୩ ଦିନର ଆମରଣ ଅନଶନ ପରେ ମୃତ୍ୟୁବରଣ କରିବା ଏକ ଦୁର୍ଭାଗ୍ୟଜନକ ଘଟଣା ଥିବା ବେଳେ ଭଗତ ସିଂହଙ୍କ ଆମରଣ ଅନଶନ ୧୧୬ ଦିନ ପର୍ଯ୍ୟନ୍ତ ଚାଲିଲା। ଇଂରେଜ ସରକାର ଯେତେ ଚେଷ୍ଟା କଲେ ମଧ୍ୟ ଭଗତ ସିଂହଙ୍କ ଆମରଣ ଅନଶନ ବନ୍ଦ କରିପାରିନଥିଲେ। ସେଥିପାଇଁ ତାଙ୍କୁ ବହୁ ନିର୍ଯାତନା ମଧ୍ୟ ଦିଆଗଲା। ବୋଧହୁଏ ଭଗବାନ ବି ତାଙ୍କୁ ସେଇ ପ୍ରକାର ଗଢିଥିଲେ। ତେବେ କଂଗ୍ରେସ ପାର୍ଟିର ରିଜୋଲ୍ୟୁସନ ଓ ନିଜ ବାପାଙ୍କ ଅନୁରୋଧ ରକ୍ଷା କରି ଭଗତ ସିଂହ ୧୧୬ ଦିନରେ ଆମରଣ ଅନଶନ ଭଙ୍ଗ କରିଥିଲେ। ଭଗତ ସିଂହ ଓ ସାଥିଙ୍କ ଆମରଣ ଅନଶନର ପ୍ରଭାବ ପରବର୍ତ୍ତୀ ସମୟରେ ବ୍ରିଟିଶ ସରକାର ଉପରେ ପଡ଼ିଥିଲା ମଧ୍ୟ। ଭଗତ ସିଂହଙ୍କ ଭଳି ତରୁଣ ବିପ୍ଳବୀଙ୍କ ଅଭ୍ୟୁଦୟ ତତ୍କାଳୀନ ସମୟର କଂଗ୍ରେସକୁ ନିଜ ଏଜେଣ୍ଡା ବଦଳାଇ 'ପୂର୍ଣ୍ଣ ସ୍ୱରାଜ' ଦାବି ପାଇଁ ବାଧ୍ୟ କରିଥିଲା ବୋଲି ଚର୍ଚ୍ଚା ହୁଏ। ଆସେମ୍ବଲିରେ ବୋମା ବିସ୍ଫୋରଣ ପାଇଁ ଭଗତ ସିଂହ ଏବଂ ବଟୁକେଶ୍ୱର ଦତ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ମିଳିଥିଲା। ତେବେ ଜନ୍ ସାଣ୍ଡର୍ସ ହତ୍ୟା ମାମଲାରେ ଭଗତ ସିଂହ, ସୁଖଦେବ, ରାଜଗୁରୁଙ୍କୁ ଫାଶୀ ନିର୍ଦ୍ଦେଶ ହେଲା। ସେଥିରେ ମଧ୍ୟ ତିନି ବିପ୍ଳବୀ ଖୁସି ଥିଲେ। ପ୍ରଥମେ ୨୪ ମାର୍ଚ୍ଚ, ୧୯୩୧କୁ ଫାଶୀ ତାରିଖ ଧାର୍ଯ୍ୟ ହୋଇଥିଲା, ମାତ୍ର ଭୟଭୀତ ଇଂରେଜ ସରକାର ଧାର୍ଯ୍ୟ ସମୟର କିଛି ଘଣ୍ଟା ପୂର୍ବରୁ ଅର୍ଥାତ୍ ୧୯୩୧ ମସିହା ମାର୍ଚ୍ଚ ୨୩ ତାରିଖରେ ସେମାନଙ୍କୁ ଫାଶିରେ ଝୁଲାଇଲେ। ସେମାନଙ୍କ ଶବ ପରିବାରକୁ ନଦେଇ ଅତ୍ୟନ୍ତ ଗୁପ୍ତ ଭାବେ ସତଲେଜ୍ ନଦୀ କୂଳରେ ହୁସେନିୱାଲାରେ ସଂସ୍କାର କରାଗଲା, ଯଦିଓ ସାରା ଭାରତ ଏକତ୍ରିତ ହୋଇଯାଇଥିଲା ଓ ଦାବି ଥିଲା ଭଗତ ସିଂହଙ୍କୁ ଫାଶୀ ନହେଉ। ଜଣେ କ୍ରାନ୍ତିକାରୀ ଭାବରେ ଭଗତ ସିଂହ ଚାହୁଁଥିଲେ ସେ ଓ ତାଙ୍କ ସାଥୀଙ୍କୁ ଅପରାଧୀ ଭଳି ଫାଶୀ ନୁହେଁ, ବରଂ ଯୁଦ୍ଧର ସୈନିକ ଭଳି ମୃତ୍ୟୁ ମିଳୁ। ସେମାନଙ୍କୁ ତୋପରେ ଉଡ଼ାଇ କିମ୍ବା ଗୁଳି କରି ମାରି ଦିଆଯାଉ, ମାତ୍ର ତତ୍କାଳୀନ ସମୟରେ ଦେଶବାସୀଙ୍କ ବ୍ଲୁ ଆଇଡ ବୟ ପାଲଟି ସାରିଥିବା ଭଗତ ସିଂହଙ୍କ ଏହି ଶେଷ ଇଚ୍ଛା ପୂରଣ କରି ଇଂରେଜ ବିରୋଧୀ ଲଢେଇକୁ ଇନ୍ଧନ ଯୋଗାଇବାକୁ ଚାହିଁନଥିଲା ଇଂରେଜ ସରକାର। ଫାଶୀର କିଛିଦିନ ପୂର୍ବରୁ ଭଗତ ସିଂହଙ୍କ ମା' ତାଙ୍କୁ ଭେଟିବାକୁ ଆସିଥିଲେ। ଭଗତ ସିଂହ ତାଙ୍କ ମାଆଙ୍କୁ କହିଥିଲେ, 'ଫାଶୀ ପରେ ତୁମେ ମୋ ଶବ ନେବାକୁ ଆସିବନାହିଁ, କୁଲବୀର (ଭଗତ ସିଂହଙ୍କ ସାନ ଭାଇ) ମୋ ଶବ ନେବ। କାରଣ ତୁମେ ମୋ ମା'। ପୁଅର ଶବ ପାଖରେ କାନ୍ଦିଲେ, ଦେଶ କହିବ ଶହୀଦ ଭଗତ ସିଂହର ମା' କାନ୍ଦୁଛି।' ସାରା ଦେଶରେ କ୍ରୋଧର ନିଆଁ ଜଳୁଥାଏ। ଇଂରେଜ ସରକାର ଭୟଭୀତ ହୋଇ ଏମିତି ଏକ ନିଷ୍ପତ୍ତି ନେଲେ ଯେଉଁ ଘଟଣା ଇତିହାସରେ ସବୁଦିନ ପାଇଁ କଳଙ୍କିତ ହୋଇ ରହିଗଲା। ଭଗତ ସିଂହଙ୍କୁ ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ୨୩ମାର୍ଚ୍ଚ ୧୯୩୧ ରେ ଫାଶୀ ଦେବା ପାଇଁ ନିଷ୍ପତ୍ତି ପଛରେ କେବଳ ଭଗତ ସିଂହଙ୍କ ପ୍ରତି ସାରା ଦେଶରେ ସୃଷ୍ଟ ସମବେଦନା ଓ ଭଲପାଇବା କାରଣ ଥିଲା ବୋଲି ଚର୍ଚ୍ଚା ହୁଏ। ଫାଶୀ ଖୁଣ୍ଟକୁ ନେବା ସମୟରେ 'ଇନକିଲାବ୍ ଜିନ୍ଦାବାଦ୍' ନାରା ଜେଲ୍ କାନ୍ଥରେ ପ୍ରତିଧ୍ୱନିତ ହେଉଥିଲା। ଭଗତ ସିଂହ, ସୁଖଦେବ ଓ ରାଜଗୁରୁଙ୍କ ମୁହଁରେ ନଥିଲା ଅନୁଶୋଚନା କି ଭୟର ଛାପ। ହସି ହସି ମାଆ ମାଟିର ମୁକ୍ତି ପାଇଁ ଫାଶୀ ଖୁଣ୍ଟରେ ଝୁଲି ପଡ଼ିଲେ ତିନି ସଂଗ୍ରାମୀ। ସ୍ତବ୍ଧ ହେଇଗଲା ସାରା ଦେଶ। 'ଭଗତ ସିଂହ ଜିନ୍ଦାବାଦ୍' ନାରାରେ ସାରା ଦେଶ ଗୁଞ୍ଜରିତ ହେଉଥିଲା।

ବ୍ରିଟିଶ୍ ଶାସନର ଅନ୍ୟାୟ, ଅତ୍ୟାଚାର, ଶୋଷଣ ବିରୁଦ୍ଧରେ ଭଗତ ସିଂହ, ସୁଖଦେବ ଓ ରାଜଗୁରୁ ନିଜର ବ୍ୟକ୍ତିଗତ ସୁଖଶାନ୍ତିକୁ ଜଳାଞ୍ଜଳି ଦେଇ ନିଜ ଜୀବନକୁ ଦେଶ ମାତୃକାର ସେବାରେ ସମର୍ପଣ କରିଥିଲେ। ପ୍ରଚଣ୍ଡ ବିପ୍ଳବୀ, ମହାନ୍ ଦେଶପ୍ରେମୀ, ସ୍ୱାଧୀନତା ସଂଗ୍ରାମୀ, ବିଶିଷ୍ଟ କ୍ରାନ୍ତିକାରୀ ତଥା ଦେଶକୁ ପରାଧୀନତାରୁ ମୁକ୍ତି ଦେବାକୁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଏଭଳି ଦେଶଭକ୍ତଙ୍କୁ ତିରୋଧାନ ଦିବସରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଓ ଶତ କୋଟି ପ୍ରଣାମ।

# ତୃଷା ଆଉ ବାସନା

ମନ ଗୋଟିଏ ପକ୍ଷୀ ପରି। ଏହି ପକ୍ଷୀର ଦୁଇଟା ଡେଣା ଥାଏ ଗୋଟିଏ ତୃଷା ଆଉ ଅନ୍ୟଟି ବାସନା। ଯାହା ତୁମକୁ ଉଡେଇବ କିମ୍ବା ଭବିଷ୍ୟକୁ ନେଇଯିବ କିମ୍ବା ଭୂତକାଳୁ ନେଇଯିବ। ମନର ଭିତରେ ଲୁଚିଥାଏ ଲୋଭ ଆଉ ମୋହ। ଲୋଭର ଅର୍ଥ ହୋଇଥାଏ ଯାହା ମୋତେ ଏବେ ମିଳିନାହିଁ, ତାହା ମିଳୁ। ମୋହର ଅର୍ଥ ହେଲାକି ମୋର ଅର୍ଥାତ୍ ମୋତେ ଯାହା ମିଳି ଯାଇଛି, ତାହା ମୋ ଠାରୁ ଦୂରେଇ ନଯାଉ। ମନ ଚାହିଁଥାଏ କି ଯାହା ଅଛି ତାକୁ ଜାବୁଡ଼ି କରି ଧରି ରଖିବି ତାହା ଯେମିତି ହାତରୁ ଖସି ନଯାଉ ଆଉ ଯାହା ନୁହେଁ ତାହା ମଧ୍ୟ ମୋର ପାଖକୁ ଆସିଯାଉ। ଗୋଟିଏ ହାତରେ ଯାହା ଅଛି ସମ୍ଭାଳିକରି ରଖିବି ଆଉ ଗୋଟିଏ ହାତ ଉପରକୁ ବଢେଇ ଦେବି ଯାହା ମୋ ପାଖରେ ନାହିଁ। ମୋହ ଲୋଭର ଛାୟା ଅଟେ କାହିଁକି ଯାହା ତୁମକୁ ମିଳିନାହିଁ ତାହାକୁ ପାଇବା ଆଉ ଯାହା ମିଳିଯାଇଛି ତାକୁ ଜାବୁଡ଼ିକି ଧରି ରଖିବା। ଏହି ଦୁଇଟିର ମଧ୍ୟରେ ମନୁଷ୍ୟ ଟଣା-ଟଣି ହୋଇ ମରିଯାଏ। ମନର ଏହି ଦୁଇ ଡେଣା ତୃଷା ଆଉ ବାସନା ବ୍ୟକ୍ତିକୁ ନର୍କକୁ ଠେଲିଦିଏ ଆଉ ସେ ନଷ୍ଟ ହୋଇଯାଏ। ତୁମେ ନିଜର ଅନୁଭବ ଉପରେ ନିଜେ ଗଭୀରତାର ସହ ଚିନ୍ତନ କର କି ତୁମର ଅନୁଭବ କ'ଣ କହିଥାଏ ଆଉ ତୁମେ ଅନୁଭବକୁ ସ୍ୱୟଂ ପରୀକ୍ଷା କର। ଯେତେବେଳେ ତୁମେ କିଛି ଧରିବାକୁ ଚାହିଁଲ ସେତେବେଳେ ତୁମେ ଦୁଃଖୀ ଆଉ ଅଶାନ୍ତ

ମନୋଜ କୁମାର ବେହେରା
ପ୍ଲଟ ନଂ-୨୧୭/ପି, ୟୁନିଟ୍-୯(ଫ୍ଲାଟ)
ବାୟାବାବା ମଠ ଲେନ୍, ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧



ହୋଇଗଲ। ଏହି ସଂସାରରେ ସବୁ କ୍ଷଣ ଭଙ୍ଗୁର ଅଟେ। କିଛି ଧରି ହେବ ନାହିଁ ଆଉ ତୁମେ ଯାହା ଧରିବାକୁ ଚାହୁଁଛ। ତୁମେ ପ୍ରକୃତିର ବିପରୀତରେ ଚାଲୁଛ ସେଥିପାଇଁ ହାରି ଯାଉଛ। ଭାବିଲେ ଦୁଃଖ ଲାଗେ, ଯେମିତି କୌଣସି ମନୁଷ୍ୟ ନଦୀର ଧାରର ବିପରୀତରେ ପହଁରିବାକୁ ଲାଗିବ। ବୋଧେ ହାତେ କିମ୍ବା ଦୁଇ ହାତ ପହଁରି ପାରେ। କିନ୍ତୁ ଏମିତି କେତେ ବାଟ ପହଁରିବ? ଥକିଯିବ ଆଉ ହାରିଯିବ। କିଛି ସମୟ ଭିତରେ ଧାରର ବିରାଟ ଶକ୍ତ ତାହାର ଶକ୍ତିକୁ ଛିନ୍ନ ଭିନ୍ନ କରିଦେବ। ସେ ଥକିବ, ହାରିବ, ତା'ର ଗୋଡ ଦରଜ ହେବ ଆଉ ଜଳ ଆଡକୁ ବହିଯିବ। ସେତେବେଳେ ବିଷାଦ ଘେରିବ କି ହାରିଗଲା। ଯାହା ଚାହିଁଥିଲା ତାହା ପାଇ ପାରିଲା ନାହିଁ। ତା'ପରେ ଚିତ୍ତରେ ବଡ ଗ୍ଲାନି ହେବ। ଦୁଃଖ ଗହନ ହେବ। ଯିଏ ଜାଣିଥାଏ ସେ ନଦୀର ଧାରର ସହିତ ବହିଥାଏ। ସେ କେବେ ହାରି ନଥାଏ ଆଉ ତାହେଲେ ଦୁଃଖ କ'ଣ ପାଇଁ? ଶାନ୍ତି କେମିତି ଆସେ? ଶାନ୍ତିର ଆରମ୍ଭ ନିଜ ଭିତରୁ ହୋଇଥାଏ। ଧ୍ୟାନର ଅଭ୍ୟାସରୁ ମନକୁ ଶ୍ୱାସର ଧାରର ସହିତ ବହିବା ଆଉ ଶ୍ୱାସର ସାହାରରୁ ସାଧନକୁ ଆସିଥାଏ। ନିରନ୍ତର ଅଭ୍ୟାସର ଗୋଟିଏ କ୍ଷଣ ଏମିତି ଆସିଥାଏ କି ମନ ଶ୍ୱାସ ସହିତ ଏକାକାର ହୋଇଯାଏ ଆଉ ସେହି କ୍ଷଣ ନିଜ ବୋଧରେ ଶାନ୍ତିର ଅନୁଭବ ହୋଇଯାଏ।

# ମାନସିକ ସ୍ୱାସ୍ଥ୍ୟ ପାଇଁ କଲରିଂ



ଡାକ୍ତର ସମ୍ରାଟ କର
ମାନସିକ ରୋଗ ବିଶେଷଜ୍ଞ
ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ
ମୋ : ୯୧୩୨୪୩୩୩୩୩

ଅନୁଜ ପ୍ରତୀମ ଶ୍ରୀକାନ୍ତ ସେ ଦିନ ବ୍ୟସ୍ତ ହୋଇପଡ଼ି ମୋତେ ପଚାରିଲେ ଯେ ଘରେ ମୋର ଦୁଇଟା ଯାକ ପିଲା କିଛି ନା କିଛି ହାତ ଅଙ୍କାରେ ନିଜକୁ ବ୍ୟସ୍ତ ରଖିବା ପାଇଁ ଭଲ ପାଉଛନ୍ତି। ଯଦି ତାଙ୍କୁ ମୁଁ କୌଣସି କଲରିଂ ସାମଗ୍ରୀ ନଆଣି ଦେଉଛି ତେବେ ଘରେ ଥିବା କୌଣସି ରଙ୍ଗ ପଦାର୍ଥର ଜିନିଷ ବା ସେହିପରି ସାମଗ୍ରୀକୁ ନେଇ ସେମାନେ କାଗଜରେ ହେଉ କିମ୍ବା ସିଲଟରେ, ଭୂମି ତଳରେ ହେଉ ଏପରିକି ଖୋଲା ପଡ଼ିଆର ପ୍ରଶସ୍ତ ସ୍ଥାନ ମାନଙ୍କରେ। ସାର୍, ମୋତେ ଲାଗୁଛି ମୋର ଏ ପିଲା ଦିଟାଙ୍କର ବୋଧେ ମୁଣ୍ଡ ଖରାପ ହୋଇଗଲାଣି ନା କ'ଣ? ଏ ଦୁଇଜଣ ବଡ଼ ହେଲେ ଦୁଇଟା ଯାକ ମସ୍ତବଡ଼ ପାଗଳ ହେବେ! ଶ୍ରୀକାନ୍ତର କଥାଟି ଶୁଣି ମୁଁ ଟିକେ ହସିଲି। ଆଉ ତାଙ୍କୁ ସବିଶେଷ ବୁଝାଇ କହିଲି ଯେ ସାଧାରଣତଃ ଛୋଟ ବେଳେ ସମସ୍ତଙ୍କୁ ଚିତ୍ରରେ ରଙ୍ଗ ଭରିବାକୁ ଭଲ ଲାଗେ। ବଡ଼ ହେବା ପରେ ଏଥିରୁ ନିଜକୁ ଦୂରେଇ ରଖନ୍ତି। ତେବେ ଆଜିର ସମୟରେ ଏ କାମ କେବଳ ଛୋଟ ପିଲାଙ୍କ ମଧ୍ୟରେ ସୀମିତ ନାହିଁ, ଏହି କାର୍ଯ୍ୟକଳାପ ବଡ଼ମାନଙ୍କ ପାଇଁ ବି ଉତ୍ତମ। ଏବେ ବଡ଼ ପିଲାଙ୍କ ପାଇଁ କଲରିଂ ବହି ମିଳୁଛି। ଯାହାକି ମାନସିକ ସ୍ୱାସ୍ଥ୍ୟ ଉପରେ ଆଧାରିତ। କଲରିଂ ବହିର ପ୍ୟାଟର୍ଣ୍ଣ ଅବସାଦ କମ୍ କରି ସୃଜନଶୀଳତା ବୃଦ୍ଧିରେ ସାହାଯ୍ୟ କରେ।

ଆମେ ନିତିଦିନିଆ ସମୟକୁ ଦେଖିଲେ ଜାଣୁ କେବଳ ଛୋଟ ପିଲା ନୁହଁନ୍ତି ବଡ଼ ବଡ଼ ଲୋକମାନେ ମଧ୍ୟ ଏପରିକି ସମାଜରେ ନିଜ ନିଜ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା ଓ ଅତ୍ୟନ୍ତ ବ୍ୟସ୍ତ ବହୁଳ ସମୟ ବିତାଉଥିବା ଲୋକମାନଙ୍କ ଭିତରେ ଏହି ଅନ୍ତର୍ନିହିତ ସୃଜନ କଳା ପ୍ରତି ଆଗ୍ରହ ଓ ଆବେଗ ରହିଛି। ଧାଁ ଧଉଡ ଓ ଗୁରୁତ୍ୱପୂର୍ଣ୍ଣ କର୍ମବ୍ୟସ୍ତ ସମୟରୁ କିଛି କାଢ଼ି ସେମାନେ ଏଥିନିମିତ୍ତ ସମୟ ଦିଅନ୍ତି ଓ ଚମତ୍କାର ଚିତ୍ର କଳା ମଧ୍ୟ ଆଙ୍କି ଥାଆନ୍ତି। ଚଳିତ ନିର୍ବାଚନରେ ତୃଣମୂଳ କଂଗ୍ରେସରେ ସୁପ୍ରିମ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାସ୍ତାକଡ଼ରେ ଜଣେ ଚିତ୍ରଶିଳ୍ପ ସହିତ କଥା ହୋଇ ସେ ତୁଳୀରେ ଆଙ୍କୁଥିବା ଛବିକୁ ଦେଖି ନିଜେ ତାଙ୍କ ସହ ରଙ୍ଗ ତୁଳୀରେ କିଛି ସମୟ ବିତାଇଥିଲେ। ସେହିପରି ଓଡ଼ିଆ ପୁଅ ତଥା ବିଶ୍ୱପ୍ରସିଦ୍ଧ ଚିତ୍ରଶିଳ୍ପୀ ଭାବେ ପ୍ରତିଷ୍ଠିତ ହୋଇଥିବା ବର୍ତ୍ତମାନର ସ୍ୱିଡ଼େନର ଅଧିବାସୀ ପି.କେ. ମହାନନ୍ଦୀୟାଙ୍କ କଥା ଟିକେ ମନେ ପକାନ୍ତୁ। ସେ ମଧ୍ୟ ଜଣେ ଚମତ୍କାର ଓ ସୁନାମଧନ୍ୟ ଚିତ୍ରଶିଳ୍ପୀ। ତେବେ ବର୍ତ୍ତମାନ ସୁଦ୍ଧା ଆମମାନଙ୍କ ଭିତରେ କଲରିଂ କରୁଥିବା ପିଲା ବା ଲୋକମାନଙ୍କ ଉପରେ ସେତେଟା ଏକ ଭଲ ଧାରଣା ତିଆରି ହୋଇପାରିନାହିଁ। ଏହା ଯେ ଏକ ଚମତ୍କାର ଓ ଭଗବାନଙ୍କ ପ୍ରଦତ୍ତ ସୃଜନଶକ୍ତିର ବିକଶିତ ରୂପରେଖ ତାହା ଆମକୁ ବୁଝିବାରେ ସେତେଟା ସହଜ ହୋଇପାରିନାହିଁ। ଅବସର ବିନୋଦନ ହେଉ ବା ଅସ୍ଥିର, ବିଚଳିତ ମନକୁ ଏକାଗ୍ର ରାସ୍ତାରେ ଆଗେଇ ନେବା ପାଇଁ କଲରିଂ ଏକ ଚମତ୍କାର ମାଧ୍ୟମ। ବର୍ତ୍ତମାନ ଏହି କଲରିଂକୁ ନେଇ ଅନେକ ପାଠ୍ୟକ୍ରମ ମଧ୍ୟ ତିଆରି ହେଲାଣି। ବୃତ୍ତିଗତ କ୍ଷେତ୍ର ଭାବେ ଏହା ମଧ୍ୟ ଜଣକୁ ଯଥାର୍ଥ ପରିଚୟ ଦେବା ସହ ଗୁଜୁରାଣ ମେଣ୍ଟାଇବା ପାଇଁ ଅର୍ଥ ରୋଜଗାରର ଏକ ସମ୍ମାନଜନକ ମାଧ୍ୟମ ପାଲଟି ସାରିଲାଣି। ତଥାପି କେତେକ ଅଭିଭାବକ ସେମାନଙ୍କ ପିଲାମାନଙ୍କର ଛୋଟ ବେଳର କଲରିଂରେ ବ୍ୟସ୍ତତାକୁ ସେପରି ବେଶ ସହଜରେ ଗ୍ରହଣ କରିପାରିନଥାନ୍ତି।

ଗମ୍ଭୀର ଚିନ୍ତାରୁ ଧ୍ୟାନ ହଟାଇବା ପାଇଁ କଲରିଂ ବୁକ ସାହାଯ୍ୟ କରେ। ଏଭଳି ମଜାଦାର ଗତିବିଧି ମାଧ୍ୟମରେ ଶାନ୍ତି ଏବଂ ବିଶ୍ରାମ ଭାବନା ବୃଦ୍ଧି ପାଏ। ସେହିପରି ଚିତ୍ରରେ ରଙ୍ଗ ଭରିବା ହେଉଛି ଏକ ସୃଜନାତ୍ମକ ଏବଂ ମଜାଦାର କାମ। ଏହା ଦ୍ୱାରା ମନକୁ ଶାନ୍ତ କରିବା ସମ୍ଭବ। ଜଟିଳ ଚିତ୍ରରେ ରଙ୍ଗ ଭରିବା ଦ୍ୱାରା ଧ୍ୟାନ ସେଥିରେ ରହେ ଏବଂ ମନ ବିଚଳିତ ହୁଏନାହିଁ। କଲରିଂ ସୃଜନାତ୍ମକ ଜ୍ଞାନ କୌଶଳ ବୃଦ୍ଧିରେ ସାହାଯ୍ୟ କରେ। ନିଜର କଳାତ୍ମମ ଅଭିବ୍ୟକ୍ତିକୁ ଜାଣିବାର ଏହା ଏକ ସହଜ ଉପାୟ। କାରଣ ଦୁଇ ଜଣଙ୍କୁ ଗୋଟିଏ ଚିତ୍ରରେ ରଙ୍ଗ କରିବାକୁ ଦେଲେ ଦୁଇଜଣ ଭିନ୍ନ ଭିନ୍ନ ରଙ୍ଗକୁ ଚୟନ କରନ୍ତି। ଏଥିରୁ ଜଣାପଡ଼େ ଯେ ସମସ୍ତଙ୍କ ଚିନ୍ତାଧାରା ଭିନ୍ନ। କଲରିଂ ନକାରାତ୍ମକ ଚିନ୍ତାରୁ ଦୂରେଇ ରଖିବାରେ ସାହାଯ୍ୟ କରେ। ନିତିଦିନିଆ ମୋ ମାନସିକ ଚିକିତ୍ସା, ନିଦାନ ଓ ପରାମର୍ଶ କେନ୍ଦ୍ରରେ ଅନେକ ପୀଡ଼ିତମାନଙ୍କୁ ସାମ୍ନା କରିଥାଏ ଯେଉଁମାନେ ମାନସିକ ଭାବେ ଅସୁସ୍ଥ ହେବା ପୂର୍ବରୁ ବେଶ ଭଲ ଭାବେ କଲରିଂରେ ନିଜକୁ କିଛି ସମୟ ବିତାଇ ସମୟ କାଟୁଥିଲେ। କଲରିଂ ଏକ ଏପରି ଅନ୍ତର୍ନିହିତ ସୃଜନଶକ୍ତି ଯାହା ନିଜ ଆଖପାଖର ପରିବେଶ, କାର୍ଯ୍ୟକଳାପ ଓ ଜୀବନ ଚରିତ୍ରର ଲୋକମାନଙ୍କ ସମ୍ବନ୍ଧରେ କିଛି ଜଣାଇଥାଏ ସେମାନଙ୍କୁ ଅନେକ ମାନସିକ ଶାନ୍ତି ଦେଇଥାଏ। ଯଦିଓ କଲରିଂ କେତେକ ନିର୍ଦ୍ଦିଷ୍ଟ ମାନସିକ ପୀଡ଼ିତ ମାନଙ୍କ ପାଇଁ ଏକ ପ୍ରକାର ଯନ୍ତ୍ରଣାର କାରଣ ହୋଇଥାଏ ତାହା ତ ଅଲଗା କଥା ତେବେ ମାନସିକ ସ୍ୱାସ୍ଥ୍ୟ ପାଇଁ କଲରିଂ ଏକ ଏପରି ଶକ୍ତିଶାଳି ଭିଟାମିନ ପରି କାର୍ଯ୍ୟ କରିଥାଏ ଯେ ଅନେକ ଏହା ବିନା ବଞ୍ଚି ନପାରିବା ପରି ଅନୁଭବ କରନ୍ତି। ସତେଯେପରି ମାଛ ବିନା ଜଳ। ତେବେ କେଉଁ ମାନଙ୍କୁ କେଉଁ କେଉଁ ରଙ୍ଗ ପସନ୍ଦ ଆସିଥାଏ ତାହା ସେମାନଙ୍କ ବ୍ୟକ୍ତିଗତ ଆଗ୍ରହ। ମୁଁ କେତେକ ନିର୍ଦ୍ଦିଷ୍ଟ ମାନସିକ ଅସହାୟ ଓ ପୀଡ଼ିତ ମାନଙ୍କ ପାଇଁ ସେମାନଙ୍କ ପୂର୍ବ ଜୀବନର ଜୀବନ ରେଖା, କାର୍ଯ୍ୟକଳାପ ଓ ବ୍ୟକ୍ତିଗତ ରୁଟିନ ବୁଝିବା ସମୟରେ ଯେତେବେଳେ ଜାଣେ ଯେ ସେମାନେ ପୂର୍ବରୁ ଜଣେ ଜଣେ ରଙ୍ଗ ତୁଳୀର ନାୟକ ଥିଲେ, ସେମାନଙ୍କ ନିକଟ ଲୋକମାନଙ୍କୁ ସେହି ରଙ୍ଗତୁଳୀ ଜୀବନକୁ କିଛି ମାତ୍ରାରେ ଫେରାଇବା ପାଇଁ ପରାମର୍ଶ ଦେଇଥାଏ। ତେଣୁ କଲରିଂ ଯେ ଜୀବନ ଅବସାଦ ନୁହେଁ ବରଂ ଜୀବନ ବଞ୍ଚିବାର ଅମୃତ ମହୌଷଧି ଏବଂ ସର୍ବୋପରି ଏହା ଏକ ରଙ୍ଗୀନ ମାନସିକତାର ଜୀବନ ଅଭିବୃଦ୍ଧି ଏହାକୁ ବୁଝନ୍ତୁ ଆଉ ଗ୍ରହଣ କରନ୍ତୁ। ଏ ସଂକ୍ରାନ୍ତରେ ଆପଣ କୌଣସି ଅଧିକ ପରାମର୍ଶ ବା ସହଯୋଗ ଚାହୁଁଥିଲେ ମୁଁ ଆପଣଙ୍କୁ ନିଶ୍ଚିନ୍ତ ସହାୟତାର ହାତ ବଢ଼ାଇବି। ଆମ ଜୀବନ ରଙ୍ଗମଞ୍ଚରେ ରଙ୍ଗତୁଳୀ ବା କଲରିଂ ସମସ୍ତଙ୍କ ଖୁସି, ଆନନ୍ଦ ଓ ସୁସ୍ଥ ମାନସିକତାର ପରିଧିକୁ ଆହୁରି ରଙ୍ଗୀନ କରୁ। ଆଜି ପାଇଁ ଏହି ଶୁଭକାମନା।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଆସିକା, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ କର୍ଣ୍ଣୋଳୀ ଠାରେ ଥିବା କେନ୍ଦ୍ରୀୟ ପଣ୍ୟାଗାର ନିଗମରେ ହୋହାଲ୍ଲା । ସିଭିଲ ସେଷ୍ଟ୍ ସପ୍ଲାଇସ୍ କୋପ୍ରେସନ ଲିମିଟ ପକ୍ଷରୁ ମିଲରମାନଙ୍କୁ ଚାଉଳ ଦେବାକୁ ସି.ଏମ୍.ଆର ପ୍ରୋଗାମିଙ୍ଗ ଦେଇଥିବା ବେଳେ ଆଠଦିନ ହେଲା ମିଲରଙ୍କ ଚାଉଳ ଗାଡ଼ି ସିଡବ୍ଲ୍ୟୁସି ଗୋଦାମ ଆଗରେ ଛିଡ଼ାହୋଇଛି । ତେବେ ଆଠଦିନ ହେଲା ଗାଡିରୁ ଚାଉଳ ଅନଲୋଡ଼ିଂ କି ଉମ୍ପିଙ୍ଗ ହୋଇ ପରୁ ନଥିବା ଯୋଗୁଁ ମିଲରମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ସି.ଡବ୍ଲ୍ୟୁ.ସି ଅଫିସରମାନଙ୍କ ମନମାନି ଯୋଗୁଁ ଚାଉଳର କ୍ୱାଲିଟ ଚେକ୍ ହୋଇ ପାରୁ ନଥିବା ବେଳେ ଅନଲୋଡିଂ କି ଡମ୍ପିଙ୍ଗ ହୋଇପାରୁନି । ତେବେ ଆଠଦିନ ହେଲା ଚାଉଳ ଗାଡ଼ି ଗୋଦାମ ଆଗରେ ଠିଆ ହୋଇଥିବା ବେଳେ ଶନିବାର ବର୍ଷାରେ ଚାଉଳ ଭିଜିଥିଲା । ସମ୍ପୃକ୍ତ ଅଫିସର କ୍ୟାଲିଟି କଣ୍ଟ୍ରୋଲ ଚେକ ପାଇଁ ପଣ୍ୟଗାର ଭିତରେ ନ କରି ବାହାରେ କରିବାକୁ ନେଇ ମିଲର ଅସନ୍ତୋଷ ପ୍ରକାଶ କରିଥିଲେ । ପଣ୍ୟଗାର ବାହାରେ କ୍ୟାଲିଟି କଣ୍ଟ୍ରୋଲ କରିବା ଫଳରେ ସପ୍ତାହ ବ୍ୟାପି ଚାଉଳ ଗାଡି ଖରା ଓ ବର୍ଷା ଆଦିର ସମ୍ମୁଖୀନ ହୋଇ ନଷ୍ଟ ହେଉଥିବା ଅଭିଯୋଗ କରିଛନ୍ତି ମିଲର । ଯାହାକୁ ନେଇ ଅସୋନ୍ତୋଷ ବଢୁଛି ।



## ସ୍ୱଚ୍ଛତାକୁ ନେଇ ତଦନ୍ତ ହେଉ

# ନିମାପଡ଼ାରେ ଆବାସ ଯୋଜନା କେଳେଙ୍କାରୀ !



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡା ବ୍ଲକ୍ ଅଞ୍ଚଳରେ ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ବେଳେ ଦୀର୍ଘ ବର୍ଷ ଧରି ଅଯୋଗ୍ୟ ହିତାଧିକାରୀମାନେ ତାଙ୍କ ପରିବାର ପିଛା ଆବାସ ଯୋଜନା ହାତେଇ ନେଇଥିବା ଜଣାପଡ଼ିଛି । ଅନେକ ହିତାଧିକାରୀ ଆବାସ ଯୋଜନା ପାଇ ନଥିବା ବେଳେ ସେମାନଙ୍କ ନାମରେ ବ୍ଲକ୍ କାର୍ଯ୍ୟାଳୟରେ ରେକର୍ଡ଼ ଗଢୁଛି । ପ୍ରଭାବଶାଳୀମାନେ ନିଜର ପୁରୁଣା ଘରକୁ ଦେଖାଇ ଆବାସ ଯୋଜନା ହାତେଇ ନେଇଥିବା ବେଳେ ବର୍ତ୍ତମାନ ଯେଉଁ ତଦନ୍ତ ଚାଲିଛି ତାହା ନୀରପେକ୍ଷ ତଦନ୍ତ ହେବାପାଇଁ ଦାବୀ ହୋଇଛି । ବିଭିନ୍ନ ପଞ୍ଚାୟତରେ ମହାବାତ୍ୟା ଠାରୁ ବର୍ତ୍ତମାନ ସୁଦ୍ଧା ହିତାଧିକାରୀମାନେ ଆବାସ ଯୋଜନା ନପାଇ ଜରିପାଲ ତଳେ ପରିବାରକୁ ନେଇ ଆଶ୍ରୟ ନେଇଛନ୍ତି । ସଲଙ୍ଗ ପଞ୍ଚାୟତ ଓଡୁଆଳ ଗ୍ରାମ ଦଳିତ ସାହିରେ ଅନେକ ବ୍ୟକ୍ତି ଆବାସ ଯୋଜନାରୁ ବଞ୍ଚିତ ହୋଇ ଜରିପାଲ ତଳେ ଜୀବିକା ନିର୍ବାହ କରୁଛନ୍ତି । ଏ ସମ୍ପର୍କରେ ବାରମ୍ବାର ଗଣମାଧ୍ୟମରେ ଖବର ବାଜୁଥିଲେ ମଧ୍ୟ ବିଡ଼ିଓ ମହାଶୟ କୌଣସି ପଦକ୍ଷେପ ନ ନେଇ ନୀରବ ସାଜିବା ପଛରେ କାହାର ଚାପ ରହିଛି ତାହା ତଦନ୍ତ ସାକ୍ଷେପ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅରିଷଣ୍ଡ ପଞ୍ଚାୟତ, ସଲଙ୍ଗ ପଞ୍ଚାୟତ, ବଡ଼ଶିରିବିଲା ପଞ୍ଚାୟତ, ତୁଳସୀପୁର ପଞ୍ଚାୟତ, ଭୋଦର ପଂଚାୟତ ସମେତ ବହୁ ପଞ୍ଚାୟତରେ ଗରୀବ ହିତାଧିକାରୀମାନେ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି । ପଞ୍ଚାୟତରେ ଥିବା ପ୍ରଭାବଶାଳୀ ବ୍ୟକ୍ତିମାନେ ପୁରୁଣା ଘରକୁ ଦେଖାଇ ଆବାସ ଯୋଜନା ଅର୍ଥକୁ ଲୁଣ୍ଠନ କରିଥିବା ବେଳେ ବ୍ଲକ୍ କର୍ମଚାରୀ ଏଥିରେ ସମ୍ପୃକ୍ତ ଥିବା ବାରି ହୋଇପଡୁଛି । ସରକାର ପରିବର୍ତ୍ତନ ପରେ ଏହାର ସଠିକ୍ ଯାଞ୍ଚ କରାଯିବା ପାଇଁ ବିଭିନ୍ନ ମହଲରୁ ଦାବୀ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା ତଦନ୍ତ ହୋଇପାରୁ ନାହିଁ । ଗୋଟିଏ ପରିବାରର ଏକାଧିକ ବ୍ୟକ୍ତିଙ୍କ ନାମରେ ଆବାସ ଯୋଜନା ଚଞ୍ଚକତା ଭାବେ ଯାଇଥିବା ବେଳେ ଆହୁରି ମଧ୍ୟପରିବାରର ଏକାଧିକ ବ୍ୟକ୍ତିଙ୍କ ନାମରେ ଆବାସ ଯୋଜନା ଚିଠାରେ ନାମ ଗଳୁଛି । ଏହି ବ୍ୟକ୍ତିମାନେ ଗୋଟିଏ ଘରକୁ ପରିବାରର ଏକାଧିକ ବ୍ୟକ୍ତିଙ୍କ ନାମରେ ଘର ନମ୍ବର କରି ଆବାସ ଯୋଜନା ହାତେଇବା ପାଇଁ ରୀତିମତ ଲାଗି ପଡ଼ିଛନ୍ତି । ପୂର୍ବରୁ ଅନ୍ୟଏକ ଦଳରେ ବୁଲୁଥିବା ବେଳେ ବର୍ତ୍ତମାନ ଶାସକଦଳର କର୍ମୀ ବୋଲାଇ ପଞ୍ଚାୟତମାନଙ୍କରେ ଦବଙ୍ଗଗିରି ଦେଖାଇବା ସହ ଆମ୍ଭେ ଯାହା ନାମ ସୁପାରିଶ କରିବୁ ସିଏ ଆବାସ ଯୋଜନା ପାଇବ ବୋଲି ବାହାସ୍ଫଟ ମାରୁଛନ୍ତି । ଏପରି ଘଟଣା ହେଲେ ସରକାରଙ୍କର ତଦନ୍ତ ବାଟବଣା ହେବାର ଆଶଙ୍କା ରହିଛି । ବର୍ତ୍ତମାନ ବ୍ଲକ୍‌ରେ ବିଡ଼ିଓ ନୀରବ ସାଜିଥିବା ବେଳେ କାହା ଇଙ୍ଗିତରେ ତଦନ୍ତ କରାଯିବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସଚେତନ ନାଗରିକମାନେ ଦାବୀ କରିଛନ୍ତି ସଠିକ୍ ତଦନ୍ତ କରାଯାଇ ବାଦ୍ ପଡ଼ିଥିବା ହିତାଧିକାରୀମାନଙ୍କୁ ଆବାସ ଯୋଜନା ପ୍ରଦାନ କରାଯିବ । ପରିବାରର ଏକାଧିକ ବ୍ୟକ୍ତିଙ୍କ ନାମରେ ଆବାସ ଯୋଜନା ପ୍ରଦାନ ନ କରାଯାଉ । ଏପରି କରାଗଲେ ପୂର୍ବ ସରକାର ଭଳି ପୁଣି ବ୍ଲକ୍‌ରେ ଦୁର୍ନୀତିର ମାତ୍ରା ବଢ଼ିଯିବ ବୋଲି କହିଛନ୍ତି ।

## ଟାଟାଷ୍ଟିଲ ଏସ୍‌ଏମ୍‌ଏସ୍‌ରେ ଦୁର୍ଘଟଣା : ୯ରୁ ଉର୍ଦ୍ଧ୍ୱ ଶ୍ରମିକ-କର୍ମଚାରୀ ଗୁରୁତର

ବ୍ୟାସନଗର, (ଭାସ୍କର ନ୍ୟୁଜ୍):ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳ ସ୍ଥିତ ଟାଟାଷ୍ଟିଲ ମେଲ୍ଟିଂ ସପ (ଏସ୍‌ଏମ୍‌ଏସ୍)ରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ କାର୍ଯ୍ୟରତ ୯ରୁ ଉର୍ଦ୍ଧ୍ୱ ଶ୍ରମିକ-କର୍ମଚାରୀ ଆହତ ହୋଇଥିବାର ଜଣାପଡ଼ିଛି । ଆହତମାନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଟାଟା ମେଡିକା ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ସେମାନଙ୍କ ମଧ୍ୟରୁ ଜଣେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଖାନାରୁ ଡିସଚାର୍ଜ ହୋଇ ଘରକୁ ଫେରିଯାଇ ଥିବାର ଟାଟା ପଦାଧିକାରୀଙ୍କ ଠାରୁ ସୂଚନା ମିଳିଛି । ଟାଟା ମେଡିକାରେ ଚିକିତ୍ସିତ ହେଉଥିବା ଗୁରୁତର ମାନେ ହେଲେ ପାଟନାର ରାହୁଲ କୁମାର, ଜାମସେଦପୁରର ମନୋଜ କୁମାର, ରାଉରକେଲାର ଶ୍ରଦ୍ଧାଞ୍ଜଳି ଭୂୟାଁ, କଲିକତାର ଜୟନ୍ତ ପାଲ, ଜାମସେଦପୁରର ପ୍ରଦିପ କୁମାର ଓଝା, ଛତିଶଗଡ଼ର ରୋହିତ ଯାଦବ, ରାଞ୍ଚିର ଲୋକେଶ ରୟ ଓ ପଶ୍ଚିମବଙ୍ଗର ସାଇମନ୍ତ ବାଗଦି । ହେଲେ ଏଥି ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି । ଏହି ଦୁର୍ଘଟଣା ଅତ୍ୟନ୍ତ ଭୟଙ୍କର ଥିଲା । କାରଣ ଏଥି ଯୋଗୁଁ କାରଖାନାର ବ୍ୟାପକ କ୍ଷୟକ୍ଷତି ଘଟିଛି । ଏ ସମ୍ପର୍କରେ ଟାଟାଷ୍ଟିଲ ପଦାଧିକାରୀ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି, ଟାଟା କମ୍ପାନୀ ପକ୍ଷରୁ ଅଭିଜ୍ଞ ଡାକ୍ତରୀ ଦଳ ଆହତ ବ୍ୟକ୍ତିମାନଙ୍କ ଚିକିତ୍ସା କରୁଛନ୍ତି ଏବଂ ସମସ୍ତେ ବର୍ତ୍ତମାନ ବିପଦମୁକ୍ତ ଅଛନ୍ତି । ସେମାନଙ୍କୁ ଉତ୍ତମ ଚିକିତ୍ସା ସୁବିଧା ପ୍ରଦାନ କରିବାକୁ ଟାଟାଷ୍ଟିଲ ପ୍ରତିଶ୍ରୁତି ବଦ୍ଧ ଏବଂ ସେମାନଙ୍କର ଆଶୁ ଆରୋଗ୍ୟ ସୁନିଶ୍ଚିତ କରିବା ପାଇଁ ସମସ୍ତ ଆବଶ୍ୟକ ପ୍ରୟାସ କରାଯାଉଛି । ଘଟଣା ସମ୍ପର୍କରେ ବିଭାଗୀୟ ସରକାରୀ ଅଧିକାରୀ ଓ ଆହତଙ୍କ ପରିବାର ଲୋକଙ୍କୁ ଅବଗତ କରାଯାଇଛି । ଘଟଣାସ୍ଥଳକୁ ବ୍ୟାରିକେଡ୍ କରାଯାଇ ଆଭ୍ୟନ୍ତରୀଣ ତଦନ୍ତ ଜାରି ରହିଛି । ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ନିଆଯାଇଛି । ତେବେ କେଉଁ କାରଣରୁ ଏଭଳି ଦୁର୍ଘଟଣା ଘଟିଲା ତାହାର କାରଣ ଏଯାବତ ଅସ୍ପଷ୍ଟ ରହିଛି ଟାଟାଷ୍ଟିଲ ପଦାଧିକାରୀଙ୍କ ପକ୍ଷରୁ ଜଣାପଡିଛି ।

## ଜାତୀୟ ନାଟ୍ୟ ମହୋତ୍ସବ କ୍ୟାନଫେଷ୍ଟ-୨୦୨୫

### ଚତୁର୍ଥ ସଂନ୍ଧ୍ୟାରେ ମଞ୍ଚସ୍ଥ ହେଲା 'ଦି ବୋଟ ବଏ' ଓ 'ସାନ-୨୦୨୫'




ପାରାଦୀପ, (ଭାସ୍କର ନ୍ୟୁଜ୍): ଜାତୀୟ ନାଟ୍ୟ ମହୋତ୍ସବ କ୍ୟାନଫେଷ୍ଟ-୨୦୨୫ ବନ୍ଦର ସହର ପାରାଦୀପର ଜୟଦେବ ସଦନ, ଇଫକୋର ସଂସ୍କୃତି ଭବନ ଏବଂ ଆଇଓସିଏଲ ପାରାଦୀପ ରିଫାଇନେରୀର ଉତ୍ସବ ଅଡିଟୋରିୟମ ତିନୋଟି ସ୍ଥାନରେ ସଫଳତାର ସହ ଆଗେଇଚାଲିଛି । ମାର୍ଚ୍ଚ ୧୯ ତାରିଖରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବର ବିଭିନ୍ନ ସନ୍ଧ୍ୟାରେ ବିଭିନ୍ନ ରାଜ୍ୟର ପ୍ରତିଷ୍ଠିତ ନାଟ୍ୟାନୁଷ୍ଠାନ ଓ କଳାକାରମାନଙ୍କ ଦ୍ୱାରା ପ୍ରଦର୍ଶିତ ନାଟକ ଓ ଅଭିନୟ ଦର୍ଶକମାନଙ୍କୁ ବେଶ୍ ଆକର୍ଷିତ କରୁଥିବାର ଦେଖିବାକୁ ମିଳିଥିଲା । ତେବେ ଚତୁର୍ଥ ସନ୍ଧ୍ୟାରେ ଜୟଦେବ ସଦନ ଠାରେ କେରଳର 'ଲୋକଧର୍ମୀ' ନାଟ୍ୟ ସଂସ୍ଥା ଦ୍ୱାରା ମଞ୍ଚସ୍ଥ ଓ ଡ. ଚନ୍ଦ୍ରଦସନଙ୍କ ଦ୍ୱାରା ନିର୍ଦ୍ଦେଶିତ ମାଲୟାଲମ ଭାଷୀ ନାଟକ 'ଦି ବୋଟ ବଏ' ସମସ୍ତଙ୍କ ହୃଦୟ ସ୍ପର୍ଶ କରିଥିଲା । ଏହି ନାଟକଟି ଓଡ଼ିଶାର ପ୍ରସିଦ୍ଧ ସ୍ୱାଧୀନତା ସଂଗ୍ରାମୀ ବାଜି ରାଉତଙ୍କ ଉପରେ ଆଧାରିତ ଥିଲା । ସେହିପରି ଶନିବାର ଦିନ ଚତୁର୍ଥ ସନ୍ଧ୍ୟାରେ ଇଫ୍‌କୋ ସଂସ୍କୃତି ଭବନ ଠାରେ ମଧ୍ୟପ୍ରଦେଶର ରଙ୍ଗସାଧକ ଥିଏଟର ଗ୍ରୁପ ଦ୍ୱାରା ମନୋଜ କୁମାର ସୋନିଙ୍କ ନିର୍ଦ୍ଦେଶିତ ହିନ୍ଦି ନାଟକ 'ସାନ-୨୦୨୫' ପ୍ରଦର୍ଶିତ ହୋଇଥିଲା । ଏହି ମହୋତ୍ସବକୁ କ୍ୟାନମାସର ସମ୍ପାଦକ ଶ୍ରୀମନ ନାରାୟଣ ମିଶ୍ର ପରିଚାଳନା କରୁଥିବା ବେଳେ ସମସ୍ତ କର୍ମକର୍ତ୍ତା ଓ ସଭ୍ୟସଭ୍ୟା ଏଥିରେ ସକ୍ରିୟ ସହଯୋଗ କରୁଛନ୍ତି । ପ୍ରତ୍ୟେକ ସନ୍ଧ୍ୟାରେ ଏହି ନାଟକ ମହୋତ୍ସବରେ ପ୍ରବଳ ଜନସମାଗମ ଦେଖିବାକୁ ମିଳୁଛି ଏବଂ ଆଠଦିନ ବ୍ୟାପି ଏହି ମହୋତ୍ସବ ଆସନ୍ତା ମାର୍ଚ୍ଚ ୨୬ ତାରିଖରେ ଉଦ୍‌ଯାପିତ ହେବ ।

## ମହାବାରୁଣୀ ସ୍ନାନ ନିମନ୍ତେ ପ୍ରସ୍ତୁତି ବୈଠକ

ଆସିକା, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଆସିକା ଏବଂ ବରଗାଁରେ ଆସନ୍ତା ଗୁରୁବାର ଦିନ ହେବାକୁ ଥିବା ପବିତ୍ର ମହାବାରୁଣୀ ସ୍ନାନ ନିମନ୍ତେ ଭକ୍ତମାନଙ୍କ ଶାନ୍ତି ଶୃଙ୍ଖଳା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଥାନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୬ ତାରିଖ ଗୁରୁବାରରେ ଅନୁଷ୍ଠିତ ହେବାକୁ ଥିବା ଋଷିକୂଲ୍ୟା ଓ ବଡ଼ ନଦୀର ସଙ୍ଗମ ସ୍ଥଳର ଦୁଇଗୋଟି ସ୍ଥାନରେ ହେବାକୁ ଥିବା ମହାବାରୁଣୀ ସ୍ନାନ ଅବସରରେ ହଜାର ହଜାର ଲୋକ ଉପସ୍ଥିତ ରହି ପିତୃପୁରୁଷଙ୍କ ପିଣ୍ଡ ଦାନ, ଅସ୍ଥି ବିସର୍ଜନ, ଏବଂ ସଙ୍ଗମ ସ୍ଥାନରେ ସାନ୍ନ ନିମନ୍ତେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ତହସିଲଦାର ସଂଗୀତା ସେଣ, ଆସିକା ବିଡ଼ିଓ ଲିପନା ଦାସ କୋଟିନାଡ଼ା ଥାନା ଅଧିକାରୀ ଦାମୋଦର ବିହାରୀ, ଆସିକା ଥାନା ଭାରପ୍ରାପ୍ତ ଥାନା ଅଧିକାରୀ ଅମ୍ବିକା ବେଣିଆ ପ୍ରମୁଖ ଉପସ୍ଥିତ ରହି ବାରୁଣୀ ସମୟରେ ଭକ୍ତମାନଙ୍କ ପାଇଁ ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା, ଟ୍ରାଫିକ ସମସ୍ୟା, ଆଲୋକୀକରଣ ବ୍ୟବସ୍ଥା, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ପାର୍କିଙ୍ଗ, ଯାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ଉପରେ ବିଷଦ ଭାବେ ଆଲୋଚନା ହୋଇଥିଲା । ଋଷିକୂଲ୍ୟା ଓ ବଡ଼ ନଦୀରେ ବର୍ତ୍ତମାନ ଶୁଖିଲା ପଡିଛି । ଏଥିରେ ପାଣି ଛାଡନଗଲେ ବାରୁଣୀ ବୁଡ ହେବା ସମ୍ଭବପର ହେବନାହିଁ । ତେଣୁ ଜଳ ସମ୍ପଦ ବିଭାଗ ଉପରମୁଣ୍ଡରୁ ଜଳ ଛାଡିବାକୁ ଅନୁରୋଧ କରାଗଲା । ଏହି ବୈଠକରେ ଆଇନଜୀବୀ ଅନିଲ କୁମାର ପାଣିଗ୍ରାହୀ, ଆଇନଜୀବୀ ସନ୍ତୋଷ କୁମାର ପାଣିଗ୍ରାହୀ, ଯୁବ ବ୍ୟବସାୟ ନିଗମାନନ୍ଦ ମହାନ୍ତି, କାଉନସିଲର, ବିଦ୍ୟୁତ ବିଭାଗର ସହକାରୀ ଯନ୍ତ୍ରୀ ଆଦିତ୍ୟ ଦାସ, କନିଷ୍ଠ ଯନ୍ତ୍ରୀ ରାଜେଶ କୁମାର ପାତ୍ର, ସାମ୍ବାଦିକ କମଳେନ୍ଦୁ ହୋତା, ସମେତ ପୂର୍ତ୍ତ, ଅଗ୍ନିଶମ, ସ୍ୱାସ୍ଥ୍ୟ, ଏନଏସି, ଗ୍ରାମ କମିଟି ସଦସ୍ୟ, ଗ୍ରାମ୍ୟ ଜଳ ପରିମଳ ବିଭାଗ, ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ ।

## ଡ.ଦାମୋଦର ରାଉତଙ୍କ ଶ୍ରାଦ୍ଧୋତ୍ସବ ପାଳିତ

ପାରାଦୀପ, (ଭାସ୍କର ନ୍ୟୁଜ୍): ପୂର୍ବତନ ମନ୍ତ୍ରୀ ତଥା ପାରାଦୀପର ଅଦ୍ୱିତୀୟ ନେତା ଡ. ଦାମୋଦର ରାଉତଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବ ଶୁକ୍ରବାର ଦିନ ପାରାଦୀପ ସ୍ଥିତ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଜୁ ମେମୋରିଆଲ୍ ଟ୍ରଷ୍ଟ ଉପସଭାପତି କୁମରବର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିସଭାରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସବିତା ମହାପାତ୍ରଙ୍କ ସମେତ ବିଜେଡି ନେତା ଚିତ୍ତରଞ୍ଜନ ରାଉତରାୟ, ମାନସ ବିଶ୍ୱାଳ, ଦୀପକ ବେହେରା, ମନୋଜ ନାୟକ ପ୍ରମୁଖ ଅଂଶଗ୍ରହଣ କରି ଡ. ରାଉତଙ୍କ ସ୍ମୃତିଚାରଣ କରିଥିଲେ । ସୂଚନା ଥାଉକି ମାର୍ଚ୍ଚ ୨୧ତାରିଖରେ ଡ. ରାଉତଙ୍କ ଦେହାନ୍ତ ହୋଇଥିଲା । ତେବେ ଏହି ଦିନରେ ତାଙ୍କୁ ଭକ୍ତିପୂତ ସ୍ମରଣ କରିବା ପାଇଁ ପ୍ରଥମ ଶ୍ରାଦ୍ଧୋତ୍ସବ ପାଳନ କରାଯାଇଛି ବୋଲି ନାୟକ କହିଛନ୍ତି । ସୂଚନା ଥାଉକି ଡ. ରାଉତ ବିଜୁ ମେମୋରିଆଲ ଟ୍ରଷ୍ଟର ସ୍ରଷ୍ଟା ଏବଂ ସଭାପତି ଭାବେ ରହିଥିଲେ ।

## ମାଛ ଧରା ଟ୍ରଲର ଜବତ, ୨୧ ମତ୍ସ୍ୟଜୀବୀ ଗିରଫ







ରାଜନଗର, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବନଖଣ୍ଡ ଅଧିନସ୍ଥ ଗହିରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେନୀୟମ ଭାବେ ମାଛ ମାରୁଥିବା ଟ୍ରଲର ମାନଙ୍କର ନିତିଦିନିଆ ଘଟଣାରେ ପରିଣତ ହୋଇଗଲାଣି । ଏଥିପାଇଁ ଫରେଷ୍ଟ ବିଭାଗର କୋହଳ ନୀୟମର କାର୍ଯ୍ୟାନୁଷ୍ଠାନକୁ ଖାତିରି ନାହିଁ କି ଅଲିଭ ରିଡ଼ଲେ କଇଁଛର ସୁରକ୍ଷାକୁ ଚିନ୍ତା ନାହିଁ । ଏଥିରେ ରାତିଦିନ ଏକକରି ଜୀବନ ସହିତ ବାଜି ଲଗାଇ ମାଛମରା ଦଲାଲଙ୍କ ଗୁଳି ଚାଳନାକୁ ଖାତିରି ନ କରି ବନ କର୍ମଚାରୀମାନେ ଦିନେ ଛଡ଼ା ଦିନେ ସାମୁଦ୍ରିକ ଗହିରମଥାରେ ବେନୀୟମ ଶହଶହ ମାଛମରା ଟ୍ରଲର ଜବତ କରି ମତ୍ସ୍ୟଜୀବୀଙ୍କୁ ଗିରଫ କରିବାରେ ସଫଳତା ହାସଲ କରୁଛନ୍ତି । ଏଠାରେ ପ୍ରଶ୍ନଉଠୁଛି ଏତେ କଟକଣା ପରେ ମଧ୍ୟ ବେନିୟମ ମାଛ ମରା ଟ୍ରଲର ସମୁଦ୍ରକୁ ପସିବାବେଳେ ମୁଖଶାଳାରେ ତଦନ୍ତ ପ୍ରକ୍ରୀୟା ନାହିଁ କି ? ନା ଏଥିପାଇଁ କିଛି ଗଳାବାଟ ସୃଷ୍ଟି ହୋଇଛି କି ଯାହାଫଳରେ ବାରମ୍ବାର ଏପରି ଘଟିବାରେ ଲାଗିଛି । ଶୁଣିବାକୁ ମିଳୁଛି ଡିଏଫଓଙ୍କ ଅଫିସରେ ଥିବା ଜଣେ ଏସିଏଫଙ୍କ ସମ୍ପର୍କିୟ ବେନିୟମ ଭାବେ ଟ୍ରଲରରେ ମାଛ ମାରିବା ଏବଂ ଅନ୍ୟମାନଙ୍କୁ ମାଛମାରିବା ସୁଯୋଗ ଦେଇ ଡିଏଫଓ, ରେଞ୍ଜରଙ୍କ ଦାୟିତ୍ୱ ନେଇଥିବା ଚର୍ଚ୍ଚା ବେନିୟମ ମାଛ ମରାରୁ ବଞ୍ଚିତ ଥିବା ମତ୍ସ୍ୟଜୀବୀଙ୍କ ଠାରୁ ଶୁଣିବାକୁ ମିଳୁଛି । ଯଦି ବିଭାଗୀୟ ଅଧୀକାରୀ ଓ କର୍ମଚାରୀଙ୍କର ସମ୍ପୃକ୍ତି ନାହିଁ, ତେବେ ବାରମ୍ବାର ଏପରି ଘଟୁଥିଲେ ବି ନାମକୁ ମାତ୍ର ଗିରଫ ହୋଇ ସହଜରେ ଖସି ଆସି ପୁନଶ୍ଚ ସାମ୍ରାଜ୍ୟ ବିସ୍ତାର କରୁଛନ୍ତି କିପରି ? ତାଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହୋଇପାରୁ ନଥିବା ଅଭିଯୋଗ ହେଉଛି । ହେଲେ କେନ୍ଦ୍ରାପଡା ଜିଲ୍ଲା ରାଜନଗର ବନଖଣ୍ଡ ଅଧୀନସ୍ଥ ଗହିରମଥା ରେଞ୍ଜରେ ଗୁରୁବାର ଓ ଶନିବାର ଦୁଇଦିନରେ ସାମୁଦ୍ରୀକ ଗହିରମଥା ଅଭୟାରଣ୍ୟରେ କେନ୍ଦ୍ରାପଡା ଜିଲ୍ଲାର ସ୍ଥାନୀୟ ତାଳଚୁଆ ମେରାଇନ ଥାନା ଅଞ୍ଚଳର ମତ୍ସ୍ୟଜୀବୀମାନେ 'ଗାୟତ୍ରୀ' ନାମକ ଟ୍ରଲରରେ ୧୩ଜଣ ମତ୍ସ୍ୟଜୀବୀ ଓ 'ଆଲୋକ ଜ୍ୟୋତି' ନାମକ ଟ୍ରଲରରେ ବେନିୟମ ଭାବେ ସାମୁଦ୍ରୀକ ଅଭୟାରଣ୍ୟରୁ ମାଛ ମାରୁଥିଲେ । ଏକୋକୂଳା ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ବନ କର୍ମଚାରୀ ଟିମ ଏହି ଟ୍ରଲର ଦ୍ୱୟ ସହ ବହୁ ବ୍ୟବହୃତ ସରଞ୍ଜାମ ଜବତ କରି ଦୁଇଟି ଟ୍ରଲରର ୨୧ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଏସିଏଫ ତଥା ଗହିରମଥା ରେଞ୍ଜ ଦାୟିତ୍ୱରେ ଥିବା ମାନସ ରଞ୍ଜନ ଦାସ ସୂଚନା ଦେଇଛନ୍ତି ।

## ହାଇୱା ଧକ୍କାରେ ଯୁବକ ଗୁରୁତର

ଗୋପ, (ଭାସ୍କର ନ୍ୟୁଜ୍): ବୁଧବାର ରାତ୍ରିରେ ଏକ ବାଲି ବୋଝେଇ ହାଇୱା ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି । ଯୁବକ ଜଣକ ହେଉଛନ୍ତି ଗୋପ ଥାନା ଅଧିନ ବୀରତୁଙ୍ଗ ଗ୍ରାମର ହୃଦାନନ୍ଦ ମହାରଣାଙ୍କ ପୁଅ ବିଚିତ୍ରାନନ୍ଦ ମହାରଣା । ଏନେଇ ହୃଦାନନ୍ଦ ଲିଖିତ ଅଭିଯୋଗ କରିବା ପରେ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ହାଇୱାକୁ ଜବତ କରି ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀ ସବ- ଇନ୍ସପେକ୍ଟର ବୁଦ୍ଧରାମ ମାଝି କହିଛନ୍ତି । ଅଭିଯୋଗ ମୁତାବକ ବିଚିତ୍ର କୌଣସି କାର୍ଯ୍ୟରେ ବେଗୁନିଆ ଛକ ଆସି ଘରକୁ ଫେରୁଥିବା ସମୟରେ ବେଗୁନିଆ ଛକ ଅଭିମୁଖେ ଆସୁଥିବା ଏକ ହାଇୱା ବୀରତୁଙ୍ଗ ପଂଚାୟତ ଅଫିସ ନିକଟରେ ବିଚିତ୍ରଙ୍କୁ ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଗୋପ ଡାକ୍ତରଖାନା ଆଣିଥିବା ବେଳେ ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଖବରପାଇ ସବ୍ ଇନ୍ସପେକ୍ଟର ବୁଦ୍ଧରାମ ମାଝୀ ଘଟଣାସ୍ଥଳରେ ପହଁଚି ହାଇୱାକୁ ଜବତ କରିଛନ୍ତି ।

## 'କାପୁଡ଼ିଆ ସମାଜ'ର ବନ୍ଧୁମିଳନ




ଭୁବନ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ଭୁବନ 'କାପୁଡ଼ିଆ ସମାଜ' ତରଫରୁ ବନ୍ଧୁମିଳନ (ମହାମିଳନ)ପର୍ବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବୁଦ୍ଧେଶ୍ୱରଙ୍କ ମନ୍ଦିର ପରିସରରେ ଭୁବନ ସଭାପତି ରାମଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତା ଓ ନିରଞ୍ଜନ ଗୁରୁଙ୍କ ସଂଯୋଜନାରେ ଆୟୋଜିତ ଏହି ପର୍ବରେ କାପୁଡ଼ିଆ ସମାଜର ରାଜ୍ୟ ସଭାପତି ନବକିଶୋର ଗୁରୁ ମୂଖ୍ୟ ଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିବା ବେଳେ ରାଜ୍ୟ ଉପସଭାପତି ସନାତନ ପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ଭାସ୍କର ନାୟକ, ରାଜ୍ୟ ସଂଗଠନ ସମ୍ପାଦକ ଦିଲୀପ କୁମାର ଦାସ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । 'ଜାତିର ଉନ୍ନତିରେ ସମାଜର ଉନ୍ନତି ହୁଏ' ଏହି ବାର୍ତ୍ତାକୁ ନେଇ କାପୁଡ଼ିଆ ସମାଜ ଆଗେଇ ଆସିବା ସହିତ ଏକ ସୁସ୍ଥ ସମାଜ ଗଠନ ପାଇଁ ଢେଙ୍କାନାଳ ଜିଲ୍ଲାର ଭୁବନ କାପୁଡ଼ିଆ ଯୁବକ ସଂଘ ତରଫରୁ ରାଜ୍ୟର କୋଣ ଅନୁକୋଣରେ ଥିବା କାପୁଡ଼ିଆ ସମାଜର ଲୋକମାନଙ୍କୁ ଏକତ୍ରିତ କରିବାରେ ସକ୍ଷମ ହୋଇପାରିଛି । ଏହି ଅବସରରେ କାପୁଡ଼ିଆ ସମାଜର ସମସ୍ତ ବୟୋଜ୍ୟେଷ୍ଠ ବ୍ୟକ୍ତି, ସମାଜରେ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରଯାଇଥିଲା । କାପୁଡ଼ିଆ ସମାଜ ଧର୍ମଶାଳା ନିର୍ମାଣ ପାଇଁ ନୂତନ ଜାଗା ଚିହ୍ନଟ ସହିତ ଧର୍ମଶାଳା ପାଇଁ ଜମି ଦାନ କରିଥିବା ଭାଗବତ ପୋଥାଳ, ରାଜକିଶୋର ପୋଥାଳ, ଧନେଶ୍ୱର ପୋଥାଳଙ୍କୁ ସମ୍ବର୍ଦ୍ଧିତ କରିବା ସହିତ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ଏହି ମହାମିଳନ ପର୍ବରେ ଜିଲ୍ଲା ଉପସଭାପତି ସୁରେନ୍ଦ୍ର ପୋଥାଳ, ରାଜ୍ୟ ଉପସଭାପତି ଖଗେଶ୍ୱର ନାୟକ, ଭୁବନ ସମ୍ପାଦକ ବିଦ୍ୟାଧର ବିହାରୀ, ଜିଲ୍ଲା କାର୍ଯ୍ୟକାରିଣୀ ଶ୍ରୀମତୀ ବିଳାସିନୀ ପୃଷ୍ଟି, ଲଳିତା ନାୟକ, ଜୟନ୍ତୀ ପୃଷ୍ଟି ଯୋଗ ଦେଇଥିଲେ । ସେହିପରି ଭୁବନ କାପୁଡିଆ ଯୁବକ ସଂଘର କର୍ମକର୍ତ୍ତା ଲକ୍ଷ୍ମଣ ଦାସ, ପ୍ରମୋଦ ଗୁରୁ, ଦେବେନ୍ଦ୍ର ପୃଷ୍ଟି, ନାରାୟଣ ନାୟକ, ଦେବାନନ୍ଦ ସାହୁ, ଅମ୍ବୁଜ ସାହୁ, ସୁଶାନ୍ତ ପୃଷ୍ଟି, ସନ୍ତୋଷ ବିହାରୀ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ । ଦିଲ୍ଲୀପ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିପିନ ବିହାରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ତିନିଶହରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗ ଦେଇଥିଲେ ।

## ସ୍ୱୟଂ ସହାୟକ ଗୋଷ୍ଠୀ ନାମରେ ଚାଲିଛି ଡିଲରସିପ୍

ଗୋପ, (ଭାସ୍କର ନ୍ୟୁଜ୍): ଗୋପ ବ୍ଲକରେ ଏବେ ଚାଲିଛି ଏକ ବିଚିତ୍ର ସ୍ଥିତି । ସରକାର ସ୍ୱୟଂ ସହାୟକ ଗୋଷ୍ଠିକୁ ସ୍ୱତନ୍ତ୍ର ଭାବେ ଅନୁଦାନ ଦେଇଚାଲିଛନ୍ତି ଯେପରି ମହିଳା ମାନେ କାହା ଉପରେ ନିର୍ଭର ନକରି ନିଜ ପରିଶ୍ରମରେ ଦୁଇଟଙ୍କା ରୋଜଗାର କରିବେ । ଯଦ୍ଦ୍ୱାରା ମହିଳାମାନେ ଆତ୍ମନିର୍ଭରଶୀଳ ହୋଇପାରିବେ । ଯୋଗାଣ ବିଭାଗରେ ମଧ୍ୟ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସ୍ୱତନ୍ତ୍ର ଭାବେ ରାସନ୍ ବଣ୍ଟନ ଦାୟିତ୍ୱ ଦିଆଯାଇଛି । କିନ୍ତୁ ଗୋପ ବ୍ଲକରେ ଏହାର ଓଲଟା ଦୃଶ୍ୟ ଦେଖିବାକୁ ମିଳିଛି । ସ୍ୱୟଂସହାୟକ ଗୋଷ୍ଠୀ ନାମରେ ଡିଲରସିପ୍ ଆଣି କିଛି ଦଲାଲ ମାନେ ନିଜ ଅକ୍ତିଆରରେ ରଖି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି । ଯଦି କୌଣସି ପ୍ରକାର ଦୁର୍ନୀତି ହେଲା ସମ୍ପୃକ୍ତ ଦଲାଲ ଜଣକ ଆରାମରେ ଖସିଯିବ କିନ୍ତୁ ଫସିଯିବେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟମାନେ । ସରକାରଙ୍କ ଉଦ୍ଦେଶ୍ୟକୁ ଧୂଳିସାତ୍ କରୁଛନ୍ତି ଯୋଗାଣ ବିଭାଗର ତଥାକଥିତ ଦଲାଲ ଡିଲରମାନେ । ନାଁ ସ୍ୱୟଂ ସହାୟକ ଗୋଷ୍ଠୀର କିନ୍ତୁ ଭରପୁର ଫାଇଦା ଉଠାଉଛନ୍ତି ଏହି ଦଲାଲମାନେ । ଗୋପ ବ୍ଲକ ଯୋଗାଣ ବିଭାଗରେ କୌଣସି ଦିନ ସ୍ୱୟଂ ସହାୟକ ଗୋଷ୍ଠିର ମହିଳାମାନେ କାଗଜପତ୍ର କରିବାକୁ କେହି ଦେଖିନାହାନ୍ତି କିମ୍ବା ସେମାନଙ୍କ ଦ୍ୱାରା କୌଣସି କାର୍ଯ୍ୟ କାର୍ଯ୍ୟାଳୟରେ ହେଉନାହିଁ । ସମସ୍ତ କାର୍ଯ୍ୟ ଏହି ଦଲାଲଙ୍କ ଦ୍ୱାରା କରାଯାଉଛି । ସରକାରଙ୍କ ଆଖିରେ ଧୂଳି ଦେଇ ଏହି ଦଲଲା ମାନେ ଯୋଗାଣ ବିଭାଗର ମୂଖ୍ୟ ଉଦ୍ଦେଶ୍ୟକୁ ନଷ୍ଟ କରୁଛନ୍ତି । ଯୋଗାଣ ବିଭାଗର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ଜାଣତରେ ଏହି କାର୍ଯ୍ୟ ଚାଲୁଥିବା ବେଳେ ମହିଳା ସଶକ୍ତିକରଣ କ୍ଷେତ୍ରରେ ଏହି ଦଲାଲ ମାନେ ଏବେ ଅନ୍ତରାୟ ସୃଷ୍ଟି କରିଛନ୍ତି । ଗୋପ ବ୍ଲକ ଅଣ୍ଡରା ଇଚ୍ଛାପୁର ପଂଚାୟତର ଜନୈକ ନିଲମ୍ବିତ ଡିଲର ଏବେ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ନାମରେ ରାସନ୍ ଦେଉଛନ୍ତି । ଉକ୍ତ ଡିଲର ଜଣକ ୪ ବର୍ଷ ତଳେ ଅଣ୍ଡରା ଇଚ୍ଛାପୁର ପଂଚାୟତ ଓ ବେଦପୁର ପଂଚାୟତରେ ରାସନ୍ ସାମଗ୍ରୀ ହଡପ କରିଥିଲେ ଯଦ୍ଦ୍ୱାରା ଉପଜିଲ୍ଲାପାଳ ତାଙ୍କୁ ନିଲମ୍ବିତ କରିବା ସହିତ ସେ କିମ୍ବା ତାଙ୍କର ପରିବାରର ସଦସ୍ୟ ଯୋଗାଣ ବିଭାଗ ସହିତ କୌଣସି ସମ୍ପୃକ୍ତି ରହିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା । ମାତ୍ର ସମ୍ପୃକ୍ତ ନିଲମ୍ବିତ ଡିଲର ଜଣକ ନିଜ ଘରେ ଡିଲର ସାମଗ୍ରୀ ମହଜୁଦ ରଖିବା ସହିତ ରାସନ୍ ସାମଗ୍ରୀ ବଣ୍ଟନ କରୁଛନ୍ତି । ଏହି ନିଲମ୍ବିତ ଡିଲର ଜଣକ ଏବେ ଗୋପ ବ୍ଲକ ଯୋଗାଣ ବିଭାଗରେ ଡେରା ପକାଇ ପୁନଃ ପଂଚାୟତରେ ଅନ୍ୟ ହିତାଧିକାରୀଙ୍କୁ ରାସନ୍ ଯୋଗାଇବା ନିମନ୍ତେ ରାଜନୈତିକ ସ୍ତରରେ ଚାପ ସୃଷ୍ଟି କରୁଛି । ଏ ନେଇ ଗୋପ ବ୍ଲକ ଦୁର୍ନୀତି ନିବାରଣ ମଂଚର ଆବାହକ ଗଙ୍ଗାଧର ପାଇକରାୟ କହିଛନ୍ତି ଯେ ଉକ୍ତ ଡିଲରଜଣକ ଦୁଇଟି ପଞ୍ଚାୟତରେ ରାସନ୍ ସାମଗ୍ରୀ ହେରାଫେରି କରି ନିଲମ୍ବିତ ହୋଇଥିଲେ ଏବେ ପୁନଃ ସ୍ୱୟଂ ସହାୟକ ଗୋଷ୍ଠୀ ନାମରେ ମଧ୍ୟ ରାସନ୍ ଉଠାଇ ସାମଗ୍ରୀ ବଣ୍ଟନ କରୁଛନ୍ତି । ଆଗାମୀ ଦିନରେ ସେ ନିଶ୍ଚିତ ଭାବେ ହେରାଫେରି କରିବେ ଏବଂ ଏଥିରେ କେବଳ ନିରୀହ ମହିଳାମାନେ ଦଣ୍ଡିତ ହେବେ । ଯେହେତୁ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଭ୍ରୂକ୍ଷେପ ନକରି ନିଲମ୍ବିତ ଡିଲର ଜଣକ ପୁନଃ ରାସନ୍ ସାମଗ୍ରୀ ବଣ୍ଟନ କରୁଛନ୍ତି ତେଣୁ ତୁରନ୍ତ ଉପଜିଲ୍ଲାପାଳ ଉକ୍ତ ନିଲମ୍ବିତ ଡିଲରଙ୍କ ବିରୋଧରେ ଆଇନାନୁଯାୟୀ ଏତଲା ଦେବା ସହିତ ଗିରଫ କରାଯିବାକୁ ଦାବୀ ହୋଇଛି । ଏନେଇ ଗୋପ ବ୍ଲକ ଯୋଗାଣ ନୀରିକ୍ଷିକା ରଚିତା ପଣ୍ଡା କହିଛନ୍ତି ଯେ ମୋ ପାଖରେ ଉକ୍ତ ନିଲମ୍ବିତ ଡିଲରଙ୍କ ସମ୍ପର୍କରେ କୌଣସି ତଥ୍ୟ ନାହିଁ ଯଦି କୌଣସି ଅଭିଯୋଗ ଆସେ ତେବେ ତଦନ୍ତ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ରାଜସ୍ୱ ଫାଙ୍କୁଛନ୍ତି ଗୃହ ନିର୍ମାଣକାରୀ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡା ବିଜ୍ଞାପିତ ଅଂଚଳ ପରିଷଦରେ ବେଆଇନ୍ କୋଠାଘର ଗଢ଼ି ଉଠୁଥିବା ବେଳେ ଅନେକ ବ୍ୟକ୍ତି ପରିଷଦ ଠାରୁ ଆଦେଶ ନ ନେଇ କୋଠାଘର ନିର୍ମାଣ କରିଛନ୍ତି ଓ ନିର୍ମାଣ ଚଲାଇଛନ୍ତି । ବାରମ୍ବାର ଏହି ଘଟଣା ଉପରେ ଗଣମାଧ୍ୟମରେ ଖବର ପ୍ରସାରଣ ହେଉଥିଲେ ମଧ୍ୟ ଏଥିପ୍ରତି ପୌର ଅଧିକାରୀ ଦୃଷ୍ଟି ନଦେବା ଏକ ପରିତାପର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଯାହାଦ୍ୱାରା ସରକାରଙ୍କର କୋଟି କୋଟି ଟଙ୍କାର ରାଜସ୍ୱ ହାନୀ ଘଟୁଛି । ଅନେକ ବ୍ୟକ୍ତି ମଧ୍ୟ ସରକାରୀ ପ୍ଲଟ୍‌ରେ କୋଠାଘର ନିର୍ମାଣ କରି ଭଡ଼ାକୁ ଲଗାଉଛନ୍ତି । ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବା ପାଇଁ ଦାବୀ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ପୌର ପରିଷଦ ପାଟପୁର ମୌଜା, ଅଣ୍ଡିଆ, ନୁହାରକିରି, ଭୋବନିପୁର, ନିମାପଡ଼ା ମୌଜାମାନଙ୍କରେ ବେଆଇନ୍ ଜବର ଦଖଲ ବଢ଼ିଥିବାବେଳେ ଅନେକ ବ୍ୟକ୍ତି ପରିଷଦ ଠାରୁ ଆଦେଶ ନନେଇ ଏକ ତାଲାରୁ ପାଞ୍ଚତାଲା ପର୍ଯ୍ୟନ୍ତ କୋଠାଘର ନିର୍ମାଣ କରି ନିଜେ ରହିବା ସହ ଭଡ଼ାରେ ଲଗାଇଛନ୍ତି । ଅନେକ ବ୍ୟକ୍ତି କୋଠାଘର ନିର୍ମାଣ କରି ହଷ୍ଟେଲ ଓ ସ୍କୁଲ, କଲେଜ ପାଇଁ ଭଡ଼ା ଦେଇଥିବା ବେଳେ ପୌର ପରିଷଦ ଠାରୁ ଗୃହ ତୋଳିବା ସମ୍ପର୍କରେ କୌଣସି ଆଦେଶ ନେଉ ନାହାନ୍ତି । ଶହଶହ କୋଟି ଟଙ୍କା ପରିଷଦକୁ ଟିକସ ଫାଙ୍କି ଏପରି କରୁଥିବା ବେଳେ ପରିଷଦ ନୀରବ ରହିବା ପଛରେ କି ଉଦ୍ଦେଶ୍ୟ ରହିଛି ସାଧାରଣରେ ମତ ପ୍ରକାଶ ପାଇଛି । ବିଭିନ୍ନ ସମୟରେ ପ୍ରତିବାଦର ସ୍ୱର ଉଠୁଥିଲେ ମଧ୍ୟ କେତେକ କର୍ମଚାରୀଙ୍କ ପାଇଁ ଏପରି ରାଜସ୍ୱ ହାନୀ ଘଟୁଛି ବୋଲି ଅନେକ ବ୍ୟକ୍ତି ମତ ପ୍ରକାଶ କରିଛନ୍ତି । ପୌର ଅଧିକାରୀ ମଧ୍ୟ କୌଣସି ସମୟରେ କ୍ଷେତ୍ର ପରିଦର୍ଶନ କରୁନାହାନ୍ତି । ଯାହାପାଇଁ ସରକାରଙ୍କର ମାତ୍ରାଧିକ ରାଜସ୍ୱ କ୍ଷତି ଘଟୁଛି । ସରକାରୀ ପ୍ଲଟ୍‌ରେ କିପରି ଭାବରେ ପରିଷଦର ଆଦେଶ ନ ନେଇ କୋଠାଘର ଗଢ଼ିଉଠୁଛି ତାହା ଏକ ପରିତାପର ବିଷୟ ବୋଲି ଲୋକମାନେ ମତ ଦେଇଛନ୍ତି ।

## ନିଶା କବଳରେ କବଳିତ କୋରେଇ ଯୁବପିଢି

କୋରେଇ, (ଭାସ୍କର ନ୍ୟୁଜ୍): କୋରେଇରେ ଦିନକୁଦିନ ବଢ଼ିବାରେ ଲାଗିଛି ଚୋରା, ନକଲି ମଦ କାରବାର । ସରକାରୀ ସ୍ୱୀକୃତିପ୍ରାପ୍ତ ମଦ ଦୋକାନକୁ ଛାଡ଼ିଦେଲେ ଗାଁ ଗଣ୍ଡା ଛକ ବଜାର ଛୋଟ ବଡ଼ ଢାବା ହୋଟେଲ ଓ ପାନ ଦୋକାନ ମିଠା ଦୋକାନ ସବୁଠି ଖୁଲମ୍‌ଖୁଲା ଚାଲିଛି ଚୋରା ମଦ ସହିତ ଧଳା ପାଉଡର କୁ ଗଞ୍ଜେଇ ସିଗାରେଟ କାରବାର । ଗାଁ ଗହଳିର ସାଧାରଣ ଲୋକ ବର୍ତ୍ତମାନ ଚୋରା, ନକଲି ମଦ ପିଇ ମଦ୍ୟପାନ ରେ ଅଭ୍ୟସ୍ତ ହୋଇ ନିଜର ସମସ୍ତ ରୋଜଗାର ପରିବାର ପ୍ରତିପୋଷଣ କରିବା ବଦଳରେ ନିଶା ଖାଇବାରେ ରେ ଖର୍ଚ୍ଚ କରିବା ସହିତ ବିଭିର୍ନ୍ନ ପ୍ରକାର ରୋଗକୁ ନିମନ୍ତ୍ରଣ କରୁଛନ୍ତି । ଯୁବକମନେ ଧଳା ପାଉଡର ଓ ଗଞ୍ଜେଇ ସିଗାରେଟ ନିଶାରେ ପାଗଳ ହୋଇ ଚୋରୀ, ରାହାଜାନି ଭଳି ଅପରାଧ କରିବାକୁ ପଛାଉ ନାହାଁନ୍ତି । ଯାହାଫଳରେ ନିଜ ପରିବାର ସମେତ ଗାଁ' ଛକବଜାର ଓ ଅନେକ ପରିବାରରେ ବିଶୃଙ୍ଖଳା ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି । ସରକାରୀ ନିୟମ ଅନୁସାରେ ସରକାରୀ ସ୍ୱୀକୃତିପ୍ରାପ୍ତ ଦୋକାନକୁ ଛାଡ଼ିଦେଲେ ଅନ୍ୟକୌଣସି ଜାଗାରେ ମଦ ବିକ୍ରୟ ସମ୍ପୂର୍ଣ୍ଣ ନିଷେଧ ଥିବାବେଳେ କୋରେଇରେ ପ୍ରତି ଗାଁର ଛକ ମାନଙ୍କରେ ନିଶାର ଅବାଧ କାରବାର ହେଉଥିବା ଅଭିଯୋଗ ହେଉଛି । ଅନ୍ୟପଟେ ସରକାରୀ ମଦ ଦୋକନ ଗୁଡ଼ିକ ବିଭିର୍ନ୍ନ ନାମୀ ବ୍ରାଣ୍ଡ ନାମରେ ନକଲି ମଦକୁ କୋରେଇ ଗାଁ ଗହଳି ର ଛୋଟ ଛୋଟ ବଜାରର ହୋଟେଲ, ଢ଼ାବା ଓ କେତକ ଯୁବକ ମାନଙ୍କୁ ଏଜେଣ୍ଟ କରି ବ୍ୟବସାୟ ବୃଦ୍ଧି କରିଚାଲିଛନ୍ତି । କୋରେଇର ଧନେଶ୍ୱର, ପାଣିକୋଇଲି, ସଠିପୁର, ବରୁଣ୍ଡେଇ, ମଥୁରାପୁ, ତାରାକୋଟ, ବେଲଟିକିରି, ଗୌରପୁର, ପୂର୍ବକୋଟ, ରଗଡ଼ି, ତୁଳତି,ବ୍ୟାସନଗର, ଶଙ୍ଖଚିଲା ଭଳି ପ୍ରମୁଖ ସ୍ଥାନରେ ଥିବା ହୋଟେଲ, ଢାବା, ପାନ ଦୋକାନରେ ବହୁଳ ଭାବରେ ନିଶା ଜିନିଷ ବିକ୍ରି ହେଉଥିବା ଅଭିଯୋଗ ହେଉଛି ।ସେହିପରି ବ୍ୟାସନଗର, ପାଣିକୋଇଲି ବିଭିନ୍ନ ପାନ ଦୋକାନ ମାନଙ୍କରେ ଧଳା ପାଉଡର,ଗଞ୍ଜେଇ ସିଗାରେଟର ମଜା ନେବା ପାଇଁ ଯୁବ ପିଢ଼ି ପାଗଳ ହେଉଛନ୍ତିବିଶେଷ କରି ରଣପୁର ପଞ୍ଚାୟତ ବେଲଟିକିରି ଛକର ଭଗବାନ, କନ୍ତୋର ପଞ୍ଚାୟତର ଗରିବ ଓ ଗୌରପୁର ପଞ୍ଚାୟତର ମୁତା ସାହୁ ନାମକ ବ୍ୟକ୍ତି ଚୋରା ନକଲି ମଦ କାରବାର ବାଦଶାହା ପାଲଟିଥିବା ଶୁଣିବାକୁ ମିଳୁଛି । ସେ କୁଆଡେ ସବୁ ନାମୀ ଦାମୀ ବ୍ରାଣ୍ଡର ନକଲି ମଦ ସାରା କୋରେଇକୁ ଯୋଗାଉଥିବା ଅଭିଯୋଗ ହେଉଛି । ସୂଚନା ଅନୁଯାୟୀ ପ୍ରତିଦିନ ସରକାରୀ ମଦ ଦୋକାନରେ ଯେତିକି ମଦ ବିକ୍ରି ହୁଏ ନାହିଁ ଏହି ପ୍ରମୁଖ ସ୍ଥାନ ମାନଙ୍କରେ ତା ଠାରୁ ଅଧିକ ଚୋରା ନକଲି ମଦ ବିକ୍ରି ହୁଏ, ତାହା ପୁଣି କମ ଦାମରେ । ଶୁଣିବାକୁ ମିଳୁଛିକି ଏହି ଚୋରା ମଦ କାରବାର କରୁଥିବା ବ୍ୟକ୍ତିମାନଙ୍କୁ ଯାଜପୁର ରୋଡ଼ ଅବକାରୀ ବିଭାଗର କୋଉ ପଣ୍ଡା ବାବୁ ଓ ସ୍ଥାନୀୟ ପୋଲିସମାନେ ମାସିକିଆ ବଟି ନେଇ ପରୋକ୍ଷରେ ସହଯୋଗ କରୁଛନ୍ତି । ଅଭିଯୋଗ ହେଉଛିକି କିଛି ଛୋଟ ପୋଲିସ ଓ ସ୍ଥାନୀୟ ରାଜନେତା ମାନଙ୍କ ମାଧ୍ୟମରେ ପ୍ରତିଦିନ ଚୋରା ବେପାରୀ ମାନଙ୍କ ଠାରୁ ବଟି ଆଦାୟ ହୋଇ ତଳୁ ଉପର ପର୍ଯ୍ୟନ୍ତ ଭାଗ ଦିଆ ଯାଉଛି । ସେଥିପାଇଁ ଚୋରା ନକଲି ମଦ କାରବାର ପାଇଁ କୌଣସି ପ୍ରତିବନ୍ଧକ ନଥିବା ଓ ଦୁର୍ନୀତି ଖୋର୍ ଅଧିକାରୀ ମାନେ ଏଥି ପାଇଁ ଦାୟୀ ବୋଲି ଚର୍ଚ୍ଚା ହେଉଛି । ସରକାର ଉପରୁ ସାଧାରଣ ଜନତା ବିଶ୍ୱାସ ହରାଇବା ପୂର୍ବରୁ ଅବକାରୀ ବିଭାଗ, ପୋଲିସର ଉଚ୍ଚ କର୍ତ୍ତୃପକ୍ଷ ବିଶେଷକରି ଯାଜପୁର ଜିଲ୍ଲାପାଳ କୋରେଇ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇ ଚୋରା ନକଲି ମଦ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବାପାଇଁ ଅଞ୍ଚଳ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

## ଟ୍ରକ ସହ ୪ କ୍ୱିଣ୍ଟାଲ ଲୁହା ସ୍କ୍ରାପ ଜବତ

ବଡ଼ଚଣା, (ଭାସ୍କର ନ୍ୟୁଜ୍):ଚଣ୍ଡିଖୋଲ ଛକରେ ଥିବା ଏକ କବାଡ଼ିଆ ଦୋକାନରୁ ଏକ ଟ୍ରକ ସହିତ ୪ କ୍ୱିଣ୍ଟାଲ ଚୋରା ଲୁହା ସ୍କ୍ରାପ୍‌କୁ ବଡ଼ଚଣା ଥାନା ପୋଲିସ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ତେବେ ଜବତ ସ୍କ୍ରାପର ମୂଲ୍ୟ ଆନୁମାନିକ ୨ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି । ସୂଚନା ମୁତାବକ ବାହାର ଅଞ୍ଚଳରୁ ଚୋରାରେ ଆସିଥିବା ଲୁହା ସ୍କ୍ରାପ୍‌କୁ ଏହି କବାଡ଼ିଆ ଦୋକାନକୁ ଅଣାଯାଇ ସେସବୁକୁ କଟାଯାଇ ଖଣ୍ଡ ଖଣ୍ଡ କରାଯାଇଥିଲା । ତେବେ ଜବତ ହୋଇଥିବା ଟ୍ରକରେ ଏସବୁକୁ ବାହାର ଅଞ୍ଚଳକୁ ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ କୌଣସି ସୂତ୍ରରୁ ପାଇ ଏସଆଇ ବିଦ୍ୟୁତ କୁମାର ଦେହୁରୀ ଅନ୍ୟ କର୍ମଚାରୀଙ୍କ ସହିତ ସେଠାରେ ପହଞ୍ଚି ଟ୍ରକ ଭର୍ତ୍ତି ଲୁହା ସ୍କ୍ରାପ ଓ ଟ୍ରକକୁ ଜବତ କରି ଥାନାକୁ ଆଣିଥିଲେ । ତେବେ ଏଥିରେ ସମ୍ପୃକ୍ତ ଜବତ ହୋଇଥିବା ଟ୍ରକ ଚାଳକ କଟକ ଜଗତପୁର ଅଞ୍ଚଳର ବିକେଶ କୁମାର ଚୌଧୁରୀ (୩୮)ଙ୍କୁ ଗିରଫ କରାଯାଇଥିବା ବେଳେ କବାଡ଼ିଆ ଦୋକାନ ମାଲିକ ଫେରାର ହୋଇଯାଇଥିବା ନେଇ ପୋଲିସ ସୂଚନା ଦେଇଛି ।



କେନ୍ଦୁଝର (ଭାସ୍କର ନ୍ୟୁଜ୍): ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ, କେନ୍ଦୁଝର ଶାଖା ତଥା ତୈଳିକ ସମାଜ ମିଳିତ ସହଯୋଗରେ ଚଳିତ ୧୬ ତାରିଖ ଠାରୁ ତାରିଖ ପର୍ଯ୍ୟନ୍ତ ଷଡଦିବସୀୟ ଯୋଗ ପ୍ରଶିକ୍ଷଣ ଶିବିର ତୈଳିକ ସମାଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସମାପନ ଦିବସରେ ବିଶିଷ୍ଟ ସମାଜସେବୀ ତଥା କେନ୍ଦୁଝର ଯାନ୍ତ୍ରିକ ବିଦ୍ୟାଳୟର ପ୍ରତିଷ୍ଠାତା ଓ ତୈଳିକ ସମାଜର ଉପଦେଷ୍ଟା ଇଂ ବସନ୍ତ କୁମାର ଦାନୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମାଜରେ ଯୋଗର ଆବଶ୍ୟକତା ଥିବାରୁ ଯୋଗପ୍ରତି ଆକର୍ଷିତ ହେବାକୁ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ଭାବରେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ତଥା ତୈଳିକ ସମାଜ କୋଷାଧ୍ୟକ୍ଷ ମାୟାଧର ସାହୁ ଯୋଗର ବହୁମୁଖୀ ଉପାଦେୟତା ଉପରେ ଅଭିମତ ପ୍ରଦାନ କରିଥିଲେ । ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ, କେନ୍ଦୁଝର ଶାଖା ପୂର୍ବତନ ସଞ୍ଚାଳକ ଡ଼ା ବିମଳ କୁମାର ରାଉତ ମହୋଦୟ ଅତିଥି ଭାବରେ ଯୋଗଦେଇ ଯୋଗ ଦ୍ୱାରା ସହଜ ଉପାୟରେ ରୋଗ ଭଲ ହେବାର ଅଭିନବ କ୍ଷମତା ଅଛି ବୋଲି ମତବ୍ୟକ୍ତ କରିଥିଲେ । ଓଡ଼ିଶା ଓ ତେଲଗୁ ପ୍ରାନ୍ତର ସଂଗଠକ ମାନନୀୟ ରବି ନାଇଡୁ ଯୋଗ ଏକ ନିରନ୍ତର ଜୀବନ ପ୍ରକ୍ରିୟା ହୋଇ ଥିବାରୁ ବ୍ୟକ୍ତି ସହିତ ସମଷ୍ଟିର ମିଶ୍ରଣ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ବର୍ତ୍ତମାନ କେନ୍ଦ୍ର ସଞ୍ଚାଳକ ଇଂ ସନ୍ତୋଷ କୁମାର ନନ୍ଦ ମଞ୍ଚ ପରିଚାଳନା ପୂର୍ବକ ଜଳନେତିର ଉପାଦେୟତା ନିଜ ଅଭିଜ୍ଞତାରୁ ବର୍ଣ୍ଣନା କରିଥିଲେ । ପଣ୍ଡିତ ମଧୁସୂଦନ ମିଶ୍ର କାର୍ଯ୍ୟକ୍ରମ ଶେଷରେ ସମସ୍ତ ସହଭାଗୀ ତଥା ଅତିଥିମାନଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ପ୍ରଦାନ କରିଥିଲେ ।

## ନିର୍ବାଚନ ପ୍ରକ୍ରିୟାକୁ ମୁକ୍ତ ଓ ଅବାଧ କରିବାକୁ ନିର୍ବାଚନ କମିଶନଙ୍କ ଗୁରୁତ୍ୱାରୋପ

ନୂଆପଡା (ଭାସ୍କର ନ୍ୟୁଜ୍): ଭାରତର ମୁଖ୍ୟ ନିର୍ବାଚନ କମିଶନର (ସିଇଓ) ଜ୍ଞାନେଶ କୁମାର ମତଦାନ ପ୍ରକ୍ରିୟାକୁ ମୁକ୍ତ ଓ ଅବାଧ ତଥା ଅଧିକ ସୁଦୃଢ଼ କରିବାକୁ ପଦକ୍ଷେପ ଗ୍ରହଣ କରିଛନ୍ତି । ଏଥିରେ ନିର୍ବାଚନ କମିଶନର ଡ. ସୁଖବୀର ସିଂହ ସାନ୍ଧୁ ଓ ଡ. ବିବେକ ଯୋଶୀ ପ୍ରମୁଖ ସହଯୋଗ କରିଛନ୍ତି । ନିର୍ବାଚନ କମିଶନ ସମସ୍ତ ଭୋଟରଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରୁଛନ୍ତି । ମତଦାନ କେନ୍ଦ୍ରରେ ଭୋଟରଙ୍କ ପାଇଁ ସୁଖଦ ଅଭିଜ୍ଞତା ସୁନିଶ୍ଚିତ କରିବା ବ୍ୟବସ୍ଥା କରିଛନ୍ତି । ଏଥିରେ ରାଜନୈତିକ ଦଳ ପ୍ରମୁଖ ଅଂଶୀଦାର ଭାବରେ ତୃଣମୂଳ ସ୍ତରରେ ସାମିଲ ହେବେ । ନିର୍ବାଚନ ପ୍ରକ୍ରିୟାକୁ ସୁଦୃଢ଼ କରିବା ସକାଶେ ପ୍ରାୟ ୧ କୋଟି ନିର୍ବାଚନ ଅଧିକାରୀଙ୍କ ନିରନ୍ତର କ୍ଷମତା ବୃଦ୍ଧି ପାଇଁ ଡିଜିଟାଲ୍ ତାଲିମ ବ୍ୟବସ୍ଥା କରାଯାଇଛି । ନିର୍ବାଚନ କର୍ତ୍ତୃପକ୍ଷଙ୍କ ସହ ନିର୍ବାଚନ ରେଜିଷ୍ଟ୍ରେସନ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀସ୍ତରରେ ପ୍ରାୟ ୫୦୦୦ଟି ସର୍ବଦଳୀୟ ବୈଠକ ମାଧ୍ୟମରେ ରାଜନୈତିକ ଦଳ ଅଂଶଗ୍ରହଣ କରିଥିଲେ । ବୈଠକରେ ଏ ପର୍ଯ୍ୟନ୍ତ କେବଳ ୮୯ଟି ପ୍ରଥମ ଅପିଲ୍ ଏବଂ ୧ଟି ଦ୍ୱିତୀୟ ଅପିଲ୍ ଦାଖଲ ହୋଇଛି । ଆଧାର ନମ୍ବରକୁ ଭୋଟର ପରିଚୟ ପତ୍ର ସହିତ ଯୋଡ଼ିବା ପାଇଁ ୟୁଆଇଡିଏଆଇ ଏବଂ ଭାରତୀୟ ନିର୍ବାଚନ କମିଶନର ବିଶେଷଜ୍ଞଙ୍କ ମଧ୍ୟରେ ବୈଷୟିକ ପରାମର୍ଶ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁଯାଉଛି । କମିଶନ ଦେଶବ୍ୟାପୀ ଭୋଟର ତାଲିକାରେ ଡୁପ୍ଲିକେଟ ହଟାଇବେ । ଏକ ଦଶନ୍ଧି ଧରି ଚାଲିଥିବା ବହୁ ସମସ୍ୟାର ସମାଧାନ ୩ ମାସ ମଧ୍ୟରେ କରିବା ପାଇଁ ଆୟୋଗ ନିଷ୍ପତ୍ତି ନେଇଛନ୍ତି । ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ କର୍ତ୍ତୃପକ୍ଷଙ୍କ ସହିତ ଘନିଷ୍ଠ ସମନ୍ୱୟରେ ଭୋଟର ତାଲିକା ନିୟମିତ ହେବ । ସମସ୍ତ ଯୋଗ୍ୟ ନାଗରିକଙ୍କ ଶତ ପ୍ରତିଶତ ପଞ୍ଜୀକରଣ ସୁନିଶ୍ଚିତ କରିବା, ସହଜ ମତଦାନ ଏବଂ ସୁଖଦ ମତଦାନ ଅଭିଜ୍ଞତା ସୁନିଶ୍ଚିତ କରିବା ହେଉଛି ଭାରତୀୟ ନିର୍ବାଚନ କମିଶନଙ୍କ ପ୍ରମୁଖ ଉଦ୍ଦେଶ୍ୟ । କୌଣସି ମତଦାନ କେନ୍ଦ୍ରରେ ୧୨୦୦ରୁ ଅଧିକ ମତଦାତା ରହିବେ ନାହିଁ । ମତଦାତାଙ୍କ ଠାରୁ ୨ କିଲୋମିଟର ଦୂର ମଧ୍ୟରେ ମତଦାନ କେନ୍ଦ୍ର ରହିବା ପାଇଁ ପଦକ୍ଷେପ ନିଆଯିବ । ଏପରିକି ଦୂରତମ ଗ୍ରାମୀଣ ମତଦାନ କେନ୍ଦ୍ରରେ ମୌଳିକ ସୁବିଧା ରହିବ । ସହରାଞ୍ଚଳର ଭୋଟରଙ୍କୁ ନିର୍ବାଚନରେ ପୂର୍ଣ୍ଣ ଅଂଶଗ୍ରହଣ ପାଇଁ ଉତ୍ସାହିତ କରିବା ସକାଶେ ଆବଶ୍ୟକ ମତେ କଲୋନୀ ଅଥବା ବହୁତଳ ଅଟ୍ଟାଳିକା ପରିସରରେ ମତଦାନ କେନ୍ଦ୍ର କରାଯାଇପାରିବ । ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୁଇ ଦିନିଆ ସମ୍ମିଳନୀ ମାର୍ଚ୍ଚ ୪ରେ ନୂଆଦିଲ୍ଲୀରେ ହୋଇଥିଲା । ଯେଉଁଥିରେ ପ୍ରଥମ ଥର ପାଇଁ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ଜିଲ୍ଲା ନିର୍ବାଚନ ଅଧିକାରୀ ଓ ନିର୍ବାଚନ ରେଜିଷ୍ଟ୍ରେସନ ଅଧିକାରୀ ଅଂଶଗ୍ରହଣ କରିଥିଲେ । ଦେଶବ୍ୟାପୀ ତୃଣମୂଳ ସ୍ତରରେ ରାଜନୈତିକ ଦଳ ଦ୍ୱାରା ଅଣାଯାଇଥିବା ବିଭିନ୍ନ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରାଯିବ । ଏହି ପ୍ରକ୍ରିୟା ୩୧ ମାର୍ଚ୍ଚ ୨୦୨୫ ସୁଦ୍ଧା ସମଗ୍ର ଦେଶରେ ସମାପ୍ତ ହେବ । ଭାରତୀୟ ନିର୍ବାଚନ କମିଶନ ସମସ୍ତ ରାଜନୈତିକ ଦଳଙ୍କ ଠାରୁ ପରାମର୍ଶ ମଧ୍ୟ ଆମନ୍ତ୍ରଣ କରିଛନ୍ତି । ସେମାନେ ୩୦ ଏପ୍ରିଲ ୨୦୨୫ ସୁଦ୍ଧା ମତାମତ ପଠାଇ ପାରିବେ ।

## ୧୨ ଦିନରେ ପହଞ୍ଚିଲା ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀଙ୍କ ଧାରଣା



ଉମରକୋଟ (ଭାସ୍କର ନ୍ୟୁଜ) : ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ଦୁଇ ଦଫା ଦାବିକୁ ନେଇ ଭୁବନେଶ୍ୱର ବିଧାନସଭା ଆଗରେ ଦୀର୍ଘ ୧୨ଦିନ ଧରି ଧାରଣା ଜାରି ରହିଛି । ଆନ୍ଦୋଳନ ହେତୁ ଉପଖଣ୍ଡ ଚିକିତ୍ସାଳୟ, ଉମରକୋଟ ଠାରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି । କର୍ମଚାରୀଙ୍କ ଆନ୍ଦୋଳନ ପାଇଁ ଏନ୍‌ଏଚ୍‌ଏମ୍ ଅଫିସରେ ତାଲା ଝୁଲିବା ସହ ଅନେକ ସମସ୍ୟା ମଧ୍ୟ ଉପୁଜୁଥିବାର ପରିଲକ୍ଷିତ ହେଉଛି । ବିଶେଷ ଭାବରେ ଟିବି ରୋଗୀମାନେ ସରକାରଙ୍କ ତରଫରୁ ମିଳୁଥିବା ଔଷଧ ଓ ଖାଦ୍ୟ ପାଇ ପାରୁ ନାହାନ୍ତି । ଗର୍ଭବତୀ ମା'ମାନଙ୍କର ପ୍ରସବ ପରବର୍ତ୍ତୀ ପ୍ରୋତ୍ସାହନ ରାଶି ପାଇବାରେ ବାଧା ସୃଷ୍ଟି ହେଉଛି । ନିଦାନ ପାଇଁ ଆବଶ୍ୟକ କିଟ୍ କିଣିବା ନେଇ ସମସ୍ୟା ସୃଷ୍ଟି ହେଉଛି । ଏନ୍‌ଆର୍‌ସିକୁ ଚିକିତ୍ସା ପାଇଁ ଆସୁଥିବା ଶିଶୁ ମାନଙ୍କୁ ଆର୍ଥିକ ସହାୟତା ମିଳୁ ନାହିଁ । ମ୍ୟାଲେରିଆ ଏବଂ ଅଣ ସଂକ୍ରମଣ ରୋଗର ପରିଚାଳନାରେ ରୋକ୍ ଲାଗିଛି । ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ବିଭିନ୍ନ ପ୍ରକାରର ପ୍ରୋତ୍ସାହନ ରାଶି, ଆଶାଙ୍କ ପ୍ରୋତ୍ସାହନ ରାଶି ପ୍ରଦାନ ବନ୍ଦ ରହିଛି । ଶବ ବାହକ ଗାଡି (ମହାପ୍ରୟାଣ) ଚାଲିବା ବନ୍ଦ ହେଇ ଯାଇଛି । ଆର୍ଥିକ ସମସ୍ୟା ହେତୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚାଲିଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟ ଏବଂ ଚିକିତ୍ସାଳୟର ମେଣ୍ଟେନାନ୍ସରେ ରୋକ୍ ଲାଗିଛି । କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ସୁପରିଚାଳନା ଏବଂ ତାଲିମ ସମ୍ପୂର୍ଣ୍ଣ ଭାବରେ ଠପ୍ ହେଇଯାଇଛି । ପ୍ରସବ ମା' ଓ ଶିଶୁମାନଙ୍କର ଟୀକାକରଣରେ ବାଧା ଉପୁଜୁଛି । ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଜଗୁଆଳି ଏବଂ ସଫେଇ କର୍ମଚାରୀମାନେ ଗତ ମାସରୁ ଦରମା ପାଇନଥିବା ହେତୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଚିକିତ୍ସାଳୟ ପରିସର ସଫେଇ ପାଇଁ ଆବଶକୀୟ ରିଏଜେଣ୍ଟ ଯଥା ଫିନାଇଲ, ବ୍ଲିଚିଙ୍ଗ ଯୋଗାଣ ବନ୍ଦ ହେତୁ ଚିକିତ୍ସାଳୟରୁ ସୃଷ୍ଟି ବର୍ଜ୍ୟବସ୍ତୁ ସଫା ହେବା ଏବଂ ସଫେଇ କାର୍ଯ୍ୟର ସୁପରିଚାଳନା ସମ୍ପୂର୍ଣ୍ଣ ବନ୍ଦ ହୋଇଛି । ଏଥିଯୋଗୁ ଚିକିତ୍ସାଳୟରୁ ଗତ କିଛିଦିନ ହେଲା ଦୁର୍ଗନ୍ଧରେ ନାକ ଫାଟି ଗଲାଣି । ପିଇବା ପାଣି ଟାଙ୍କି, ଶୌଚାଳୟ, ଡ୍ରେନ୍ ଇତ୍ୟାଦି ସଫା ନହେବା ହେତୁ ଚିକିତ୍ସାଳୟକୁ ଆସୁଥିବା ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟ ଡେଙ୍ଗୁ, ମ୍ୟାଲେରିଆ, ଟିବି ଓ ଅନ୍ୟ ଅନ୍ୟାନ୍ୟ ସଂକ୍ରାମକ ରୋଗରେ ରୋଗାଗ୍ରସ୍ତ ହେବାର ଆଶଙ୍କା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏକପ୍ରକାର ଭୟର ବାତାବରଣ ସୃଷ୍ଟି କରିଛି । ସୂଚନାଯୋଗ୍ୟ କି ଆଗାମୀ ଏପ୍ରିଲ ୧ ତାରିଖରେ ହେବାକୁ ଥିବା ଆୟୁଷ୍ମାନ ଭାରତ ଯୋଜନାରେ ବାଧାପ୍ରାପ୍ତ ହେବାର ଆଶଙ୍କା ବଢ଼ିବା ସହ ଚିକିତ୍ସାଳୟରେ ଉପୁଜୁଥିବା ବିଭିନ୍ନ ସମସ୍ୟା ପାଇଁ ସର୍ବସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଆଗକୁ ଜାରି ରହିବ ରହିବ ବୋଲି ସଂଘର ଜିଲ୍ଲା ସଭାପତି ଜଗନ୍ନାଥ ମିଶ୍ର ଏବଂ ଜିଲ୍ଲା ସମ୍ପାଦକ ବିଶ୍ୱଜିତ୍ ସୁନା ସୂଚନା ପ୍ରଦାନ କରିଛନ୍ତି ।

## ନୋଡାଲ ଅଫିସରଙ୍କ ତିନିଦିନିଆ ଗସ୍ତ



କୋଷାଗୁମୁଡ଼ା(ଭାସ୍କର ନ୍ୟୁଜ୍): ବିମ୍ବାଧର ସେଠୀ, ସହ ନିର୍ଦ୍ଦେଶକ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଭୁବନେଶ୍ୱର ତଥା ନବରଙ୍ଗପୁର ଜିଲ୍ଲା ନୋଡାଲ ଅଫିସର ତିନି ଦିନିଆ ଗସ୍ତରେ ଆସିଛନ୍ତି । ଆଜି ପ୍ରଥମ ଦିନରେ କୋଷାଗୁମୁଡ଼ା ବ୍ଲକର କୋଡ଼ିଙ୍ଗା ଠାରେ ମହିଳା ସ୍ୱୟଂ ସହାୟକ ଦଳ ସହ ବ୍ୟାଙ୍କ ଋଣ ଓ ବିଭିନ୍ନ ଯୋଜନା ଉପରେ ଆଲୋଚନା କରିଥିଲେ । ପରେ ଅନ୍ତ୍ୟୋଦୟ ଗୃହ ଯୋଜନାକୁ ନେଇ କୋଡ଼ିଙ୍ଗା ପଞ୍ଚାୟତ ଠାରେ ଗୃହ ପରିଦର୍ଶନ କରିବା ସହ ଆବାସ ଯୋଜନାର ନୂତନ ସର୍ଭେକୁ ପର୍ଯ୍ୟବେକ୍ଷଣ କରିଥିଲେ । ତା'ପରେ କୋଷାଗୁମୁଡ଼ା ବ୍ଲକ ସଦର ମହକୁମାର ସ୍ଥାନୀୟ ମିଶନ ଶକ୍ତି କାଫେର ପରିଦର୍ଶନ କରିଥିଲେ । ପରେ ବ୍ଲକ କାର୍ଯ୍ୟାଳୟ ଠାରେ ବିଭାଗୀୟ କର୍ମଚାରୀ ମାନଙ୍କ ସହ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ପରିପ୍ରେକ୍ଷୀରେ ଜିଲ୍ଲା ଉନ୍ନୟନ ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରବାନ, ଗ୍ରାମୀଣ ବାସଗୃହ ପ୍ରକଳ୍ପ ଅଧିକାରୀ ଦେବସ୍ମିତା କର, ବ୍ଲକ ଚେୟାରମ୍ୟାନ ସର୍ବେଶ୍ୱରୀ ମାଝୀ, ଉପାଧ୍ୟକ୍ଷା ଯୋଗେନ୍ଦ୍ର ସ୍ୱାଇଁ, ସରପଞ୍ଚ କୋଡ଼ିଙ୍ଗା ସେବୀକା ମାଝୀ, କୋଷାଗୁମୁ ଡ଼ା ସରପଞ୍ଚ ଡାଳିମ୍ବ ମାଝୀ, ବିଡ଼ିଓ ଆଶିଷ ତ୍ରିପାଠୀ, ବିପିସି ଭି-ଅନନ୍ତ କୁମାର-(ଗ୍ରାମୀଣ ବାସଗୃହ), ଜିପିଡିଓ ତ୍ରିଲୋଚନ ଛଞ୍ଚାଣ ପ୍ରମୁଖଙ୍କ ସହ ଜିଲ୍ଲା ଅଧିକାରୀ ଓ ସ୍ଥାନୀୟ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ ।

## ଜବତ ଗୋରୁଙ୍କୁ ପ୍ରଦାନର ଦୀର୍ଘବର୍ଷ ପରେ ଫେରାଇ ନେବା ପାଇଁ ଚକ୍ରାନ୍ତ ଅଭିଯୋଗ

ମାଲକାନଗିରି(ଭାସ୍କର ନ୍ୟୁଜ୍): ଆନ୍ଧ୍ର ଚାଲାଣ ହେଉଥିବା ଗୋରୁ ବୋଝେଇ ଗାଡି ଜବତ କରି ଉଦ୍ଧାର ଗୋରୁ ଗୁଡ଼ାକୁ ଗ୍ରାମବାସୀଙ୍କ ସହ ଆଲୋଚନା କରି ରକ୍ଷଣା ବେକ୍ଷଣ ସହ ପାଳିବା ପାଇଁ ଦିଆଯାଇଥିଲା । ଏହି ଘଟଣାକୁ ଦୀର୍ଘ ଦିନ ବିତିଯିବା ପରେ କୋର୍ଟର ନିର୍ଦ୍ଦେଶ ଆସିଛି । ଜବତ ସମସ୍ତ ଗୋରୁ ଥାନାରେ ରହିବ । ନିର୍ଦ୍ଦେଶ ଅନୁଯାଇ ଗୋରୁ ଫେରେଇବା ପାଇଁ ଥାନାକୁ ଡାକୁଛି ପୋଲିସ । ଗୋରୁ ନେଇ ପାଳୁଥିବା ଲୋକେ ଏବେ ହଇରାଣ ହେବା ସହ ଗୋରୁ ଫେରେଇ ପାରିବେ ନାହିଁ ବୋଲି କହୁଛନ୍ତି । ସେପଟେ ହରଡ ଘଣାରେ ପୋଲିସ । ନେବାର ଥିଲା ଯଦି ଦେଉଥିଲେ କ'ଣ ପାଇଁ ବୋଲି ପଚାରିଲେ ଗାଁର ବୁଦ୍ଧିଜୀବୀ । ଯଦି ଗୋରୁ ଥାନାରେ ରଖିବା ଉଚିତ୍ ଥାଏ, ତେବେ ପ୍ରଥମେ ଗ୍ରାମବାସୀଙ୍କ ହସ୍ତାନ୍ତର କାହିଁକି କରାଯାଇଥିଲା ? ଗୋରୁ ପ୍ରଦାନ କରାଯାଇଥିବା ଲୋକମାନେ ଅଭିଯୋଗ କରିଛନ୍ତି ଯେ, ଥାନାରେ ରାଇଟର ଭାବେ କାମ କରୁଥିବା ସଂଜୀବ ପାଢ଼ୀ ନାମକ ବ୍ୟକ୍ତି ଗାଁ ଗାଁ ବୁଲି ଲୋକଙ୍କ ଠାରୁ ଗାଈ ସଂଗ୍ରହ କରୁଛନ୍ତି । ଏପରିକି ଗାଈ ପାଳିଥିବା ଲୋକ ତାଙ୍କୁ କୋର୍ଟ ଆଦେଶ ନକଲ ମାଗିଲେ ସେ ଦେଖାଉନଥିବା ଏବଂ ଗାଈ ନଦେଲେ ୧୪୦୦୦ ଦେବ ନହେଲେ ଜେଲ୍ ଯିବ କହୁଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି ଯଦି ଗାଈ ପାଳିଥିବା ଲୋକମାନେ ଦୀର୍ଘବର୍ଷ ଧରି ଗାଈକୁ ରଖି ଖାଇବାକୁ ଦେଇଥିଲେ ସେ ଟଙ୍କା ତାଙ୍କୁ କିଏ ଦେବ ? ପ୍ରକାଶ ଥାଉକି, ୨୦୨୩ ଅଗଷ୍ଟ ୨୧ ତାରିଖ ସକାଳ ସମୟରେ ଏମଭି ୭୯ ପୋଲିସ୍ ପେଟ୍ରୋଲିଂ ସମୟରେ ଗୋରୁ ଚାଲାଣ ହେଉଥିବା ଦୁଇଟି କଣ୍ଟେନର ଗାଡ଼ିକୁ ଧରିଥିଲେ । ଦୁଇଟି କଣ୍ଟେନରରୁ ୧୧୩ଟି ଗୋରୁ ସହ ତିନିଜଣ ଆସାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ବର୍ତ୍ତମାନ ଯଦି ଆଦେଶ ଆସିଛି ଗୋରୁ ଗୁଡିକୁ ସଂଗ୍ରହ କରିବା ପାଇଁ ହେଲେ ଅଫିସରମାନେ ପୋଲିସ୍ ଷ୍ଟାଫ୍ ଧରି ଯିବା କଥା, ହେଲେ ବାହାର ଲୋକଙ୍କୁ ଧରି କିପରି କଲେକ୍ସନ କରୁଛନ୍ତି । ଏଥିରେ ସନ୍ଦେହ ଉଠୁଛି ପୋଲିସ୍ ଉପରେ । ଗୋରୁ ଚାଲାଣ ଦଲାଲ୍ ଏବଂ ପୋଲିସ୍ ମଧ୍ୟରେ ରହିଛି କି କିଛି ମଧୁଚନ୍ଦ୍ରିକା ତାକୁ ନେଇ ପ୍ରଶ୍ନ ଉଠିଛି ।

## ବାଲି ବୋଝେଇ ୨ଟି ଟ୍ରାକ୍ଟର ଜବତ

ଉମରକୋଟ (ଭାସ୍କର ନ୍ୟୁଜ୍): ଉମରକୋଟ ପୋଲିସ ଉପ ଖଣ୍ଡ ଅଧିକାରୀ ଶୁଭେନ୍ଦୁ ଶବରଙ୍କ ନିର୍ଦ୍ଦେଶ କ୍ରମେ ଉମରକୋଟ ପୋଲିସ ଚୋରା ଚାଲାଣ କରି ବାଲି ନେଇ ଯାଉଥିବା ୨ଟି ଟ୍ରାକ୍ଟରକୁ ଜବତ କରି ଥାନାରେ ଅଟକ ରଖିଛି । କୌଣସି ସୂତ୍ରରୁ ଖବର ପାଇଁ ଉମରକୋଟ ପୋଲିସ ତହରା ଗ୍ରାମ ନିକଟରେ ୨ଟି ବାଲି ବୋଝେଇ ଟ୍ରାକ୍ଟରକୁ ଅଟକାଇ ଥିଲେ । ତେବେ ଯାଞ୍ଚରୁ ଜଣାପଡ଼ିଲା ଯେ ବାଲି ଚୋରା ଚାଲାଣ କରି ବିନା ରୟାଲିଟିରେ ତହରା ନଦୀରୁ ଆଣୁଥିଲା ଓ ରାଇଘର ଆଡ଼େ ଯାଉଥିଲା । ଗୋଟେ ଟ୍ରାକ୍ଟରର ଇଞ୍ଜିନ ନମ୍ବର୍ ଥିଲା ଓଡି୨୪ ବି୨୪୨୮ ଓ ଡାଲାର ନମ୍ବର ଥିଲା ଓଡି ୨୪ବି ୨୪୨୯ ଓ ଅନ୍ୟଟି ନମ୍ବର୍ ବିହୀନ ଟ୍ରାକ୍ଟର ଥିଲା । ୨ଟି ଟ୍ରାକ୍ଟରର ମାଲିକ ରାଇଘର ଅଞ୍ଚଳର ବୋଲି ଜଣାପଡ଼ିଛି । ଉମରକୋଟ ପୋଲିସ ସବ ଇନ୍ସପେକ୍ଟର ଅକ୍ଷୟ ମିଶ୍ର ଓ ଶିବଜି ପଣ୍ଡା ଏହି ଜବତ ସମୟ ରେ ଥିଲେ । ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

## ବିଶ୍ୱ ବନ ଦିବସ ପାଳିତ

ନୂଆପଡା(ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଖଡ଼ିଆଳ ବନଖଣ୍ଡ ଅଧିକାରୀଙ୍କ ଆୟୋଜନ କ୍ରମେ ଆଜି ନୂଆପଡା ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ । ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜି ଆର୍ ରାଘବେନ୍ଦ୍ର, ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ବନଖଣ୍ଡ ଅଧିକାରୀ ବନ୍ୟପ୍ରାଣୀ ମହାଦେବ ବଡାଇକ ଯୋଗ ଦେଇଥିଲେ । ଅତିଥିମାନେ ଦିବସର ଲକ୍ଷ୍ୟ ସମ୍ବନ୍ଧରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ । ଜନସାଧାରଣଙ୍କ ମନରେ ପ୍ରକୃତି ଓ ଜଙ୍ଗଲ ପ୍ରତି ଜାଗରୁକ ସୃଷ୍ଟି କରିବା । ଜଳବାୟୁ ପରିବର୍ତ୍ତନରୁ ମାନବ ସମାଜ, ପ୍ରାଣୀ ଜଗତ ତଥା ପରିବେଶକୁ ସୁରକ୍ଷା ଦେବା । ଆମ ପାଇଁ ଉନ୍ନତି ସହିତ ପରିବେଶ ସନ୍ତୁଳନ ମଧ୍ୟ ଏକାନ୍ତ ଆବଶ୍ୟକ । ଆଜିର ସମାବେଶରେ ଜିଲ୍ଲାର ସମସ୍ତ ବ୍ଲକ୍‌ରୁ ଛାତ୍ରଛାତ୍ରୀ ଏବଂ ବନ ବିଭାଗ ଅଧିକାରୀ ଓ କର୍ମଚାରୀ ଏକତ୍ରିତ ହୋଇଥିଲେ । ସମସ୍ତଙ୍କୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେ ଯେ ମଣିଷ ସହିତ ଗଛ ବି ବଞ୍ଚିରହୁ । ଆମେ କେବଳ ନିଜ ପାଇଁ ନୁହେଁ ପରବର୍ତ୍ତୀ ପିଢ଼ି ପାଇଁ ଗଛ ଲଗାଇବା । ଆମେ ପ୍ରକୃତିର ଯତ୍ନ ନେଲେ ପ୍ରକୃତି ଆମର ଯତ୍ନ ନେବ । ଆମେ ସମସ୍ତେ ବନ୍ୟପ୍ରାଣୀମାନଙ୍କ ପ୍ରତି ଦୟାଶୀଳ ହେବା । ଆମେ ଗଛ ପାଇଁ ବଞ୍ଚିବା ଏବଂ ଗଛ ଆମ ପାଇଁ ବଞ୍ଚିବ । ଏହି ଅବସରରେ ସମସ୍ତ ବ୍ଲକ୍‌ରେ ଛାତ୍ରଛାତ୍ରୀମାନଙ୍କୁ ନେଇ ହୋଇଥିବା ପରିବେଶ ସୁରକ୍ଷା ସମ୍ବନ୍ଧୀୟ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ବନ ସୁରକ୍ଷା ପାଇଁ ବିଶେଷ ଯୋଗଦାନ ଦେଇଥିବା କର୍ମଚାରୀ, ସ୍ୱେଚ୍ଛାସେବୀ, ସେଣ୍ଟ ମେରୀ ବିଦ୍ୟାଳୟ ଏବଂ କେରମେଲି ପଞ୍ଚାୟତ ସରପଞ୍ଚଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏସିଏଫ୍ ମହମ୍ମଦ ମୁସ୍ତାଫା ସଲିହା ସଭା ପରିଚାଳନା କରିଥିଲେ ।

## ଭୋଟର ପରିଚୟ ପତ୍ର ସହ ଆଧାର ଲିଙ୍କ୍ ପାଇଁ ପ୍ରୟାସ ଆରମ୍ଭ




ନୂଆପଡା(ଭାସ୍କର ନ୍ୟୁଜ୍): ନିର୍ବାଚନ କମିଶନ, ଭାରତ ଓ ୟୁଆଇଡିଏଆଇ (ଭାରତର ଏକକ ପରିଚୟପତ୍ର ପ୍ରାଧିକରଣ) ମଧ୍ୟରେ ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ଲିଙ୍କ୍ କରାଯିବା ପାଇଁ ସହମତି ପ୍ରକାଶ ପାଇଛି । ଏଥିପାଇଁ ଅଧିକାରୀଙ୍କ ମଧ୍ୟରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରସଙ୍ଗରେ ବିଶେଷଜ୍ଞଙ୍କ ପରାମର୍ଶ ନିଆଯିବ । ନିର୍ବାଚନ କମିଶନ କହିଛନ୍ତି ଯେ ବର୍ତ୍ତମାନର ପ୍ରଚଳିତ ଆଇନ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଭୋଟର କାର୍ଡ ସହ ଆଧାର ଲିଙ୍କ୍ କରାଯିବ । ତେବେ ଏହା ବାଧ୍ୟତାମୂଳକ ଭାବେ ନୁହେଁ, ସମ୍ପୂର୍ଣ୍ଣ ଇଚ୍ଛାଧୀନ ଭାବେ କରାଯିବ । ନିର୍ବାଚନ କମିଶନଙ୍କ ମତରେ ସମ୍ବିଧାନର ଧାରା ୩୨୬ ଅନୁସାରେ ମତଦାନର ଅଧିକାର କେବଳ ଭାରତୀୟ ନାଗରିକଙ୍କୁ ମିଳିଥାଏ । କିନ୍ତୁ କେବଳ ଆଧାର ହେଉଛି ଜଣେ ବ୍ୟକ୍ତିଙ୍କ ପରିଚୟ । ସେଥିପାଇଁ ନିଷ୍ପତ୍ତି ହୋଇଛିଯେ ଭୋଟର ପରିଚୟ ପତ୍ର ସହିତ ଆଧାର ନମ୍ବର ଲିଙ୍କ କରାଇବା ଲାଗି ସମସ୍ତ ଆଇନ ପାଳନ କରାଯିବ । ଭୋଟର କାର୍ଡ ସହ ଆଧାର ଲିଙ୍କର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା, ପାରଦର୍ଶିତା ଓ ସମାବେଶିତାକୁ ପ୍ରୋତ୍ସାହିତ କରିବା । ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ନିର୍ବାଚନ ପଞ୍ଜିକରଣ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ ଓ ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ତରରେ ବୈଠକ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏଥିସହ ନିର୍ବାଚନ କମିଶନ ମଧ୍ୟ ଏହି ମାମଲାରେ ସମସ୍ତ ଜାତୀୟ ଓ ରାଜ୍ୟ ମାନ୍ୟତା ପ୍ରାପ୍ତ ରାଜନୈତିକ ଦଳମାନଙ୍କ ଠାରୁ ଏପ୍ରିଲ ୩୦ ସୁଦ୍ଧା ଆବଶ୍ୟକ ପରାମର୍ଶ ମାଗିଛନ୍ତି । ସରକାର ସଂସଦରେ କହିଛନ୍ତି ଯେ ଭୋଟର କାର୍ଡ ସହ ଆଧାର ଲିଙ୍କ୍ ବ୍ୟବସ୍ଥା ଚାଲୁରହିଛି । ଏଥିପାଇଁ କୌଣସି ସମୟ ସୀମା ଧାର୍ଯ୍ୟ କରାଯାଇନାହିଁ । ଯେଉଁମାନେ ନିଜର ଭୋଟର କାର୍ଡକୁ ଆଧାର ସହ ଯୋଡିବେ ନାହିଁ ସେମାନଙ୍କ ନାମ ଭୋଟର ତାଲିକାରୁ କଟିବ ନାହିଁ । ଏଥିନେଇ ଖୁବ୍‌ଶୀଘ୍ର ବୈଷୟିକ ବିଶେଷଜ୍ଞ କମିଟି ବସି ଆଲୋଚନା କରି ଚୁଡାନ୍ତ ରୂପରେଖ ପ୍ରସ୍ତୁତ କରିବେ ବୋଲି ନିର୍ବାଚନ କମିଶନ ପ୍ରକାଶ କରିଛନ୍ତି ।

**ଲୋ-ଭୋଲ୍‌ଟେଜ୍ ସମସ୍ୟା ପ୍ରସଙ୍ଗ**

## ପ୍ରଶାସନ ବୁଝାସୁଝା ପରେ ଆନ୍ଦୋଳନରୁ ହଟିଲେ ଚାଷୀ



ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ଲୋଭୋଲଟେଜ୍ ସମସ୍ୟା ଯୋଗୁଁ ରାଇଘର ଉମରକୋଟ ରାସ୍ତା ଅବରୋଧ କରିଥିଲେ ଶତାଧିକ ଚାଷୀ, ଦୀର୍ଘ ୩୦ ଘଣ୍ଟା ଆନ୍ଦୋଳନ ପରେ ସ୍ଥାନୀୟ ବିଡିଓ ଲକ୍ଷ୍ମୀ ସାଗର ମାଝୀ, ତହସିଲଦାର ରିତୁ ସିଂ, ଉମରକୋଟ ଏସ୍‌ଡିପିଓ ଶୁଭେନ୍ଦୁ ଶବର, ରାଇଘର ଥାନା ଅଧିକାରୀ ରଘୁନାଥ ମାଝୀ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ସହିତ ଚାଷୀଙ୍କ ଦାବିପତ୍ର ଗ୍ରହଣ କରି ଜିଲ୍ଲାପାଳଙ୍କୁ ପ୍ରେରଣ କରାଯିବ ଏବଂ ଏହାର ସମାଧାନ ଶୀଘ୍ର ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନରେ ବସିଥିବା ଚାଷୀ ହଟିଥିବା ଦେଖିବାକୁ ମିଳିଛି । ପ୍ରକାଶ ଥାଉ କି ଚାଷୀ କହିବା ଅନୁସାରେ ଯେଉଁଦିନ ଠାରୁ ବିଦ୍ୟୁତ ବିଭାଗକୁ ଅନ୍ୟ କମ୍ପାନୀକୁ ହସ୍ତାନ୍ତର କରାଗଲାଣି, ତା' ପରଠାରୁ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଏଥିସହ ବିଲ୍ ଅଧିକ ଆସୁଛି ତ କେତେବେଳେ ଲୋ ଭୋଲ୍‌ଟେଜ୍ ଯୋଗୁଁ ଚାଷକାମ ଓ ପିଲାମାନଙ୍କ ପାଠପଢାରେ ବାଧା ସୃଷ୍ଟି ହେଉଛି । ତେଣୁ ନବରଙ୍ଗପୁର ଜିଲ୍ଲା ରାଇଘର ସରଗୁଲି ଛକ ଠାରେ ଚାଷୀ ସ୍ଥାୟୀ ସମାଧାନ ନିମନ୍ତେ ରାସ୍ତାଜାମ୍ କରି ଆନ୍ଦୋଳନ କରିଥିଲେ । ବ୍ଲକର ବହୁ ପଂଚାୟତର ଗ୍ରାମ ଗୁଡିକରେ ଦୀର୍ଘଦିନ ହେବ ଲୋ ଭୋଲଟେଜ୍ ସମସ୍ୟା ଲାଗି ରହୁଥିବାରୁ ଚାଷୀ ଜମିରେ ପାଣି ମଡେଇ ପାରୁ ନାହାଁନ୍ତି । ବାରମ୍ବାର ବିଦ୍ୟୁତ୍ କାଟ ସାଙ୍ଗକୁ ଲୋ ଭୋଲଟେଜ୍ ସମସ୍ୟା ଯୋଗୁଁ ଚାଷୀ ଜମିରେ ପାଣି ନଦେଇପାରିବାରୁ ଖରାରେ ଚାଷ ପୋଡି ନଷ୍ଟ ହେବାକୁ ଲାଗିଲାଣି ଯାହାଫଳରେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି, ରାସ୍ତାର ଉଭୟ ପାର୍ଶ୍ୱରେ ଗାଡି ଅଟକ ରହିଛି, ଯାହାଫଳରେ ରାଇଘର ଠାରୁ ଛତିଶ ଗଡ଼ର ରାୟପୁର, ଭୁବନେଶ୍ୱର, ବ୍ରହ୍ମପୁର ଜୟପୁର ଯିବାଆସିବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା । ଘଟଣାସ୍ଥଳରେ ବିଦ୍ୟୁତ ବିଭାଗର କର୍ମଚାରୀ, ପୋଲିସ ପହଞ୍ଚି ବୁଝାସୁଝା ପରେ ମଧ୍ୟ ଚାଷୀ ଆନ୍ଦୋଳନରୁ ହଟି ନଥିଲେ । ପରେ ବିଡ଼ିଓ, ତହସିଲଦାର ପ୍ରମୁଖ ପହଞ୍ଚି ବୁଝାସୁଝା କରିବା ପରେ ଚାଷୀ ଆନ୍ଦୋଳନରୁ ହଟିଥିବା ଦେଖିବାକୁ ମିଳିଥିଲା ।

## କନ୍ଧମାଳ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

କନ୍ଧମାଳ(ଭାସ୍କର ନ୍ୟୁଜ୍): କଳା ସଂସ୍କୃତି ଓ ପରମ୍ପରାର ପ୍ରତୀକ କନ୍ଧମାଳ ମୋହତ୍ସବ ଓ ପଲ୍ଲିଶ୍ରୀ ମେଳା ଶୁକ୍ରବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟିତ ଉତ୍ସବର ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବିଜେପି ବିଧାୟକ ଉମା ଚରଣ ମଲ୍ଲିକ ଯୋଗ ଦେଇ କନ୍ଧମାଳ ଜିଲ୍ଲାର ଏହି ମହୋତ୍ସବ କେବଳ ଜିଲ୍ଲା ପ୍ରଶାସନର ନୁହଁ ଆମ ସମସ୍ତଙ୍କ ମହୋତ୍ସବ । ଜିଲ୍ଲାର ଆଦିବାସୀଙ୍କ ବ୍ୟବସାୟକୁ ଏହା ଆଗକୁ ନେଇପାରିବ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଙ୍କ ଯୋଜନା, କଳା ସଂସ୍କୃତି ଉପରେ ଅଧିକ ଗୁରୁତ୍ୱ ଦେବା ସହିତ ୨୦୩୬କୁ ଓଡ଼ିଶା ବିକଶିତ ରାଜ୍ୟ କରିବେ । ଯେପରି ଏହି ମହୋତ୍ସବକୁ ଆମେ ସମସ୍ତେ ମିଳି ମିଶି ଆୟୋଜିତ କଲେ ଠିକ୍ ସେହିପରି ସମସ୍ତେ ମିଳିମିଶି କାର୍ଯ୍ୟ କଲେ ଆମ କନ୍ଧମାଳ ଜିଲ୍ଲା ନିଶ୍ଚୟ ଉନ୍ନତି ପଥରେ ଆଗକୁ ଅଗ୍ରଗତି କରିବ । ସେହିପରି ଅନ୍ୟତମ ଅତିଥି ଭାବେ କନ୍ଧମାଳ ଜିଲ୍ଲାର ଜିଲ୍ଲାପାଳ ଅମ୍ରିତ ରୁତୁରାଜ, ବାଲିଗୁଡା ବନ ଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା, ଫୁଲବାଣୀ ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରଶାନ୍ତ ପଟେଲ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହରିଶ ବିସି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରମେଶ ଚନ୍ଦ୍ର ଜେନା ପ୍ରମୁଖ ମଂଚାସୀନ ହୋଇ କନ୍ଧମାଳ ମହୋତ୍ସବ ବିଷୟରେ ଅଭି ଭାଷଣ ରଖିଥିଲେ । କନ୍ଧମାଳ ଜିଲ୍ଲାପାଳ କୋଟଗଡ ତୁମିଡ଼ିବନ୍ଧ ଆଦିବାସୀଙ୍କ ଜନ୍ମ, ସଂସ୍କୃତି ଉପରେ ପ୍ରାଞ୍ଜଳ ଭାବେ ଦର୍ଶକମାନଙ୍କୁ କହିଥିଲେ । ଏହି ମହୋତ୍ସବ ଜିଲ୍ଲାର ବାଣିଜ୍ୟ କ୍ଷେତ୍ରରେ ବୃଦ୍ଧି ହୋଇପାରିବ ଏହାରି ଉପରେ ଅଭିଭାଷଣ କରିଥିଲେ । ଏହି ମହୋତ୍ସବରେ ବିଭିନ୍ନ ଷ୍ଟଲ, ଏସ୍‌ଏଚ୍‌ଜି ମହିଳାଙ୍କ ଉତ୍ପାଦକ ଜିନିଷ କ୍ରୟ ବିକ୍ରୟ ପାଇଁ ଷ୍ଟଲ, କୃଷି ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ପଶୁ ବିଭାଗ, କସମ, ଜିଲ୍ଲା ପ୍ରାଧିକାରଣ ବିଭାଗ, ବିଭିନ୍ନ ଜିଲ୍ଲାର ଏସ୍‌ଏଚ୍‌ଜି ଗ୍ରୁପ ପକ୍ଷରୁ ଷ୍ଟଲ, ଫୁଡ ଷ୍ଟଲ ମାନ ନିର୍ମାଣ ହୋଇଥିବା ଦେଖିବାକୁ ମିଳିଛି । ଫୁଲବାଣୀ ବିଧାୟକ ଓ ଜିଲ୍ଲାପାଳ ସମସ୍ତ ଷ୍ଟଲ ବୁଲି ଦେଖିବା ସହିତ ଉଦ୍‌ଘାଟନ କରିଥିଲେ । ଏହି ସମୟରେ ଜିଲ୍ଲା ପରିଷଦ ଅଧିକାରୀ, ନୂତନ ଯୋଗଦାନ କରିଥିବା ଅତିରିକ୍ତ ଜିଲ୍ଲାପାଳ ମଧ୍ୟ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗର ଉଚ୍ଚ ପଦାଧିକାରୀ ଅଧିକାରୀଙ୍କ ସମେତ ଗଣମାଧ୍ୟମର ପ୍ରତିନିଧି ଯୋଗ ଦେଇଥିଲେ । ଜିଲ୍ଲା ପ୍ରଶାସନ ଢିଲା ଫଳରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ମଧ୍ୟ ଅଧିକାଂଶ ଷ୍ଟଲ ଖାଲି ରହିଥିବା ସହିତ ଲାଇଟ ଏଣ୍ଡ ସାଉଣ୍ଡର ଖରାପ ଶବ୍ଦ, ସାମ୍ବାଦିକମାନଙ୍କୁ ଅଣଦେଖା କରାଯିବା ଦେଖିବାକୁ ମିଳିଥିଲା । ଏହା ବହୁତ ଦୁଃଖର ବିଷୟ ଅଟେ । ସେହିପରି ସମସ୍ତ ଦାୟିତ୍ୱରେ ଥିବା କିଛି ଅଧିକାରୀଙ୍କ ମନମୁଖୀ ଶାସନରେ ଏପରି ଅବ୍ୟବସ୍ଥା ହୋଇଅଛି ବୋଲି ସର୍ବସାଧାରଣଙ୍କ ସ୍ଥଳେ ବେଶି ଚର୍ଚ୍ଚା ହେଉଛି । ବିଭିନ୍ନ ବ୍ଲକ ମାନଙ୍କରେ ଜିଲ୍ଲା ଠାରୁ ଭଲ ପ୍ରୋଗ୍ରାମ ହୋଇଛି ବୋଲି ମଧ୍ୟ ପ୍ରକାଶ ହେଉଛି । ଶେଷରେ ସୁନାମଧନ୍ୟ ଗୀତିକାର ସୁଶାନ୍ତଙ୍କ ଗୀତରେ ଅଳ୍ପ ଦର୍ଶକ ମଜା ନେଇଥିଲେ । ଶନିବାର ଦିନ କନ୍ଧମାଳ ସାଂସଦ ସୁକାନ୍ତ ପ୍ରାଣିଗ୍ରାହୀଙ୍କ ଦ୍ୱାରା ଦ୍ୱିତୀୟ ଦିନର ମୁଖ୍ୟ ଅତିଥ ଭାବେ ଯୋଗ ଦେବା ସହିତ ବାଲିଗୁଡା, ଜି ଉଦୟଗିରି ବିଧାୟକ, ଜିଲ୍ଲା ପରିଷଦ ଅଧକ୍ଷା ଅତିଥି ଭାବେ ଯୋଗଦେଇଥିଲେ ।

## ବିଶ୍ୱ ବନ ଦିବସରେ ଜିଆଇଇଟି ବିଶ୍ୱବିଦ୍ୟାଳୟ ପୁରସ୍କୃତ

ଗୁଣୁପୁର (ଭାସ୍କର ନ୍ୟୁଜ୍): ବିଶ୍ୱ ବନ ଦିବସ ପରିପେକ୍ଷୀରେ ରାୟଗଡା ଜିଲ୍ଲା ବନଖଣ୍ଡର ମୁନିଗୁଡା ବନାଞ୍ଚଳ ପକ୍ଷରୁ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଗୁଣୁପୁର ଜିଆଇଇଟି ବିଶ୍ୱବିଦ୍ୟାଳୟକୁ ପୁରସ୍କୃତ କରିଛନ୍ତି । ଏହି ଅବସରରେ ରାୟଗଡା ବନଖଣ୍ଡ ଅଧିକାରୀ ସଚିନ ଅନାସାହେବ ଓହଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ବୃକ୍ଷ ଚାରାରୋପଣ କାର୍ଯ୍ୟକ୍ରମରେ ଅତୁଳନୀୟ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରି ଆଜି ଏହି ଦିବସରେ ପୁରସ୍କୃତ କରିଛନ୍ତି । ବିଶ୍ୱ ବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସ ବିଭାଗର ପ୍ରଫେସର୍ ଡ ପ୍ରେମାଂଶୁ ଶେଖର ରଥ ଯୋଗ ଦେଇ ମୁଖ୍ୟ ଅତିଥିଙ୍କ ଠାରୁ ମାନପତ୍ର ସହ ଦଶ ହଜାର ଟଙ୍କାର ଚେକ୍ ଗ୍ରହଣ କରିଛନ୍ତି ।ଏହି ସଭାରେ ସମ୍ମାନୀୟ ଅତିଥି ଭାବେ ସହକାରୀ ବନ ସଂରକ୍ଷକ ଅଶୋକ କୁମାର ପ୍ରଧାନ, ସନ୍ଦୀପ କୁମାର



ପୃଷ୍ଟି ଓ ସତୀଶ ଧାରୁଆ, ପ୍ରୋବେସନାରୀ ଅଧିକାରୀ ପ୍ରତୀକ ପ୍ରକାଶ ହିଣ୍ଡଲକୋ, ବନାଞ୍ଚଳ ଅଧିକାରୀ ଗଙ୍ଗାଧର ମିଶ୍ର,ଅନିଲ କୁମାର ବଳ ସମତେ ରାୟଗଡା ଜିଲ୍ଲାର ଅନ୍ୟାନ୍ୟ ବନାଞ୍ଚଳ ଅଧିକାରୀ, ବନପାଳ, ବନରକ୍ଷୀ ପ୍ରମୁଖ ଉପସ୍ଥିତ ଥିଲେ ।

## ମିଳିଲା ୧୮ ନିହତ ନକ୍ସଲଙ୍କ ପରିଚୟ, ବିପୁଳ ଅସ୍ତ୍ରଶସ୍ତ୍ର ଜବତ



ମାଲକାନଗିରି,(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡରେ ଗତଦୁଇଦିନ ପୂର୍ବେ ଦୁଇଟି ସ୍ଥାନରେ ବଡ ଧରଣର ଗୁଳିବିନିମୟରେ ୩୦ ମାଓବାଦୀ ନିହତ ହୋଇଥିଲେ ଓ ତେବେ ଏହି ଘଟଣାରେ ସମସ୍ତଙ୍କ ମରଶରୀର ଉଦ୍ଧାର କରାଯାଇଛି । ତେବେ ବୀଜାପୁର ଗୁଳି ବିନିମୟରେ ନିହତ ହୋଇଥିବା ୨୬ଜଣ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି, ଯେଉଁଥିରେ କି ୧୪ଜଣ ମହିଳା ମାଓବାଦୀଙ୍କ ମରଶରୀର ରହିଛି । ଏନକାଉଣ୍ଟରରେ ନିହତ ୧୮ଜଣ ମାଓବାଦୀଙ୍କୁ ଚିହ୍ନଟ କରାଯାଇଛି ଓ ଚିହ୍ନଟ ହୋଇଥିବା ୧୮ ଜଣ ମାଓବାଦୀଙ୍କ ମଧ୍ୟରେ ଡିଭିସିଏମ, ଏସିଏମ, ପିଏଲଜିଏ ସଦସ୍ୟ ଭଳି ଅନେକ କ୍ୟାଡର ଓ ଇନାମି ମାଓବାଦୀ ରହିଛନ୍ତି ଓ ସେହିପରି ଘଟଣା ସ୍ଥଳରୁ ବିପୁଳ ପରିମାଣର ଏକେ ୪୭, ଏସଏଲଆର, ଇନ୍ସାସ, ରାଇଫଲ୍, ୩୦୩ ରାଇଫଲ୍, ରକେଟ୍ ଲଞ୍ଚର, ବୀଡି ରକେଟ୍ ଲଞ୍ଚ, ବୀଜିଏଲ ଲଞ୍ଚର ଅସ୍ତ୍ରଶସ୍ତ୍ର ସହିତ ବିସ୍ଫୋରକ, ଔଷଧ, ମାଓ ୟୁନିଫର୍ମ, ସାହିତ୍ୟ ଏବଂ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଜବତ କରାଯାଇଛି । ସେହିପରି ଗତକାଲି ସହିଦ ହୋଇଥିବା ଡିଆରଜି କନଷ୍ଟେବଲ ରାଜୁରାମ ଓୟାମଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପରେ ତାଙ୍କର ସେସ କୃତ୍ୟ କରାଯାଇଛି । ଏନକାଉଣ୍ଟରରେ ନିହତ ୧୮ଜଣ ମାଓବାଦୀଙ୍କ ପ୍ରାଥମିକ ଚିହ୍ନଟ କରାଯାଇଥିବା ବେଳେ ଏମାନଙ୍କ ନାମରେ ପ୍ରାୟ ୯୩ ଲକ୍ଷର ଇନାମ ରହିଥିବା ଜଣାପଡିଛି ।

## ବିଶ୍ୱ ବନ ଦିବସ ପାଳିତ

କେନ୍ଦୁଝରସଦର,(ଭାସ୍କର ନ୍ୟୁଜ): କେନ୍ଦୁଝର ବନଖଣ୍ଡ ଦ୍ୱାରା ଆୟୋଜିତ ବିଶ୍ୱ ବନ ଦିବସ କେନ୍ଦୁଝର ସହରର ଅଡିଟୋରିୟମ ଠାରେ ମହାସମାହାରରେ ପାଳିତ ହୋଇଯାଇଛି । ଏଥିରେ ଜିଲ୍ଲା ସହକାରୀ ବନ ସଂରକ୍ଷକ କେ ନାଗାରାଜୁ ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ପୂର୍ବତନ ସାଂସଦ ରାହସ ବିହାରୀ ବାରିକ, ସମ୍ମାନିତ ଅତିଥି ଭାବେ ଓଡିଶା ବନ ଉନ୍ନୟନ ନିଗମର ସାଧାରଣ ପରିଚାଳକ ଜେପି ସିଂହ, କେନ୍ଦୁଲିପ ବନଖଣ୍ଡ ଅଧିକାରୀ ନିତ୍ୟାନନ୍ଦ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ 'ଖାଦ୍ୟ ଏବଂ ଜଙ୍ଗଲ' ଶୀର୍ଷକ ଉପରେ ଆଲୋକପାତ କରିଥିଲେ । ଜଙ୍ଗଲ ସୁରକ୍ଷା, ସଂରକ୍ଷଣ ଓ ଜୀବନ ଶୈଳୀର ପରିବର୍ତ୍ତନ ପ୍ରାକୃତିକ ସମ୍ପଦର ସୁପରିଚାଳନା ନିମନ୍ତେ ଦିଗ୍‌ଦର୍ଶନ ଦିଆଯାଇଥିଲା । ଏହି ଅବସରରେ ବନୀକରଣରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ସ୍ୱୟଂ ସହାୟିକା ଗୋଷ୍ଠି, ବନ ସୁରକ୍ଷା ସମିତିର ସଦସ୍ୟ, ସରପଞ୍ଚ ସମେତ ବନ ବିଭାଗର ଅଧିକାରୀ, କର୍ମଚାରୀ ଓ ପରିବେଶବିତ୍‌ମାନେ ଉପସ୍ଥିତ ଥିଲେ ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର




ଭଞ୍ଜନଗର (ଭାସ୍କର ନ୍ୟୁଜ) : ବନ ବିନା, ଜୀବନ ଜଟିଳ ହୋଇ ପଡ଼ିବ। ଜଙ୍ଗଲ ସୁରକ୍ଷା ଏବଂ ବୃକ୍ଷ ରୋପଣ ଏବେ ଅପରିହାର୍ଯ୍ୟ ହୋଇଛି। ଏହା ସହ ବନ୍ୟଜନ୍ତୁଙ୍କ ସୁରକ୍ଷା ମଧ୍ୟ ଜରୁରି। ଯାହାଫଳରେ ଜଙ୍ଗଲ ସୁରକ୍ଷା ସମ୍ଭବ ହୋଇପାରିବ। ଜଙ୍ଗଲ କ୍ଷୟ ହେଲେ, ଏହା ଜୀବଜଗତ ତଥା ମଣିଷ ସଭ୍ୟତା ଉପରେ ବିଶେଷ ପ୍ରଭବ ପକାଇବ। ବିଶ୍ୱ ତାପାୟନରୁ ମୁକ୍ତି ପାଇଁ, ଜଙ୍ଗଲର ସୁରକ୍ଷା ଆବଶ୍ୟକ। ଏହି ବାର୍ତ୍ତାକୁ ସାର୍ବଜନୀକ କରିବା ପାଇଁ ଭଞ୍ଜନଗର ସ୍ଥିତ ଉତ୍ତର ଘୁମୁସର ବନଖଣ୍ଡର ଲାଲସିଙ୍ଗି ସ୍ଥିତ ସ୍ଥାୟୀ ଚାରା ଉଦ୍ୟାନ କେନ୍ଦ୍ର ଠାରେ ବିଶ୍ୱ ବନଦିବସ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସହକାରୀ ମୁଖ୍ୟ ବନ ସଂରକ୍ଷକ ରଶ୍ମି ରଞ୍ଜନ ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏସିଏଫଓ ବିବେକ କୁମାର ଦାସ, ମୁଜାଗଡ ବନାଞ୍ଚଳ ଅଧିକାରୀ ବିମ୍ବାଧର ସାହୁ, ଜଗନ୍ନାଥପ୍ରସାଦ ବନାଞ୍ଚଳ ଅଧିକାରୀ ସୁଜାତା ରାଣୀ ପଣ୍ଡା, କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ପୃଥ୍ୱୀରାଜ୍ ପ୍ରଧାନ, ଅବସରପ୍ରାପ୍ତ ଅଧିକାରୀ ଅନୁପମ ବାନାର୍ଜୀ, ସୁରେଶ ଚନ୍ଦ୍ର ସ୍ୱାଇଁ, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଚଳିତ ବର୍ଷର ବିଶ୍ୱ ବନଦିବସ କାର୍ଯ୍ୟକ୍ରମର ବିଷୟବସ୍ତୁ 'ବନ ଓ ଖାଦ୍ୟ' ରହିଥିବା ବେଳେ, ଜଙ୍ଗଲ ସହ ଏଥିରୁ ପାଉଥିବା ଖାଦ୍ୟ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଏଥିରେ ବିଭିନ୍ନ ବନ ସୁରକ୍ଷା ସମିତିର ସଦସ୍ୟ, ବୁଦ୍ଧିଜୀବୀ, ପ୍ରକୃତିପ୍ରେମୀ ପ୍ରମୁଖ ଯୋଗ ଦେଇଥିଲେ।



## ଛତ୍ରହାଟ ଦୋଳମେଳଣ ଶାନ୍ତି ଶୃଙ୍ଖଳାର ସହ ସମାପନ



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ଚୈତ୍ରମାସ କୃଷ୍ଣପକ୍ଷ ସ୍କନ୍ଧ ଷଷ୍ଠୀ ତିଥିରେ ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଛତ୍ରହାଟର ପ୍ରସିଦ୍ଧ ଦୋଳ ମେଳଣ ଓ ହୋଲି ଉତ୍ସବ ଆନନ୍ଦ ଉଲ୍ଲାସ ଓ ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଯାଇଛି। ଗୁରୁବାର ସକାଳୁ ଭାଇଚାରାର ପର୍ବ ହୋଲି ଅସୁରେଶ୍ୱର ଅଞ୍ଚଳବାସୀ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରିଥିବା ବେଳେ ରାତ୍ରୀରେ ପ୍ରସିଦ୍ଧ ଛାତ୍ରହାଟ ଦୋଳମେଳଣ ଅନୁଷ୍ଠିତ ହୋଇଯାଇଛି। ଏହି ଦୋଳ ମେଳଣଟି ଗତ ୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷ ସମୟରୁ ପାଳିତ ହୋଇ ଆସୁଛି। ଏହି ମେଳଣରେ ଗାଦିଶ୍ୱର ବିମାନ ଭାବେ ବିରାଜିତ କରନ୍ତି ଅସୁରେଶ୍ୱର ଗ୍ରାମପଞ୍ଚାୟତ କୋଇଲୋର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଶ୍ରୀ ଦଧିବାମନ ଜୀୟୁ। ରାତ୍ର ୧୦ ଘଟିକା ସମୟରେ ଯଥା ରୀତିନୀତି ଅନୁଯାୟୀ ଦଧିବାମନ ଜୀୟୁ ମନ୍ଦିରୁ ସର୍ବ ପ୍ରଥମେ ମେଳଣକୁ ସୁସଜିତ ବିମାନରେ ପ୍ରଭୁ ଶ୍ରୀ ଶ୍ରୀ ଦଧିବାନ ଜୀୟୁଙ୍କ ଚଳନ୍ତି ପ୍ରତିମା ରୂପେ ଚୂଳମାଳ ମହା ପଟୁଆରାରେ ଆସି ମେଳଣ ପଡିଆଠାରେ ପହଞ୍ଚିଥିଲା। ପାରମ୍ପରିକ ଷଣ୍ଢ ସଖି ନାଚ ସହିତ ଘଣ୍ଟ ଖୋଳ ସଂକୀର୍ତ୍ତନ ଅତ୍ୟାଧୁନିକ ବ୍ରାସ ବ୍ୟାଣ୍ଡ ସହିତ ଡିଜେର ତାଳେ ତାଳେ ସମସ୍ତ ଦୋଳ ବିମାନ ଏକ ଶୋଭାଯାତ୍ରାରେ ମେଳଣ ପଡିଆରେ ପହଞ୍ଚି ଥିଲେ। କଟକ ଜିଲ୍ଲା ସମେତ ପଡୋଶୀ କେନ୍ଦ୍ରାପଡା ଜିଲ୍ଲାକୁ ମିଶାଇ ଏହି ମେଳଣରେ ୩୦ରୁ ଅଧିକ ସୁସଜିତ ଦୋଳ ବିମାନରେ ପ୍ରଭୁ ଶ୍ରୀ ରାଧାକୃଷ୍ଣ ଯୁଗୋଳ ମୂର୍ତ୍ତି ମେଳଣ ପଡିଆରେ ଆସି ଉପସ୍ଥିତ ହୋଇଥିଲେ। ଗାଦିଶ୍ୱର ବିମାନର ଡାହାଣ ପାଖରେ ପାରମ୍ପରିକ ହିସାବରେ ଅଣସରପୁରର ପ୍ରଭୁ ଶ୍ରୀ ମଦନମୋହନ ପରିଚାଳନା କରିଥିଲେ। ମା' ବୁଢୀ ଜାଗୁଳାଇ ମେଳଣ କମିଟି ପକ୍ଷରୁ ରୀତିନୀତି ଅନୁସାରେ ଧୂପଦୀପ ନୈବେଦ୍ୟ ଅର୍ପଣ କରାଯାଇଥିଲା। ମେଳଣ କମିଟିର ସଭାପତି ଅଲେଖ ଚନ୍ଦ୍ର ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମେଳଣରେ ଆସିଥିବା ସମସ୍ତ ବିମାନର ସାଧୁ ସନ୍ନ୍ୟାସୀ ମହନ୍ତ ପୁରୋହିତମାନଙ୍କୁ ଅବିରଲାଗି କରାଯିବା ସହ ଫୁଲହାର ପ୍ରଦାନ କରାଯାଇଥିଲା। ତେବେ ଏହି ମେଳଣକୁ ଶାନ୍ତି ଶୃଙ୍ଖଳାର ସହ ପାଳନରେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସରପଞ୍ଚଙ୍କ ପ୍ରତିନିଧି ଅନନ୍ତ କୁମାର ଦାସ, ମେଳଣ କମିଟି ସଭ୍ୟ ଲକ୍ଷ୍ମଣ କୁମାର ବେହେରା, ନାରାୟଣ ମହାନ୍ତି, ପ୍ରଦୀପ୍ତ କୁମାର ସିଂ, ଜିତେନ୍ଦ୍ର କୁମାର ସିଂ, ରାଜେନ୍ଦ୍ର ବେହେରା, ଅଲେଖଚନ୍ଦ୍ର ବେହେରା, ସରୋଜ କୁମାର ସିଂ ହରେକୃଷ୍ଣ ମହାନ୍ତି ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ। ଶେଷରେ ସମ୍ପାଦକ ବିଜୟ କୁମାର ସାହୁ ଉପସ୍ଥିତ ସମସ୍ତ ବିମାନର ମହନ୍ତମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କାଗଜପତ୍ରରେ ଚାଲିଛି ଲୁଣ ସମବାୟ ସମିତି

- ଲବଣ ଜମି ଉପରେ ଚିଙ୍ଗୁଡ଼ି ମାଫିଆଙ୍କ ଲୋଲୁପ ଦୃଷ୍ଟି
- ଦୀର୍ଘ ବର୍ଷ ହେଲା ଲୁଣ ମରା ବନ୍ଦ
- ସମିତି ଜମି ଏବେ ସଂକୁଚିତ





ଅସ୍ତରଙ୍ଗ (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳ ଦିନେ ଲୁଣ ଉତ୍ପାଦନ ଓ ବ୍ୟବସାୟର ପେଣ୍ଠସ୍ଥଳୀ ଥିଲା। ଘରେ ଘରେ ପାଣିକୁ ବନ୍ଧାଇ ଲୁଣ ଉତ୍ପାଦନ କରି ବହୁ ଲୋକ ଜୀବିକା ନିର୍ବାହ କରୁଥିଲେ। କିନ୍ତୁ ଦୀର୍ଘ ୨୨ବର୍ଷରୁ ଉର୍ଦ୍ଧ୍ୱ ହେବ ଅସ୍ତରଙ୍ଗରେ ଆଉ ଲୁଣମରା ନହେବାରୁ ଦେଶୀ ଲୁଣ ଦେଖିବା ଏବେ ସାତ ସପନ। ଅସ୍ତରଙ୍ଗରେ ଲୁଣ ଉତ୍ପାଦନ ଓ ବିକ୍ରୟ ସମବାୟ ସମିତି ନାମରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା କାର୍ଯ୍ୟାଳୟ ଏହାର ମୂକସାକ୍ଷୀ। ଆଜି ଏହି ଜୀବିକା ଲୋପ ପାଇବା ସହ ପ୍ରଶାସନର ଆନ୍ତରିକତା ଅଭାବରୁ ଲବଣ ସମବାୟ ସମିତି ନିଜର ଅସ୍ତିତ୍ୱ ହରାଇବାକୁ ବସିଛି। ଖବର ମୁତାବକ, ଅସ୍ତରଙ୍ଗ ଚତୁଃପାର୍ଶ୍ୱରେ ନଦୀ ଓ ସମୁଦ୍ର ଘେରି ରହିଥିଲା। ସମୁଦ୍ର ସଂଲଗ୍ନ ନଦୀର କୁଆର ପାଣିକୁ ବନ୍ଧାଇ ଅସ୍ତରଙ୍ଗ, କୁଜୁଡ଼ି, ନୂଆଗଡ, ତମଶୁଣ, ନଟରା, କେଉଁଟଜଙ୍ଘା, ଭଉଁରିଆ ନଦୀ ନିକଟରେ ଅସ୍ତରଙ୍ଗ ବ୍ଲକଅଞ୍ଚଳରେ ବହୁ ଲୋକ ଲୁଣ ଚାଷ କରି ଲାଭବାନ ହେଉଥିଲେ। ୧୯୩୧ମାର୍ଚ୍ଚ ୫ ଠାରୁ ଅସ୍ତରଙ୍ଗ ରେ ଲୁଣ ଉତ୍ପାଦନ ସ୍ୱାଭାବିକ ହୋଇ ୧୯୪୩ରେ ଲବଣ ସମବାୟ ସମିତି ଗଠନ ହୋଇଥିଲା। ଏହା ଅଧୀନରେ କୁଜଙ୍ଗ, ରାଜନଗର, ରାଜକନିକା, ପିପିଲି, ନୟାହାଟ, ପାରାଦ୍ୱୀପ ପ୍ରମୁଖ ସ୍ଥାନରେ ଲୁଣ ବିକ୍ରି କରି ଉଚିତ ମୂଲ୍ୟ ମିଳୁଥିଲା। ୧୯୯୯ ମହାବାତ୍ୟାରେ ଲୁଣ ଚାଷ ଓ ସମିତି କାର୍ଯ୍ୟାଳୟ କ୍ଷତିଗ୍ରସ୍ତ ହୋଇଥିଲା। ୨୦୦୨ରେ ଆୟୋଡିନ ଯୁକ୍ତ ଲୁଣର ପ୍ରଚାର ପ୍ରସାର ଯୋଗୁଁ ଦେଶୀ ଲୁଣର ଚାହିଦା ଧୀରେ ଧୀରେ କମିଥିଲା। ଅନ୍ୟପକ୍ଷରେ ଲୁଣ ଚାଷ ପାଇଁ ଲିଜ ସୂତ୍ରରେ ଜମିର ନବୀକରଣ ନହେବାରୁ ୨୦୦୨ରୁ ଲୁଣ ଉତ୍ପାଦନ ସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ଯାଇଛି। ଅନେକ ବ୍ୟକ୍ତି ବିଶେଷଙ୍କ ସହ କିଛି ଚିଙ୍ଗୁଡ଼ି ମାଫିଆଙ୍କ ଲୋଲୁପ ଦୃଷ୍ଟି ଏବେ ଲବଣ ଜମି ଉପରେ। ଲବଣ ଜମି ଖୋଲି କିଛି କିଛି ଚିଙ୍ଗୁଡ଼ି ମାଫିଆ ବେଆଇନି ଚିଙ୍ଗୁଡ଼ି ଘେରି ନିର୍ମାଣ କଲେଣି ଅନେକ ମଧ୍ୟ ଜେସିବି ପକାଇ ଖୋଳା ଜାରି ରଖିଛନ୍ତି। ଜମି ଜବରଦଖଲ ସମେତ ବିଭିନ୍ନ ସ୍ଥାନରେ ଏବେ ମାଳ ମାଳ ଚିଙ୍ଗୁଡ଼ି ଘେରି ମୁଣ୍ଡ ଟେକିଛି। ବର୍ତ୍ତମାନ ସମିତିର ସଭାପତି ରାଜକିଶୋର ବେହେରା କୁହନ୍ତି ୧୯୯୫ରେ ସମିତି ଅଧୀନରେ ୪୮୦ଏକର ଜମି ଥିଲା। ୧୯୯୪-୯୫ରେ ଏହି ଜମି ୭୫ ଏକର ଜମି ଥିଲା। ୧୯୯୪-୯୫ରେ ଏହି ଜମି ୭୫ ଏକରରେ ସମିତି ରଖି ୪୦୫ଏକର ସରକାରୀ ଖାତାକୁ ଯାଇଥିଲା। ତେବେ ୭୫ଏକର ଜମିରୁ ଯାହା ଲୋକ କହିବା ମୁତାବକ ୧ ଏକର ୩୦ ଡେସିମିଲରେ ତହସିଲ, ୧ ଏକର ୨୦ଡେସିମିଲିରେ ନୂତନ ଥାନାର ଭିତ୍ତିଭୂମି, ପ୍ରାୟ ୨୨ଡେସିମିଲି ଜାଗାରେ ଲୁଣ ସମବାୟ ସମିତି ଦଣ୍ଡାୟମାନ। ଅସ୍ତରଙ୍ଗ ରୁ କିଛି ଦୂରରେ ଏକ ବିସ୍ତୀର୍ଣ୍ଣ ଜମି ରହି ଲୁଣପାଟ ନାମରେ ନାମିତ। କାଳକ୍ରମେ ଏହା ସଂକୁଚିତ ହୋଇ ଜମି ହରିଯିବାକୁ ବସିଛି। ପ୍ରତିବର୍ଷ ମେ ୨୧ରେ କୁଜୁଡି ଠାରେ ଲବଣ ସତ୍ୟାଗ୍ରହ ସ୍ମାରକୀ ଦିବସ ପାଳନ ସମୟରେ ନେତାଙ୍କ ଭାଷଣ ବେଳେ ଲୁଣ ଚାଷର ସ୍ମୃତି ମନେ ପଡିଥାଏ। କୁଜୁଡିଠାରେ ଲବଣ ସତ୍ୟାଗ୍ରହ ଭିନ୍ନ ରୂପଧାରଣ କରି ସତ୍ୟାଗ୍ରହୀ ପଣ୍ଡିତ ନୀଳକଣ୍ଠ ଦାସଙ୍କ ନେତୃତ୍ୱରେ ମଧୁସୂଦନ ମିଶ୍ର, ଭୁବନାନନ୍ଦ ସ୍ୱାଇଁ, ପୂର୍ଣ୍ଣାନନ୍ଦ ସ୍ୱାଇଁଙ୍କ ସମେତ ସାଧାରଣ ଲୋକ ଲବଣ ଆଇନକୁ ଭଙ୍ଗ କରି ୧୯୩୦ମେ ମାସରେ ଲୁଣ ମାରି ଗୋରା ସିପାହୀଙ୍କୁ ଲହୁ ଲୁହାଣ କରିଥିଲେ। ଅନୁମତି ବା ପ୍ରୋତ୍ସାହନ ମିଳିଲେ ଅତ୍ୟାଧୁନିକ ପଦ୍ଧତିରେ ଅସ୍ତରଙ୍ଗରେ ଲୁଣଚାଷ ପୁନର୍ଜୀବିତ ହୋଇ ଜୀବିକା ଫେରିବା ସମେତ ରାଜସ୍ୱ ବୃଦ୍ଧି ସମ୍ଭବ ହୋଇପାରିବ ବୋଲି ଅନେକ ବୁଦ୍ଧିଜୀବୀ କୁହନ୍ତି। ଅନ୍ୟପଟେ ଲବଣ ଜମିରେ ବେଆଇନ ଚିଙ୍ଗୁଡ଼ି ଘେରିକୁ ନେଇ ସ୍ଥାନୀୟ ପ୍ରଶାସନିକ ଅଧିକାରିଣୀ କହିଛନ୍ତି ଖୁବଶୀଘ୍ର ସ୍ଥିତି ଅନୁଧ୍ୟାନ କରି ଆଇନ ଉଲ୍ଲଘନ କରିଥିଲେ ନିୟମ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସଡ଼କ ଦୁର୍ଘଟଣାରେ ବ୍ୟବସାୟୀଙ୍କ ମୃତ୍ୟୁ



ଡେରାବିଶ (ଭାସ୍କର ନ୍ୟୁଜ) : ଡେରାବିଶ ଥାନା ଅଧୀନ କଟକ-ଚାନ୍ଦବାଲି ରାଜରାସ୍ତାର ଖମୋଳ ଛକ ନିକଟରେ ଗତକାଲି ରାତିରେ ଏକ ସଡ଼କ ଦୁର୍ଘଟଣାରେ ଖମୋଳ ପଞ୍ଚାୟତ ଅନ୍ତର୍ଗତ ଜହ୍ନିମୂଳ ଗ୍ରାମର ଧିରେନ କୁମାର ବରାଳ (୫୫)ଙ୍କର ମୃତ୍ୟୁ ହୋଇଯାଇଛି । ସ୍ଥାନୀୟ ଚଣ୍ଡିବଜାରରେ ବ୍ୟବସାୟ କରୁଥିବା ଶ୍ରୀ ବରାଳ ଗତକାଲି ତାଙ୍କ ଶାଶୂଙ୍କୁ ମହାଙ୍ଗା ବ୍ଲକ ଅନ୍ତର୍ଗତ କୁରୁଜଙ୍ଗାରେ ଛାଡ଼ି ଘରକୁ ଫେରୁଥିବା ସମୟରେ ଖମୋଳ ଛକ ପରେ ପଛରୁ ଏକ ଆଇଚର (ଓଡ଼ି-୨୯-କେ-୭୭୭୧) ତାଙ୍କୁ ଧକ୍କାଦେବା ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ଘଟାଇଥିବା ଗାଡ଼ିଟିକୁ ଛାଡ଼ି ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଖବର ପାଇ ଡେରାବିଶ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିବା ସହ ମୃତକ ଧିରେନଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା । ତେବେ ଗତକାଲି ରାତିରେ ବ୍ୟବଚ୍ଛେଦ ହୋଇନଥିବା ବେଳେ ଆଜି ସକାଳରେ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା । ଏ ସମ୍ପର୍କରେ ପୋଲିସ୍ କେସ୍ ନଂ ୫୦/୨୦୨୫ ରୁଜୁ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି । ସ୍ୱର୍ଗତ ବରାଳଙ୍କ ଶେଷକୃତ୍ୟ ଗ୍ରାମ ଶ୍ମଶାନରେ ଏକ ଶୋକାକୂଳ ପରିବେଶରେ ସମ୍ପନ୍ନ ହୋଇଥିବା ବେଳେ ନାବାଳକ ପୁଅ ଆୟୁଷ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ବରାଳଙ୍କ ମୃତ୍ୟୁ ପରେ ତାଙ୍କ ପରିବାରରେ ବିଧବା ପତ୍ନୀ, +୨ ପଢୁଥିବା ଝିଅ ଓ ଅଷ୍ଟମରେ ପଢୁଥିବା ପୁଅ ବେସାହାରା ହୋଇପଡ଼ିଛନ୍ତି । ଆଜି ତାଙ୍କ ଶବଧାରାରୋ ବିଶିଷ୍ଟ ସମାଜସେବୀ ପ୍ରାଧାପକ ଅଜୟ କୁମାର ରାଉତ ଯୋଗଦେଇ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଦେବା ସହ ସହାୟତାର ହାତ ବଢ଼ାଇଥିଲେ।

## ମାଛ ଭାଗବଣ୍ଟା କଳହକୁ ନେଇ ମହିଳାଙ୍କୁ ହତ୍ୟା





ମାଲକାନାଗିରି (ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକର ମହୁପଦାର ଗ୍ରାମ ପଞ୍ଚାୟତରେ ପୋଖରୀରେ ଧରିଥିବା ମାଛ ଭାଗବଣ୍ଟାକୁ ନେଇ ମହିଳାଙ୍କୁ ହତ୍ୟା କଲା ଡମ୍ବୁ ଦୁରୁଆ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ମାଥିଲି ବ୍ଲକ ମହୁପଦର ଗ୍ରାମରେ। ଗ୍ରାମବାସୀଙ୍କ କହିବା ଅନୁଯାୟୀ ଏକବର୍ଷ ପୂର୍ବରୁ ଡମ୍ବୁ ଦୁରୁଆ ଏବଂ ଲକ୍ଷ୍ମୀ କଳାର ମିଶି ସେହି ଗ୍ରାମର ଜଣଙ୍କ ପୋଖରୀ ଲିଜ୍ ଆକାରରେ ନେଇ ମାଛଚାଷ କରୁଥିଲେ। ହେଲେ ଡମ୍ବୁ ତା' ଇଚ୍ଛା ମୁତାବକ ପୋଖରୀରୁ ମାଛ ଧରି ବହୁତ୍ ଥର ବିକ୍ରୀ କରିଦେଉ ଥିଲା। ହେଲେ ଗତକାଲି ମଧ୍ୟ ସେହିଭଳି ମାଛ ଧରି ବିକ୍ରୀ କରିଥିଲା, କିନ୍ତୁ ଠିକ୍‌ରେ ହିସାବ ଦେଉ ନଥିଲା ଭାଗୁଆଳି ଲକ୍ଷ୍ମୀକୁ। ଆଜି ସକାଳେ ଲକ୍ଷ୍ମୀ ଯାଇ ଡମ୍ବୁଙ୍କୁ ମାଛ ବିକ୍ରିର ହିସାବ ପଚାରି ଥିଲା । ଡମ୍ବୁ କିନ୍ତୁ ହିସାବ ଦେଇ ନଥିଲା। ଏହାକୁ ନେଇ ପରବର୍ତ୍ତି ମୁହୂର୍ତ୍ତରେ ଦୁହିଁଙ୍କ ମଧ୍ୟରେ ଧରିଥିବା ମାଛର ଭାଗବଣ୍ଟାକୁ ନେଇ ବଚସା ହୋଇଥିଲା। ପରେ ଲକ୍ଷ୍ମୀ ନିଜ ଘରକୁ ପଳାଇ ଆସି ନିଜ ଦାଣ୍ଡରେ ଲୁଗା ସୁଖାଉଥିବା ସମୟରେ ପଛପଟୁ ଆସି ଉତ୍ତ୍ୟକ୍ତ ଡମ୍ବୁ ଏକ ଟାଙ୍ଗିଆରେ ଲକ୍ଷ୍ମୀ କଳାର (୨୮)ଙ୍କୁ ହାଣି ହତ୍ୟା କରିଥିଲା। ପରେ ପରେ ମାଥିଲି ଥାନା ଅଧିକାରୀ ଖବର ପାଇ ପୋଲିସ ଟିମ୍‌କୁ ସାଙ୍ଗରେ ନେଇ ସେହି ଗ୍ରାମକୁ ତୁରନ୍ତ ଯାଇ ଅଭିଯୁକ୍ତ ଡମ୍ବୁ ଦୁରୁଆକୁ ଗିରଫ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିବା ସହ ମୃତ ଲକ୍ଷ୍ମୀ କଳାରଙ୍କ ଶବକୁ ଜବତ କରି ମାଥିଲି ସ୍ଥିତ ଉପଖଣ୍ଡ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହ ଘଟଣାର ଅଧିକ ତଦନ୍ତ ଜାରି ରଖିଥିବା କଥା କହିଛନ୍ତି ମାଥିଲି ଥାନା ଅଧିକାରୀ ଶ୍ରୀ ମଲ୍ଲିକ। ସୂଚନା ଥାଉ କି ଡମ୍ବୁ ଦୁଇ ଅଢେଇ ବର୍ଷ ପୂର୍ବେ ଗ୍ରାମର ଜଣେ ଲୋକକୁ ତିର ମାରି ଏକ ବର୍ଷ ଜେଲ୍‌ରେ ଖଟି ଫେରିଛି।

## ସରକାରୀ ଅନୁଦାନ ପାଇଁ ମତ ଓ ମନ୍ତବ୍ୟ କାର୍ଯ୍ୟକ୍ରମ




ବୋଲଗଡ (ଭାସ୍କର ନ୍ୟୁଜ) : ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟ ପରିସରରେ ରାଜ୍ୟ ବେସରକାରୀ ଅଧାପକ ଓ କର୍ମଚାରୀ ସଂଘ ପକ୍ଷରୁ ରାଜ୍ୟ ସଭାପତି ବିଶ୍ୱରଞ୍ଜନ ଦାସଙ୍କ ନିର୍ଦ୍ଦେଶ କ୍ରମେ ବୋଲଗଡ଼ ଖଣ୍ଡ ସଂଯୋଜକ ବଳରାମ ନାୟକଙ୍କ ସଂଯୋଜନାରେ ମତ ଓ ମନ୍ତବ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଅଛି। ସଂଘର ଏକମାତ୍ର ଦାବି ୨୦୦୮ ଜୁନ୍ ୧ରୁ ୨୦୧୮ ଜୁନ ୧ ମଧରେ ମହାବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କ ପାଇଁ ନୂତନ ଅନୁଦାନ ନୀତି ପ୍ରଣୟନ କରିବା ଦିଗରେ ପୂର୍ବ ବିଜେଡି ସରକାର ଓ ବର୍ତ୍ତମାନର ସରକାରଙ୍କ ଅବଗତ ନିମନ୍ତେ ଦୀର୍ଘଦିନ ଧରି ରାଜରାସ୍ତାରେ ଅହୋରାତ୍ର ଆନ୍ଦୋଳନ କରାଯାଇଥିଲା। ଏକ ଲକ୍ଷରୁ ଉର୍ଦ୍ଧ୍ୱ ସହମତି ଭିତ୍ତିକ ଦସ୍ତଖତ ଓଡ଼ିଶାର ଜନସାଧାରଣଙ୍କ ଦ୍ୱାରା ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ପ୍ରେରିତ କରାଯାଇଥଲେ ମଧ୍ୟ ସରକାର ଓ ଉଚ୍ଚଶିକ୍ଷା ବିଭାଗର ବୈମାତୃକ ମନୋଭାବ ଦୀର୍ଘ ୧୬ ବର୍ଷ ଧରି ସରକାରୀ ଅନୁଦାନରୁ ବଞ୍ଚିତ କରିବା ଦ୍ୱାରା ପ୍ରତ୍ୟକ୍ଷ ଭାବେ ୫ହଜାର ବୃଦ୍ଧିଜୀବୀ ପରିବାର ଓ ପରୋକ୍ଷ ଭାବେ ଓଡ଼ିଶାର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷାକୁ କୁଠାରଘାତ କରାଯାଉଅଛି। ଏହି ଅବସରରେ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ କାଳିଚରଣ ଜୟସିଂହଙ୍କ ସମେତ ବହୁ ବୃଦ୍ଧିଜୀବୀ ଓ ଶିକ୍ଷାବିତ୍‌ମାନେ ଅବଗତ ହୋଇ ଅନୁଦାନ ପାଇଁ ଦୃଢ଼ୋକ୍ତି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବୋଲଗଡ଼ ବ୍ଲକ ଅନ୍ତର୍ଗତ ସମସ୍ତ ମହାବିଦ୍ୟାଳୟ ଗୁଡିକର ଅଧାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଓଲଙ୍ଗରରେ ବୃଷବ ମହୋତ୍ସବ

କାକଟପୁର (ଭାସ୍କର ନ୍ୟୁଜ) : କାକଟପୁର ବ୍ଲକ ଲତାହାରଣ ଗ୍ରାମ ପଞ୍ଚାୟତର (ବଡ଼) ଓଲଙ୍ଗର ଗ୍ରାମରେ ଥିବା ବୃଷବ ପୀଠରେ ୧୪ତମ ବୃଷବ ମହୋତ୍ସବ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ତିନିଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ନଦୀ କୂଳରୁ ଜଳ ତୋଳି କଳସ ଯାତ୍ରାରେ ପୀଠସ୍ଥଳରେ ପହଞ୍ଚିବା ପରେ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୂଜକ ଦେବ ଭାଇନା ପୂଜା କାର୍ଯ୍ୟ ସମାପନ କରିଥିଲେ। ତିନିଦିନ ବ୍ୟାପି ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଅଖଣ୍ଡ ନାମ ସଂକୀର୍ତ୍ତନ କରାଯାଇଥିଲା। ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ଏହି ନାମଯଜ୍ଞରେ ଯୋଗ ଦେଇ ଘିଅ ଦୀପ ଜାଳି ନିଜନିଜ ପରିବାରର ସୁଖ ମନାସି ଥିଲେ ଓ ପ୍ରସାଦ ସେବନ କରିଥିଲେ। ଓଲଙ୍ଗର ଗ୍ରାମର ବରିଷ୍ଠ ବ୍ୟକ୍ତି ବିଶେଷମାନେ ଏହି କାର୍ଯ୍ୟରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ।

## ସମାଜସେବୀଙ୍କ ପରଲୋକ

ଧାମନଗର (ଭାସ୍କର ନ୍ୟୁଜ) : ଧାମନଗର ବ୍ଲକ ଦଳାଙ୍ଗ ପଞ୍ଚାୟତ ଅଧିନସ୍ଥ ରାମେଶ୍ୱରପୁର ଗ୍ରାମର ନିତ୍ୟାନନ୍ଦ ବେହେରା (୭୨)ଙ୍କ ପରଲୋକ ଘଟିଛି। ଶ୍ରୀଯୁକ୍ତ ବେହେରାଙ୍କର ଫେବୃଆରୀ ୮ରେ ବ୍ରେନ ଷ୍ଟ୍ରୋକ ହୋଇଥିଲା ଓ ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରୁ ସୁସ୍ଥ ହୋଇ ଘରକୁ ଫେରିଥିଲେ। ହଠାତ ତାଙ୍କର ଦେହାନ୍ତ ଖବରରେ ପରିବାର ସମସ୍ତଙ୍କୁ ଆଘାତ ଲାଗିଛି। ସ୍ୱର୍ଗତ ବେହେରା ସରଳ, ଦରଦୀ ମଣିଷ ସହ ଜଣେ ସମାଜସେବୀ ଭାବେ ସମସ୍ତଙ୍କ ପ୍ରିୟପାତ୍ର ଥିଲେ।

## ସଡ଼କ ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ଗୁରୁତର

କରଞ୍ଜିଆ (ଭାସ୍କର ନ୍ୟୁଜ) : କରଞ୍ଜିଆ ଏନ୍‌ଏସି ଅନ୍ତର୍ଗତ ୧୪ ନମ୍ବର ୱାର୍ଡ ସ୍ଥିତ ବିକାଶ କନଭେଣ୍ଟ ସ୍କୁଲ ପାଖରେ ଗତକାଲି ସନ୍ଧ୍ୟା ୭ଟା ସମୟରେ ଏକ ସଡକ ଦୁର୍ଘଟଣାରେ ଦୁଇଜଣ ବାଇକ ଆରୋହୀ ଗୁରୁତର ଭାବେ ଆହତ ହୋଇଛନ୍ତି । ଆହତ ଦୁଇଜଣ ରାସ୍ତା ଉପରେ ଛିଟିକି ପଡ଼ିଥିବା ବେଳେ କରଞ୍ଜିଆର ପୂର୍ବତନ ବିଧାୟକ ବିଜୟ କୁମାର ନାୟକ କରଞ୍ଜିଆ ଆସୁଥିବା ବେଳେ ଆହତ ଦୁଇଙ୍କୁ କରଞ୍ଜିଆ ଡାକ୍ତରଖାନା ଆଣି ଚିକିତ୍ସକକରିଛନ୍ତି । ଆହତ ବ୍ୟକ୍ତିମାନେ ହେଲେ କରଞ୍ଜିଆ ଏନ୍‌ଏସି ୱାର୍ଡ ନମ୍ବର ୪ ରଜାବନ୍ଧ ସାହିର ଲକ୍ଷ୍ମୀକାନ୍ତ ଚାତାରଙ୍କ ପୁଅ ଉମାକାନ୍ତ ଚାତାର(୪୫) ଓ ରରୁଆଁ ବ୍ଲକ ରରୁଆର ଅଶୋକ କୁମାର ଭଞ୍ଜଦେଓଙ୍କ ପୁଅ ପ୍ରକାଶ କୁମାର ଭଞ୍ଜଦେଓ (୪୫) ଆହତ ବ୍ୟକ୍ତି ମାନେ ଏକ ବାଇକ ଯୋଗେ କରଞ୍ଜିଆ ଆସୁଥିବା ବେଳେ ଅପରପଟୁ ଏକ ଟ୍ରକ ସେମାନଙ୍କୁ ଧକ୍କା ଦେଇଥିଲା। ବିଧାୟକ ଶ୍ରୀ ନାୟକ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ଥିବାରୁ ଦୁଇଜଣ ଆହତଙ୍କୁ କଟକ ସ୍ଥାନାନ୍ତର ପାଇଁ ବ୍ୟବସ୍ଥା କରାଯାଉଛି।

## ପାରାଦୀପ ଗଡରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ସଚେତନତା କର୍ମଶାଳା



କୁଜଙ୍ଗ (ଭାସ୍କର ନ୍ୟୁଜ) : ଜଗତସିଂହପୁର ଜିଲ୍ଲା, କୁଜଙ୍ଗ ବ୍ଲକ୍, ପାରାଦୀପ ଗଡ ଗ୍ରାମ ପଞ୍ଚାୟତ ଭବନ ପରିସରରେ ପାରାଦୀପ ଗଡ ପଞ୍ଚାୟତ ଓ ପ୍ରାକ୍ସିଅର୍ ଇଣ୍ଡିଆ ଲିମିଟେଡ କମ୍ପାନୀର ମିଳିତ ସହଯୋଗରେ ପଞ୍ଚାୟତରେ ଥିବା ତିନିଗୋଟି ସରକାରୀ ଉଚ୍ଚ ବିଦ୍ୟାଳୟର ୪୪ଜଣ ସ୍କାଉଡ୍ ଓ ଗାଇଡ୍ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଦ୍ରୁତ ଶିଳ୍ପାୟନ ଯୋଗୁ ପାରାଦୀପ ଗଡ ପଞ୍ଚାୟତର ଚଣ୍ଡିଖୋଲ - ପାରାଦୀପ ଜାତୀୟ ରାଜପଥର ଗେଟ୍ ବଜାର, କଟକ-ପାରାଦୀପ ରାଜ୍ୟ ରାଜପଥର ପାରାଦୀପ ଗଡ ବସ୍‌ଷ୍ଟାଣ୍ଡ, ଦୋଛକି ଓ କଟକ-ପାରାଦୀପ ରେଳ ଲାଇନର ରଙ୍ଗିଆଗଡ ରେଳ ଷ୍ଟେସନ ଠାରେ ବ୍ୟାପକ ଜନ ଗହଳି ହେବା ସହିତ ଓ ବହୁଳ ଗାଡ଼ି ଚଳାଚଳ ଯୋଗୁ ସାଧାରଣ ଜୀବନ ଯାତ୍ରା ବ୍ୟାହତ ହୋଇଛି। ଏଥିସହିତ ବୁଲା ଗାଈଗୋରୁ, ଷଣ୍ଢଙ୍କ ଯୋଗୁ ଅନେକ ସଡ଼କ ଦୁର୍ଘଟଣା ଘଟି ଅନେକ ଧନ ଜୀବନ କ୍ଷୟକ୍ଷତି ଘଟୁଛି । ଏହାର ସମାଧାନ ପାଇଁ ସରପଞ୍ଚ ସସ୍ମିତା ବେହେରା ତୈଳ ବିଶୋଧନାଗାରରେ କାର୍ଯ୍ୟରତ ପ୍ରାକ୍ସିଅର ଇଣ୍ଡିଆ ଲିମିଟେଡ୍‌କୁ ଚିଠି ଲେଖିଥିଲେ । ଯାହାଫଳରେ ସଂପୃକ୍ତ କମ୍ପାନୀ କର୍ତ୍ତୃପକ୍ଷ ସରପଞ୍ଚ ଶ୍ରୀମତୀ ବେହେରାଙ୍କ ଅନୁରୋଧ ରକ୍ଷାକରି ପଞ୍ଚାୟତର ବିଭିନ୍ନ ବଜାର, ଛକ ଓ ଭିଡ଼ ସ୍ଥାନମାନଙ୍କରେ ଯାନବାହନ ନିୟନ୍ତ୍ରଣ ଓ ପରିବେଶ ସୁରକ୍ଷା କରିବା ପାଇଁ ସ୍କାଉଡ୍ ଓ ଗାଇଡ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ଏପରି ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେମାନଙ୍କୁ ଆବଶ୍ୟକୀୟ ଉପକରଣ ଓ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପ୍ରାକ୍ସିଅର ଇଣ୍ଡିଆ କମ୍ପାନୀର ଏଚ.ଆର. ହେଡ୍ ରଞ୍ଜିତ କୁମାର ଜେନା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପାରାଦ୍ୱୀପ ନାଗରିକ ମଞ୍ଚ ସଭାପତି ତଥା ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, କମ୍ପାନୀର ମେକାନିକାଲ୍ ହେଡ ସରୋଜ ଏମ୍‌କେ, ଶ୍ରୀମା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷା କମିଟ୍ ସଭାପତି ଜୀବନ ଧନ ବେହେରା, ସମାଜସେବୀ ପରୀକ୍ଷିତ ତରାଇ ପ୍ରମୁଖ ଯୋଗ ଦେଇଥିଲେ।

## ଅଲିଭ ରିଡ୍‌ଲେ କଇଁଛ ଓ ଡ଼ଲଫିନଙ୍କ ସୁରକ୍ଷା ନେଇ ସଚେତନତା




ଚାନ୍ଦବାଲି (ଭାସ୍କର ନ୍ୟୁଜ) : ବିଶ୍ୱରେ ବିରଳ ପ୍ରଜାତିର ଅଲିଭ ରିଡଲେ କଇଁଛ ଏବଂ ବିରଳ ପ୍ରଜାତିର ବଟଲନୋଜ ଓ ଇରାବାରୀ ଡ଼ଲଫିନ ମାନଙ୍କ ସୁରକ୍ଷା ଏବଂ ଉପକୂଳ ସମୁଦ୍ର ତଟର ବେଳାଭୂମିକୁ ପରିଷ୍କାର ରଖିବା ପାଇଁ ଶୁକ୍ରବାର ଦିନ ପୂର୍ବାହ୍ନ ରେ ଭଦ୍ରକ ଏସିଏଫ ସୁମିତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଚାନ୍ଦବାଲି ରେଞ୍ଜ ଅଫିସର ସୁଶାନ୍ତ ବାଗଙ୍କ ଉପସ୍ଥିତରେ ଏକ ସୁରକ୍ଷା ଶିବିର ଭଦ୍ରକ ଜିଲା ଅନ୍ତର୍ଗତ ଚାନ୍ଦବାଲି ବ୍ଲକ ଧାମରା ଚନ୍ଦନୀପାଳ ବେଳାଭୂମିରେ ଅନୁଷ୍ଠିତ ହୋଇଯାଇଛି। ଧାମରାଇ ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ସଙ୍ଗଠିତ ଭାବେ ଚନ୍ଦନୀପାଳ ବେଳାଭୂମିରେ ପହଞ୍ଚିବା ପରେ ବେଳାଭୂମି ସଫେଇ କରିଥିଲେ। ପରେ ଏହି ଅଞ୍ଚଳରେ ଜନସାଧାରଣଙ୍କ ନିମନ୍ତେ ଅଲିଭ ରିଡଲେ କଇଁଛ ଏବଂ ଡ଼ଲଫିନ ମାନଙ୍କ ସୁରକ୍ଷା ପାଇଁ ଏକ ବିଶାଳ ରାଲିରେ ପ୍ଲା-କାର୍ଡ ଧରି ସୁରକ୍ଷା ସମ୍ବଳିତ ସ୍ଲୋଗାନ ଦେଇ ଅଞ୍ଚଳ ପରିକ୍ରମା କରିବା ସହ ସୁରକ୍ଷା ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ପରେ ଏସିଏଫଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହେବା ସହ ଉପସ୍ଥିତ ବ୍ୟକ୍ତି ବିଶେଷ କଇଁଛ ଏବଂ ଡ଼ଲଫିନଙ୍କ ସୁରକ୍ଷା ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ହୋଇଥିବା କାର୍ଯ୍ୟକ୍ରମରେ ମତ୍ସ୍ୟଜୀବୀ, ବିଦ୍ୟାଳୟ ଏବଂ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ଥାନୀୟ ବୁଦ୍ଧିଜୀବୀ, ବନକର୍ମଚାରୀ ସାମୁଦ୍ରିକ ଜୀବମାନଙ୍କ ସୁରକ୍ଷା ଦିଗରେ ଶପଥ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫରେଷ୍ଟର କୁମୁଦ ଚନ୍ଦ୍ର ସାହୁ, ଫରେଷ୍ଟର ସୂର୍ଯ୍ୟକାନ୍ତ ପଣ୍ଡା, ଫରେଷ୍ଟର ସନ୍ତୋଷ ମାଝୀ, ପ୍ରିତିରାଣୀ ଦାସ, ଫରେଷ୍ଟ ଗାର୍ଡ଼ ପ୍ରଶାନ୍ତ ସାହୁ ଓ ରଶ୍ମିତା ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ରାଶିଫଳ

**ରବିବାର, ୨୩ ମାର୍ଚ୍ଚ ୨୦୨୫**



**ମେଷ :** ଲାଭ ପାଇଁ ସୁଯୋଗ ଆସିବ। ରୋଜଗାର ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ଲାଭଦାୟକ ହେବ। ସେୟାର ବଜାରରେ ବୁଦ୍ଧିମାନ ଭାବରେ ବିନିଯୋଗ କରନ୍ତୁ। ଯନ୍ତ୍ରଣା, ଭୟ, ଚିନ୍ତା ଏବଂ ଟେନସନର ପରିବେଶ ସୃଷ୍ଟି ହୋଇପାରେ। କମ୍ ପରିଶ୍ରମ ସହିତ ସଫଳତା ଆସିବ।




**ବୃଷ :** ରିସ୍କ ନେବାକୁ ସାହସ କରିବେ। ଆୟ ଜାରି ରହିବ। ଭାଇମାନେ ସମର୍ଥନ ପାଇବେ। ବିନିଯୋଗ ଭଲ ହେବ। ଆସନ୍ତାକାଲି ପାଇଁ ଆଜିର କାର୍ଯ୍ୟକୁ ସ୍ଥଗିତ ରଖନ୍ତୁ ନାହିଁ। ନିଜ ବିବେକ ବ୍ୟବହାର କରନ୍ତୁ। ଦୁଷ୍ଟ ଲୋକମାନଙ୍କ ପ୍ରତି ସାବଧାନ ରୁହନ୍ତୁ।




**ମିଥୁନ :** ଶୀଘ୍ର କୌଣସି କାରବାର କରନ୍ତୁ ନାହିଁ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଅପଚୟ ଖର୍ଚ୍ଚ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ। ଅପ୍ରତ୍ୟାଶିତ ଲାଭ ହୋଇପାରେ। ବ୍ୟବସାୟରେ ଅଭିବୃଦ୍ଧି ହେବାର ସମ୍ଭାବନା ଅଛି। ସହଭାଗୀମାନେ ସମର୍ଥନ ପାଇବେ।




**କର୍କଟ :** ଜଣେ ଅପରିଚିତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ ରଖନ୍ତୁ ନାହିଁ। ସମୟ ଚାଲିଯାଇଛି। ନକାରାତ୍ମକତା ରହିବ। ବ୍ୟବସାୟ ଭଲ ହେବ। ଆୟରେ ନିଶ୍ଚିତତା ରହିବ। ମୂଲ୍ୟବାନ ସାମଗ୍ରୀ ନିଜ ସହିତ ରଖନ୍ତୁ। ପତି-ପତ୍ନୀଙ୍କ ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ହେବ। ବକ୍ତବ୍ୟରେ ହାଲୁକା ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ।



**ସିଂହ :** ଶତ୍ରୁମାନେ ଶାନ୍ତ ରହିବେ। ଲାଭ ପାଇଁ ସୁଯୋଗ ଆସିବ। ବ୍ୟବସାୟ ଯାତ୍ରା ଲାଭଦାୟକ ହେବ। ଦେୟ ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ଆପଣ ସାଙ୍ଗମାନଙ୍କ ସମର୍ଥନ ପାଇବେ। ନୂତନ କାର୍ଯ୍ୟ ଆରମ୍ଭ କରିବାକୁ ଯୋଜନା ହେବ। ଭାଗ୍ୟ ତୁମ ସହିତ ରହିବ।




**କନ୍ୟା :** ଶିଶୁ ପକ୍ଷରୁ ସ୍ୱାସ୍ଥ୍ୟ ଏବଂ ଅଧ୍ୟୟନ ସମ୍ବନ୍ଧୀୟ ଚିନ୍ତାଧାରା ରହିବ। ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ତୁରନ୍ତ କୌଣସି ଲାଭ ହେବ ନାହିଁ। କାର୍ଯ୍ୟ ଶୈଳୀରେ ପରିବର୍ତ୍ତନ ହୋଇପାରେ। ବ୍ୟବସାୟ ଲାଭଦାୟକ ହେବ। ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ। ଷ୍ଟକ୍ ମାର୍କେଟ୍ ଏବଂ ମ୍ୟୁଚୁଆଲ୍ ଫଣ୍ଡ ଅନୁକୂଳ ଲାଭ ଦେବ।



**ତୁଳା:** ଥକ୍କା ଏବଂ ଦୁର୍ବଳତା ରହିପାରେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଧାର୍ମିକ କାର୍ଯ୍ୟରେ ଆଗ୍ରହ ରହିବ। ଆଇନଗତ ପ୍ରତିବନ୍ଧକ ହଟାଇବା ପରେ ପରିସ୍ଥିତି ଅନୁକୂଳ ହେବ। ଲାଭ ସୁଯୋଗ ଆସିବ। ସୁଖର ମାଧ୍ୟମ ମିଳିପାରିବ। ଟଙ୍କା ପାଇବା ସହଜ ହେବ।




**ବିଛା :** ପ୍ରେମ ସଂପର୍କରେ ଶୀଘ୍ର ଯାଅ ନାହିଁ। ବିବାଦ ହୋଇପାରେ। ନକାରାତ୍ମକତା ରହିବ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ଅସାବଧାନ ହୁଅନ୍ତୁ ନାହିଁ। ଯୁବକ ଓ ଯୁବତୀଙ୍କ ବିଶେଷ ଯତ୍ନ ନିଅନ୍ତୁ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଆତ୍ମ ସମ୍ମାନ କ୍ଷତିଗ୍ରସ୍ତ ହୋଇପାରେ। କାରବାରରେ ସାବଧାନ ରୁହନ୍ତୁ। ଆୟରେ ନିଶ୍ଚିତତା ରହିବ।




**ଧନୁ :** ଆଇନଗତ ବାଧା ସମ୍ଭବ। ଥଟ୍ଟା ଠାରୁ ଦୂରେଇ ରୁହନ୍ତୁ। ବିରୋଧୀମାନେ ସକ୍ରିୟ ରହିବେ। ଯେ କୌଣସି ପ୍ରକାରେ ଟଙ୍କା କ୍ଷତି ହୋଇପାରେ। ତୁମେ ତୁମର ଜୀବନସାଥୀଙ୍କ ଠାରୁ ସମର୍ଥନ ପାଇବ। ଆଇନଗତ ପ୍ରତିବନ୍ଧକକୁ ହଟାଇ ଲାଭର ପରିସ୍ଥିତି ସୃଷ୍ଟି ହେବ। ଘର ବାହାରେ ଖୁସିର ପରିବେଶ ରହିବ। ବ୍ୟବସାୟ ଭଲ ହେବ। ଲାଭ ବୃଦ୍ଧି ପାଇବ।



**ମକର :** ସୁଖର ମାଧ୍ୟମ ପାଇଁ ଖର୍ଚ୍ଚ ହେବ। ସ୍ଥିର ସମ୍ପତ୍ତିରେ ବୃଦ୍ଧି ହେବାର ସମ୍ଭାବନା ଅଛି। ସମ୍ପତ୍ତି କାର୍ଯ୍ୟ ବଡ ଲାଭ ଦେଇପାରେ। ରୋଜଗାର ପାଇବା ପାଇଁ ପ୍ରୟାସ ସଫଳ ହେବ। ଚାକିରିରେ ସୁଖ ଏବଂ ଶାନ୍ତି ରହିବ। ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗ ପ୍ରବେଶ କରନ୍ତୁ। ଅପମାନଜନକ କିଛି କରନ୍ତୁ ନାହିଁ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଚିନ୍ତା ଏବଂ ଟେନସନ ହେବ।



**କୁମ୍ଭ :** ଏକ ମନୋରମ ଯାତ୍ରା ଯୋଜନା କରାଯାଇପାରେ। ତୁମକୁ ତୁମ ପ୍ରିୟ ଖାଦ୍ୟ ମିଳିବ। ଭଲ ସମୟ ସାଙ୍ଗ ଏବଂ ସମ୍ପର୍କୀୟମାନଙ୍କ ସହିତ ବିତାଇବେ। ବ୍ୟବସାୟ ଅନୁକୂଳ ହେବ। ରିସ୍କ ନିଅ ନାହିଁ। ଆଖିକୁ ରୋଗ ଏବଂ ଆଘାତ ଆସିପାରେ। କାରବାରକୁ ଶୀଘ୍ର କର ନାହିଁ।



**ମୀନ :** ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। ଆଶା କରାଯାଉଥିବା କାର୍ଯ୍ୟରେ ବିଳମ୍ବ ହେତୁ ହତାଶ ହେବେ। ବ୍ୟବସାୟ ଭଲ ହେବ। ରିସ୍କ ନିଅ ନାହିଁ। ଯନ୍ତ୍ରଣା, ଭୟ, ଚିନ୍ତା ଏବଂ ଟେନସନର ପରିବେଶ ସୃଷ୍ଟି ହୋଇପାରେ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ନିଜର ବକ୍ତବ୍ୟକୁ ନିୟନ୍ତ୍ରଣ କରିବେ।



ଜ୍ୟୋତିଷ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ନୂଆପଡା(ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଖଡ଼ିଆଳ ବନଖଣ୍ଡ ଅଧିକାରୀଙ୍କ ଆୟୋଜନ କ୍ରମେ ନୂଆପଡା ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜି ଆର୍ ରାଘବେନ୍ଦ୍ର, ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ବନଖଣ୍ଡ ଅଧିକାରୀ ବନ୍ୟପ୍ରାଣୀ ମହାଦେବ ବଡାଇକ ଯୋଗ ଦେଇଥିଲେ। ଅତିଥି ମାନେ ଦିବସର ଲକ୍ଷ୍ୟ ସମ୍ବନ୍ଧରେ ଉପସ୍ଥିତ ଛାତ୍ର ଛାତ୍ରୀମାନଙ୍କୁ ବୁଝାଇଥିଲେ । ଆଜିର ସମାବେଶରେ ଜିଲ୍ଲାର ସମସ୍ତ ବ୍ଲକ୍‌ରୁ ଛାତ୍ର ଛାତ୍ରୀ ଏବଂ ବନ ବିଭାଗ ଅଧିକାରୀ ଓ କର୍ମଚାରୀ ଏକତ୍ରିତ ହୋଇଥିଲେ। ସମସ୍ତଙ୍କୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେଯେ ମଣିଷ ସହିତ ଗଛ ବି ବଞ୍ଚିରହୁ । ଆମେ କେବଳ ନିଜ ପାଇଁ ନୁହେଁ ପରବର୍ତ୍ତୀ ପିଢ଼ି ପାଇଁ ଗଛ ଲଗାଇବା। ଆମେ ପ୍ରକୃତିର ଯତ୍ନ ନେଲେ ପ୍ରକୃତି ଆମର ଯତ୍ନ ନେବ। ଆମେ ସମସ୍ତେ ବନ୍ୟପ୍ରାଣୀ ମାନଙ୍କ ପ୍ରତି ଦୟାଶୀଳ ହେବା। ଆମେ ଗଛ ପାଇଁ ବଞ୍ଚିବା ଏବଂ ଗଛ ଆମ ପାଇଁ ବଞ୍ଚିବ। ଏହି ଅବସରରେ ସମସ୍ତ ବ୍ଲକ୍‌ରେ ଛାତ୍ରଛାତ୍ରୀମାନଙ୍କୁ ନେଇ ହୋଇଥିବା ପରିବେଶ ସୁରକ୍ଷା ସମ୍ବନ୍ଧୀୟ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବନ ସୁରକ୍ଷା ପାଇଁ ବିଶେଷ ଯୋଗଦାନ ଦେଇଥିବା କର୍ମଚାରୀ, ସ୍ୱେଚ୍ଛାସେବୀ,ସେଣ୍ଟ ମେରୀ ବିଦ୍ୟାଳୟ ଏବଂ କେରମେଲି ପଞ୍ଚାୟତ ସରପଞ୍ଚଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏସିଏଫ୍ ମହମ୍ମଦ ମୁସ୍ତାଫା ସଲିହା ସଭା ପରିଚାଳନା କରିଥିଲେ ।

# ପାଟଣେଶ୍ୱରୀ ମନ୍ଦିର ଗମ୍ଭିରା ଘରୁ ଖସୁଛି ଚୂନପଥର

## ଉପଜିଲ୍ଲାପାଳଙ୍କୁ ଦାବି ଜଣାଇଲେ ଦେବାଳୟ ସୁରକ୍ଷା କମିଟି



ବଲାଙ୍ଗୀର(ଭାସ୍କର ନ୍ୟୁଜ୍): ଦେବାଳୟ ଏବଂ ଐତିହ୍ୟ ସୁରକ୍ଷା କମିଟି ବଲାଙ୍ଗିର ଜିଲ୍ଲାର ପାଟଣା ରାଜ୍ୟର ଇଷ୍ଟଦେବୀ ମା'ପାଟଣେଶ୍ୱରୀ ମନ୍ଦିର ଗର୍ଭଗୃହରେ ଚୂନ ପଥର ଖସୁଥିବାରୁ ଏହା ଜିଲ୍ଲା ପାଇଁ ଅଶୁଭ ସଂକେତ ଓ ଭକ୍ତଙ୍କ ମନରେ ଅଶାନ୍ତି ପ୍ରକଟ ହେଉଥିବାରୁ ଦେବାଳୟ ସୁରକ୍ଷା କମିଟିର ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଉପ-ଜିଲ୍ଲାପାଳ ଆଲୋକ କୁମାର ପଟେଲଙ୍କୁ ୪ ଦଫା ଦାବି ପ୍ରଦାନ କରିଥିଲେ । ଏହି ମନ୍ଦିରର ଉନ୍ନତିକରଣ ପାଇଁ ଗତ ଜାନୁୟାରୀ ତା.୦୩.୦୧.୨୦୨୪ ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା । ମା' ପାଟଣେଶ୍ୱରୀ ମନ୍ଦିର ଉନ୍ନତିକରଣ ପାଇଁ ଅଟକଳ ୧ କୋଟି ୧୨ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଥିବା ବେଳେ ଭକ୍ତ ଓ ଲୋକଙ୍କ ଦାବିରେ ପ୍ରଶାସନ ଡିପିଆର ପ୍ରସ୍ତୁତ କରି ମା' ପାଟଣେଶ୍ୱରୀ ମନ୍ଦିର ର ଯଜ୍ଞ ମଣ୍ଡପ, ରୋଷେଇଶାଳା, ଭୋଗ ମଣ୍ଡପ, ସେବାୟତ ପାଇଁ ବିଶ୍ରାମ ଗୃହ, ସୌନ୍ଦର୍ଯ୍ୟକରଣ ଓ ପରିକ୍ରମା ପ୍ରକଳ୍ପ ଓ ମୁଖ୍ୟ ଗେଟ ଡିପିଆରରେ ସ୍ଥାନ ପାଇଥିଲା। ଏକ ବର୍ଷରୁ ଉର୍ଦ୍ଧ୍ୱ ହୋଇଯିବ ମୁଖ୍ୟ ଗେଟ ନିର୍ମାଣ କରି ଓ ମନ୍ଦିରର ପାର୍ଶ୍ୱର୍ରେ କାର୍ଯ୍ୟ ଚାଲିଥିବାବେଳେ ଡିପିଆର ସମ୍ପୂର୍ଣ୍ଣ ବଦଳି ଯାଇଛି । ମନ୍ଦିରର ସୌନ୍ଦର୍ଯ୍ୟକରଣ ଅଧା ପନ୍ତରିଆ ହୋଇ କାର୍ଯ୍ୟ ଚାଲିଛି । ଡିପିଆର ସମ୍ପୂର୍ଣ୍ଣ ବଦଳାଇ ଦେଇଥିବାରୁ ଭକ୍ତଙ୍କ ମନରେ ଅସନ୍ତୋଷ ପ୍ରକାଶ ହୋଇଥିଲା । ମା' ପାଟଣେଶ୍ୱରୀ ମନ୍ଦିର ମୁଖ୍ୟ ଗମ୍ଭିରାଘରରେ ଚୂନ ପଥର ଦେବୀଙ୍କ ପ୍ରତିମୂର୍ତ୍ତି ଉପରେ ଖସୁଥିବା ବେଳେ ଏହା ପ୍ରଶାସନ ଦୃଷ୍ଟି ଦେବା ପାଇଁ ଦାବି କରୁଛୁ । ମା' ପାଟଣେଶ୍ୱରୀ ଦେବୀଙ୍କ ଗମ୍ଭିରା ଘରେ ଚୂନ ପଥର ଖସୁଥିବା ବେଳେ ମରାମତି ପାଇଁ ଦାବି, ମନ୍ଦିର ନିର୍ମାଣ ୧୮୭୨ ମସିହା ରେ ୨୦୨୫ ଯାଏ ଏ ଯାଏଁ ଗମ୍ଭିରା ଘର ମରାମତି କରାଯାଇନାହିଁ। ଆଗକୁ ବର୍ଷା ଅଛି, ମନ୍ଦିର ବିପଦମୁଖ ଅବସ୍ଥାରେ ଥିବା ହେତୁ ଏହାକୁ ମରାମତି କରିବାକୁ ଦାବି, ୨୦୨୩ ରେ ଡିପିଆର ତିଆରି ହୋଇଥିବା କାର୍ଯ୍ୟକରାଯାଉ ଆମର ଦାବି, ମାଁ ପାଟଣେଶ୍ୱରୀ ମନ୍ଦିର ୧୫୦ ବର୍ଷ ପୂର୍ତ୍ତି ଅବସରରେ ବଲାଙ୍ଗିର ସହରର ପ୍ରବେଶ ଦ୍ୱାରରେ ମୁଖ୍ୟ ଗେଟ ନିର୍ମାଣ କରାଯାଉ। ଉପ-ଜିଲ୍ଲାପାଳଙ୍କ ସହ ଆଲୋଚନା କରି ଦାବି ଗୁଡିକୁ କମିଟି ସଦସ୍ୟମାନେ ଜଣାଇଥିଲେ । ଉପଜିଲ୍ଲାପାଳ ପ୍ରତିଶୃତି ଦେଇଥିଲେ ରତ୍ନତତ୍ତ୍ୱ ବିଭାଗ ଏବଂ କମିଟି ଗଠନ ହୋଇ ଏ ଉପରେ ଉଚିତ ପଦକ୍ଷେପ ନିଆଯିବ । ବଲାଙ୍ଗିର ସହରର ୯ ଗୋଟି ମନ୍ଦିର ଉନ୍ନତି ସକାଶେ ଏବଂ ଐତିହ୍ୟ କୀର୍ତ୍ତି ସାଇନବୋର୍ଡ ଲଗାଯିବ ଏବଂ ଦେବୋତ୍ତର ବିଭାଗ ତରଫରୁ ମନ୍ଦିର ଐତିହ୍ୟ ପୁସ୍ତକଟି ପ୍ରକାଶିତ ହେବ। ଭକ୍ତମାନେ ଦେଉଥିବା ଅନୁଦାନ ମନ୍ଦିରରେ ସୂଚନା ବୋର୍ଡ ଲଗାଯିବ ଏବଂ ମନ୍ଦିର ସୁରକ୍ଷା ପାଇଁ ତଦାରଖ କମିଟି ଗଠନ କରାଯିବା ପାଇଁ ପ୍ରତିଶୃତି ଦେଇଛନ୍ତି। ନାଗରିକ କମିଟିର ସଂପାଦକ ମଧୁସୁଦନ ନାୟକ, ଶମ୍ଭୁ ପ୍ରସାଦ ଶତପଥି, ରିଣ୍ଟୁ ସାହୁ, ପ୍ରଶାନ୍ତ ମହାକୁର, ପ୍ରସନ୍ନ ମିଶ୍ର, ନରେନ୍ଦ୍ର କବାଟ, ସୁରେନ୍ଦ୍ର ନେଗୀ ଉପସ୍ଥିତ ଥିଲେ ।

## ନୂତନ ସବ୍-ଷ୍ଟୋର୍ ଉଦ୍‌ଘାଟିତ

ନୂଆପଡା (ଭାସ୍କର ନ୍ୟୁଜ୍): ଟିପିଡବ୍ଲୁଓ ଡିଏଲ୍ ଦ୍ୱାରା ନୂଆପଡା ଜିଲ୍ଲା ଅନ୍ତର୍ଗତ ଖରିଆରଠାରେ ଏକ ନୂତନ ସବ୍-ଷ୍ଟୋର ଉଦ୍‌ଘାଟିତ ହୋଇଯାଇଛି । ଏହି ସବ୍-ଷ୍ଟୋର୍ ପ୍ରତିଷ୍ଠା ନୂଆପଡ଼ା ଜିଲ୍ଲାରେ ବିଦ୍ୟୁତ୍ ଭିତ୍ତିଭୂମିର ସୁଦୃଢ଼ିକରଣ ତଥା ଯଥାଶୀଘ୍ର ବିଦ୍ୟୁତ୍ ସେବାର ପୁନଃରୁଦ୍ଧାର ଦିଗରେ ଟିପିଡବ୍ଲ୍ୟୁଓ ଡିଏଲର ପ୍ରତିବଦ୍ଧତାର ଏକ ଅଂଶବିଶେଷ । ଖରିଆର୍ ଠାରେ ପ୍ରତିଷ୍ଠା ହୋଇଥିବା ଏହି ସବ୍-ଷ୍ଟୋରଟି ପ୍ରାୟ ୧୦୦ କିଲୋମିଟର ଦୂର ବଲାଙ୍ଗିର କିମ୍ବା କେସିଙ୍ଗାଠାରୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ପରିବହନ କରିବାର ଆବଶ୍ୟକତାକୁ ଦୂର କରିବ । ଏହା ବିଦ୍ୟୁତ୍ ସେବା ବ୍ୟାହତ ଅବଧିକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିବ । ଏହି ନୂତନ ସବ୍-ଷ୍ଟୋରଟି ନୂଆପଡ଼ା ଜିଲ୍ଲାରେ ବିଦ୍ୟୁତ୍ ଯୋଗାଣର ନିର୍ଭରଯୋଗ୍ୟତା ବୃଦ୍ଧି କରିବା ଦିଗରେ ଟିପିଡବ୍ଲ୍ୟୁଓଡିଏଲର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ତା: ୨୦.୦୩ ଦିନ ଏହି ସବ୍-ଷ୍ଟୋରର ଉଦଘାଟନ କରିବା ଅବସରରେ ଟିପିଡବ୍ଲୁଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପ୍ରବୀଣ ବର୍ମା ପ୍ରକାଶ କରିଛନ୍ତି ଯେ, ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବାର ଗୁରୁତ୍ୱ ଆମେ ବୁଝିଥାଉ । ଏହି ସବ-ଷ୍ଟୋରର ପ୍ରତିଷ୍ଠା ଆମର ଗ୍ରାହକମାନଙ୍କ ଆବଶ୍ୟକତା ପ୍ରତି ଏକ ସିଧାସଳଖ ପ୍ରତିକ୍ରିୟା ।

# ବାଲ୍ୟ ବିବାହ ବନ୍ଦ କଲା ଜିଲ୍ଲା ପ୍ରଶାସନ



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଆସନ୍ତା ମାସରେ କାଶୀନଗର ବ୍ଲକ ରାଣିପେଣ୍ଠ ଗ୍ରାମରେ ଏକ ବିବାହ ହେବାକୁ ସ୍ଥିର ହୋଇଥିବା ବିଷୟ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ କାଶୀନଗର ବିଶେଷ ସୂତ୍ରରୁ ଖବର ପାଇବା ପରେ ସଙ୍ଗେ ସଙ୍ଗେ ପୋଲିସ, ଶିଶୁ ମଙ୍ଗଳ ସମିତି,ଶିଶୁ ସୁରକ୍ଷା ଅଧିକାରୀ, ଚାଇଲ୍ଡ ହେଲ୍ପ ଲାଇନ, ୱାନ ଷ୍ଟପ୍ ସେଣ୍ଟର୍‌କୁ ପତ୍ର ମାଧ୍ୟମରେ ଜଣାଇଥିଲେ । ଆଜି ତା ୨୧.୩ ୨୦୨୫ ରିଖରେ ଉପରୋକ୍ତ ସମସ୍ତ ବିଭାଗରୁ ଅଧିକାରୀ ଓ କର୍ମୀ ମିଳିତ ଭାବରେ ରାଣିପେଣ୍ଠ ଗ୍ରାମକୁ ଯାଇ ବାଲ୍ୟ ବିବାହ କରିବାକୁ ଯୋଜନା କରିଥିବା ଶିଶୁ ଓ ତାଙ୍କର ପିତାମାତା ଓ ଗ୍ରାମର ଭାଦ୍ର ବ୍ୟକ୍ତିଙ୍କୁସାକ୍ଷାତ କରି ଏକ ସଭାର ଆୟୋଜନ କରି ବାଲ୍ୟ ବିବାହ କରାଇବା ଏକ ଅପରାଧ ଅଟେ ଓ ଏଥିପାଇଁ ଜେଲ ଯିବାର ବ୍ୟବସ୍ଥା ରହିଥିବା ବେଳେ ଜୋରିମାନା ଦେବାକୁ ପଡ଼ିଥାଏ ବୋଲି ଶିଶୁ ର ପିତା ମାତାଙ୍କୁ ପ୍ରାଞ୍ଜଳ ଭାବରେ ବୁଝାଇ ଥିଲେ। ଶିଶୁର ପିତା ମାତା ନିଜ ଝିଅର ବିବାହ ସ୍ଥିର କରିଥିବା କଥା ସ୍ୱୀକାର କରିଥିଲେ ଏବଂ ନିଜ ଝିଅ ବର୍ତ୍ତମାନ ଦଶମ ବୋର୍ଡ ପରୀକ୍ଷା ଦେଇଥିବା ବେଳେ ଆଗକୁ ୧୮ ବର୍ଷ ନ ହେଲା ପର୍ଯ୍ୟନ୍ତ ବିବାହ କରାଇବେ ନାହିଁ ବୋଲି ନିଜେ ଘୋଷଣା କରିବା ସହ ଏକ ସ୍ୱୀକାରୋକ୍ତି ଲେଖି ଦେଇଥିଲେ କି ବର୍ତ୍ତମାନ ତାଙ୍କ ଝିଅକୁ ପାଠ ପଢେଇବେ ଓ ତାର ସମସ୍ତ ଯତ୍ନ ନେବେ। ୧୮ ବର୍ଷ ପୂରଣ ହେଲେ ବିବାହ ଦେବେ ବୋଲି ଜଣାଇଥିଲେ । ପରେ ପରେ ସମସ୍ତ ଅଧିକାରୀ ଝିଅର ବିବାହ ସ୍ଥିର ହୋଇଥିବା ପୁଅଘର ପୋଲୁରୁ ଗ୍ରାମକୁ ଯାଇ ପୁଅ ଓ ତାଙ୍କର ପରିବର୍ବର୍ଗଙ୍କୁ ବାଲ୍ୟ ବିବାହ ଏକ ଅପରାଧ ଅଟେ ଝିଅକୁ ୧୮ ବର୍ଷ ହେଲା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ବୁଝାଇଥିଲେ। ବିବାହ କରିବାକୁ ପ୍ରସ୍ତୁତ ହେଉଥିବା ପୁଅ ଜଣକ ସମସ୍ତ କଥା ମାନି ଝିଅକୁ ୧୮ ବର୍ଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଜଣାଇଥିଲେ । ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଶିଶୁର ପିତା ଶିଶୁଙ୍କୁ ଚାଇଲ୍ଡ ହେଲ୍ପ ଲାଇନ ସହଯୋଗରେ ଶିଶୁ ମଙ୍ଗଳ ସମିତି ପାରଳାଖେମୁଣ୍ଡି ନିକଟରେ ଉପସ୍ଥିତ କରାଇଥିଲେ । ଶିଶୁ ମଙ୍ଗଳ ସମିତି ଶିଶୁ ସହ ଆଲୋଚନା। କରି ସମସ୍ତ କାଗଜପତ୍ର ସଂଗ୍ରହ କଲାପରେ ଶିଶୁ ର ପିତାଙ୍କୁ କେତେଗୋଟି ସର୍ତ୍ତରେ ହସ୍ତାନ୍ତର କରିଛନ୍ତି।

# ସାତଜନ୍ମର ସାଥୀ ହେଲେ ଦୁଇ ଦିବ୍ୟାଙ୍ଗ

## ଅନ୍ୟମାନଙ୍କ ପାଇଁ ଉଦାହରଣ



ବରଗଡ(ଭାସ୍କର ନ୍ୟୁଜ୍): ବରଗଡ଼ ଜିଲ୍ଲା ବନ୍ଧପାଲି ଗ୍ରାମର ଚଞ୍ଚଳା ମାଝୀ ଏବଂ ସମ୍ବଲପୁର ଜିଲା ଗମ୍ଭାରିପଙ୍କ ଗ୍ରାମର ଶାନ୍ତନୁ ମଟାରୀ ଜନ୍ମରୁ ଦିବ୍ୟାଙ୍ଗ । ଉଭୟେ ଭଲ ଭାବେ କଥାବାର୍ତ୍ତା କିମ୍ବା ଠିକ୍ ଭାବେ ଚଲାବୁଲା କରି ପାରନ୍ତି ନାହିଁ। ତଥାପି ଉଭୟ ପରସ୍ପରକୁ ଜୀବନସାଥୀ ଭାବେ ଗ୍ରହଣ କରିଛନ୍ତି। ଏହି ଅବସରରେ ପାୱାର ଅଫ୍ ଦିବ୍ୟାଙ୍ଗ ଅନୁଷ୍ଠାନ ପକ୍ଷରୁ ବରଗଡ଼ ଟାଉନ ଥାନା ପରିସରରେ ରହିଥିବା ଶିବ ମନ୍ଦିରରେ ସେମାନଙ୍କ ଆଦର୍ଶ ବିବାହ ଅନୁଷ୍ଠିତ ହୋଇଯାଇଛି। ବିବାହରେ ନ ଥିଲା ଯାନି ଯୌତୁକ, କିନ୍ତୁ ଥିଲା ସ୍ନେହ ଭାବ ଏବଂ ଦିବ୍ୟାଙ୍ଗମାନଙ୍କୁ ସମାଜ ର ମୁଖ୍ୟ ଧାରା ରେ ସାମିଲ କରିବାର ଇଚ୍ଛାଶକ୍ତି। ପାରମ୍ପରିକ ବାଜା ବଜେଇ ବରକୁ ବନ୍ଦେଇ ନେଇଥିଲେ କନ୍ୟାପକ୍ଷ। ହୋମ ମନ୍ତ୍ର ସହ ରୀତିନୀତି ଅନୁସାରେ ହସ୍ତବନ୍ଧନ କରି ପଣ୍ଡିତ ଦିଲୀପ ପଣ୍ଡା ସେମାନଙ୍କ ବିବାହ ସମ୍ପନ୍ନ କରିଥିଲେ। ସମାଜସେବୀ ସୁବାସ ଅଗ୍ରୱାଲ ସସ୍ତ୍ରୀକ କନ୍ୟାଦାନ କରିଥିଲେ। ପାୱାର ଅଫ୍ ଡିବ୍ୟାଙ୍ଗସ ସଙ୍ଗଠନ ସହିତ ଜଡ଼ିତ ସମସ୍ତ ବ୍ଲକ୍‌ସ୍ତରୀୟ ସଙ୍ଗଠନ ତଥା ବରଗଡ଼ ସହରର ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ଗଣ୍ୟମାନ୍ୟ ବ୍ୟକ୍ତି ବିଶେଷ ଏହି ଦିବ୍ୟ ବିବାହ ସମାରୋହରେ ଉପସ୍ଥିତ ରହି ନବ ଦମ୍ପତିଙ୍କୁ ଆଶୀର୍ବାଦ ଏବଂ ଉପହାର ପ୍ରଦାନ କରିଥିଲେ। ପରସ୍ପରକୁ ଜୀବନସାଥୀ ଭାବେ ପାଇ ନବଦମ୍ପତି ସେମାନଙ୍କ ଖୁସି ବ୍ୟକ୍ତ କରିଥିଲେ। ସେହିପରି ଭଗବାନଙ୍କ କୃପା ଥିଲେ ଏଭଳି କନ୍ୟାଦାନ କରିବା ପାଇଁ ସୌଭାଗ୍ୟ ମିଳେ ବୋଲି କନ୍ୟାଦାନ କରିଥିବା ସୁବାସ ଅଗ୍ରୱାଲ କହିଛନ୍ତି। ପାୱାର ଅଫ୍ ଦିବ୍ୟାଙ୍ଗ ଆଗରୁ ମଧ୍ୟ ଏଭଳି ବିବାହ କରିଛି ଏବଂ ଆଗକୁ ମଧ୍ୟ ଏହି ଧାରା ବଜାୟ ରଖିବ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲ କହିଛନ୍ତି। ପାୱାର ଅଫ୍ ଦିବ୍ୟାଙ୍ଗର ମୁଖ୍ୟ ସଂଯୋଜକ ରତନଲାଲ ଅଗ୍ରୱାଲ ମିଡିଆ ସଂଯୋଜକ ସତ୍ୟଜିତ ଦାଶ ଜସବୀର ସିଂହ ତଥା କୋଶଳ ଦେଫେନ୍ସ ଏକାଡେମୀର କର୍ମକର୍ତ୍ତା ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ସଫଳ ଆୟୋଜନ କରିଥିଲେ।

# ଆଦିବାସୀ ସମାବେଶ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ) : ଗଜପତି ଜିଲ୍ଲା ନୂଆଗଡ ବ୍ଲକ ଅନ୍ତର୍ଗତ ଅନୁଗୁର ପଞ୍ଚାୟତର ପଟେଗୁଡା ଗାଁରେ ବ୍ଲକ ସ୍ତରୀୟ ଆଦିବାସୀ ସମାବେଶ ହୋଇଥିଲା। ଉକ୍ତ ସମାବେଶ ରେ ରାଜ୍ୟ କମିଟି ସଭ୍ୟ ନରସିଂହ ମଣ୍ଡଳଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା କରାଯାଇଛି। ଗଜପତି ଜିଲ୍ଲା ନୂଆଗଡ ବ୍ଲକ ଅନୁଗୁରୁ ପଞ୍ଚାୟତରେ ଆଦିବାସୀ ମାନେ ସ୍ୱାଧୀନତାର ୭୫ ବର୍ଷ ଧରି ଘଞ୍ଚ ଜଙ୍ଗଲ ଭିତରେ ରହିଆସୁଥିବା ବେଳେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଦେଖିବାକୁ ଜଣାପଡୁନାହିଁ । ମନରେଗା କାମରେ ଦୈନିକ ୬୦୦ ଟଙ୍କା, ସମସ୍ତଙ୍କୁ ଜବ କାର୍ଡ, ପଞ୍ଚାୟତରେ ପେନସନ ୫୦୦୦ ଟଙ୍କା ପ୍ରଦାନ କରିବା, ପଟେଗୁଡା, ଜୟପୁର ଓ ଅନ୍ୟାନ୍ୟ ଗାଁ ମାନଙ୍କରେ ପିଇବା ପାଣି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ଘର, ମହୁଲ କେଜି ୧୦୦ ଟଙ୍କା, ମକା କେଜି ୨୦୦ ଟଙ୍କା, ପ୍ରତ୍ୟେକ ପରିବାରକୁ ୩୦୦ ୟୁନିଟ୍ ବିଦ୍ୟୁତ ଯୋଗାଇବା, ଜୟପୁର ମାଙ୍କିଡ଼ି, କେନ୍ଦୁନାଳ, ଆମ୍ବାଜାରି, ନୂଆଁ ସାହି ନଦୀ ଠାରେ ଚେକ ଡ୍ୟାମ୍, ଜଙ୍ଗଲ ଜମି ଓ ଘର ଡିହ ପଟା, ଜୟପୁର ଠାରୁ ରାଡିଗୁଡା ସଂଯୋଗୀକରଣ ରାସ୍ତା,ପଟେଗୁଡା, ଠାରୁ କେଡିପଦର, ଜୟପୁର, ମାଣିକ ପୁର ପକ୍କା ରାସ୍ତା କରାନଗଲେ ତହସିଲ ଓ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା କରିବା ପାଇଁ ରାଜ୍ୟ କମିଟି ସଭ୍ୟ ତ୍ରିପତି ଗମାଙ୍ଗ ଚେତାବନୀ ଦେଇଛନ୍ତି। ନରସିଂହ ମଣ୍ଡଳ, ମାଥ୍ୟୁ ରଇତ, ସର୍ବଶ୍ରି ଗମାଙ୍ଗ, ସାଇଡ୍ରିକ ମଲ୍ଲିକ, କର୍ଣ୍ଣଏଲ ଗମାଙ୍ଗ, ମଇଜ ମାଝୀ, ଜୟ ମାଝୀ, ଝିରମିୟ ରଇତ, ଯୋହନ ରଇତ, ଏଲିଅ ମାଝୀ, ରାଜେନ୍ଦ୍ର ମାଝୀ।

# ସ୍କୁଲ ପରିସରରେ ଜଳକଷ୍ଟ, ନଳକୂପ ଖନନ ପାଇଁ ଦାବି




କୋଷାଗୁମୁଡା (ଭାସ୍କର )ତା ୨୨/୦୩- ଗ୍ରୀଷ୍ମଋତୁ ଆରମ୍ଭ, ହେଲେ ଏବେଠୁ ଜଳ କଷ୍ଟ ଭୋଗୁଛନ୍ତି ବିଦ୍ୟାଳୟର ଛାତ୍ରଛାତ୍ରୀ। ।ପାଣି ପାଇଁ ଦୌଡୁଛନ୍ତି ୩୦୦ମିଟର ବାଟ । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକର ତାରାଗାଁ ପଞ୍ଚାୟତ ର କୋଟାଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ। ବିଦ୍ୟାଳୟ ୧୯୭୨ ମସିହାରେ ସ୍ଥାପିତ ହୋଇଥିଲା ଓ ସେତେବେଳେ ସ୍କୁଲଟି ଗ୍ରାମ ମଧ୍ୟଭାଗରେ ରହିଥିଲା । ବର୍ତ୍ତମାନ ଦୁଇବର୍ଷ ହେବ ବିଦ୍ୟାଳୟଟି ଗାଁ ବାହାରେ ନିର୍ମିତ ହୋଇଥିବାବେଳେ ବର୍ତ୍ତମାନ ୧ମ ରୁ ୫ମ ଶ୍ରେଣୀରେ ପଢୁଛନ୍ତି ୧୨୯ଜଣ ଛାତ୍ରଛାତ୍ରୀ । ବିଦ୍ୟାଳୟ ସ୍ଥାପିତ ହୋଇ ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ବିଦ୍ୟାଳୟରେ ନଳକୂପଟିଏ ଖୋଲାଯାଇନି । ତେଣୁ ପିଇବା ପାଣି ଓ ମଧ୍ୟାହ୍ନ ଭୋଜନ ରୋଷେଇ ପାଇଁ ବିଦ୍ୟାଳୟ ଠାରୁ ପାଖାପାଖି ୩୦୦ମିଟର ଦୂରରେ ଥିବା ଏକ ନଳକୂପ ଉପରେ ନିର୍ଭର କରୁଛନ୍ତି ବିଦ୍ୟାଳୟର ରୋଷେୟା ଓ ଛାତ୍ରଛାତ୍ରୀମାନେ । ପ୍ରଶାସନକୁ ବିଦ୍ୟାଳୟ ପରିସରରେ ନଳକୂପ ଖନନ କରିବା ପାଇଁ ବାରମ୍ବାର ଜଣେଇ ଆସୁଥିଲେ ମଧ୍ୟ ପ୍ରଶାସନ ନଳକୂପ ଖନନ କରୁନଥିବା ଅଭିଯୋଗ ହେଉଛି ।ଆଗକୁ ଖରା ଦିନ ଆସୁଥିବାରୁ ଖରା ଆରମ୍ଭ ପୂର୍ବରୁ ବିଦ୍ୟାଳୟ ପରିସର ମଧ୍ୟରେ ନଳକୂପର ବ୍ୟବସ୍ଥା କରିବାକୁ ଦାବି ହେଉଛି । ତାଛଡା ବିଦ୍ୟାଳୟରେ ପାଚେରୀ ମଧ୍ୟ ନିର୍ମାଣ ହୋଇନି । ତେଣୁ ପାଚେରୀ ଟେ ନିର୍ମାଣ କରାଗଲେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପରିସର ଭିତରେ ସୁରକ୍ଷିତ ରହିବେ ବୋଲି ଗ୍ରାମବାସୀ ଦାବି କରିଛନ୍ତି ।

# ଅନ୍ୱେଷା ହଷ୍ଟେଲର ବାର୍ଷିକ ଉତ୍ସବ




ରାଇଘର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ଅନ୍ୱେଷା ହଷ୍ଟେଲ୍ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ହଷ୍ଟେଲର ସୁପରଟେଣ୍ଡେଣ୍ଟ ସୋହେଲ ଗଣ୍ଡଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଶିବନାଥ ବାନାର୍ଜୀ, ପ୍ରୀତିସ୍ନିଗ୍ଧା ମହାପାତ୍ର , ଶିବ ଗଣ୍ଡ, ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ରାଇଘର ବ୍ଲକ ମଙ୍ଗଳ ଅଧିକାରୀ ଶ୍ୟାସୁନ୍ଦର ଦୁରିଆ, ବିଦୁ ଭୂଷଣ ବେହେରା ଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ହଷ୍ଟେଲର ଛାତ୍ର ଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ତାପରେ ଅନ୍ୱେଷା ହଷ୍ଟେଲ ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ହଷ୍ଟେଲର ସମସ୍ତ କର୍ମଚାରୀ ତଥା ଅଭିଭାବକ ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପୋଲ ପର୍ଯ୍ୟବେକ୍ଷଣ

କୋଷାଗୁମୁଡ଼ା(ଭାସ୍କର ନ୍ୟୁଜ) : ଆଜକୁ ତିନି ଦିନ ତଳୁ ବଡ଼ଗୁମୁଡ଼ା-ଏକୋରି ମୁଖ୍ୟ ରାସ୍ତାର ଭାସ୍କେଲ ନଦୀ ପୋଲ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ସମ୍ପୂର୍ଣ୍ଣ ଯାନବାହନ ଚଳାଚଳ ବନ୍ଦ କରିଛନ୍ତି । ଆଜି ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ଭବାନୀ ଶଙ୍କର ଭୋଇ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଦେବର୍ଷି ନାୟକ,ନବରଙ୍ଗପୁର ଉକ୍ତ ପୋଲ ର ପର୍ଯ୍ୟବେକ୍ଷଣ କରିଛନ୍ତି । କୋଷାଗୁମୁଡା ବ୍ଲକର ବଡଗୁମୁଡା - ଏକୋରୀ ରାସ୍ତା ମଧ୍ୟ ଦେଇ ପ୍ରବାହିତ ହେଉଥିବା ଭାସ୍କେଲ ନଦୀ ଉପରେ ଗତ ୨୦୧୮ ମସିହାରେ ଏକ ବ୍ରିଜ ନିର୍ମାଣ ହୋଇଥିଲା ଯାହାର ଅଟକଳ ବ୍ୟୟ ଥିଲା ୩କୋଟି ୫୭ଲକ୍ଷ ଟଙ୍କା । ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ ଏହି ବ୍ରିଜ ଠିକଠାକ ଭାବେ ନିର୍ମିତ ହୋଇଥିଲା । ଏହି ବ୍ରିଜ ହେବା ଫଳରେ ବଡଗୁମୁଡା, ଏକୋରୀ, କୋଷାଗୁମୁଡା ବ୍ଲକ ଓ ଡାବୁଗାଁ ବ୍ଲକକୁ ସଂଯୋଗ କରୁଛି ଚାରିଚକିଆ ଓ ଭାରିଯାନ ସବୁ ଚଳାଚଳ



କରିବାରେ ସୁବିଧା ହୋଇଥିଲା । ହେଲେ ଅଂଚଳର ବାଲିମାଫିଆ ମାନଙ୍କ ପାଇଁ ଆଜି ଏହି ରାସ୍ତାରେ ଗାଡି ଚଳାଚଳ ଠପ ହୋଇଯାଇଛି । ବର୍ତ୍ତମାନ ସାଧାରଣ ଯାତ୍ରୀମାନେ ବହୁତ ହଇରାଣ ହରକତ ହେଉଥିବା ଦୃଶ୍ୟ ସାମ୍ନାକୁ ଆସୁଛି ।ପ୍ରଶାସନ ସହିତ ମଧୁଚନ୍ଦ୍ରିକା କରି ବାଲିମାଫିଆମାନେ ବ୍ରିଜ ତଳୁ ବେଧଡକ ବାଲି ଉଠେଇଲେ । ପ୍ରତିଦିନ ହଜାର ହଜାର ଟ୍ରିପ ଏହି ବ୍ରିଜ ତଳୁ ବାଲି ଉଠିଲା ହେଲେ ପ୍ରଶାସନର ନିଦ ଭାଙ୍ଗିଲା ନାହିଁ । ବ୍ରିଜର ଖମ୍ବ ତଳୁ ବାଲି ଉଠିଯିବା ପରେ ଏବେ ବ୍ରିଜ ଟି ବିପଦ ସଂକୁଳ ଅବସ୍ଥାରେ । ଚାରିଚକିଆ ଯାନ କି ଭାରି ଯାନ ଉକ୍ତ ବ୍ରିଜ ଉପର ଦେଇ ଯାତାୟାତ କରିବା ସମ୍ଭବ ହେଉନି ।ଜୀବନ ପ୍ରତି ବିପଦ ଥିବା ଭୟରେ କୌଣସି ବି ମଟର ଚାଳକ ଉକ୍ତ ରାସ୍ତା ଦେଇ ଯିବା ଆସିବା କରୁନାହାନ୍ତି ।ଫଳରେ ସାଧାରଣ ଯାତ୍ରୀମାନେ ନିଜ ନିଜ ଗନ୍ତବ୍ୟ ସ୍ଥଳରେ ପହଂଚିବାକୁ ୨୦ରୁ ୨୫କିଲୋମିଟର ବାଟ ଅଧିକା ଯିବାକୁ ପଡୁଛି । ତେଣୁ ପ୍ରଶାସନ ଉକ୍ତ ବ୍ରିଜର ପୁନଃ ନିର୍ମାଣ କରିବା ସହିତ ବାଲି ମାଫିଆ ମାନଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ଅଂଚଳବାସୀ ଦାବି କରୁଛନ୍ତି ।

# ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ପାଇଁ ନିମନ୍ତ୍ରଣ ପତ୍ର



ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ) : ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ଦ୍ୱାରା ଆସନ୍ତା ମାସ ଦୁଇ ତାରିଖରୁ ପାଞ୍ଚ ତାରିଖ ଯାଏଁ ରାଜ୍ୟର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହେବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି ।ପ୍ରଥମ ଶ୍ରେଣୀ ପାଇଁ ଛଅ ବର୍ଷ ଓ ଶିଶୁ ବାଟିକା ପାଇଁ ପାଞ୍ଚ ବର୍ଷ ବୟସ ନିର୍ଦ୍ଧାରିତ କରାଯାଇଛି। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ସାହୁ, ପରିଚାଳନା ସଭାପତି ବଳରାମ ରାଜ ଓ ପୂର୍ବତନ ପ୍ରଧାନ ଶିକ୍ଷକ ମାଧବ ଚନ୍ଦ୍ର କର୍କରା ଯେଉଁମାନଙ୍କ ଘରେ ପାଞ୍ଚ ବର୍ଷ ଓ ଛଅ ବର୍ଷର ଶିଶୁ ଅଛନ୍ତି ତାଙ୍କ ଅଭିଭାବକମାନଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ଏଥିସହ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ହାତରେ ପ୍ଲାକାର୍ଡ ଧରି ଏକ ସଚେତନ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳର ଅଭିଭାବକ ମଧ୍ୟରେ ଏକ ପ୍ରକାର ଖୁସିର ମାହୋଲ ଦେଖିବାକୁ ମିଳିଥିବାବେଳେ ଶିକ୍ଷକ ସମାଜ ମଧ୍ୟ ବେଶ ଖୁସିଥିବା ଜଣାପଡିଛି।

# ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ, ୩ ଗିରଫ


ଗୁଣୁପୁର(ଭାସ୍କର ନ୍ୟୁଜ) : ରାୟଗଡା ଜିଲ୍ଲା ପଦ୍ମପୁର ପୋଲିସ କୌଣସି ସୂତ୍ରରୁ ଖବର ପାଇ କେନ୍ଦୁଗୁଡା ଫାଣ୍ଡି ଅନ୍ତର୍ଗତ ଲିକିଟି ପଦର ପଞ୍ଚାୟତର ସାରିଗାଡା ଜଙ୍ଗଲରେ ଚଢାଉ କରି ୧୦ କୁଇଣ୍ଟାଲ ୨୦ କେଜି ଗଞ୍ଜେଇ ଜବତ କରିଛି । ଜବତ ହୋଇଥିବା ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୧ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ପୋଲିସ ସୂଚନା ଦେଇଛନ୍ତି ।ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଓ ଦଲାଲ୍ ଫେରାର ଥିବା ବେଳେ ସମ୍ପୃକ୍ତି ଥିବା ସାରିଗାଡା ଗ୍ରାମର ତିନି ଜଣଙ୍କୁ ଗିରଫ କରିଛି ପୋଲିସ୍। ଏହି ଅଞ୍ଚଳରେ କିଛି ସ୍ଥାନରେ ପ୍ରବଳ ମାତ୍ରାରେ ଗଞ୍ଜେଇ ଚାଷ ହେଉଥିବାରୁ ଆଗାମୀ ଦିନରେ ଏଭଳି ଚଢାଉ ଜାରି ରହିବ ବୋଲି ପୋଲିସ କହିଛି । ସୂଚନା ଅନୁଯାୟୀ କେନ୍ଦୁଗୁଡା ବନାଞ୍ଚଳରେ ସାରିଗାଡା ଦୁର୍ଗମ ଜଙ୍ଗଲ ଭିତରେ ଗଞ୍ଜେଇ ୩୪ ଗୋଟି ବସ୍ତା ଥିବା ପୋଲିସ ବିଭାଗ ଦେଖିବାକୁ ପାଇଥିଲେ। ସମସ୍ତ ଗଞ୍ଜେଇ ବସ୍ତା ଜବତ କରାଯିବା ସହ ତିନି ଅଭିଯୁକ୍ତଙ୍କୁ ଗୁଣପୁର କୋର୍ଟ ଚାଲାଣ କରାଯାଇଥିବା କହିଛନ୍ତି ଅତିରିକ୍ତ ଏସପି ଅମୂଲ୍ୟ ଧର। ଗିରଫ ଅଭିଯୁକ୍ତମାନେ ହେଲେ ଲିକିଟି ପଦର ପଞ୍ଚାୟତର ସାରିଗାଡା ଗ୍ରାମର ରେଲି ଶବର,ମାର୍କା ମାଝୀ, ଅଶ୍ୱିନୀ ଶବର ଅଟେ । ମାଜିଷ୍ଟ୍ରେଟ ଭାବେ ପଦ୍ମପୁର ତହସିଲଦାର ଶଙ୍କର ବାଗ ଜବତ ହୋଇଥିବା ଗଞ୍ଜେଇକୁ ଓଜନ କରିଥିଲେ ।ଏହି ଅଞ୍ଚଳରେ ପ୍ରବଳ ଗଞ୍ଜେଇ ଚାଷକୁ ପୂର୍ବରୁ ପୋଲିସ ଓ ଅବକାରୀ ନଷ୍ଟ କରିଥିବା ସୂଚନା ଦେଉଥିବା ବେଳେ ବର୍ତ୍ତମାନ ପୁଣି ଏତେ ପରିମାଣର ଗଞ୍ଜେଇ କେଉଁଠୁ ଆସିଲା ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

# ୨୫ରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା



ନବରଙ୍ଗପୁର (ଭାସ୍କର ନ୍ୟୁଜ୍): ସ୍ଥାନୀୟ ରାଜା ଚୈତନ୍ୟ ଦେବ ଉଚ୍ଚ ବିଦ୍ୟାଳୟ ଖେଳପଡିଆ ଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ସକାଶେ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ନିୟୋଜନ ତଥା ଦକ୍ଷତା ବିକାଶ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ତପନ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସହକାରୀ ସଚିବ ଏବଂ ମିଶନ ନିର୍ଦ୍ଦେଶକ, ଦକ୍ଷତା ବିକାଶ ବିଭାଗ, ଭୁବନେଶ୍ୱର , ଜିଲ୍ଲା କର୍ମ ନିୟୋଜନ ତଥା ଦକ୍ଷତା ବିକାଶ ଅଧିକାରୀ ଆନନ୍ଦ ପଳେଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ଅତିରିକ୍ତ ଦକ୍ଷତା ବିକାଶ ଅଧିକାରୀ ଶୁଭମ୍ ମହାପାତ୍ର ଉପସ୍ଥିତ ଥିଲେ। ଏହି ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଆସନ୍ତା ୨୫.୩.୨୦୨୫ ତାରିଖ ସକାଳ ୭.୦୦ ଘ ରୁ ୧୧.୦୦ ଘ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରାୟ ୩୦ ରୁ ୩୫ ଟି ନିଯୁକ୍ତି ଦାତା ସଂସ୍ଥା ଏବଂ ୧୦ ରୁ ୧୨ ଟିପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ଯୋଗ ଦେବେ। ଜିଲ୍ଲାର ବେକାର ଯୁବକ ଯୁବତୀ ପ୍ରକଳ୍ପ କାର୍ଯ୍ୟକାରିଣି ସଂସ୍ଥା ମାଧ୍ୟମରେ ଜିଲ୍ଲା ଓ ଜିଲ୍ଲା ବାହାରେ ତାଲିମ ନେଇ ନିଶ୍ଚିତ ନିଯୁକ୍ତିର ସୁଯୋଗ ହାସଲ କରିପାରିବେ। ନବରଙ୍ଗପୁର ଜିଲ୍ଲାର ରୋଜଗାର ସନ୍ଧାନରେ ଥିବା ୫ମ ଶ୍ରେଣୀ ପାସ ଠାରୁ ଦଶମ ଶ୍ରେଣୀ ଫେଲ ପର୍ଯ୍ୟନ୍ତ ଏବଂ ମାଟ୍ରିକ (୧୦ ମ ଶ୍ରେଣୀ)ପାସ ଠାରୁ ସ୍ନାତକ, ଆଇଟି ଆଇ, ଡିପ୍ଲୋମା ପାସ କରିଥିବା ଆଗ୍ରହୀ ଯୁବକ ଯୁବତୀମାନେ (୧୮ ରୁ ୩୫ ବର୍ଷ ମଧ୍ୟରେ) ଏହି ମେଳାରେ ଭାଗ ନେଇପାରିବେ। ଶିକ୍ଷାଗତ ଯୋଗ୍ୟତା, ବାସିନ୍ଦା ପ୍ରମାଣପତ୍ର,ଜାତି ପ୍ରମାଣପତ୍ର, ଫଟୋ ସହିତ ନିଯୁକ୍ତି ମେଳାରେ ଯୋଗ ଦେଇପାରିବେ। ନିଯୁକ୍ତି ମେଳାରେ ଦୂରଦୁରାନ୍ତରୁ ଯୋଗ ଦେବାକୁ ଆସୁଥିବା ଆଶାୟୀ ପ୍ରାର୍ଥୀମାନଙ୍କ ପାଇଁ ଯାନବାହନ ର ବ୍ୟବସ୍ଥା କରାଯାଉଛି ।ମେଳାରେ ଆସୁଥିବା ପ୍ରାର୍ଥୀଙ୍କ ପାଇଁ ପାନୀୟ ଜଳ,ଖାଦ୍ୟ, ଶୌଚାଳୟର ବ୍ୟବସ୍ଥା କରାଯାଉଛି । ସହକାରୀ ସଚିବ ଏବଂ କର୍ମ ନିୟୋଜନ ଅଧିକାରୀ ଗଣମାଧ୍ୟମ ପ୍ରତିନିଧିଙ୍କୁ ଏହି ମେଳା ରେ ଯେଉଳି ବହୁ ସଂଖ୍ୟାରେ ଜିଲ୍ଲାର ବେକାର ଯୁବକ ଯୁବତୀ ଯୋଗ ଦେଇପାରିବେ ତା ଉପରେ ବିଶେଷ ପ୍ରଚାର ପ୍ରସାର ପାଇଁ ଅନୁରୋଧ କରିଥିଲେ।

# ସାଙ୍ଗର ଠେଙ୍ଗା ମାଡ଼ରେ ସାଙ୍ଗ ମୃତ, ଅଭିଯୁକ୍ତ ଗିରଫ



ଖପ୍ରାଖୋଲ (ଭାସ୍କର ନ୍ୟୁଜ) : ଖପ୍ରାଖୋଲ ଥାନା ଅନ୍ତର୍ଗତ ବନ୍ଦେପଦର ପୁତୁଲାମହୁଲ ରାସ୍ତା ନଦୀ ପାଖରେ ଗୁରୁବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଯାଇଛି। ମୃତ ଯୁବକ ହେଲେ ବନ୍ଦେପଦର ଗାଁ ର ସୁଶୀଲ ସାହୁ (୩୫) ବୋଲି ଜଣାଯାଇଛି। ସେହିପରି ହତ୍ୟାକାରୀ ପୁତୁଲାମହୁଲ ଗାଁ ର ହେମାନନ୍ଦ ସାହୁ ଓରଫ୍ ପିଣ୍ଟୁ (୨୮) କୁ ଖପ୍ରାଖୋଲ ପୋଲିସ ଶୁକ୍ରବାର ଗିରଫ କରି ସିନ ରିକ୍ରିଏସନ୍ କରି ହତ୍ୟାରେ ବ୍ୟବହୃତ କାଠ ଠେଙ୍ଗା ଜବତ କରିଛି। ଏନେଇ ଖପ୍ରାଖୋଲ ଥାନା କେସ ନମ୍ବର୍ ୬୨/୨୫ ରେ ବି ଏନ ଏସ ର ବିଭିନ୍ନ ଧାରାରେ ମାମାଲା ରୁଜୁକରି ତଦନ୍ତ ଚାଲିଥିବା ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଥିବାବେଳେ ଟଙ୍କା ନେଣ ଦେଣ ପାଇଁ ହତ୍ୟାକାଣ୍ଡ ଘଟିଥିବା ଥାନା ଅଧିକାରୀ କହିଛନ୍ତି। ସୂଚନା ଅନୁସାରେ ବନ୍ଦେପଦର୍ ଗାଁର ସୁଶୀଲ ସାହୁ ଓ କାକା ପୁଅ ଭାଇ ବିକାଶ ସାହୁ ମସିଣା ଚେର କିଣାବିକା ପାଇ ପୁତୁଲାମହୁଲ ଗାଁକୁ ଗୁରୁବାର ସନ୍ଧ୍ୟାରେ ଯାଇଥିବା ବେଳେ ସେଠାରେ ଅଭିଯୁକ୍ତ ପିଣ୍ଟୁ ସହିତ ଟଙ୍କା ନେଣ ଦେଣକୁ ନେଇ ବଚସା ହୋଇଥିଲା। ବିକାଶ ଓ ପିଣ୍ଟୁ ହାତାହାତି ହୋଇଥିବା ବେଳେ ସୁଶୀଲ ତାଙ୍କୁ ସମାଧାନ କରି ଉଭୟଙ୍କୁ ଅଲଗା କରିଥିବା ବେଳେ ଭାଇ ବିକାଶକୁ ଗାଁ କୁ ପଠାଇ ଥିଲେ। ଏହାପରେ ସୁଶୀଲ ଚାଲି ଚାଲି ଗାଁ କୁ ଫେରୁଥିବା ବେଳେ ନଦୀ ପାଖରେ ଅଭିଯୁକ୍ତ ପିଣ୍ଟୁ ସୁଶୀଲ କୁ କାଠ ଠେଙ୍ଗାରେ ପିଟିବାରୁ ମୃତ୍ୟୁ ହୋଇଥିବା ପୋଲିସ କହିଛି। ଏହା ପରେ ପରିବାର ଲୋକ ଉଦ୍ଧାର କରି ଖପ୍ରାଖୋଲ ଡାକ୍ତରଖାନା ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ପୋଲିସ ଚଢ଼ାଉକରୀ ଅଭିଯୁକ୍ତ କୁ ଗିରଫ କରି ତଦନ୍ତ ଚଳାଇଥିବା ଜଣାଯାଇଛି । ସେହି ପରି ମୃତ ଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି ।

# ରହସ୍ୟଘେରରେ ସାମ୍ବାଦିକ ଅଶୋକ ମିଶ୍ରଙ୍କ ମୃତ୍ୟୁ



କନ୍ଧମାଳ(ଭାସ୍କର ନ୍ୟୁଜ) : ଫୁଲବାଣୀ ର ଲୋକପ୍ରିୟ ସାମ୍ବାଦିକ ଅଶୋକ ମିଶ୍ରଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୪୫ବର୍ଷ ହୋଇଥଲା । ଅଶୋକ ମିଶ୍ର କନ୍ଧମାଳ ମହୋତ୍ସବ ଦେଖି ନିଜ ଘରକୁ ଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଘରର ପରିବାର କହିବା ଅନୁସାରେ ଅଶୋକ ମିଶ୍ର ଭଲ ଥିଲା କିନ୍ତୁ ପୂର୍ବ ଶତ୍ରୁତା ରୁ କିଛି ବ୍ୟକ୍ତି ମାରିଦେଇଥିବାର ଫୁଲବାଣୀ ଟାଉନ ଥାନା ଙ୍କୁ ଲିଖିତ ଭାବରେ ଜଣାଇଛନ୍ତି। ତାଙ୍କର ମୃତ୍ୟୁ ସମୟରେ ପାଖରେ ଘର ଲୋକ ନ ଥିଲେ। ପରିବାର ଲୋକଙ୍କ ଠାରୁ ଜାଣିବା ପରେ ସାହିର କିଛି ବ୍ୟକ୍ତି ସଂଗେ ସଙ୍ଗେ ଫୁଲବାଣୀ ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ମୃତ୍ୟୁକୁ ନେଇ ବିଭିନ୍ନ ସନ୍ଦେହ ଥିବାରୁ ପୋଷ୍ଟ ମର୍ଟମ ପାଇଁ ରଖାଯାଇଥିଲା ।ଶନିବାର ଦିନ ପୋଲିସ ରିପୋର୍ଟ ଅନୁସାରେ ମୃତ ସାମ୍ବାଦିକଙ୍କ ଶବକୁ ପୋଷ୍ଟ ପୋର୍ଟମ କରାଯାଇ ତାଙ୍କ ମୃତ ଶରୀରକୁ ହସ୍ତାନ୍ତର କରାଯାଇଥିଲା। ଏହି ଖବର ପାଇ ସାମ୍ବାଦିକଗହଣରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଯାଇଛି।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ସିନ୍ଧ୍ରିମାଳ ପଂଚାୟତର ଖୁରକୋଲିଗୁଡା ଗ୍ରାମରେ ମା ବୁଡି ଠାକୁରାଣୀ ଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ଶୁକ୍ରବାର ଦିନ ପୂର୍ବାହ୍ନରେ ଗ୍ରାମ ଦିଶାରୀ, ଓ ପୁଜକ ତଥା ମହିଳା ମାନେ ପାରମ୍ପରିକ ସାଜସଜ୍ଜାରେ ଖୁରକୋଲିଗୁଡା ଗ୍ରାମ ନିକଟ ମୁନୁଷକୁଣ୍ଡା ପାହାଡକୁ ଯାଇ ମା ବୁଡି ଠାକୁରାଣୀଙ୍କୁ ଆବାହନ କରି ଆଣିଥିଲେ। ସନ୍ଧ୍ୟା ସମୟରେ ଖୁରକୋଲିଗୁଡା ମନ୍ଦିର ପ୍ରାଙ୍ଗଣରେ ନିକଟସ୍ଥ ଗ୍ରାମ ଦେବୀଦେବୀଙ୍କ ଲାଠି ଓ ବାଦ୍ୟ ବାଜା ସହ ମା ବୁଡି ଠାକୁରାଣୀଙ୍କୁ ପାଛୋଟି ଆଣି ଖୁରକୋଲିଗୁଡା ମନ୍ଦିରରେ ସ୍ଥାପନ କରିଥିଲେ। ସେଠାରେ ରାତକାଳି ସନ୍ଧ୍ୟା ସମୟରେ ବିଭିନ୍ନ ବାଦ୍ୟବାଜା ସହ ମହିଳାଙ୍କ ହୁଳହୁଳି ଓ ଦିଶାରୀଙ୍କ କାଳସି ନୃତ୍ୟରେ ଆବାହନ କରା ଯାଇଥିଲା। ମହିଳାମାନେ ଧାଡିରେ କଳସରେ ଜଳ ଆଣି ଦେବୀଙ୍କୁ ସ୍ନାନ କରାଇବା ପରେ ବଳି ପୂଜା କରା ଯାଇଥିଲା। ପରେ ମନ୍ଦିର ମଧ୍ୟକୁ ମା ବୁଡି ଠାକୁରାଣୀଙ୍କୁ ସ୍ଥାପନ କରା ଯାଇଥିଲା। ଏହି ଅବସରରେ ନିକଟବର୍ତ୍ତୀ ଗ୍ରାମର ସତାଧିକ ମହିଳା ଓ ପୁରୁଷ ନିଜ ନିଜ ପାରମ୍ପରିକ ବେଶଭୂଷାରେ ଆସିଥିଲେ। ସେଠାରେ ପାରମ୍ପରିକ ବାଦ୍ୟବାଜା ସହ ଢେମସା ନୃତ୍ୟର ତାଳେତାଳେ ମହିଳା ଓ ପୁରୁଷ ମାନେ ଝୁମି ଉଠିଥିଲେ। ଆଜି ମା ବୁଡି ଠାକୁରାଣୀଙ୍କ ବିମାନ ଯାତ୍ରା ଆରମ୍ଭ ହେବ। ଏହା ପ୍ରଥମେ ଖୁରକୋଲିଗୁଡା ଗ୍ରାମ ମାଛିଆପଡା ଠାରେ ପୂଜା ପାଇବା ପରେ ଆଜି ଓ ଆସନ୍ତା କାଲି ତୃତୀୟ ଦିନ ଦନ୍ତିଗୁଡା ମନ୍ଦିରରେ ଦେବୀଙ୍କ ପୁନାର୍ଚ୍ଚନା ହେବାର କାର୍ଯ୍ୟକ୍ରମ ରହିଛି। ଏଥିନିମନ୍ତେ ଦୁଇ ଗ୍ରାମର ପାରରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଛି ବୋଲି ଗ୍ରାମ ମୁଖିଆ ଏସଦେବ ଗୌଡ, ଲକ୍ଷ୍ମୁ ଗୌଡ, ଇନ୍ଦ୍ର ଗୌଡ, ଗେନା ଗୌଡ, ସନିଆ ଗୌଡ, ପାଣ୍ଡୁ ମାଡକାମି, ଜଗନ୍ନାଥ ମାଡକାମି, ତଥା ସମସ୍ତ ମୁଖିଆ ଓ ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି ସମସ୍ତ ଅଂଚଳବାସୀଙ୍କୁ ଏହି ବୁଡି ଠାକୁରାଣୀ ଯାତ୍ରାରେ ଅଂଶଗ୍ରହଣ କରିବା ନିମନ୍ତେ ନିବେଦନ କରିଛନ୍ତି



### ମୁଖ୍ୟମନ୍ତ୍ରୀଙ୍କ ସହିତ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସୌଜନ୍ୟମୂଳକ ସାକ୍ଷାତ

## ମହାନଦୀ ଜଳ ବିବାଦର ଆପୋସ ସମାଧାନ ପାଇଁ ଆଲୋଚନା



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ଶ୍ରୀ ବିଷ୍ଣୁଦେବ ସାଏ ଓଡ଼ିଶା ଗସ୍ତରେ ଆସିଥିବା ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ବିଭିନ୍ନ ବିଷୟ ସହିତ ମହାନଦୀ ଜଳ ବିବାଦ ସମ୍ପର୍କରେ ମଧ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଏହି ବିବାଦର ଆପୋଷ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପରାମର୍ଶ ଦେଇଥିଲେ। ଦୁଇ ରାଜ୍ୟ ପରସ୍ପରର ପଡ଼ୋଶୀ ରାଜ୍ୟ ଏବଂ ଉଭୟ ରାଜ୍ୟ ମଧ୍ୟରେ ଭାଷା ଓ ଭାଗତ ସାମଞ୍ଜସ୍ୟ ମଧ ରହିଛି ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ଉଭୟ ରାଜ୍ୟର ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଏହାର ତୁରନ୍ତ ସମାଧାନ ହେବା ଆବଶ୍ୟକ। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଏହା ଉପରେ ସକାରାତ୍ମକ ମତାମତ ପ୍ରକାଶ କରି କହିଥିଲେ ଯେ, ସେ ସଦାସର୍ବଦା ଆପୋଷ ସମାଧାନ ସପକ୍ଷରେ ଅଛନ୍ତି। ଆଲୋଚନା ଜରିଆରେ ଏହି ସମସ୍ୟାର ଉଚିତ୍ ସମାଧାନ ହୋଇପାରିବ ବୋଲି ସେ ମତ ଦେଇଥିଲେ। ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଏହି ବିଷୟ ଉପରେ ଗୁରୁତ୍ୱ ଦେଇ ଏହାର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ରାସ୍ତା ବାହାର କରିବାକୁ ଏକମତ ହୋଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନବଦାସଙ୍କ...

ମୁଖ୍ୟ ସାକ୍ଷୀ ମନୁ ପ୍ରସାଦ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଥାନା ଅନ୍ତର୍ଗତ ମ୍ୟୁନିସିପାଲିଟି ଅଫିସ ନିକଟରେ ମନୁ ବାଇକ୍‌ରେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ ସହ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପରବର୍ତ୍ତୀ ସମୟରେ ତାଙ୍କୁ ବୁର୍ଲା ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ପିକ୍‌ଅପ୍ ଭ୍ୟାନକୁ ଜବତ କରିଛି। କେଉଁ ପରିସ୍ଥିତିରେ ଦୁର୍ଘଟଣା ହେଲା ତାହା ସନ୍ଦେହ ଘେରରେ ଥିବାବେଳେ ପୋଲିସ ଅନୁସନ୍ଧାନ ଜାରି ରଖିଛି।

### ଆରମ୍ଭ ହେଲା...

ହେବାପରେ ଶାହରୁଖ ଖାନ ଦର୍ଶକଙ୍କୁ ସମ୍ବୋଧିତ କରିଥିଲେ। ଶାହରୁଖ ଖାନ ଶେଷରେ ଆରସିବିର ଷ୍ଟାର ବ୍ୟାଟର ବିରାଟ କୋହଲି ଓ କେକେଆର୍‌ର ରିଙ୍କୁ ସିଂଙ୍କୁ ମଞ୍ଚ ଉପରକୁ ଡାକି ନଚାଇଥିଲେ। ତେବେ ପ୍ରଥମ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର ଭେଟିଥିଲା ରୟାଲ ଚାଲେଞ୍ଜ ବେଙ୍ଗାଲୁରୁକୁ। ପ୍ରଥମେ ଟସ୍ ଜିଣି ଆରସିବି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। କେକେଆର ୨୦ ଓଭରରେ ୮ ୱିକେଟ ବିନିମୟରେ ୧୭୪ ରନ୍ କରିଥିବାବେଳେ ଆରସିବି ୧୬.୨ ଓଭରରେ ୩ ୱିକେଟ ବିନିମୟରେ ୧୭୭ ରନ୍ କରି ବିଜୟୀ ହୋଇଥିଲା।

### ଡିସେମ୍ବରରେ ବାରବାଟୀରେ...

ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ନଭେମ୍ବର ମାସରେ ଦକ୍ଷିଣଆଫ୍ରିକା ଟିମ୍ ଭାରତ ଗସ୍ତରେ ଆସି ୨ଟି ଟେଷ୍ଟ, ୩ଟି ଏକଦିବସୀୟ ଓ ୫ଟି ଟି-୨୦ ମ୍ୟାଚ୍ ଖେଳିବ। ଶନିବାର କୋଲକାତାରେ ବସିଥିବା ବିସିସିଆଇର ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଏ ସଂପର୍କରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ତାଙ୍କ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଆମେ ବିସିସିଆଇକୁ ନିବେଦନ କରିଛୁ। ମାତ୍ର ବିସିସିଆଇ ପକ୍ଷରୁ କୌଣସି ବିଧିବଦ୍ଧ ସୂଚନା ଓସିଏ ନିକଟକୁ ଆସିନାହିଁ । ସେହିପରି ଏବର୍ଷ ମହିଳା ବିଶ୍ୱକପ୍ ଭାରତ ଆୟୋଜନ କରିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ଆସନ୍ତା ସେପ୍ଟେମ୍ବରରେ ମହିଳା କ୍ରିକେଟ ବିଶ୍ୱକପ୍ ଭାରତରେ ଖେଳାଯିବ ଓ ଏହାର ଉଦ୍‌ଘାଟନୀ ମ୍ୟାଚ୍ ଭାଇଜାକରେ ହେବ ।

### ବାଲି ଖାଦାନ...

କମିଟିରେ ଜିଲ୍ଲାପାଳ ଅଧ୍ୟକ୍ଷତା କରିବେ। କେଉଁ ଖାଦାନରୁ ବାଲି ଉତ୍ତୋଳନ ହେବ, ତାହା ଚୟନ କରିବ ଏହି କମିଟି। ଏଥିରେ ସଦସ୍ୟ ଭାବେ ଉପଜିଲ୍ଲାପାଳ, ଏସ୍‌ପି, ଜିଲ୍ଲା ବନଖଣ୍ଡ ଅଧିକାରୀ (ଡିଏଫଓ), ଜିଲ୍ଲା ଉନ୍ନୟନ ଅଧିକାରୀ, ରାଜସ୍ୱ ବିଭାଗ ଏଡିଏମ୍, ଜିଲ୍ଲା ଖଣି ଅଧିକାରୀ ରହିବେ। ୨ ଜଣ ବିଡିଓ ଏବଂ ୨ ଜଣ ତହସିଲଦାର ମଧ ସଦସ୍ୟ ରହିବେ, ଯେଉଁମାନଙ୍କୁ ଜିଲ୍ଲାପାଳ ମନୋନୀତ କରିବେ। ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଏହି କମିଟିର ଆବାହକ ରହିବେ। ଯାହାକୁ ରାଜ୍ୟ ବିଜେପି ● ପୃଷ୍ଠା ୫ ଦେଖନ୍ତୁ

### ୨୫ବର୍ଷ...

ପକ୍ଷରୁ ମଧ୍ୟ ବିରୋଧ କରାଯାଉଛି। ସୀମା ପୁନଃ ନିର୍ଦ୍ଧାରଣ କାର୍ଯ୍ୟ ଆଗାମୀ ୨୫ ବର୍ଷ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ଉକ୍ତ ବୈଠକରେ ପ୍ରସ୍ତାବ ପାରିତ ହୋଇଛି। ଚେନ୍ନାଇରେ ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକ ଆରମ୍ଭ ହେବାକ୍ଷଣି କାର୍ଯ୍ୟକ୍ରମସ୍ଥଳ ବାହାରେ ବିଜେପି ନେତାମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସରକାରୀ ବିଫଳତାକୁ ଲୁଚାଇବା ପାଇଁ ଏପରି ହାଇଡ୍ରାମା କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ତେବେ ଏହି ବୈଠକରେ ବିଭିନ୍ନ ରାଜ୍ୟରୁ କରିଛି ରାଜନୈତିକ ଦଳ ଯୋଗ ଦେଇନଥିଲେ । ସୀମା ନିର୍ଦ୍ଧାରଣ ପ୍ରସଙ୍ଗରେ ଡିଏମ୍‌କେକୁ ସର୍ବଦା ଟିଏମ୍‌ସି ସମର୍ଥନ କରୁଥିବାବେଳେ ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀ କିମ୍ବା ତାଙ୍କ ଦଳର କୌଣସି ସଦସ୍ୟ ବୈଠକକୁ ଆସିନଥିଲେ। ଷ୍ଟାଲିନ ମମତାଙ୍କୁ ଚିଠିଲେଖି ବୈଠକରେ ଯୋଗ ଦେବାକୁ ଅନୁରୋଧ କରିଥିଲେ। ମାତ୍ର ଏହା ସଫଳ ହୋଇନଥିଲା। ସେହିପରି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବୈଠକକୁ ଯାଇପାରି ନଥିଲେ ହେଁ ବରିଷ୍ଠ ବିଜେଡି ନେତା ଅମର ପଟ୍ଟନାୟକ ଓ ସଞ୍ଜୟ ଦାସବର୍ମାଙ୍କୁ ପ୍ରତିନିଧି ଭାବେ ପଠାଇଥିଲେ ଓ ଭିଡିଓ ବାର୍ତ୍ତା ମାଧ୍ୟମରେ ଜେଏସିକୁ ସମ୍ବୋଧନ କରିଥିଲେ। ଦେଶର ସର୍ବୋଚ୍ଚ ପ୍ରତିନିଧିତ୍ୱ ସଂସ୍ଥାରେ ଆସନ ସଂଖ୍ୟା ନିର୍ଣ୍ଣୟ କରିବା ପାଇଁ ଜନସଂଖ୍ୟା ଏକମାତ୍ର ମାନଦଣ୍ଡ ହେବା ଉଚିତ ନୁହେଁ ବୋଲି ସେ କହିଛନ୍ତି। ଏଥିସହ କେନ୍ଦ୍ର ସରକାର ସମସ୍ତ ଦଳ ସହ ଆଲୋଚନା କରି ଗଣତନ୍ତ୍ର ପାଇଁ ଦୂରବର୍ତ୍ତୀ ପ୍ରଭାବ ପକାଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରୁ ସନ୍ଦେହ ଦୂର କରିବାକୁ ପରାମର୍ଶ ଦେଇଥିଲେ। ଅପରପକ୍ଷରେ ବିଜେପି ସାଂସଦ ସୁକାନ୍ତ ପାଣିଗ୍ରାହୀ ଏହାକୁ କଟାକ୍ଷ କରି କହିଛନ୍ତି ଯେ ଏହା ବିଜେପି ବିରୋଧରେ ଏକ ମେଣ୍ଟ। ବିଜେଡି ଆତ୍ମସମୀକ୍ଷା କରିବା ଆବଶ୍ୟକ। ନବୀନ ନଈ ନ ଦେଖୁଣୁ ଲଙ୍ଗଳା ହେବା ଉଚିତ ନୁହେଁ ବୋଲି ସେ କହିବା ସହ ବିଜେଡି ତାମିଲନାଡୁର ଶରଣ ପଶିଥିବା ସେ କହିଛନ୍ତି। ବିଜେପିକୁ ବିରୋଧ କରିବା ପାଇଁ କଂଗ୍ରେସ ଓ ବିଜେଡି ମଧ୍ୟରେ ଅଘୋଷିତ ବୁଝାମଣା ହୋଇଥିବା ସେ କହିଥିଲେ। ସୂଚନାଯୋଗ୍ୟ ଯେ ସ୍ୱଚ୍ଛ ଓ ନିରପେକ୍ଷ ସୀମା ନିର୍ଦ୍ଧାରଣ ସପକ୍ଷରେ ବିରୋଧୀମାନେ ମତବ୍ୟକ୍ତ କରିଛନ୍ତି। କୁହାଯାଉଛି ଯେ ସୀମା ନିର୍ଦ୍ଧାରଣ ଜନସଂଖ୍ୟା ଆଧାରରେ କରାଯିବ । ଏପରି ହେଲେ ସଂସଦରେ କାହାର ପ୍ରତିନିଧିତ୍ୱ କେତେ ରହିବ, ତାକୁ ନେଇ ବିବାଦ ଦେଖାଦେଇଛି। ବର୍ତ୍ତମାନର ଆକଳନ ଅନୁଯାୟୀ ତାମିଲନାଡୁ, କେରଳ, କର୍ଣ୍ଣାଟକ, ଆନ୍ଧ୍ର ଓ ତେଲଙ୍ଗାନା ଭଳି ଦକ୍ଷିଣଭାରତୀୟ ରାଜ୍ୟଗୁଡ଼ିକ ସୀମା ପୁନଃ ନିର୍ଦ୍ଧାରଣ ଯୋଗୁ ସଂସଦରେ ସେମାନଙ୍କର ପ୍ରତିନିଧିତ୍ୱ ହରାଇ ପାରନ୍ତି। କାରଣ ଦକ୍ଷିଣଭାରତ ରାଜ୍ୟ ସମେତ ଓଡ଼ିଶାରେ ଜନସଂଖ୍ୟା ନିୟନ୍ତ୍ରଣକୁ ଭଲଭାବେ କାର୍ଯ୍ୟକାରୀ କରାଯାଇଛି। ଉତ୍ତରଭାରତ ରାଜ୍ୟଗୁଡ଼ିକରେ ଜନସଂଖ୍ୟା ଅଧିକ ଥିବାରୁ ସେମାନଙ୍କ ଆସନ ସଂଖ୍ୟା ସଂସଦରେ ଆହୁରି ବଢ଼ିଯିବ ବୋଲି ଆକଳନ କରାଯାଉଛି।

### ବିନୋଦ ଶୁକ୍ଲ...

ସେ କହନ୍ତି, ଲେଖିବା ଏକ ଛୋଟକଥା ନୁହେଁ। ତେବେ ଏହା ନିରନ୍ତର ଜାରି ରହିବା ଆବଶ୍ୟକ ଓ ପାଠକଙ୍କ ପ୍ରତିକ୍ରିୟା ଉପରେ ଧ୍ୟାନ ରଖିବା ଉଚିତ୍। ଜ୍ଞାନପୀଠ ଚୟନ କମିଟି ବୈଠକରେ ଶ୍ରୀ ଶୁକ୍ଲଙ୍କ ନାମ ଚୂଡ଼ାନ୍ତ କରାଯାଇଛି। ଓଡ଼ିଆ ଭାଷା ସାହିତ୍ୟର ପ୍ରସିଦ୍ଧ ଲେଖିକା ତଥା ଔପନ୍ୟାସିକା ଓ ଜ୍ଞାନପୀଠ ବିଜେତା ଡକ୍ଟର ପ୍ରତିଭା ରାୟ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଚୟନ କମିଟି ତାଙ୍କ ବୟାନରେ କହିଛନ୍ତି ଯେ ଏହି ସମ୍ମାନ ବିନୋଦ କୁମାର ଶୁକ୍ଲଙ୍କୁ ହିନ୍ଦୀ ସାହିତ୍ୟରେ ତାଙ୍କର ବିଶେଷ ଯୋଗଦାନ, ରଚନାତ୍ମକ ଓ ଅନନ୍ୟ ଲେଖନ ଶୈଳୀ ପାଇଁ ଦିଆଯାଉଛି। ବିନୋଦ କୁମାର ଶୁକ୍ଲଙ୍କ ରଚନାଗୁଡ଼ିକ ମଧ୍ୟରେ 'ଦିୱାର ମେ ଏକ୍ ଖିଡ଼କୀ ରହତି ହୈ' ପାଇଁ ୧୯୯୯ରେ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ସେହିପରି 'ନୌକର କି କମିଜ୍' ପାଇଁ ୧୯୭୯ରେ ଏକ ଚଳଚ୍ଚିତ୍ର ନିର୍ମାଣ ହୋଇଥିଲା ଓ କବିତା ସଂଗ୍ରହ 'ସବ୍‌କୁଛ ହୋନା ବଚା ରହେଗା' (୧୯୯୨) ପ୍ରମୁଖ । ସୂଚନାଯୋଗ୍ୟ ଯେ ଜ୍ଞାନପୀଠ ପୁରସ୍କାର ୧୯୬୧ ମସିହାରେ ଆରମ୍ଭ ହୋଇଥିଲା ଓ ୧୯୬୫ ମସିହାରେ ମାଲାୟାଲାମ କବି ଜି.ଶଙ୍କର କୁରୁପଙ୍କୁ ଏହି ପୁରସ୍କାରରେ ପ୍ରଥମେ ସମ୍ମାନିତ କରାଯାଇଥିଲା। କେବଳ ଭାରତୀୟ ଲେଖକଙ୍କୁ ଏହି ପୁରସ୍କାର ଦିଆଯାଇଥାଏ।

### ବ୍ରହ୍ମପୁର...

ବର୍ଷା ଲାଗି ରହିଛି। ବ୍ରହ୍ମଗିରି ଥାନା ଗୋବର୍ଦ୍ଧନପୁର ଗାଁର ଦୁଃଶାସନ ନାୟକ ଓ ତାଙ୍କ ପତ୍ନୀ ନିଜ ଗାଁ ପାଖରେ ଥିବା ଏକ ପୋଟଳ କିଆରୀରେ ଜଳ ନିଷ୍କାସନ ପାଇଁ ଯାଇଥିବାବେଳେ ସେଠାକୁ ତାଙ୍କ ବଡ଼ପୁଅ ମନୋଜ ନାୟକ କୋଦାଳ ନେଇ ଯାଉଥିବାବେଳେ ବଜ୍ରପାତର ଶିକାର ହୋଇଥିଲେ। ପରେ ତାଙ୍କୁ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବଙ୍ଗୋପସାଗରରୁ ଆସୁଥିବା ଆର୍ଦ୍ର ବାୟୁ ପଶ୍ଚିମ ଦିଗରୁ ଆସୁଥିବା ଶୁଷ୍କ ବାୟୁର ସମ୍ମିଶ୍ରଣ ପ୍ରଭାବରେ ଉତ୍ତର ଓଡ଼ିଶାର କିଛି ଜିଲ୍ଲାରେ କୁଆପଥର ବର୍ଷା ହୋଇଥିବା ମଧ୍ୟ ସୂଚନା ମିଳିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଜଗତସିଂହପୁର, କଟକ, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସୁନ୍ଦରଗଡ଼ ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେଣୁ ଏସବୁ ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଜିଲ୍ଲାପାଳମାନେ ସତର୍କ ରହିବାକୁ ଏସଆରସିଙ୍କ ପକ୍ଷରୁ ଚିଠି ଲେଖାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି।

## ଟଙ୍କା ପାଇଁ ସ୍ତ୍ରୀଙ୍କୁ ହତ୍ୟା
## ସ୍ୱାମୀକୁ ଆଜୀବନ କାରାଦଣ୍ଡ

ଭଞ୍ଜନଗର(ଭାସ୍କର ନ୍ୟୁଜ): ମାଆଙ୍କ ଶ୍ରାଦ୍ଧ ପାଇଁ ଟଙ୍କା ନଦେବାରୁ ଉତ୍ତ୍ୟକ୍ତ ସ୍ୱାମୀ ନିଜ ପତ୍ନୀଙ୍କୁ ହତ୍ୟା କରିବା ଘଟଣାର ବିଚାର କରି ଭଞ୍ଜନଗର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଅଭିଯୁକ୍ତ ସ୍ୱାମୀ ରାଜୁ ମୁଳି କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାତ୍ର ୨୧ ମାସ ମଧ୍ୟରେ ରାୟ ପ୍ରକାଶ ପାଇବା ଘଟଣା ଭଞ୍ଜନଗର ଅଦାଲତ ପାଇଁ ପ୍ରଥମ ବୋଲି କୁହାଯାଉଛି। ମିଳିଥିବା ସୂଚନା ପ୍ରକାରେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅନ୍ତର୍ଗତ ଆଖୁପଦର ଗ୍ରାମର ଗୀତାଞ୍ଜଳି ମୁଳିଙ୍କୁ ତାଙ୍କ ସ୍ୱାମୀ ରାଜୁ ମୁଳି ୨୦୨୩ ମସିହା ମେ ମାସ ୨୭ ତାରିଖ ରାତିରେ ହତ୍ୟା କରିଥିଲା। ଏହି ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଭଞ୍ଜନଗର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଦେବଦତ୍ତ ପଟ୍ଟନାୟକ ୧୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଭିଯୁକ୍ତ ସ୍ୱାମୀ ରାଜୁ ମୁଳି କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅର୍ଥ ଅନାଦେୟ ଅଧିକ ଏକ ବର୍ଷ କାରାଦଣ୍ଡ ଭୋଗିବେ ଅଭିଯୁକ୍ତ। ଘଟଣାର ମାତ୍ର ୨୧ ମାସ ମଧ୍ୟରେ ଏହି ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଘଟଣାରୁ ପ୍ରକାଶ ଯେ ଭଞ୍ଜନଗର ସହରଠାରୁ ଛେଳିଭୁମି ଗ୍ରାମର ଜୟନ୍ତୀ ମୁଳିଙ୍କ ଝିଅ ଗୀତାଞ୍ଜଳି ୧୮ ବର୍ଷ ପୂର୍ବେ ଆଖୁପଦର ଗ୍ରାମର ରାଜୁଙ୍କୁ ବିବାହ କରିଥିଲେ। ବିବାହର ୧୦ ବର୍ଷ ପର୍ଯ୍ୟନ୍ତ ସ୍ୱାମୀ ସ୍ତ୍ରୀ ଭଲରେ ଚଳିଥିଲେ। ଏଥିସହ ସେମାନଙ୍କର ଗୋଟିଏ ପୁଅ ମଧ ଥିଲା। ପରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ବିଭିନ୍ନ କାରଣରୁ ଝଗଡ଼ା ଲାଗି ରହୁଥିଲା। ଘଟଣା ଦିନ ରାଜୁ ମଦ ପିଇ ଆସି ନିଜ ମାଆଙ୍କ ଶ୍ରାଦ୍ଧ ପାଇଁ ପତ୍ନୀ ଗୀତାଞ୍ଜଳି କୁ କିଛି ଟଙ୍କା ମାଗିଥିଲେ। କିନ୍ତୁ ଟଙ୍କା ପାଖରେ ନଥିବା ଯୋଗୁ ଗୀତାଞ୍ଜଳି ସ୍ୱାମୀଙ୍କୁ ଟଙ୍କା ଦେଇପାରି ନ ଥିଲେ। ଫଳରେ ଏଥିରେ ଉତ୍ତ୍ୟକ୍ତ ହୋଇ ନିଶାସକ୍ତ ଅବସ୍ଥାରେ ରାଜୁ ସେଦିନ ରାତିରେ ସ୍ତ୍ରୀଙ୍କୁ ଏକ ଧାରୁଆ ଅସ୍ତ୍ରରେ ହତ୍ୟା କରିଥିଲା। ପୁଲିସ ଏ ନେଇ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଉଷାକାନ୍ତ ପଟ୍ଟନାୟକ ମାମଲାର ପରିଚାଳନା କରୁଥିଲେ।

## ୧୦ରେ ଆଜାଦ୍ ହିନ୍ଦ ବାହିନୀର ଦିଲ୍ଲୀ ଚଲୋ ଅଭିଯାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କେନ୍ଦ୍ର ସରକାର ଓଡ଼ିଶା ପ୍ରତି ଚରମ ଅବହେଳା କରୁଛନ୍ତି। ଏହାର ପ୍ରତିବାଦରେ ଆଜାଦ୍ ହିନ୍ଦ ବାହିନୀ, ଓଡ଼ିଶା ପକ୍ଷରୁ ଆସନ୍ତା ୧୦ ଅପ୍ରେଲ ଦିନ ୧୦ ଘଟିକା ସମୟରେ ଏକ ପ୍ରତିବାଦ ଧାରଣା ନୂଆଦିଲ୍ଲୀ ସଂସଦ ଭବନ ସମ୍ମୁଖସ୍ଥ ଜନ୍ତର ମନ୍ତର ଠାରେ ଅନୁଷ୍ଠିତ ହେବ ବୋଲି ନେତାଜୀ ଭବନଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଆଜାଦ୍ ହିନ୍ଦ ବାହିନୀ, ଓଡ଼ିଶାର ଅଧ୍ୟକ୍ଷ ଜ୍ୟୋତି ରଂଜନ ମହାପାତ୍ର ପ୍ରକାଶ କରିଛନ୍ତି। ଏହି ଅବସରରେ ଦିଲ୍ଲୀ ଚଲୋ କାର୍ଯ୍ୟକ୍ରମ ନିମନ୍ତେ ପ୍ରସ୍ତୁତ ଏକ ପୋଷ୍ଟରକୁ ଲୋକାର୍ପଣ କରାଯାଇଥିଲା। ଶ୍ରୀ ମହାପାତ୍ର କହିଥିଲେ ଯେ ଓଡ଼ିଶାରେ ଥିବା ୱାଲ୍‌ଟିଅର ରେଳ ଡିଭିଜନକୁ ଭାଙ୍ଗି ବିଶାଖପାଟଣା ସମେତ ଏହାର ପ୍ରମୁଖ ଲାଭଦାୟକ ଅଂଚଳକୁ କାଢ଼ି ନିଆଯାଇ ଆନ୍ଧ୍ର ପ୍ରଦେଶ ପାଇଁ ନୂତନ ଭାବେ ଗଠନ ହେଉଥିବା ଦକ୍ଷିଣ କୋଷ୍ଟ ରେଳପଥ ଜୋନ' ଅଧିନକୁ ଟେକି ଦିଆଯାଉଛି । ଯାହା ଫଳରେ ଇଷ୍ଟ କୋଷ୍ଟ ରେଳପଥ ଦୁର୍ବଳ ହେବା ସହ ଓଡ଼ିଶାର ପ୍ରଭୂତ ରାଜସ୍ୱ କ୍ଷତି ହେବ। ଓଡ଼ିଶା ସୀମା ମଧ୍ୟରେ ଥିବା ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଆଦି ଜିଲ୍ଲା ଅନ୍ୟ ରାଜ୍ୟରେ ଥିବା ରେଳ ଜୋନ ଅଧିନରେ ରହିଛି ସେଗୁଡିକୁ ଏକାଠି କରି ଓଡ଼ିଶାରେ ଅବସ୍ଥିତ ଇଷ୍ଟ କୋଷ୍ଟ ରେଳପଥ ଜୋନରେ ସାମିଲ କରାଯିବା ପାଇଁ ଦାବି କରାଯିବା ଆବଶ୍ୟକ। ରାଉରକେଲା, ରାଜଗାଙ୍ଗପୁର, ଝାରସୁଗୁଡ଼ା, ଇବ୍, ବ୍ରଜରାଜନଗର ଓ ବାଲେଶ୍ୱର ପରି ପ୍ରାକୃତିକ ସମ୍ପଦରେ ସମୃଦ୍ଧଶାଳୀ ଓ ରେଳପଥର ଟ୍ରାନ୍ସପୋର୍ଟେସନ ହବ୍ ଭାବେ ପରିଚିତ ଅଂଚଳଗୁଡିକୁ ଇଷ୍ଟ କୋଷ୍ଟ ରେଳପଥରେ ସାମିଲ କରାଯାଉ। ପୋଲାଭରମ ପ୍ରକଳ୍ପର ଉଚ୍ଚତା ହ୍ରାସ ସହ ମାଲକାନଗିରି ଜିଲ୍ଲାବାସୀଙ୍କୁ ବାସଚ୍ୟୁତ ହେବାରୁ ରକ୍ଷା କରିବା ସହ ବର୍ଷ ସାରା ଓଡ଼ିଶାରେ ମହାନଦୀର ଜଳପ୍ରବାହକୁ ସ୍ୱାଭାବିକ କରିବା ପାଇଁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ଲକ୍ଷ ଲକ୍ଷ ଓଡ଼ିଆ ଯୁବକ-ଯୁବତୀଙ୍କୁ କର୍ମ ନିଯୁକ୍ତି ପ୍ରଦାନ କରିବା ଆଜାଦ୍ ହିନ୍ଦ ବାହିନୀର ପ୍ରମୁଖ ଦାବି ରହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଆଜାଦ୍ ହିନ୍ଦ ବାହିନୀର ସାଧାରଣ ସମ୍ପାଦିକା ସୁବ୍ରତୀ ଦଳାଇ, ସଂଯୋଜକ ସୁଶିଲ ଥାନପତି, ଲକ୍ଷ୍ମୀ ଦୋରା, ଇଜନ ଭଜ, ଦିଶା ଆଜାଦ୍ ପ୍ରମୁଖ ଉପସ୍ଥିତ ଥିଲେ।

## କିସ୍‌ରେ ପଢୁଛନ୍ତି ୩୦ ହଜାର ଆଦିବାସୀ ଛାତ୍ରଛାତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କିସ୍ ସମ୍ପର୍କରେ ଯାହା ତଥ୍ୟ ଆସିଛି ସେଠାରେ ପ୍ରାୟ ୩୦,୦୦୦ ଆଦିବାସୀ ଛାତ୍ରଛାତ୍ରୀ ରହୁଛନ୍ତି। ସେମାନଙ୍କ ରହିବା ଓ ଖାଇବା ପାଇଁ ବ୍ୟବସ୍ଥା ରହିଛି । ଅଭିଭାବକ ସମୟେ ସମୟେ ମିଟିଂକୁ ଆସନ୍ତି, ସେମାନେ ବି ଇଚ୍ଛୁକ ଅଛନ୍ତି ତାଙ୍କ ପିଲା ଟାଉନ ରେ ଆସି ପାଠ ପଢନ୍ତୁ ବୋଲି। ସେମାନେ ସେଥିପାଇଁ କିସ୍‌କୁ ବାଛିଥାନ୍ତି। ସେଠାରେ କଣ ସୁବିଧା ଅସୁବିଧା ଅଛି ଆଗାମୀ ଦିନରେ ଅଧିକା ଅନୁଧ୍ୟାନ କରିବୁ ବୋଲି ସ୍କୁଲ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜନଜାତି କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ନିଶ୍ଚୟ ବିଭାଗ ପକ୍ଷରୁ ପିଲା ଭଲରେ ରହୁଛନ୍ତି କି ନାହିଁ ,ତାଙ୍କ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ଠିକ୍ ଅଛି କି ନାହିଁ ଏ ସବୁ ଦେଖିବା କଥା। ବିଭାଗର ଏ ଦାୟିତ୍ୱ ରହିଛି । ଆଗାମୀ ଦିନରେ ଏ କଥାକୁ ଅନୁଧ୍ୟାନ କରିବୁ। ପ୍ରକୃତରେ ସେଠାରେ କଣ ସବୁ ବ୍ୟବସ୍ଥା ରହିଛି । ସେ ଦାୟିତ୍ୱ ବିଭାଗର ରହୁଛି । ଆଗାମୀ ଦିନରେ ଏ କଥାକୁ ଆମେ ନିଶ୍ଚୟ ପ୍ରାଧାନ୍ୟ ଦେବୁ ।

## ପୁରସ୍କାର ବିତରଣ ଓ ବାର୍ଷିକ ଉତ୍ସବ




ବୋଲଗଡ (ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକ ଅନ୍ତର୍ଗତ ନାଉପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ପୁରସ୍କାର ବିତରଣ ଓ ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ସାହୁ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ବୋଲଗଡ ଶିକ୍ଷା ଗୋଷ୍ଠୀ ଅଧିକାରୀ ଗୋକୁଳଚନ୍ଦ୍ର ବଳବନ୍ତରାୟ ମୁଖ୍ୟ ବକ୍ତା ରୂପେ କଳାଙ୍ଗ ଗ୍ରାମ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ରତିରଞ୍ଜନ ରାଉତରାୟ। ସମ୍ମାନିତ ଅତିଥିରୂପେ ଏବିଇଓ ତଥା ବିଆରସିସି କୈଳାଶନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରୂପେ ସିଆରସିସି ହୃଷିକେଶ ନାୟକ, କଳାଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟନ୍ତ୍ର ଦାସ, ବରିଷ୍ଠ ଶିକ୍ଷାବିତ ପଞ୍ଚୁ ଭରିମଲ୍ଲ, ନବକିଶୋର ସାହୁ , ଆଲୁମିନି କମିଟି ସଭାପତି ବିଭୁତି ସାହୁ, ଆଲୁମିନି କମିଟି ମୁଖ୍ୟ ତଥା ଖୋର୍ଦ୍ଧା ଜିଲ୍ଲା ପ୍ରାଥମିକ ଶିକ୍ଷକ ସମ୍ପାଦକ ଶ୍ରୀଯୁକ୍ତ ପ୍ରସନ୍ନ ଶ୍ରୀଚନ୍ଦନ ମଞ୍ଚାସୀନ ହୋଇଥିଲେ।ବିଦ୍ୟାଳୟର କୃତି ପ୍ରତି ଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରିଥିଲେ। ଏହି ଉତ୍ସବରେ ପିଲାମାନଙ୍କର ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

## ଗଣତନ୍ତ୍ର ପାଇଁ ମାତୃଭାଷାରେ ଶାସନର ଆବଶ୍ୟକତା




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଆରେ ଓଡ଼ିଶାର ଶାସନ ପାଇଁ ଭାଷା ଆନ୍ଦୋଳନର ଦୀର୍ଘ ଦିନର ଆନ୍ଦୋଳନ ଫଳରେ ଓଡ଼ିଆ ଭାଷା ସରକାରୀ ଭାଷା ହେବା ପାଇଁ ପଥ ପରିଷ୍କାର ହୋଇଥିଲା । ପରବର୍ତ୍ତୀ ସମୟରେ ଭାଷା ଆନ୍ଦୋଳନ ଓଡିଶା ,ଓଡ଼ିଆ ଭାଷାର ସୁରକ୍ଷା ସହିତ ଓଡ଼ିଶାର ସମସ୍ତ ଦେଶୀଆ ଭାଷା ଗୁଡିକର ସୁରକ୍ଷା ପାଇଁ କାମ ଆରମ୍ଭ କରିଥିଲା । ଏପରିକି ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟତା ପାଇଁ ମଧ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଅଛି । ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ 'ଓଡ଼ିଶା' ଭୂଖଣ୍ଡ ହୋଇଥିବାବେଳେ ଓଡ଼ିଶାରେ ଅନ୍ୟ ଦେଶିଆ ଭାଷା ଗୁଡିକର ସୁରକ୍ଷା ମଧ ଆମର ପ୍ରଥମ କର୍ତ୍ତବ୍ୟ ହେବା ଆବଶ୍ୟକ । 'ଭାଷା ଆନ୍ଦୋଳନ,ଓଡିଶା ଏବେ 'ଶବ୍ଦସ୍ପର୍ଶ' ତରଫରୁ 'ଓଡ଼ିଆରେ ଓଡ଼ିଶାର ଶାସନ ପାଇଁ ଓଡ଼ିଆ ଜାତିର ଅଭିଯାନ' ପରିପ୍ରେକ୍ଷୀରେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ, ଓଡ଼ିଶା ସରକାର ଏବଂ ଉତ୍କଳ ସାମ୍ବାଦିକ ସଂଘ ସହଯୋଗରେ 'ଗଣତନ୍ତ୍ର ପାଇଁ ମାତୃଭାଷାରେ ଶାସନର ଆବଶ୍ୟକତା' ବିଷୟ ଉପରେ ଉତ୍କଳ ସାମ୍ବାଦିକ ସଂଘ ସମ୍ମିଳନୀ କକ୍ଷରେ ଏକ ସାରଗର୍ଭକ ଆଲୋଚନା ହୋଇଥିଲା । ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟତା ପ୍ରଦାନ ପାଇଁ ମନ୍ତ୍ରୀଙ୍କ ନିକଟରେ ରଖିବା ପୂର୍ବରୁ ସେ ସମ୍ପର୍କିତ ନଥି ଏବଂ ପଦ୍ଧତିକୁ ବ୍ୟପାକ ଭାବେ କାର୍ଯ୍ୟ କରିବା ଆଲୋଚନରେ ବକ୍ତା ମାନେ ଆଲୋଚନା କରିଥିଲେ । ଏହି ଉତ୍ସବରେ ଭାଷା ଆନ୍ଦୋଳନ ଓଡ଼ିଶାର ସଭାପତି (ଶାସ୍ତ୍ରୀୟ କମିଟି )ଜାନକୀଷ ବଡ଼ପଣ୍ଡା ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବରେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୁତି ଭୂଷଣ କର ଯୋଗଦେଇ ଭାଷା ପାଇଁ ଗଣ ଓ ଗଣମାଧମର ଭୂମିକା ଉପରେ ବେଶ ଗୁରୁତ୍ୱ ଦେଇଥିଲେ ଯାହାକି ଭାଷା ଆନ୍ଦୋଳନ ଓଡ଼ିଶାର ମନ୍ତ୍ର ଭାବେ ପରିଚିତ ଥିଲା । ସମ୍ମାନିତ ଅତିଥି ଭାବରେ ସମ୍ବଲପୁର ଭାଷା ଆନ୍ଦୋଳନର ଅଧକ୍ଷ ଡ଼ ଗିରିଜା ଶଙ୍କର ଶର୍ମା ,ପ୍ରଗତିବାଦୀର ପରିଚାଳନା ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ଓଡ଼ିଆ ଭାଷା ପାଇଁ ଭାଷା ଆନ୍ଦୋଳନର ଅବଦାନକୁ ଓଡିଶାବାସୀ ଭୁଲିପାରିବେ ନାହିଁ ଆଗାମୀ ଦିନରେ ଭାଷା ଆନ୍ଦୋଳନର ଉଦ୍ୟମ ନିଶ୍ଚୟ ଓଡ଼ିଶାର ସମସ୍ତ ଭାଷା ଗୋଟିଏ ରଜ୍ଜୁରେ କେବଳ ଭାଷା ଆନ୍ଦୋଳନ ଓଡିଶା ବାନ୍ଧି ପାରିବ ବୋଲି ସ୍ପଷ୍ଟ ଭାବେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱରାଜ ନାୟକ,ସାଗର ଶତପଥୀ, ଡମ୍ବୁରଧର ହରଣସିଂହ, ଜଗନ୍ନାଥ ପରିଛା, ଅମରେନ୍ଦ୍ର ମହାପାତ୍ର,ରବୀନ୍ଦ୍ର ବିଶ୍ୱାଳ, ହୀରାଲାଲ ନାୟକ ପ୍ରମୁଖ ଯୋଗଦେଇ ମତ ରଖିଥିଲେ । ଭାଷା ଆନ୍ଦୋଳନ ଓଡ଼ିଶାର ଆବାହକ ପବିତ୍ର ମହାରଥା ଭାଷା ଆନ୍ଦୋଳନର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ଭାଷା ଆନ୍ଦୋଳନ ଓଡ଼ିଶାର ଉପ ସଭାପତି ସାରଦା ପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଟ୍ରେନ ଧକ୍କାରେ ଯୁବକ ମୃତ

ବୋଲଗଡ (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ବଲାଙ୍ଗୀର ପୁର୍ବତଟ ରେଳ ଲାଇନ ବୋଲଗଡ-ରୋଳସିଂହ ବ୍ରିଜ ନିକଟରେ ଶନିବାର ଅପରାହ୍ନରେ ଜଣେ ଅଜଣା ଯୁବକଙ୍କର ଖଣ୍ଡ ବିଖଣ୍ଡିତ ଶବ ପଡ଼ିଛି। ଏହି ଦୃଘଟଣାଟି ଦଶପଲ୍ଲା-ଭୁବନେଶ୍ୱର ମେମୁ ଟ୍ରେନ ଧକ୍କାରେ ହୋଇଥିବା ଅନୁମାନ କରଯାଇଛି । ମୃତକଙ୍କ ମୁହଁ ଶରୀର ଅସ୍ପଷ୍ଟ ଥିବାରୁ ମୃତକର ପରିଚୟ ଜଣାପଡିନାହିଁ। ରେଳ ବିଭାଗ ପୁଲିସ ସଂଧ୍ୟା ଯାଏଁ ପହଞ୍ଚିନଥିବାରୁ ପ୍ରାୟ ୧୦୦ ମିଟର ପରିଧି ଶବର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ପଡ଼ି ରହିଛି ।

## ବିଶ୍ୱ ଜଳ ଦିବସ ପାଳିତ




ଭଦ୍ରକ(ଭାସ୍କର ନ୍ୟୁଜ): ପ୍ରକୃତିର ଦାନ ଜଳ ଆମ ପାଇଁ ଏକ ଅମୂଲ୍ୟ ସମ୍ପଦ। ଜଳ ବିନା ଜୀଇଁବା ଅସମ୍ଭବ। ଆମର ଦୈନିନ୍ଦିନ ଜୀବନରେ ଜଳର ବ୍ୟବହାର କେତେ ଅପରିହାର୍ଯ୍ୟ ଆମେ ସମସ୍ତେ ଜାଣୁ। କେବଳ ସେତିକି ନୁହେଁ ଚାଷ କାର୍ଯ୍ୟଠାରୁ ଆରମ୍ଭ କରି କଳ କାରଖାନା, ନିର୍ମାଣ କାର୍ଯ୍ୟ ଆଦି ସମସ୍ତ କ୍ଷେତ୍ର ରେ ଜଳର ଆବଶ୍ୟକ ରହିଛି। ନଦନଦୀ, ଗଡିଆ, ପୋଖରୀ, ସମୁଦ୍ର ଭଳି ପ୍ରକୃତି କୋଳରେ ଅନେକ ଜଳ ଉତ୍ସ ଥିଲେ ବି ଆଜି ଜନ ବିସ୍ଫୋରଣ ହେଉ କି ଦୂଷିତ ପରିବେଶ ପାଇଁ ବର୍ଷାର ଅଭାବ କି ଜଳ ବ୍ୟବହାରର ଦୂରୁପଯୋଗ ଆଦି ବିଭିନ୍ନ କାରଣରୁ ଜଳର ଅଭାବ ପରିଲକ୍ଷିତ ହେଉଛି। ଭୂତଳ ଜଳ ସ୍ତର ଦିନ କ ଦିନ ହ୍ରାସ ହେବାର ଲାଗିଛି। ପୁଣି ସ୍ୱଚ୍ଛ ଜଳ ବିନା ସୁସ୍ଥ ଶରୀର ମଧ ସମ୍ଭବ ନୁହେଁ। ତେଣୁ ନିଜ ଚାହିଦା ମେ□ାଇବା ସହ ଉ□ର ପିଢ଼ୀଙ୍କ ଚାହିଦା ପାଇଁ ଜଳ ସଂରକ୍ଷଣ କରିବା ଏବଂ ସମସ୍ତ ଜଳ ଉତ୍ସକୁ ପ୍ରଦୂଷଣ ମୁକ୍ତ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଏନ୍. ସି. ସି. କାର୍ଯ୍ୟାଳୟ ର ମିଳିତ ଆନୁକୂଲ୍ୟରେ ପାଳିତ ହୋଇଥିବା ବିଶ୍ୱଜଳ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ନିଜ ବକ୍ତବ୍ୟ ଜରିଆରେ ପ୍ରକାଶ କରିଥିଲେ। ପୂର୍ବାହ୍ନ ୧୦ଘଟିକାରେ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ୨(୦) ନାଭାଲ୍ ୟୁନିଟ୍ ଏନ୍.ସି.ସି. ର ବିଦ୍ୟାର୍ଥି ମାନଙ୍କୁ ନେଇ ଏକ ଶୋଭାଯାତ୍ରା ଓ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ପୂର୍ବରୁ ବିଦ୍ୟାର୍ଥି ମାନେ ସାଳନ୍ଦୀ ନଦୀ କୂଳର ସାହାପୁର ଘାଟରେ ସଫେଇ କାର୍ଯ୍ୟକ୍ରମ କରିଥିଲେ। ପାଳନ କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ କୁମାର ସାମଲ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଏନ୍.ସି.ସି. ନାଭାଲ ୟୁନିଟ୍ ର ଯୁବ କମାଣ୍ଡିଂ ଅଧିକାରୀ ସୁଦୀପ କୁମର ସାହୁ ପ୍ରମୁଖଙ୍କ ସହ ଗଣମାଧ୍ୟମ ପ୍ରତିନିଧି ମାନେ ଯୋଗ ଦେଇଥିଲେ। ଏହି ଦିବସ ପାଳନ ଉପଲକ୍ଷେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମଧ ଏକ ସଚେତନତା ବୈଠିକ ଅନୁଷ୍ଠିତ ହୋଇଥିଲା, ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠିକରେ ଜିଲ୍ଲାପାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏନ୍.ସି.ସି କମାଣ୍ଡିଂ ଅଧିକାରୀ, ଆର ଡବ୍ଲ୍ୟୁ ଏସ୍.ଏସ୍.ର ଏସ୍ .ଡି.ଓ ମୁକୁଳ ଚନ୍ଦ୍ର ଦାସ ପ୍ରମୁଖ ଏହି ବୈଠିକରେ ଯୋଗ ଦେଇ ଜଳ ସଂରକ୍ଷଣ ଓ ମୁକ୍ତ ଜଳ ର ଆବଶ୍ୟକତା ଉପରେ ଆଲୋକ ପାତ କରିଥିଲେ।

## ଜିଲ୍ଲାସ୍ତରୀୟ ବିଶ୍ୱ ଜଳ ଦିବସ ପାଳିତ

ବୌଦ୍ଧ (ଭାସ୍କର ନ୍ୟୁଜ): ବୌଦ୍ଧ ଟାଉନ୍ ହଲ୍ ଠାରେ ଜିଲ୍ଲା ପ୍ରଶାସନ ଓ ବୌଦ୍ଧ ଜଳସେଚନ ବିଭାଜନର ମିଳିତ ଆନୁକୁଲ୍ୟରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେର, ଜିଲ୍ଲା ପ୍ରାଣୀ ଧନ ଚିକିତ୍ସା ଅଧିକାରୀ ଡ଼. ରମାରାଓ ପାଲୋ, ଅତିରିକ୍ତ ନିର୍ଦ୍ଦେଶକ, ଉଦ୍ୟାନ ବିଭାଗ ଯୋଗୀନ୍ଦ୍ର କୁମାର ଯୋଗ ଦେଇଥିଲେ । ଚଳିତ ବର୍ଷର ବିଶ୍ୱ ଜଳ ଦିବସର ସ୍ଲୋଗାନ 'ଜଳ ହିଁ ଜୀବନ' ଏହାର ସୁରକ୍ଷା କରନ୍ତୁ' ଜଳ ବହୁଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ ଏବଂ ବିଶ୍ୱ ପାଇଁ ଜଳ ସଂରକ୍ଷଣ କେତେ ଜରୁରୀ, ଜଳର ଅଭାବକୁ ଦୂର କରିବା ପାଇଁ ଜଳ ସଂରକ୍ଷଣ ଜରୁରି । ଆଡିବନ୍ଧ, ଜଳଉତ୍ସ ଆଦି ରେ ଜଳକୁ ସଂରକ୍ଷିତ ରଖିବା, ମହାନଦୀର ଜଳ କୁ ପ୍ରଦୂଷିତ ହେବାକୁ ନ ଦେବା, ଅଳିଆ, ଆବର୍ଜନା, ଅଇଁଠା ବାସନ ସଫା ନ କରିବା, କପଡ଼ା ସଫା ନ କରିବା, ବାସୀ ଖାଦ୍ୟ, ଠାକୁର ଙ୍କ ଫୁଲ ଆଦି ନଦୀ ଜଳରେ ନ ପକାଇବା, ଘରେ ମଧ୍ୟ ପାଣି ଅଯଥା ରେ ନଷ୍ଟ ନ କରିବା ଆଦି ସମ୍ପର୍କରେ ଅତିଥି ମାନେ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ବୌଦ୍ଧ ଜଳ ସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀ ନରେଶ କୁମାର ବାରିକ ସମସ୍ତଙ୍କୁ ସ୍ୱାଗତ କରି ଦିବସର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହି ବୈଠକକୁ ନିର୍ବାହୀ ଯନ୍ତ୍ରୀ, ଉଠା ଜଳ ସେଚନ ବିଭାଗ, ବୌଦ୍ଧ ଇଂ. ଯୋଗେନ୍ଦ୍ର ରଥ ପରିଚାଳନା କରିଥିବା ବେଳେ ଅଧିକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳ ସେଚନ ବିଭାଗ, ବୌଦ୍ଧ ଶ୍ରୀ ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ପାଣି ପଞ୍ଚାୟତର ସଦସ୍ୟ, ସଦସ୍ୟା, ମିଶନ ଶକ୍ତି, ସ୍ୱୟଂ ସହାୟକ ଗୋଷ୍ଠୀ, ତପସ୍ୱିନୀ ପରିବାରର ମାଆ, ଗଣ ମାଧ୍ୟମ ପ୍ରତିନିଧି ମାନେ ଯୋଗ ଦେଇଥିଲେ । ପରେ ପାଣି ପଂଚାୟତ ର ସଦସ୍ୟ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ମାଆ ପୂର୍ଣ୍ଣମାସୀ ପାଲା ଦଳ, ବ୍ରାହ୍ମଣୀ ନାୟିକା - ଦୀପ୍ତି ମିଶ୍ର ଓ ସାଥି -ପାଲା ପରିବେଷଣ କରିଥିବା ବେଳେ ମହାବୀର ଦାସକାଠିଆ ଦଳ, ବଡ଼ମାଲ, ବୌଦ୍ଧ କରୁଣାକର ଓ ସାଥି ଦାସକାଠିଆ ପରିବେଷଣ କରିଥିଲେ । ଏହି ସଚେତନତା ଧର୍ମୀ ପାଲା କୁ ଅତିଥି ମାନେ ଶେଷ ପର୍ଯ୍ୟନ୍ତ ଉପଭୋଗ କରିଥିଲେ ।



ନୂଆଦିଲ୍ଲୀ: ଚର୍ଚ୍ଚାରେ ଦିଲ୍ଲୀ ହାଇକୋର୍ଟର ବିଚାରପତି ଯଶଓ୍ୱନ୍ତ ବର୍ମା। ତାଙ୍କର ସରକାରୀ ବାସଭବନରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ଯେତେବେଳେ ଏହି ଘଟଣା ଘଟିଥିଲା, ସେତେବେଳେ ବିଚାରପତି କୌଣସି କାମରେ ବାହାରକୁ ଯାଇଥିଲେ। ଯେତେବେଳେ ଅଗ୍ନିଶମ ବାହିନୀ ନିଆଁ ଲିଭାଇବାକୁ ପହଞ୍ଚିଥିଲେ, ସେମାନେ କିଛି ଜିନିଷ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ ବାସଭବନରୁ କୋଟି କୋଟି ଟଙ୍କା ଉଦ୍ଧାର କରାଯାଇଥିଲା, ଯାହା ପରେ ସେ ତାଙ୍କ ଟ୍ରାନ୍ସଫର ପାଇଁ ସୁପାରିଶ କରିଥିଲେ। ଆଉ ସୁପ୍ରିମକୋର୍ଟ କଲେଜିୟମ ତାଙ୍କୁ ଆହ୍ଲାବାଦ ହାଇକୋର୍ଟ ପଠାଇବାକୁ ନିଷ୍ପତ୍ତି ନେଇଥିଲେ। ଏହି ବିଷୟ ଏତେ ଚର୍ଚ୍ଚାରେ ଯେ ସମସ୍ତେ ଜାଣିବାକୁ ଚାହୁଁଛନ୍ତି ଜଣେ ହାଇକୋର୍ଟ କର୍ମଚାରୀ କେତେ ଦରମା ପାଆନ୍ତି? ୨୦୧୬ ମସିହାରେ ବିଚାରପତିଙ୍କ ଦରମା ସଂଶୋଧନ କରାଯାଇଥିଲା । ସୁପ୍ରିମକୋର୍ଟ ଏବଂ ହାଇକୋର୍ଟ ମୁଖ୍ୟ ବିଚାରପତି ଏବଂ ବିଚାରପତି ସାମିଲ ଥିଲେ। ଜଣେ ହାଇକୋର୍ଟ ବିଚାରପତିଙ୍କୁ ମାସିକ ୨ ଲକ୍ଷ ୨୫ ହଜାର ଟଙ୍କା ଦରମା ମିଳିଥାଏ । ଏହାବ୍ୟତୀତ ଅନେକ ସୁବିଧା ମିଳିଥାଏ। ଅବସର ପରେ ବିଚାରପତି ମଧ୍ୟ ଭଲ ପେନସନ ପାଆନ୍ତି । ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିମାନେ ବାର୍ଷିକ ୧୩ ଲକ୍ଷ ୫୦ ହଜାର ଟଙ୍କା ପେନସନ ଆକାରରେ ପାଆନ୍ତି। ପେନସନ ବ୍ୟତୀତ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିମାନେ ଗ୍ରାଚ୍ୟୁଇଟି ଭାବରେ ୨୦ ଲକ୍ଷ ଟଙ୍କା ମଧ୍ୟ ପାଇଥାନ୍ତି ।

### ଲଦାଖରେ ଚୀନ୍‌ର ବେଆଇନ ପଦକ୍ଷେପ

## କଡ଼ା ପ୍ରତିବାଦ ଜଣାଇ ଉଚିତ୍ ଜବାବ ଦେଲା ଭାରତ



ନୂଆଦିଲ୍ଲୀ: ଚୀନ୍ ନିଜର ଷଡ଼ଯନ୍ତ୍ରରୁ ପଛକୁ ହଟିବାର କୌଣସି ସଙ୍କେତ ଦେଖାଉନାହିଁ। ସେ ଭାରତ ସୀମାରେ ନିରନ୍ତର ଉତ୍ତେଜନାମୂଳକ କାର୍ଯ୍ୟ ଚଳାଇ ଆସୁଛନ୍ତି। ଏବେ ଏହା ଲଦାଖ ନିକଟବର୍ତ୍ତୀ ସୀମାନ୍ତ ଅଞ୍ଚଳରେ ଦୁଇଟି ନୂତନ ଜିଲ୍ଲା ଗଠନ ଘୋଷଣା କରିଛି। ଭାରତ ଏହି ପଦକ୍ଷେପର କଡ଼ା ବିରୋଧ କରିଛି। କେନ୍ଦ୍ର ସରକାର ଶୁକ୍ରବାର ସଂସଦରେ କହିଛନ୍ତି ଯେ, ଏହି ପ୍ରସଙ୍ଗରେ କୂଟନୈତିକ ମାଧ୍ୟମରେ ଚୀନ୍ ବିରୋଧରେ ଏକ ଆନୁଷ୍ଠାନିକ ପ୍ରତିବାଦ ଦାଖଲ କରାଯାଇଛି। ବୈଦେଶିକ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ ଲୋକସଭାରେ ଲିଖିତ ଭାବରେ ସ୍ପଷ୍ଟ କରିଛନ୍ତି ଯେ, ଭାରତ ସରକାର କେବେ ବି ଭାରତୀୟ ଭୂଖଣ୍ଡରେ ଚୀନର ବେଆଇନ ଦଖଲକୁ ସ୍ୱୀକୃତି ଦେଇନାହାନ୍ତି। ସେ କହିଛନ୍ତି, ଚୀନ୍ ଦ୍ୱାରା ସୃଷ୍ଟି ହୋଇଥିବା ନୂତନ ଜିଲ୍ଲାଗୁଡ଼ିକ ଭାରତର ସାର୍ବଭୌମତ୍ୱ ଉପରେ କୌଣସି ପ୍ରଭାବ ପକାଇବ ନାହିଁ, କିମ୍ବା ଏହା ଚୀନ୍‌ର ବେଆଇନ ଦଖଲକୁ କୌଣସି ଆଇନଗତ ସ୍ୱୀକୃତି ପ୍ରଦାନ କରିବ ନାହିଁ। ସଂସଦରେ ସରକାରଙ୍କୁ ପଚରାଯାଇଥିଲା ଯେ, ଚୀନ୍ ହୋତାନ ପ୍ରଦେଶରେ ଦୁଇଟି ନୂତନ ଜିଲ୍ଲା ସୃଷ୍ଟି କରିଛି ବୋଲି ସରକାର ଜାଣିଛନ୍ତି କି? ଯେଉଁଥିରେ ଭାରତୀୟ ଅଞ୍ଚଳ ଲଦାଖର ଏକ ଅଂଶ ମଧ୍ୟ ଅନ୍ତର୍ଭୁକ୍ତ। ଏହା ସହିତ, ଏହି ପରିସ୍ଥିତିର ମୁକାବିଲା ପାଇଁ ନିଆଯାଇଥିବା ରଣନୈତିକ ଏବଂ କୂଟନୈତିକ ପଦକ୍ଷେପ ବିଷୟରେ ସୂଚନା ମଗାଯାଇଥିଲା। ଏହାର ଉତ୍ତର ଦେଇ ମନ୍ତ୍ରୀ କହିଥିଲେ ଯେ, ସରକାର ଏହି ଘୋଷଣା ବିଷୟରେ ସମ୍ପୂର୍ଣ୍ଣ ଅବଗତ ଏବଂ ସୀମାବର୍ତ୍ତୀ ଅଞ୍ଚଳରେ ଚୀନ୍ ଦ୍ୱାରା କରାଯାଉଥିବା ଭିତ୍ତିଭୂମି ବିକାଶ ଉପରେ କଡ଼ା ନଜର ରଖିଛନ୍ତି। ସେ କହିଥିଲେ ଯେ, ଭାରତ ସରକାର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଭିତ୍ତିଭୂମିର ପ୍ରସାରକୁ ପ୍ରାଥମିକତା ଦେଉଛନ୍ତି, ଯାହା କେବଳ ଏହି କ୍ଷେତ୍ରଗୁଡ଼ିକର ଆର୍ଥିକ ବିକାଶ ସୁନିଶ୍ଚିତ କରିବା ସହ ଭାରତର ରଣନୈତିକ ଏବଂ ସୁରକ୍ଷା ଆବଶ୍ୟକତାକୁ ପୂରଣ କରନ୍ତି। ମନ୍ତ୍ରଣାଳୟ ଅନୁଯାୟୀ, ସୀମାନ୍ତ ଭିତ୍ତିଭୂମି ପାଇଁ ବଜେଟ୍ ୨୦୧୪ ରୁ ୨୦୨୪ ମଧ୍ୟରେ ଯଥେଷ୍ଟ ବୃଦ୍ଧି ପାଇଛି। ଗତ ଦଶନ୍ଧି ମଧ୍ୟରେ ସୀମା ସଡ଼କ ସଂଗଠନର ଖର୍ଚ୍ଚ ତିନି ଗୁଣା ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ, ରାସ୍ତା ନେଟୱାର୍କ, ସେତୁ ଏବଂ ସୁଡ଼ଙ୍ଗ ସଂଖ୍ୟାରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସାର ହୋଇଛି। ସ୍ଥାନୀୟ ସମ୍ପ୍ରଦାୟର ସଂଯୋଗୀକରଣରେ ଉନ୍ନତି ଆସିଛି ଏବଂ ସଶସ୍ତ୍ର ବାହିନୀକୁ ଲଜିଷ୍ଟିକ୍ ସମର୍ଥନକୁ ସୁଦୃଢ଼ କରାଯାଇଛି। ସରକାର ସ୍ପଷ୍ଟ କରିଛନ୍ତି ଯେ, ସରକାର ଭାରତର ସୁରକ୍ଷା ସହିତ ଜଡ଼ିତ ପ୍ରତ୍ୟେକ ଦିଗ ଉପରେ କଡ଼ା ନଜର ରଖିଛନ୍ତି। ଦେଶର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତାକୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସରକାର ପ୍ରତିଶ୍ରୁତିବଦ୍ଧ।

### ଫଡ଼ନାଭିସ୍‌ଙ୍କ ଆକ୍ସନ ପ୍ଲାନ୍ ପ୍ରସ୍ତୁତ

## ନାଗପୁର ହିଂସା କ୍ଷୟକ୍ଷତିର ମୂଲ୍ୟ ଦଙ୍ଗାକାରୀଙ୍କଠୁ ଆଦାୟ ହେବ



ମୁମ୍ବାଇ: ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ସହରର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଶନିବାର ନାଗପୁର ପୋଲିସ ମୁଖ୍ୟାଳୟରେ ଏକ ସମୀକ୍ଷା ବୈଠକ କରିଥିଲେ। ନାଗପୁର ହିଂସା ପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ବିଷୟରେ କହିବାକୁ ଗଲେ, ଫଡନଭିସ କହିଛନ୍ତି ଯେ ସୋସିଆଲ ମିଡିଆରେ ଗୁଜବ ଯୋଗୁଁ ପରିସ୍ଥିତି ଆହୁରି ଖରାପ ହୋଇଛି। ଆମେ ଦଙ୍ଗାକାରୀଙ୍କୁ ଚିହ୍ନଟ କରିଛୁ। ସେମାନଙ୍କୁ କ୍ଷତିପୂରଣ ଦେବାକୁ ବାଧ୍ୟ କରିବୁ। ପୋଲିସକୁ ଟାର୍ଗେଟ କରିଥିବା ଦଙ୍ଗାକାରୀଙ୍କୁ ଏବେ ପରିଣାମ ଭୋଗିବାକୁ ପଡିବ। ସୋସିଆଲ ମିଡିଆରେ ଉତ୍ତେଜନାମୂଳକ ପୋଷ୍ଟ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଯେଉଁମାନେ ଏପରି ପୋଷ୍ଟ କରିବେ ସେମାନଙ୍କୁ ମଧ୍ୟ ଅଭିଯୁକ୍ତ ବୋଲି ବିବେଚନା କରାଯିବ। ଏପର୍ଯ୍ୟନ୍ତ ଆମେ ଏପରି ଅନେକ ପୋଷ୍ଟ ହଟାଇ ଦେଇଛୁ। ଆମେ ଦୋଷୀଙ୍କୁ ଛାଡିବୁ ନାହିଁ। ନାଗପୁର ହିଂସା ସମ୍ପର୍କରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଫଡନାଭିସ୍ କହିଛନ୍ତି ଯେ ପୋଲିସ କର୍ମଚାରୀଙ୍କ ଉପରେ ଆକ୍ରମଣକୁ ବରଦାସ୍ତ କରାଯିବ ନାହିଁ। ଏପରି ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନାଗପୁର ହିଂସାରେ କୌଣସି ବିଦେଶୀ କିମ୍ବା ବାଂଲାଦେଶୀ ଦୃଷ୍ଟିକୋଣ ଥିଲା କି ବୋଲି ପ୍ରଶ୍ନ ଉଠିଛି। ଏବେ ଏହା କହିବା ବହୁତ ଠିକ ହେବ ନାହିଁ। ତଦନ୍ତ ଚାଲିଛି। ସେ କହିଛନ୍ତି ଯେ ମହିଳା ପୋଲିସ କନଷ୍ଟେବଳଙ୍କ ଉପରେ ପଥର ମାଡ଼ କରାଯାଇଥିଲା। ସେ ଏହା ମଧ୍ୟ କହିଛନ୍ତି ଯେ ଦୁଷ୍କର୍ମର ରିପୋର୍ଟ ସତ୍ୟ ନୁହେଁ। ସେ କହିଛନ୍ତି ଯେ ସାମ୍ପ୍ରତିକ ହିଂସା ଯୋଗୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାଗପୁର ଗସ୍ତ ପ୍ରଭାବିତ ହେବ ନାହିଁ। ନାଗପୁର ହିଂସାକୁ ଗୁଇନ୍ଦା ସଂସ୍ଥାର ବିଫଳତା ବୋଲି କହିବା ଭୁଲ। ଏଥିରେ କୌଣସି ରାଜନୈତିକ ଦୃଷ୍ଟିକୋଣ ନାହିଁ।

### ନାଗପୁର ହିଂସାରେ ପ୍ରଥମ ମୃତ୍ୟୁ

ନାଗପୁର ହିଂସାରେ ଆହତ ଇର୍ଫାନ ଅଂସାରୀ (୩୮)ଙ୍କ ଶନିବାର ଚିକିତ୍ସା କାଳରେ ମୃତ୍ୟୁ ହୋଇଛି। ହିଂସାରେ ଇର୍ଫାନ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସହରର ମେୟୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାର୍ଚ୍ଚ ୧୭ରେ ସେ ନାଗପୁର ରେଳଷ୍ଟେସନ ଯାଉଥିବା ବେଳେ ଦଙ୍ଗାକାରୀଙ୍କ ହାବୁଡରେ ପଡିଥିଲେ। ଦଙ୍ଗାକାରୀ ତାଙ୍କୁ ଗୋଡେଇ ଗୋଡେଇ ପିଟିଥିଲେ। ପୋଲିସ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲା। ମୃତ ଅଂସାରୀଙ୍କ ଭାଇ ଇମରାନ ସାନୀ କହିଛନ୍ତି ଆମେ ତାଙ୍କୁ ବଞ୍ଚାଇବାକୁ ବହୁତ ଉଦ୍ୟମ କରିଥିଲୁ। ଡାକ୍ତରମାନେ ସବୁଠୁ ଭଲ ଚିକିତ୍ସା ଯୋଗାଇ ଦେଇଥିଲେ ହେଲେ ଆମେ ତାଙ୍କୁ ବଞ୍ଚାଇ ପାରିଲୁନି। ସାନୀ କହିଛନ୍ତି ଯେ ଆମେ ଏଭଳି କୃତ୍ୟ କରିଥିବା ଲୋକଙ୍କ ବିରୋଧରେ କଡ଼ାରୁ କଡ଼ା ଦଣ୍ଡବିଧାନ ଦାବି କରୁଛୁ, ଯେପରି ଭବିଷ୍ୟତରେ ଏଭଳି ଦୁର୍ଭାଗ୍ୟପୂର୍ଣ୍ଣ ବ୍ୟବହାର କାହା ସହ ନହେଉ।

### ୧୭ ଲକ୍ଷ ହ୍ୱାଟସ୍‌ଆପ୍ ଆକାଉଣ୍ଟ ବ୍ଲକ୍

ନୂଆଦିଲ୍ଲୀ: ଟେଲିକମ ଠକେଇର ମୁକାବିଲା ପାଇଁ ଭାରତ ସରକାର କହିଛନ୍ତି ଯେ, ସଞ୍ଚାର ସାଥୀ ପୋର୍ଟାଲ ମାଧ୍ୟମରେ ଏପର୍ଯ୍ୟନ୍ତ ୩.୪ କୋଟିରୁ ଅଧିକ ମୋବାଇଲ ଫୋନ କନେକ୍ସନ କଟାଯାଇଛି। ୩.୧୯ ଲକ୍ଷ ଆଇଏମ୍‌ଇଆଇ ନଂକୁ ବ୍ଲକ କରାଯାଇଛି। ଏଆଇ ଏବଂ ବଡ଼ ଡାଟା




ସାହାଯ୍ୟରେ ଏହା ୧୬.୯୭ ଲକ୍ଷ ଆକାଉଣ୍ଟକୁ ବ୍ଲକ କରାଯାଇଛି। ଯୋଗାଯୋଗ ଏବଂ ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ପେମାସାନି ଚନ୍ଦ୍ରଶେଖର ରାଜ୍ୟସଭାରେ କହିଛନ୍ତି ସଞ୍ଚାର ସାଥୀ ପଦକ୍ଷେପ ଅଧୀନରେ ୨୦,୦୦୦ରୁ ଅଧିକ ଏସ୍‌ଏମ୍‌ଏସ୍ ପ୍ରେରକଙ୍କୁ ମଧ୍ୟ କଳା ତାଲିକାଭୁକ୍ତ କରାଯାଇଛି। ସଞ୍ଚାର ସାଥୀ ପୋର୍ଟାଲ ମାଧ୍ୟମରେ ସରକାର ନାଗରିକଙ୍କୁ ଚକ୍ଷୁ ସୁବିଧା ଉପରେ ସନ୍ଦିଗ୍ଧ ପ୍ରତାରଣା ମୂଳକ ଯୋଗାଯୋଗ ରିପୋର୍ଟ କରିବାର ସୁବିଧା ପ୍ରଦାନ କରନ୍ତି। ସେ କହିଛନ୍ତି ଯେ ଡିଓଟି ଅନେକ ବିଶ୍ଳେଷଣ କରେ ଏବଂ ଅପବ୍ୟବହାର ହୋଇଥିବା ଟେଲିକମ ସମ୍ବଳ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ। ବ୍ୟକ୍ତିଗତ ଭାବରେ ରିପୋର୍ଟ ହୋଇଥିବା ସନ୍ଦିଗ୍ଧ ଠକେଇ ଯୋଗାଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ସମ୍ବଳର ଅପବ୍ୟବହାର ବିଶ୍ଳେଷଣ ଏବଂ ଧ୍ୟାନ କେନ୍ଦ୍ରିତ କରିବା ପାଇଁ କ୍ରାଉଡସୋର୍ସଡ ଡାଟା ବ୍ୟବହାର କରେ। ସୂଚନା ଅନୁଯାୟୀ, ଟେଲିକମ ସେବା ପ୍ରଦାନକାରୀ ୧୧୫୦ ସଂସ୍ଥା/ବ୍ୟକ୍ତିଙ୍କୁ କଳାତାଲିକାଭୁକ୍ତ କରିଛନ୍ତି ଏବଂ ୧୮.୮ ଲକ୍ଷରୁ ଅଧିକ ସମ୍ବଳ ବିଚ୍ଛିନ୍ନ କରିଛନ୍ତି। କାର୍ଯ୍ୟଗୁଡ଼ିକ ଯୋଗୁଁ ଅଣପଞ୍ଜିକୃତ ଟେଲି ମାର୍କେଟର ବିରୁଦ୍ଧରେ ଅଭିଯୋଗ ହ୍ରାସ ପାଇଛି।

## 'ଛାଭା' ଚଳଚ୍ଚିତ୍ର ଦେଖିଲେ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ



ରାୟପୁର: ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ମରାଠା ଯୁଗର ସ୍ୱର୍ଣ୍ଣିମ ଇତିହାସ ଉପରେ ଆଧାରିତ ଚଳଚ୍ଚିତ୍ର 'ଛାଭା' ଦେଖିବା ପାଇଁ ନଭା ରାୟପୁରର ଆଇପି କ୍ଲବର ମିନି ଥିଏଟରରେ ପହଞ୍ଚିଥିଲେ। ଏହି ଚଳଚ୍ଚିତ୍ରଟି ସାହସୀ ଜାତୀୟ ନେତା ଛତ୍ରପତି ଶିବାଜୀ ମହାରାଜଙ୍କ ବୀର ପୁତ୍ର ସମ୍ଭାଜୀ ମହାରାଜଙ୍କ ଜୀବନ, ସଂଘର୍ଷ ଏବଂ ବଳିଦାନ ଉପରେ ଆଧାରିତ। ଚଳଚ୍ଚିତ୍ର ପ୍ରଦର୍ଶନ ପରେ ଗଣମାଧ୍ୟମ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସାଏ କହିଛନ୍ତି ଯେ ସମ୍ଭାଜୀ ମହାରାଜ ଦେଶ, ଧର୍ମ ଏବଂ ସଂସ୍କୃତିର ସୁରକ୍ଷା ପାଇଁ ସର୍ବସ୍ୱ ତ୍ୟାଗ କରିଥିଲେ। କଠିନ ନିର୍ଯାତନା ଏବଂ କଷ୍ଟକର ପରିସ୍ଥିତିରେ ମଧ୍ୟ ସେ ତାଙ୍କ ନୀତି ସହିତ ସାଲିସ କରି ନଥିଲେ। 'ଛାଭା' ଚଳଚ୍ଚିତ୍ରଟି ତାଙ୍କ ଆଶ୍ଚର୍ଯ୍ୟଜନକ ଜୀବନ ଏବଂ ତ୍ୟାଗକୁ ବହୁତ ଜୀବନ୍ତ ଏବଂ ପ୍ରଭାବଶାଳୀ ଢଙ୍ଗରେ ଉପସ୍ଥାପନ କରିଛି। ମୁଖ୍ୟମନ୍ତ୍ରୀ ସାଏ ଏହା ମଧ୍ୟ ସୂଚନା ଦେଇଛନ୍ତି ଯେ ଛତିଶଗଡ଼ ସରକାର ରାଜ୍ୟରେ 'ଛାଭା' ଚଳଚ୍ଚିତ୍ରକୁ କରମୁକ୍ତ କରିଛନ୍ତି ଯାହା ଦ୍ୱାରା ଅଧିକରୁ ଅଧିକ ଲୋକ ଏହି ପ୍ରେରଣା ଦାୟକ ଇତିହାସ ବିଷୟରେ ସଚେତନ ହୋଇପାରିବେ। ଏହି ଅବସରରେ, ରାଜ୍ୟ ବନମନ୍ତ୍ରୀ କେଦାର କଶ୍ୟପ, ବିଧାୟକ ଅନୁଜ ଶର୍ମା ଏବଂ ସମ୍ପତ ଅଗ୍ରୱାଲ ମଧ୍ୟ ଉପସ୍ଥିତ ଥିଲେ ଏବଂ ଚଳଚ୍ଚିତ୍ର ମାଧ୍ୟମରେ ଦେଶପ୍ରେମର ଏହି ଗୌରବମୟ ଗାଥାକୁ ଦେଖିଥିଲେ। ଏହା ଉଲ୍ଲେଖନୀୟ ଯେ ଫିଲ୍ମରେ ମରାଠା-ମୋଗଲ ବିବାଦ ଏବଂ ଭାରତର ଇତିହାସକୁ ଏକ ନୂତନ ଦୃଷ୍ଟିକୋଣରୁ ଚିତ୍ରଣ କରାଯାଇଛି।

## ୫.୩ ନିୟୁତ ପ୍ରବାସୀଙ୍କୁ ଆମେରିକା ଛାଡିବାକୁ ଟ୍ରମ୍ପଙ୍କ ନିର୍ଦ୍ଦେଶ



ୱାଶିଂଟନ: ଆମେରିକାର ପ୍ରବାସ ନୀତି ସମ୍ପର୍କରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଏକ ବଡ଼ ନିଷ୍ପତ୍ତି ନେଇଛି। ଯାହା ଦ୍ୱାରା ୪ ଦେଶର ନାଗରିକଙ୍କୁ ଏବେ ଆମରେିକା ଛାଡିବାକୁ ପଡ଼ିବ। କ୍ୟୁବା, ହାଇତି, ନିକାରାଗୁଆ ଏବଂ ଭେନେଜୁଏଲାର ଆଦି ୪ ଦେଶର ୫.୩ ଲକ୍ଷ ପ୍ରବାସୀଙ୍କର ଆଇନଗତ ସୁରକ୍ଷା ଶେଷ ହୋଇଛି। ଏହି ନିଷ୍ପତ୍ତି ଅନୁଯାୟୀ, ଏହି ପ୍ରବାସୀମାନଙ୍କୁ ଆଗାମୀ ଗୋଟିଏ ମାସ ମଧ୍ୟରେ ଆମେରିକା ଛାଡ଼ିବାକୁ ପଡ଼ିବ। ଗୃହ ସୁରକ୍ଷା ବିଭାଗ ଅନୁଯାୟୀ, ଏହି ଦେଶଗୁଡ଼ିକର ପ୍ରବାସୀ ଯେଉଁମାନେ ଅକ୍ଟୋବର ୨୦୨୨ରେ ଆର୍ଥିକ ପ୍ରାୟୋଜକଙ୍କ ସହିତ ଆମେରିକାରେ ପ୍ରବେଶ କରିଥିଲେ। ସେମାନଙ୍କର ପାରୋଲ ସ୍ଥିତି ବର୍ତ୍ତମାନ ସମାପ୍ତ ହୋଇଯିବ। ପୂର୍ବରୁ ସେମାନଙ୍କୁ ଆମେରିକାରେ ରହିବା ଏବଂ କାମ କରିବା ପାଇଁ ଦୁଇ ବର୍ଷର ଅନୁମତି ଦିଆଯାଇଥିଲା, । ଯାହା ଆଉ ଆଇନଗତ ହେବ ନାହିଁ। ଏହି ପଦକ୍ଷେପ ବେଆଇନ ପ୍ରବାସୀମାନଙ୍କ ପାଇଁ କଠୋର ହେବାକୁ ଯାଉଛି। ମାନବିକ ପାରୋଲ ବ୍ୟବସ୍ଥା ହେଉଛି ଏକ ଆଇନଗତ ପ୍ରକ୍ରିୟା ଯାହା ଯୁଦ୍ଧ କିମ୍ବା ରାଜନୈତିକ ଅସ୍ଥିରତା ଅନୁଭବ କରୁଥିବା ଦେଶର ନାଗରିକମାନଙ୍କୁ ଅସ୍ଥାୟୀ ଭାବରେ ଯୁକ୍ତରାଷ୍ଟ୍ରରେ ପ୍ରବେଶ ଏବଂ ବାସ କରିବାକୁ ଅନୁମତି ଦେବା ପାଇଁ ବ୍ୟବହୃତ ହୁଏ। ରାଷ୍ଟ୍ରପତି ଜୋ ବାଇଡେନଙ୍କ କାର୍ଯ୍ୟକାଳ ସମୟରେ, କ୍ୟୁବା, ହାଇତି, ନିକାରାଗୁଆ ଏବଂ ଭେନେଜୁଏଲାର ନାଗରିକମାନଙ୍କୁ ଏହି ନୀତି ଅନୁଯାୟୀ ଆମେରିକା ଆସିବାକୁ ଅନୁମତି ଦିଆଯାଇଥିଲା। ତଥାପି, ଏହି ବ୍ୟବସ୍ଥାର ଅପବ୍ୟବହାର ଅଭିଯୋଗ ଆଣି ଟ୍ରମ୍ପ ପ୍ରଶାସନ ଏହି ବ୍ୟବସ୍ଥାକୁ ସମାପ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳସ୍ୱରୂପ, ଏହି ପ୍ରକ୍ରିୟାର ଅଧୀନରେ ଥିବା ଲୋକମାନଙ୍କୁ ଏପ୍ରିଲ ୨୪ ପରେ ଆମେରିକା ଛାଡିବାକୁ କୁହାଯାଇଛି। ଯାହା ଫଳରେ ବଡ଼ ଧରଣର ନିର୍ବାସନର ଆଶଙ୍କା ବୃଦ୍ଧି ପାଇଛି।

# ବାଣିଜ୍ୟ



ମୁମ୍ବାଇ: ରିଲାଏନ୍ସ କ୍ୟାପିଟାଲକୁ ଅଧିଗ୍ରହଣ କରିବା ପରେ ଇଣ୍ଡସିଇଣ୍ଡ ଇଣ୍ଟରନ୍ୟାସନାଲ ହୋଲ୍ଡିଂସର ଅଧ୍ୟକ୍ଷ ଅଶୋକ ହିନ୍ଦୁଜା କହିଛନ୍ତି ଯେ ୨୦୩୦ ସୁଦ୍ଧା କମ୍ପାନୀ ୫୦ ବିଲିୟନ ଡଲାର ମୂଲ୍ୟ (ଭାଲୁଏସନ) ହାସଲ କରିବାକୁ ଲକ୍ଷ୍ୟ ରଖିଛି। ତିନି ବର୍ଷର ଲମ୍ବା ରିଜଲ୍ୟୁସନ ପ୍ରକ୍ରିୟା ପରେ ରିଲାଏନ୍ସ କ୍ୟାପିଟାଲକୁ ଆଇଆଇଏଚଏଲ ଅଧିଗ୍ରହଣ କରିଥିବା ସେ କହିଛନ୍ତି। ଇଣ୍ଡସଇଣ୍ଡ ଇଣ୍ଟରନ୍ୟାସନାଲ ହୋଲଡିଂସ ଲିମିଟେଡ (ଆଇଆଇଏଚଏଲ) ବିଡ ମୂଲ୍ୟକୁ ଏକ ଏକ୍ସକ୍ରୋ ଖାତାରେ ଜମା କରିଛି ଏବଂ ପ୍ରଶାସକଙ୍କଠାରୁ କମ୍ପାନିର ପରିଚାଳନା ହସ୍ତାନ୍ତର ବୁଧବାର କରାଯାଇଛି। ମରିସସ ସ୍ଥିତ ସଂସ୍ଥା ଆଇଆଇଏଚ୍ଏଲ୍ ରିଲାଏନ୍ସ କ୍ୟାପିଟାଲର ରିଜଲ୍ୟୁସନ ପାଇଁ ୯୬୫୦ କୋଟି ଟଙ୍କାର ବିଡ୍ ଦାଖଲ କରି ସଫଳତା ହାସଲ କରିଛି। ପରବର୍ତ୍ତୀ ସମୟରେ କଂପାନି ରିଲାଏନ୍ସ ଜେନେରାଲ ଇନସ୍ୟୁରାନ୍ସ ସଲଭେନ୍ସି ବୃଦ୍ଧି ପାଇଁ ୨୦୦ କୋଟି ଟଙ୍କା ଦେଇଥିଲା ଯାହା ବିଡ୍ ରାଶି ଠାରୁ ଅଧିକ ଥିଲା। ଶ୍ରୀ ହିନ୍ଦୁଜା କହିଛନ୍ତି ଯେ, 'ଆମ ପକ୍ଷରୁ ପ୍ରକ୍ରିୟା ସମା ପ୍ତ ହୋଇଛି। ଆମେ ଏହି ଡିଲ୍ ପାଇଁ ତିନି ବର୍ଷ ଧରି କାମ କରିଛୁ। ଗତ ବର୍ଷ ଆଇଆଇଏଚଏଲ ଭାରତୀୟ ରିଜର୍ଭ ବ୍ୟାଙ୍କ, ଭାରତୀୟ ବୀମା ନିୟାମକ ଓ ବିକାଶ କର୍ତ୍ତୃପକ୍ଷ ଏବଂ ଷ୍ଟକ୍ ଓ କମୋଡିଟି ଏକ୍ସଚେଞ୍ଜଗୁଡ଼ିକର ଅନୁମୋଦନ ହାସଲ କରିଥିଲା। କେନ୍ଦ୍ରୀୟ ବ୍ୟାଙ୍କ ନାଗେଶ୍ୱର ରାଓ ୱାଇଙ୍କୁ ପ୍ରଶାସକ ଭାବରେ ନିଯୁକ୍ତ କରିଥିଲେ, ଯିଏ ପରବର୍ତ୍ତୀ ସମୟରେ ୨୦୨୧ ଡିସେମ୍ବରରେ କମ୍ପାନିର ଅଧିଗ୍ରହଣ ପାଇଁ ବିଡ୍ ଆମନ୍ତ୍ରଣ କରିଥିଲେ।

### ପତଞ୍ଜଳି ଗବେଷଣାରେ ନାବାର୍ଡ ପ୍ରତିନିଧିଙ୍କ ଦିନିକିଆ ଗସ୍ତ

## ଉତ୍ତରାଖଣ୍ଡ ଦେଶ ପାଇଁ ଏକ ମଡ଼େଲ ଭାବେ ଉଭା ହେବ: ଆଚାର୍ଯ୍ୟ ବାଳକୃଷ୍ଣ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ, ରାଜ୍ୟ ସମବାୟ ବ୍ୟାଙ୍କ ଏବଂ ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପାଇଁ ସର୍ବୋଚ୍ଚ ପର୍ଯ୍ୟବେକ୍ଷକ ସଂସ୍ଥା ଭାବରେ ଭାରତର ସର୍ବୋଚ୍ଚ 'ଜାତୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ' (ନାବାର୍ଡ) ଦ୍ୱାରା ପ୍ରାୟୋଜିତ ଏକଦିନିଆ କାର୍ଯ୍ୟକ୍ରମ ପତଞ୍ଜଳି ଗବେଷଣା ଫାଉଣ୍ଡେସନର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଗ୍ରାମାଞ୍ଚଳରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକଳାପରେ ନିବେଶ ଏବଂ ସମାନ କୃଷିକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦେଇଥିଲା। କାର୍ଯ୍ୟକ୍ରମଟି ଯଜ୍ଞ ସହିତ ଆରମ୍ଭ ହୋଇଥିଲା। ପୂଜ୍ୟ ବାଳକୃଷ୍ଣ ଅତିଥିମାନଙ୍କୁ ଶାଲ, ମାଳ ଏବଂ ସ୍ମାରକୀ ପ୍ରଦାନ କରି ସ୍ୱାଗତ କରିଥିଲେ। ନାବାର୍ଡ଼ର ପ୍ରତିନିଧି ଏବଂ ବିଶେଷଜ୍ଞମାନେ କାର୍ଯ୍ୟକ୍ରମରେ ସାମୂହିକ ଭାବରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପୂଜ୍ୟ ଆୟୁର୍ବେଦ ଶିରୋମଣି ଆଚାର୍ଯ୍ୟ ବାଳକୃଷ୍ଣ ଜୀ କହିଥିଲେ ଯେ ଗ୍ରାମୀଣ ଉଦ୍ୟୋଗର ବିକାଶ ପାଇଁ ନାବାର୍ଡ଼ ଦେଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ। ପତଞ୍ଜଳିର ଭବିଷ୍ୟତ ଯୋଜନା ଉପରେ ଆଲୋକପାତ କରି ସେ କହିଥିଲେ ଯେ କୃଷିକ୍ଷେତ୍ରରେ ପତଞ୍ଜଳିର କାର୍ଯ୍ୟ

PATANJALI

ଯୋଜନାରେ ଚାଷୀଙ୍କ ଆୟ ବୃଦ୍ଧି, ଜୈବିକ କୃଷିକୁ ପ୍ରୋତ୍ସାହିତ କରିବା ଏବଂ ପ୍ରାକୃତିକ କୃଷି ପଦ୍ଧତି ଗ୍ରହଣ କରିବା ଅନ୍ତର୍ଭୁକ୍ତ। ପତଞ୍ଜଳି ଜୈବିକ ଗବେଷଣା ପ୍ରତିଷ୍ଠାନ ଏକ ମୃତ୍ତିକା ପରୀକ୍ଷା କିଟ୍ (ଡିକେଡି) ମଧ୍ୟ ବିକଶିତ କରିଛି ଯାହା ମାତ୍ର ୨୦ ମିନିଟରେ ପିଏଚ୍, ନାଇଟ୍ରୋଜେନ୍, ଜୈବିକ କାର୍ବନ, ଫସଫରସ୍, ପୋଟାସିୟମ୍ ଭଳି କୃଷି ପାରାମିଟର ନିର୍ଣ୍ଣୟ କରେ। ନାବାର୍ଡ଼ର ଅଧ୍ୟକ୍ଷ କହିଛନ୍ତି ଯେ ସରକାରୀ ପ୍ରୟାସ ଏବଂ କାର୍ଯ୍ୟକଳାପର ଫଳସ୍ୱରୂପ, ନାବାର୍ଡ଼ର ସହଯୋଗ ପତଞ୍ଜଳି ସହିତ ରହିଛି। ପତଞ୍ଜଳି ଏବଂ ନାବାର୍ଡ଼ ମିଳିତ ଭାବରେ ପ୍ରଭାବଶାଳୀ ଭାବରେ ସୃଜନଶୀଳ କାର୍ଯ୍ୟ କରିପାରିବେ। ଏହି କାର୍ଯ୍ୟକ୍ରମ ଏକ ବଡ଼ ଲକ୍ଷ୍ୟ ଆଡ଼କୁ ଆଗେଇ ଯିବାପାଇଁ। ମାଇକ୍ରୋ ଫାଇନାନ୍ସ କ୍ଷେତ୍ରରେ ନାବାର୍ଡ଼ ସର୍ବଦା ପ୍ରମୁଖ ଭାରତୀୟ ପ୍ରତିଷ୍ଠାନ ଭାବରେ ପ୍ରସ୍ତୁତ। ନାବାର୍ଡ଼ ପ୍ରତିନିଧି ସୁମନ କୁମାର କହିଛନ୍ତି ଯେ ଏହି ଅନୁଷ୍ଠାନ ଗ୍ରାମାଞ୍ଚଳରେ କୃଷି, କ୍ଷୁଦ୍ର ଶିଳ୍ପ, ହସ୍ତଶିଳ୍ପ, ଗ୍ରାମୋଦ୍ୟୋଗ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଆର୍ଥିକ କାର୍ଯ୍ୟକଳାପର ବିକାଶ ଏବଂ ପ୍ରୋତ୍ସାହନ ପାଇଁ ଋଣ ପ୍ରଦାନ କରେ। ଭାରୁଆ କୃଷି ବିଜ୍ଞାନର କବିନ୍ଦ୍ର ସିଂହ 'ଜାତୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ'ର କାର୍ଯ୍ୟ ବିଷୟରେ ଉଲ୍ଲେଖ କରି କହିଥିଲେ ଯେ ନାବାର୍ଡ଼ ଏହାର ଲାଭକୁ ବିକାଶ କାର୍ଯ୍ୟରେ ବ୍ୟବହାର କରେ, ଯାହାଫଳରେ ନାବାର୍ଡ଼ ଗ୍ରାମୀଣ ସମ୍ପ୍ରଦାୟ ସହିତ ଏକ ଦୃଢ଼ ବିଶ୍ୱାସ ପୁଞ୍ଜି ସୃଷ୍ଟି କରିଛି। ପତଞ୍ଜଳି ଗବେଷଣାର ମୁଖ୍ୟ ଡକ୍ଟର ବେଦପ୍ରିୟା ଆର୍ଯ୍ୟ 'ଜାତୀୟ ବୃତ୍ତିଗତ ଶିକ୍ଷା ଏବଂ ତାଲିମ ପରିଷଦ' ବିଷୟରେ କହିଥିଲେ, ଏହା ଏକ ସଂସ୍ଥା ଯାହା ବୈଷୟିକ, ବୃତ୍ତିଗତ ଶିକ୍ଷା ଏବଂ ତାଲିମ (ଟିଭିଇଟି) କ୍ଷେତ୍ରରେ ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟ କରେ, ଏବଂଳ ଏନ୍‌ଆରଓ (ଅଣ-ନିବାସୀ ସାଧାରଣ) ଏବଂ ଔଷଧୀୟ ଉଦ୍ଭିଦ ବିଷୟରେ ସୂଚନା ମଧ୍ୟ ବାଣ୍ଟିଥିଲେ। ନାବାର୍ଡ଼ ପ୍ରତିନିଧିଙ୍କ ମଧ୍ୟରେ ପଙ୍କଜ ଯାଦବ, ସୁମନ କୁମାର, ଭୂପେନ୍ଦ୍ର କୁମାଓ୍ୱତ, ଗୁରବିନ୍ଦର ସିଂହ ଆହୁଜା, ଶୋଭନା ସିଂହ, ପୂଜା, ହିମାଂଶୁ ଫରଟ୍ୟାଲ ଇତ୍ୟାଦି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଆଚାର୍ଯ୍ୟ ବାଳକୃଷ୍ଣ ଜୀ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ନିପ୍ପନ ଇଣ୍ଡିଆ ମ୍ୟୁଚୁଆଲ ଫଣ୍ଡ ସତ୍ୟନଗର, ଭୁବନେଶ୍ୱରରେ ତାହାର ରିଜିଓନାଲ ଅଫିସ୍, ଅମିତ୍ ତ୍ରିପାଠୀ, ସିଆଇଓ-ଫିକ୍ସଡ ଇନକମ୍ ଏବଂ ସୌଗତ ଚାଟାର୍ଜୀ, ଚିଫ୍ ବିଜ୍‌ନେସ୍ ଅଫିସରଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଛି।

## ଟିପିଏସ୍‌ଓଡିଏଲ୍ ପକ୍ଷରୁ ଯୋଡ଼ିଙ୍ଗା ପିଏସ୍‌ଏସ୍ କାର୍ଯ୍ୟକ୍ଷମ



ବ୍ରହ୍ମପୁର(ଭାସ୍କର ନ୍ୟୁଜ): ଟାଟା ପାଓ୍ୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ ପକ୍ଷରୁ ନବରଙ୍ଗପୁର ଜିଲ୍ଲାର ଯୋଡ଼ିଙ୍ଗାଠାରେ ଏକ ନୂତନ ପ୍ରାଇମେରୀ ସବଷ୍ଟେସନ (ପିଏସଏସ୍) କାର୍ଯ୍ୟକ୍ଷମ ହୋଇଛି। ଏହା ରାଇଘର ଏବଂ ଆଖପାଖ ଅଞ୍ଚଳରେ ଭରସାଯୋଗ୍ୟ ବିଜୁଳି ସେବାକୁ ସୁଦୃଢ଼ କରିବ। ଦୁଇଟି ୫ ଏମଭିଏ କ୍ଷମତା ବିଶିଷ୍ଟ ଟ୍ରାନ୍ସଫର୍ମର ଥିବା ଏହି ସବଷ୍ଟେସନ କାର୍ଯ୍ୟକ୍ଷମ ହେବା ପରେ ବର୍ତ୍ତମାନ ରାଇଘର ପିଏସଏସ ଉପରେ ଥିବା ଲୋଡ୍ ହ୍ରାସ ପାଇବ। ଯାହା ଫଳରେ ୭,୫୦୦ ରୁ ଊର୍ଦ୍ଧ୍ୱ ଉପଭୋକ୍ତା ଗୁଣାତ୍ମକ ବିଜୁଳି ସେବା ଦ୍ୱାରା ଉପକୃତ ହୋଇପାରିବେ। ଏହାସହ ତୁରୁଡି ଏବଂ ପ୍ରାଚୀପଡ଼ାରେ ଦୁଇଟି ୧୧ କେଭି ଫିଡର୍ କାର୍ଯ୍ୟକ୍ଷମ ହେବା ପରେ ସ୍ଥାନୀୟ ଅଞ୍ଚଳର ଲୋକେ ଉନ୍ନତ ମାନର ବିଦ୍ୟୁତ ସେବା ପାଇବେ। ତୁରୁଡି ଫିଡର ବର୍ତ୍ତମାନ ପ୍ରାୟ ୪ ହଜାର ଉପଭୋକ୍ତାଙ୍କୁ ସେବା ଯୋଗାଉଥିବା ବେଳେ ପ୍ରାଚୀପଡ଼ା ଫିଡର ୩୫୦୦ରୁ ଅଧିକ ଉପଭୋକ୍ତାଙ୍କୁ ବିଜୁଳି ସେବା ପ୍ରଦାନ କରୁଅଛି। ଭୋଲଟେଜ ସମସ୍ୟା ଦୂର ହେବା ସହ ଘରୋଇ ଉପଭୋକ୍ତା, ବ୍ୟବସାୟୀ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନକୁ ଭରସାଯୋଗ୍ୟ ଏବଂ ଉନ୍ନତ ମାନର ବିଜୁଳି ଯୋଗାଣ ସମ୍ଭବ ହୋଇପାରିଛି। ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, 'ନୂତନ ଭାବେ ସ୍ଥାପିତ ଯୋଡିଙ୍ଗା ପିଏସଏସ୍ ବିଦ୍ୟୁତ ଯୋଗାଣରେ ଥିବା ସବୁ ପ୍ରତିବନ୍ଧକକୁ ଦୂର କରିବ ଏବଂ ରାଇଘର ଅଞ୍ଚଳର ଉପଭୋକ୍ତାଙ୍କୁ ଗୁଣାତ୍ମକ ସେବା ମିଳିବ। ଏହି ପଦକ୍ଷେପ ଯୋଗୁଁ ଉନ୍ନତ ବିଜୁଳି ସେବା ସୁନିଶ୍ଚିତ ହୋଇପାରିଛି ଏବଂ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ କରିବା ଦିଗରେ ଆମେ ପ୍ରତିବଦ୍ଧ ରହି ଆସିଛୁ।

## 'ନୂଆ ସମୟ, ନୂତନ ଟ୍ରେଣ୍ଡ୍ସ' ଅଭିଯାନ ଆରମ୍ଭ




ବେଙ୍ଗାଲୁରୁ: ରିଲାଏନ୍ସ ଟ୍ରେଣ୍ଡ୍ସ ବଜାରରେ ଏହାର ନୂତନ ଗ୍ରୀଷ୍ମକାଳୀନ ତଥା ଅକେଜନ ପୋଷାକ କଲେକ୍ସନ ଶୁଭାରମ୍ଭ କରିଛି। କମ୍ପାନୀ 'ନୂଆ ସମୟ, ନୂତନ ଟ୍ରେଣ୍ଡ୍ସ' ଅଭିଯାନର ଶୁଭାରମ୍ଭ ସୁପରଷ୍ଟାର ମହେଶ ବାବୁ ଏବଂ ତାଙ୍କ ଝିଅ ସୀତାରା ସହିତ କରିଛି। ଗ୍ରୀଷ୍ମ ଛୁଟିରେ ଯାତ୍ରା ସହିତ ଫ୍ୟାଶନର ଆବଶ୍ୟକତାକୁ ଧ୍ୟାନରେ ରଖି ଏହି ନୂତନ ସମ୍ଭାରର ଶୁଭାରମ୍ଭ କରାଯାଇଛି। ଏହି ସମ୍ଭାର ବା କଲେକ୍ସନ ମହେଶ ବାବୁ ଏବଂ ତାଙ୍କ ଝିଅ ସୀତାରାଙ୍କ ଫିଲ୍ମ ସହିତ ଆରମ୍ଭ ହୋଇଛି, ଯେଉଁଥିରେ ଉଭୟ ତାରକା ଆକର୍ଷଣୀୟ କାଜୁଆଲ ପୋଷାକଠାରୁ ଆରମ୍ଭ କରି ଓ୍ୱେଷ୍ଟର୍ଣ୍ଣ ଏବଂ ପାର୍ଟି ଏଥନିକ ପୋଷାକ ପିନ୍ଧିଥିବା ଦେଖାଯାଇଛି। ରିଲାଏନ୍ସ ଟ୍ରେଣ୍ଡସର ନୂତନ ସମ୍ଭାର ଗ୍ରାହକମାନଙ୍କୁ ଏପରି ଏକ ଦୁନିଆକୁ ନେଇଯିବ ଯେଉଁଠାରେ ପରମ୍ପରା ଏବଂ ଆଧୁନିକତା ଏକାଠି ଚାଲିଥାଏ। ଏହି ସମ୍ଭାରରେ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ସହିତ ଟ୍ରେଣ୍ଡି ଡିଜାଇନ୍ ଏବଂ ଫ୍ୟାଶନର ଅପୂର୍ବ ଝଲକ ପ୍ରତିଫଳିତ ହୋଇଛି। ଯଦିଓ ଏହି ନୂତନ ସମ୍ଭାର ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି ଡିଜାଇନ୍ କରାଯାଇଛି, ରିଲାଏନ୍ସ ଟ୍ରେଣ୍ଡ୍ସରେ ବର୍ଷସାରା ଏବଂ ପ୍ରତ୍ୟେକ ଅବସର ଓ ଋତୁ ପାଇଁ ବିଶାଳ ସମ୍ଭାର ଉପଲବ୍ଧ ହୋଇଥାଏ। ଉତ୍ସବକାଳୀନ ପୋଷାକ ହେଉ, କାଜୁଆଲ୍ ପୋଷାକ ହେଉ କିମ୍ବା ଟ୍ରେଣ୍ଡି ପୋଷାକ, ରିଲାଏନ୍ସ ଟ୍ରେଣ୍ଡ୍ସରେ ସମସ୍ତଙ୍କ ପାଇଁ କିଛି ନା କିଛି ନିଶ୍ଚୟ ରହିଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ 'ଏହି ସିଜନରେ, ରିଲାଏନ୍ସ ଟ୍ରେଣ୍ଡ୍ସ ଏହାର ସବୁଠାରୁ ନୂତନତମ କଲେକ୍ସନ ପ୍ରସ୍ତୁତ କରିଛି, ଯେଉଁଥିରେ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଶୈଳୀ ଓ ଷ୍ଟାଇଲ ଆକର୍ଷଣୀୟ ମୂଲ୍ୟରେ ଉପଲବ୍ଧ। ନୂତନ ରେ କେବଳ ଟ୍ରେଣ୍ଡରେ ରହିଛି ତା ନୁହେଁ ବରଂ ଏହା ନୂଆ ଟ୍ରେଣ୍ଡ ତିଆରି କରିଛି।

## ମାସିକ ବିଦ୍ୟୁତ୍ କିଣା ଖର୍ଚ୍ଚ ୩୭୫ କୋଟି ଟଙ୍କା: ଟିପିଡବ୍ଲ୍ୟୁଓଡିଏଲ୍

ବୁର୍ଲା(ଭାସ୍କର ନ୍ୟୁଜ୍): ବିଦ୍ୟୁତ୍ ଭିତ୍ତିଭୂମିର ନିରନ୍ତର ଉନ୍ନତିକରଣ ତଥା ପଶ୍ଚିମ ଓଡ଼ିଶାର ଜନସାଧାରଣଙ୍କୁ ନିରବଚ୍ଛିନ୍ନ ଓ ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବା ଯୋଗାଇ ଦେବା ଦିଗରେ ସଦାସର୍ବଦା ଚେଷ୍ଟିତ ରହିଅଛି ଟିପି ଓ୍ୱେଷ୍ଟର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଡବ୍ଲ୍ୟୁଓଡିଏଲ୍) । ମାତ୍ର ଏହି ଉନ୍ନତିକରଣ କାର୍ଯ୍ୟ ତଥା ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ପାଇଁ ବିଦ୍ୟୁତ୍ ଗ୍ରାହକଙ୍କ ସହଯୋଗ ମଧ୍ୟ ଆବଶ୍ୟକ ରହିଛି ଏବଂ ଏହା କେବଳ ବିଦ୍ୟୁତ୍ ଗ୍ରାହକଙ୍କ ନିୟମିତ ମାସିକ ବିଦ୍ୟୁତ୍ ବିଲ୍ ପୈଠ ଦ୍ୱାରା ହିଁ ସମ୍ଭବ ହୋଇପାରିବ । ଏଠାରେ ଆମେ ସମସ୍ତ ବିଦ୍ୟୁତ୍ ଗ୍ରାହକ ତଥା ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁଅଛୁ ଯେ, ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇଁ କମ୍ପାନୀ ପ୍ରତ୍ୟେକ ମାସରେ ଗ୍ରୀଡ଼କୋ ଠାରୁ ହାରାହାରି ୩୭୫ କୋଟି ଟଙ୍କାର ବିଦ୍ୟୁତ୍ ଶକ୍ତି କ୍ରୟ କରି ପଶ୍ଚିମ ଓଡ଼ିଶାର ୯ ଗୋଟି ଜିଲ୍ଲାରେ ଗ୍ରାହକଙ୍କ ମଧ୍ୟରେ ବିତରଣ କରିଥାଏ । ଏହି ଅର୍ଥରାଶି ପ୍ରତ୍ୟେକ ମାସରେ ଗ୍ରୀଡ଼କୋକୁ ଅଗ୍ରୀମ ଭାବେ ପ୍ରଦାନ କରିବାକୁ ପଡ଼ିଥାଏ । ଏତଦ୍ ବ୍ୟତୀତ କମ୍ପାନୀରେ ପ୍ରତ୍ୟକ୍ଷ ଭାବେ କର୍ମରତ ଥିବା ୩୩୩୫ ଜଣ କର୍ମଚାରୀଙ୍କ ମାସିକ ବେତନ ପ୍ରତ୍ୟେକ ମାସର ଶେଷ ତାରିଖ ସୁଦ୍ଧା ପ୍ରଦାନ କରାଯାଇଥାଏ । ସେହିପରି ୪୩୧୫ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ୍ ମଧ୍ୟ ପ୍ରତ୍ୟେକ ମାସର ପ୍ରଥମ ତାରିଖରେ ପ୍ରଦାନ କରାଯାଇଥାଏ । ଏହି ସମସ୍ତ ଖର୍ଚ୍ଚ ଭରଣା କରିବା ପରେ ମଧ୍ୟ କମ୍ପାନୀ ଏହାର ସାମାଜିକ ଦାୟିତ୍ୱବୋଧକୁ ପ୍ରତିପାଦନ କରିଥାଏ । ମାନ୍ୟବର ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି)ଙ୍କ ଦ୍ୱାରା ପ୍ରଦତ୍ତ ନିର୍ଦ୍ଦେଶନାମା ମୁତାବକ ଗ୍ରାହକମାନଙ୍କୁ ରିହାତି ଏବଂ କୃଷି କ୍ଷେତ୍ରକୁ ରିହାତି ପ୍ରଦାନ କରାଯାଇଥାଏ । ଏହି ଅର୍ଥନୈତିକ ଆଦାନ ପ୍ରଦାନ ଦ୍ୱାରା ପ୍ରତ୍ୟେକ ମାସରେ ପଶ୍ଚିମ ଓଡ଼ିଶାର ୯ ଗୋଟି ଜିଲ୍ଲାରେ କୋଟି କୋଟି ଟଙ୍କାର ଅର୍ଥରାଶି ସଞ୍ଚାଳିତ ହେବା ଫଳରେ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ମଧ୍ୟ ଘଟିଥାଏ ।

TPWODL
ଟିପି ଓ୍ୱେଷ୍ଟର୍ଣ୍ଣ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାଓ୍ୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

# ଖେଳ ଖବର



ନୂଆଦିଲ୍ଲୀ: ପରଲୋକରେ ଆମେରିକାର କିମ୍ବଦନ୍ତୀ ବକ୍ସର ଜର୍ଜ ଫୋରମ୍ୟାନ । ମାର୍ଚ୍ଚ ୨୧ ୭୬ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଛି । ଫୋରମ୍ୟାନ୍ ୧୯୬୮ ମସିହାରେ ମେକ୍ସିକୋରେ ଅନୁଷ୍ଠିତ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ । ଫୋରମ୍ୟାନ୍ ରମ୍ୱଲ୍ ଇନ୍ ଦି ଜଙ୍ଗଲରେ ମହମ୍ମଦ ଅଲ୍ଲୀଙ୍କ ସହିତ ମଧ୍ୟ ଲଢ଼ିଥିଲେ। ସେ ୧୯ ବର୍ଷ ବୟସରେ ହେଭିୱେଟ୍ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଜର୍ଜ ଫୋରମ୍ୟାନଙ୍କ ପରିବାର ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ମାଧ୍ୟମରେ ତାଙ୍କ ମୃତ୍ୟୁ ନିଶ୍ଚିତ କରିଛନ୍ତି । ଜଣେ ବୃତ୍ତିଗତ ବକ୍ସର ହେବା ପରେ ଫୋରମ୍ୟାନ୍ ଜାମାଇକାର କିଙ୍ଗଷ୍ଟନରେ ଡିଫେଣ୍ଡିଂ ଚାମ୍ପିଅନ୍ ଜୋ ଫ୍ରାଜିଅରଙ୍କ ସହ ମୁକାବିଲା କରିବା ପୂର୍ବରୁ ଲଗାତାର ୩୭ଟି ମ୍ୟାଚ୍ ଜିତିଥିଲେ। ସେ ଦୁଇଟି ରାଉଣ୍ଡ ପରେ ଟେକ୍ନିକାଲ୍ ନକଆଉଟ୍ ଦ୍ୱାରା ଫ୍ରାଜିଅରଙ୍କୁ ପରାସ୍ତ କଲେ । ଫୋରମ୍ୟାନ୍ ୧୯୭୪ ମସିହାରେ ପ୍ରସିଦ୍ଧ ରମ୍ୱଲ୍ ଇନ୍ ଦି ଜଙ୍ଗଲ ପାଇଁ ପ୍ରସିଦ୍ଧ, ଯେଉଁଠାରେ ସେ ତାଙ୍କର ପ୍ରଥମ ଟାଇଟଲ୍ ସଟ୍ ପ୍ରତିଷ୍ଠିତ ମହମ୍ମଦ ଅଲିଙ୍କଠାରୁ ହାରି ଯାଇଥିଲେ। ଜାଇରର କିନସାସା (ବର୍ତ୍ତମାନ କଙ୍ଗୋ ଗଣତାନ୍ତ୍ରିକ ଗଣରାଜ୍ୟ)ରେ ମହମ୍ମଦ ଅଲିଙ୍କ ସହ ମୁକାବିଲା କରିବା ପୂର୍ବରୁ ଫୋରମ୍ୟାନ୍ ଦୁଇଥର ସଫଳତାର ସହ ତାଙ୍କର ଟାଇଟଲ ବଜାୟ ରଖିତିଲେ । ଯାହା ବକ୍ସିଂ ଇତିହାସର ସବୁଠାରୁ ପ୍ରତିଷ୍ଠିତ ମ୍ୟାଚ୍ ମଧ୍ୟରୁ ଗୋଟିଏ ଥିଲା । ତାଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଇନଷ୍ଟାଗ୍ରାମରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

### ଆଇପିଏଲ ୨୦୨୫ର ଉଦ୍‌ଘାଟନୀ ମ୍ୟାଚ୍

## କୋଲକାତାକୁ ୭ ୱିକେଟ୍‌ରେ ହରାଇଲା ବେଙ୍ଗାଲୁରୁ




କୋଲକାତା: କୋଲକାତାର ଇଡେନ ଗାର୍ଡେନ୍ସଠାରେ ଶନିବାର ଠାରୁ ଆରମ୍ଭ ହୋଇଛି ଆଇପିଏଲ ୨୦୨୫। ଉଦ୍‌ଘାଟନୀ ମ୍ୟାଚ୍‌ରେ ହିଁ ଏହାର ରୋମାଞ୍ଚ ଦେଖିବାକୁ ମିଳିଛି। ପ୍ରଥମ ମ୍ୟାଚ୍‌ରେ କୋଲକାତା ନାଇଟରାଇଡର୍ସ (କେକେଆର)କୁ ୭ୱିକେଟ୍‌ରେ ହରାଇ ଦେଇଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)। ୧୭୫ ରନ୍‌ର ଲକ୍ଷ୍ୟକୁ ଦଳ ୧୬.୨ ଓଭରରେ ୧୭୭ ରନ୍ ହାସଲ କରିନେଇଥିଲା। ଆରସିବି ପକ୍ଷରୁ ଫିଲିପ ସଲ୍ଟ ୫୬ ରନ କରିଥିବାବେଳେ ବିରାଟ କୋହଲି ସର୍ବାଧିକ ୫୯ ରନ୍ କରିଥିଲେ। ରଜତ ପଟିଦାର ୩୪ ଓ ଦେବଦତ୍ତ ପଡିକଲ୍ଲ ୧୦ ରନ୍ କରିଥିଲେ। ଏହି ମ୍ୟାଚ୍‌ରେ ଆରସିବି ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା କେକେଆର ଧାର୍ଯ୍ୟ ୨୦ ଓଭରରେ କେକେଆର ୮ ୱିକେଟ ହରାଇ ୧୭୪ ରନ୍ କରିଥିଲା। ଫଳରେ ଆରସିବି ପାଇଁ ବିଜୟ ଲକ୍ଷ୍ୟ ୧୭୫ ରନ୍ ରହିଥିଲା। କେକେଆର ପକ୍ଷରୁ କ୍ୱିଣ୍ଟନ୍ ଡି କକ୍ ୪ ରନ୍ କରିଥିବାବେଳେ ସୁନିଲ ନାରିନ୍ ୪୪ ରନ୍ କରିଥିଲେ। ସେହିପରି ଆଜିଙ୍କ୍ୟ ରାହାଣେ ୫୬ ରନ୍, ଅଙ୍ଗକ୍ରିସ୍ ରଘୁବଂଶୀ ୩୦ ରନ୍, ରିଙ୍କୁ ସିଂ ୧୨ ରନ୍ କରିଥିଲେ। ସେହିପରି ଆରସିବି ପକ୍ଷରୁ ଜୋସ୍ ହେଲଜ୍‌ଉଡ୍ ୨ୱିକେଟ୍ ନେଇଥିବା ବେଳେ କୁନାଲ ପାଣ୍ଡ୍ୟା ୩ୱିକେଟ୍ ନେଇଥିଲେ। ଯଶ୍ ଯାଦବ, ରସିକ ଦାର ସାଲମ ଏବଂ ସୂୟାଶ ଶର୍ମା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

## ୨୦୨୯ ଯାଏ ଜାରି ରହିବ ଧୋନୀଙ୍କ ଜଲୱା: ପୂର୍ବତନ କ୍ରିକେଟର



ନୂଆଦିଲ୍ଲୀ: ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ । କ୍ୟାପଟେନ୍ କୁଲ୍ । ଆଇପିଏଲ୍ କିଙ୍ଗ । କ୍ରିକେଟ ମୈଦାନର ସେ ଧୁରନ୍ଧର । ବିପକ୍ଷଙ୍କୁ ଗୋଟି ଚଳାଇ ମାତ୍ ଦେବାରେ ସେ ମାହିର । ଷ୍ଟମ୍ପ ପଛରେ ରହି ରଚନ୍ତି ଚକ୍ରବ୍ୟୁହ । କ୍ୟାରିୟରରେ ରଚିଛନ୍ତି ଅନେକ କୀର୍ତ୍ତିମାନ । ୨୦୧୯ ବିଶ୍ୱକପ୍ ପରେ ଅନ୍ତର୍ଜାତୀୟ କ୍ରିକେଟରୁ ନେଇଥିଲେ ଅବସର । ହେଲେ ଏବେ ବି ଜାରି ମହେନ୍ଦ୍ର ସିଂହ ଧୋନିଙ୍କ ଜଲୱା । ଆଇପିଏଲ‌ର ମଚାଉଛନ୍ତି ଧୂମ୍ । ଓଟଖ ୨୦୨୩ରେ ଛାଡିଦେଇଥିଲେ କମାଣ୍ଡ । ତଥାପି ଦଳ ସହ ଜାରି ରହିଛି ଯାତ୍ରା । ସୁପର କିଙ୍ଗ୍ସର ସେ ସୁପର ପାୱାର । ଏତେ ସିଜନ ବିତିଗଲାଣି ତଥାପି ଚେନ୍ନାଇ ସହ ଅଛନ୍ତି ମାହୀ । ଯାହା ଲାଗୁଥିଲା ଯେ ୨୦୨୪ ତାଙ୍କର ହେବ ଶେଷ ସିଜିନ୍ । ୨୪ ସରିଲା ୨୫ରେ ବି ସେଇ ସମାନ ଚର୍ଚ୍ଚା । ବୋଧହୁଏ ଆଉ ଖେଳିବେନି ମାହୀ । କିନ୍ତୁ ତାଙ୍କ ସାଥୀ କ୍ରିକେଟରଙ୍କ ବୟାନ ପରେ ସମସ୍ତେ ତାଜୁବ୍ । ଉଥପକର ପୂର୍ବତନ କ୍ରିକେଟର କରିଛନ୍ତି ଏମିତି କିଛି ଆକଳନ । ଉତ୍ଥାପାଙ୍କ କହିଲେ ୨୦୨୯ ଯାଏଁ ଖେଳିବେ ମାହୀ । ସେ ପାରଙ୍ଗମ, ତାଙ୍କର ଦକ୍ଷତା ବି ଅଛି । ଯଦି ସେ ଚାହିଁବେ ଖେଳିବେ । ନିକଟରେ ସାକ୍ଷାତକାରରେ ରବୀନ କହିଥିଲେ ଏମିତି କିଛି । ରବୀନ କହିଥିଲେ ଯଦି ଦକ୍ଷତା ଓ ଆଗ୍ରହ ଅଛି । ତେବେ ମୁଁ ଭାବୁନାହିଁ ଯେ କାହାକୁ ଅଟକାଇବା ଉଚିତ। ଯଦି ସେ ଏହି ସିଜନ ପରେ ଅବସର ନିଅନ୍ତି, ତେବେ ମୁଁ ଆଶ୍ଚର୍ଯ୍ୟ ହେବି ନାହିଁ। କିନ୍ତୁ ଯଦି ସେ ପରବର୍ତ୍ତୀ ୪ ସିଜନ୍ ପାଇଁ ଖେଳନ୍ତି, ତଥାପି ଚକିତ ହେବେନି । ସେତିକି ନୁହେଁ, ତାଙ୍କ କହିବା କଥା ଧୋନିଙ୍କ ଫିଟନେସ୍ ପୂର୍ବ ଭଳି ନାହିଁ । କାରଣ ୨୦୨୪ରେ ଧୋନୀ କରିଥିଲେ ଆଣ୍ଠୁରେ ଅସ୍ତ୍ରୋପଚାର । ଗତ ଦୁଇଟି ସିଜିନରେ ଖେଳିଛନ୍ତି ସେ କେବଳ ୧୩୦ଟି ବଲ୍ । ଉତ୍ଥାପାଙ୍କ କହିବା କଥା ଗତ ସିଜନରେ ଦେଖିବାକୁ ମିଳିଥିଲା ଧୋନୀ ଧମାକା । ଖେଳିଥିଲେ ସତ କିନ୍ତୁ ସାଥ୍ ଦେଇନଥିଲା ଶରୀର । ତାଙ୍କ ବ୍ୟାଟିଂ ଅର୍ଡ଼ରକୁ ନେଇ ଉଠିଥିଲା ପ୍ରଶ୍ନ । ଷ୍ଟ୍ରାଇକ୍ ରେଟ୍ ଭଲ ଥାଇଁ ଧୋନୀ ଆସୁଥିଲେ ସେଭେନ୍ ଡାଉନ୍‌ରେ । ଏମିତିକି ଅଣ୍ଟା ଓ ଆଣ୍ଠୁରେ ଯନ୍ତ୍ରଣା ସତ୍ତ୍ୱେ ଜାରି ରଖିଥିଲେ କିପିଂ । ଧୋନୀଙ୍କ ମନରେ କଣ ଚାଲୁଛି ତାହା ତାଙ୍କୁ ଜଣା ବୋଲି ସ୍ପଷ୍ଟ କରିଛନ୍ତି ରବୀନ । ତାଙ୍କର ସବୁକିଛି କରିବାର ନିଜସ୍ୱ ଢଙ୍ଗ ଅଛି, ସେ ସଫଳ ବି ହୁଅନ୍ତି ବୋଲି ଯୁକ୍ତି ବାଢିଛନ୍ତି ପୂର୍ବତନ ସିଏସ୍‌କେ ଖେଳାଳି । ଦରକାର ପଡିଲେ ୨୦୨୯ ଯାଏଁ ଖେଳିପାରିବେ ବୋଲି ଚର୍ଚ୍ଚା ହେଉଛି । ୨୨ ମାର୍ଚ୍ଚରୁ ଆରମ୍ଭ ହେଉଛି ଆଇପିଏଲର ୧୮ତମ ସିଜିନ । ୨୩ ମାର୍ଚ୍ଚରେ ଚେନ୍ନାଇ ସୁପର କିଙ୍ଗ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ଏମଏ ଚିଦାମ୍ବରମ ଷ୍ଟାଡିୟମରେ ହେବ ମୁକାବିଲା । ଏବେଠୁ ପ୍ରସ୍ତୁତ କଲେଣି ଧୋନି ଧୂରନ୍ଧର । ୪୩ ବର୍ଷୀୟ ଧୋନି ୧୦ ମାସ ପରେ କ୍ରିକେଟ ପଡ଼ିଆରେ ଦେଖାଇବେ ଜଲୱା । ହେଲେ ଏବେଠୁ ବୁଲିଲାଣି ହେଲିକପ୍ଟର ।

## ଆଇପିଏଲ୍-୨୦୨୫: ୧୩ ସହରରେ ହେବ ୭୪ ମ୍ୟାଚ୍



ନୂଆଦିଲ୍ଲୀ: ଇଣ୍ଡିଆନ ପ୍ରିମିୟର ଲିଗ ଅର୍ଥାତ୍ ଆଇପିଏଲ୍ ୨୦୨୫ର ୧୮ତମ ସିଜିନ ଶନବାରଠୁ ଆରମ୍ଭ ହୋଇଥିବା ବେଳେ ଏହି ସିଜିନର ପ୍ରଥମ ମ୍ୟାଚ ଡିଫେଣ୍ଡିଂ ଚାମ୍ପିଅନ କୋଲକାତା ନାଇଟ ରାଇଡର୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଖେଳାଯିବ। ଆଇପିଏଲ ୨୦୨୫ ମାର୍ଚ୍ଚ ୨୨ରୁ ଆରମ୍ଭ ହୋଇଥିବା ବେଳେ ଫାଇନାଲ ମ୍ୟାଚ ମଇ ୨୫ରେ ଖେଳାଯିବ। ଆଇପିଏଲ ୨୦୨୫ରେ ମୋଟ ୭୪ଟି ମ୍ୟାଚ ଖେଳାଯିବ। ଲିଗ ପର୍ଯ୍ୟାୟରେ ୭୦ଟି ମ୍ୟାଚ ହେବ। ଲିଗ ପର୍ଯ୍ୟାୟରେ ସମସ୍ତ ୧୦ଟି ଦଳ ପ୍ରତ୍ୟେକ ୧୪ଟି ମ୍ୟାଚ ଖେଳିବେ। ଆଇପିଏଲ ୨୦୨୫ର ସମସ୍ତ ମ୍ୟାଚ ମୋଟ ୧୩ଟି ସହରରେ ଖେଳାଯିବ। ଆଇପିଏଲ ୨୦୨୫ର ଲକ୍ଷ୍ନୌ, ହାଇଦ୍ରାବାଦ, ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, ଅହମ୍ମଦାବାଦ, ବିଶାଖାପାଟଣା, ଗୌହାଟି, ବେଙ୍ଗାଲୁରୁ, ନ୍ୟୁ ଚଣ୍ଡିଗଡ଼, ଜୟପୁର, କୋଲକାତା ଏବଂ ଧର୍ମଶାଳାରେ ଖେଳାଯିବ।

### ଆଇପିଏଲ୍-୨୦୨୫ର ସମ୍ପୂର୍ଣ୍ଣ ଖେଳସୂଚୀ

ମାର୍ଚ୍ଚ ୨୨– କୋଲକାତା ନାଇଟ ରାଇଡର୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ
ମାର୍ଚ୍ଚ ୨୩–ସନରାଇଜର୍ସ ହାଇଦ୍ରାବାଦ ବନାମ ରାଜସ୍ଥାନ ରୟାଲ୍ସ
ମାର୍ଚ୍ଚ ୨୩– ଚେନ୍ନାଇ ସୁପର କିଙ୍ଗ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ
ମାର୍ଚ୍ଚ ୨୪ – ଦିଲ୍ଲୀ କ୍ୟାପିଟାଲ୍ସ ବନାମ ଲକ୍ଷ୍ନୌ ସୁପରଜିଆଣ୍ଟସ
ମାର୍ଚ୍ଚ ୨୫ ଗୁଜରାଟ ଟାଇଟାନ୍ସ ବନାମ ପଞ୍ଜାବ କିଙ୍ଗ୍ସ
ମାର୍ଚ୍ଚ ୨୬– ରାଜସ୍ଥାନ ରୟାଲ୍ସ ବନାମ କୋଲକାତା ନାଇଟ ରାଇଡର୍ସ
ମାର୍ଚ୍ଚ ୨୭– ସନରାଇଜର୍ସ ହାଇଦ୍ରାବାଦ ବନାମ ଲକ୍ଷ୍ନୌ ସୁପରଜାଏଣ୍ଟସ
ମାର୍ଚ୍ଚ ୨୮– ଚେନ୍ନାଇ ସୁପର କିଙ୍ଗ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ
ମାର୍ଚ୍ଚ ୨୯– ଗୁଜରାଟ ଟାଇଟାନ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ
ମାର୍ଚ୍ଚ ୩୦ – ଦିଲ୍ଲୀ କ୍ୟାପିଟାଲ୍ସ ବନାମ ସନରାଇଜର୍ସ ହାଇଦ୍ରାବାଦ
ମାର୍ଚ୍ଚ ୩୧ – ରାଜସ୍ଥାନ ରୟାଲ୍ସ ବନାମ ଚେନ୍ନାଇ ସୁପର କିଙ୍ଗ୍ସ
ମାର୍ଚ୍ଚ ୩୧ – ମୁମ୍ବାଇ ଇଣ୍ଡିଆନ୍ସ ବନାମ କୋଲକାତା ନାଇଟ ରାଇଡର୍ସ
ଏପ୍ରିଲ ୧ – ଲକ୍ଷ୍ନୌ ସୁପରଜାଏଣ୍ଟସ ବନାମ ପଞ୍ଜାବ କିଙ୍ଗ୍ସ
୨ ଏପ୍ରିଲ – ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବନାମ ଗୁଜରାଟ ଟାଇଟାନ୍ସ
ଏପ୍ରିଲ ୩ – କୋଲକାତା ନାଇଟ ରାଇଡର୍ସ ବନାମ ସନରାଇଜର୍ସ ହାଇଦ୍ରାବାଦ
ଏପ୍ରିଲ ୪ – ଲକ୍ଷ୍ନୌ ସୁପରଜାଏଣ୍ଟସ ବନାମ ମୁମ୍ବାଇ ଇଣ୍ଡିଆନ୍ସ
ଏପ୍ରିଲ ୫ – ଚେନ୍ନାଇ ସୁପର କିଙ୍ଗ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ
ଏପ୍ରିଲ ୫ – ପଞ୍ଜାବ କିଙ୍ଗସ ବନାମ ରାଜସ୍ଥାନ ରୟାଲ୍ସ
ଏପ୍ରିଲ ୬ – କୋଲକାତା ନାଇଟ ରାଇଡର୍ସ ବନାମ ଲକ୍ଷ୍ନୌ ସୁପରଜାଏଣ୍ଟସ
ଏପ୍ରିଲ ୬ – ସନରାଇଜର୍ସ ହାଇଦ୍ରାବାଦ ବନାମ ଗୁଜରାଟ ଟାଇଟାନ୍ସ
ଏପ୍ରିଲ ୭ – ମୁମ୍ବାଇ ଇଣ୍ଡିଆନ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର
ଏପ୍ରିଲ ୮ – ପଞ୍ଜାବ କିଙ୍ଗ୍ସ ବନାମ ଚେନ୍ନାଇ ସୁପର କିଙ୍ଗ୍ସ
ଏପ୍ରିଲ ୯ – ଗୁଜରାଟ ଟାଇଟାନ୍ସ ବନାମ ରାଜସ୍ଥାନ ରୟାଲ୍ସ
ଏପ୍ରିଲ ୧୦– ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବନାମ ଦିଲ୍ଲୀ କ୍ୟାପିଟାଲ୍ସ
ଏପ୍ରିଲ ୧୧– ଚେନ୍ନାଇ ସୁପର କିଙ୍ଗ୍ସ ବନାମ କୋଲକାତା ନାଇଟ ରାଇଡର୍ସ
ଏପ୍ରିଲ ୧୨– ଲକ୍ଷ୍ନୌ ସୁପରଜିଆଣ୍ଟସ ବନାମ ଗୁଜରାଟ ଟାଇଟାନ୍ସ
ଏପ୍ରିଲ ୧୨– ସନରାଇଜର୍ସ ହାଇଦ୍ରାବାଦ ବନାମ ପଞ୍ଜାବ କିଙ୍ଗ୍ସ
୧୩ ଏପ୍ରିଲ– ରାଜସ୍ଥାନ ରୟାଲ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ
୧୩ ଏପ୍ରିଲ– ଦିଲ୍ଲୀ କ୍ୟାପିଟାଲ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ
ଏପ୍ରିଲ ୧୪– ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବନାମ ଚେନ୍ନାଇ ସୁପର କିଙ୍ଗସ
୧୫ ଏପ୍ରିଲ– ପଞ୍ଜାବ କିଙ୍ଗସ ବନାମ କୋଲକାତା ନାଇଟ ରାଇଡର୍ସ
ଏପ୍ରିଲ ୧୬– ଦିଲ୍ଲୀ କ୍ୟାପିଟାଲ୍ସ ବନାମ ରାଜସ୍ଥାନ ରୟାଲ୍ସ
୧୭ ଏପ୍ରିଲ– ମୁମ୍ବାଇ ଇଣ୍ଡିଆନ୍ସ ବନାମ ସନରାଇଜର୍ସ ହାଇଦ୍ରାବାଦ
୧୮ ଏପ୍ରିଲ– ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବନାମ ପଞ୍ଜାବ କିଙ୍ଗ୍ସ
୧୯ ଏପ୍ରିଲ– ଗୁଜରାଟ ଟାଇଟାନ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ
ଏପ୍ରିଲ ୧୯– ରାଜସ୍ଥାନ ରୟାଲ୍ସ ବନାମ ଲକ୍ଷ୍ନୌ ସୁପରଜାଏଣ୍ଟ୍ସ
ଏପ୍ରିଲ ୨୦– ପଞ୍ଜାବ କିଙ୍ଗସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ
ଏପ୍ରିଲ ୨୦– ମୁମ୍ବାଇ ଇଣ୍ଡିଆନ୍ସ ବନାମ ଚେନ୍ନାଇ ସୁପର କିଙ୍ଗ୍ସ
ଏପ୍ରିଲ ୨୧– କୋଲକାତା ନାଇଟ ରାଇଡର୍ସ ବନାମ ଗୁଜରାଟ ଟାଇଟାନ୍ସ
୨୨ ଏପ୍ରିଲ– ଲକ୍ଷ୍ନୌ ସୁପରଜିଆଣ୍ଟସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ
୨୩ ଏପ୍ରିଲ– ସନରାଇଜର୍ସ ହାଇଦ୍ରାବାଦ ବନାମ ମୁମ୍ବାଇ ଇଣ୍ଡିଆନ୍ସ
୨୪ ଏପ୍ରିଲ – ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବନାମ ରାଜସ୍ଥାନ ରୟାଲ୍ସ
୨୫ ଏପ୍ରିଲ – ଚେନ୍ନାଇ ସୁପର କିଙ୍ଗ୍ସ ବନାମ ସନରାଇଜର୍ସ ହାଇଦ୍ରାବାଦ
୨୬ ଏପ୍ରିଲ – କୋଲକାତା ନାଇଟ ରାଇଡର୍ସ ବନାମ ପଞ୍ଜାବ କିଙ୍ଗସ
ଏପ୍ରିଲ ୨୭ – ମୁମ୍ବାଇ ଇଣ୍ଡିଆନ୍ସ ବନାମ ଲକ୍ଷ୍ନୌ ସୁପରଜିଆଣ୍ଟସ
ଏପ୍ରିଲ ୨୭– ଦିଲ୍ଲୀ କ୍ୟାପିଟାଲ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ
ଏପ୍ରିଲ ୨୮– ରାଜସ୍ଥାନ ରୟାଲ୍ସ ବନାମ ଗୁଜରାଟ ଟାଇଟାନ୍ସ
ଏପ୍ରିଲ ୨୯– ଦିଲ୍ଲୀ କ୍ୟାପିଟାଲ୍ସ ବନାମ କୋଲକାତା ନାଇଟ ରାଇଡର୍ସ
ଏପ୍ରିଲ ୩୦ – ଚେନ୍ନାଇ ସୁପର କିଙ୍ଗ୍ସ ବନାମ ପଞ୍ଜାବ କିଙ୍ଗ୍ସ
ମେ ୧– ରାଜସ୍ଥାନ ରୟାଲ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ
ମେ ୨– ଗୁଜରାଟ ଟାଇଟାନ୍ସ ବନାମ ସନରାଇଜର୍ସ ହାଇଦ୍ରାବାଦ
ମେ ୩– ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ ଚେନ୍ନାଇ ସୁପର କିଙ୍ଗ୍ସ
ମେ ୪– କୋଲକାତା ନାଇଟ ରାଇଡର୍ସ ବନାମ ରାଜସ୍ଥାନ ରୟାଲ୍ସ
ମେ ୪– ପଞ୍ଜାବ କିଙ୍ଗସ ବନାମ ଲକ୍ଷ୍ନୌ ସୁପରଜାଏଣ୍ଟସ
ମେ ୫– ସନରାଇଜର୍ସ ହାଇଦ୍ରାବାଦ ବନାମ ଦିଲ୍ଲୀ କ୍ୟାପିଟାଲ୍ସ
ମେ ୬– ମୁମ୍ବାଇ ଇଣ୍ଡିଆନ୍ସ ବନାମ ଗୁଜରାଟ ଟାଇଟାନ୍ସ
ମେ ୭– କୋଲକାତା ନାଇଟ ରାଇଡର୍ସ ବନାମ ଚେନ୍ନାଇ ସୁପର କିଙ୍ଗସ
ମେ ୮– ପଞ୍ଜାବ କିଙ୍ଗ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ
ମେ ୯– ଲକ୍ଷ୍ନୌ ସୁପରଜିଆଣ୍ଟସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ
ମେ ୧୦– ସନରାଇଜର୍ସ ହାଇଦ୍ରାବାଦ ବନାମ କୋଲକାତା ନାଇଟ ରାଇଡର୍ସ
ମେ ୧୧–ପଞ୍ଜାବ କିଙ୍ଗ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ
ମେ ୧୧–ଦିଲ୍ଲୀ କ୍ୟାପିଟାଲ୍ସ ବନାମ ଗୁଜରାଟ ଟାଇଟାନ୍ସ
ମେ ୧୨–ଚେନ୍ନାଇ ସୁପର କିଙ୍ଗ୍ସ ବନାମ ରାଜସ୍ଥାନ ରୟାଲ୍ସ
ମେ ୧୩– ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ ସନରାଇଜର୍ସ ହାଇଦ୍ରାବାଦ
ମେ ୧୪– ଗୁଜରାଟ ଟାଇଟାନ୍ସ ବନାମ ଲକ୍ଷ୍ନୌ ସୁପରଜାଏଣ୍ଟସ
ମେ ୧୫– ମୁମ୍ବାଇ ଇଣ୍ଡିଆନ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ
ମେ ୧୬– ରାଜସ୍ଥାନ ରୟାଲ୍ସ ବନାମ ପଞ୍ଜାବ କିଙ୍ଗ୍ସ
ମେ ୧୭– ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବନାମ କୋଲକାତା ନାଇଟ ରାଇଡର୍ସ
ମେ ୧୮–ଗୁଜରାଟ ଟାଇଟାନ୍ସ ବନାମ ଚେନ୍ନାଇ ସୁପର କିଙ୍ଗ୍ସ
ମେ ୧୮–ଲକ୍ଷ୍ନୌ ସୁପରଜାଏଣ୍ଟସ ବନାମ ସନରାଇଜର୍ସ ହାଇଦ୍ରାବାଦ
ମେ ୨୦– କ୍ୱାଲିଫାୟର ୧
ମେ ୨୧–ଏଲିମିନେଟର
ମେ ୨୩– କ୍ୱାଲିଫାୟର ୨
ମେ ୨୫–ଫାଇନାଲ

### କଠୋର ହେଲା ବିସିସିଆଇ

## ଏଣିକି ଆଇପିଏଲ୍ ମ୍ୟାଚ୍‌କୁ ପରିବାର ସଦସ୍ୟ କିମ୍ବା ଗାଡ଼ି ଯିବା ମନା

ମୁମ୍ବାଇ: ଧୀରେ ଧୀରେ କଠୋର ହେଉଛି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ । ବର୍ଷ ଆରମ୍ଭରୁ ଟିମ୍ ଇଣ୍ଡିଆ ପାଇଁ ପ୍ରଚଳିତ କରିଥିଲା ନିୟମ । ଭାରତୀୟ ଦଳରେ ଲାଗୁ ହୋଇଥିବା କିଛି ନିୟମ ବା ଏସ୍‌ଓପି ଆଇପିଏଲ ୨୦୨୫ରେ ମଧ୍ୟ ଲାଗୁ ହେବ । ବିସିସିଆଇ ପୂର୍ବରୁ ସମସ୍ତ ୧୦ଟି ସୂତ୍ରୀ ନିୟମ ବିଷୟରେ ଅବଗତ କରାଇଥିଲା । ସମସ୍ତ ଦଳର ପ୍ରଶିକ୍ଷଣ ଶିବିର ସମୟରେ ମଧ୍ୟ ଏହି ନିୟମଗୁଡ଼ିକର ପ୍ରଭାବ ଦେଖିବାକୁ ମିଳିଥିଲା । ଆଇପିଏଲ୍‌ର ଏହି ନୂତନ ନିୟମଗୁଡ଼ିକ ଖେଳାଳିଙ୍କ ଯାତ୍ରାଠାରୁ ଆରମ୍ଭ କରି ସେମାନଙ୍କ ପରିବାର ସଦସ୍ୟଙ୍କ ପର୍ଯ୍ୟନ୍ତ ରହିବ । କହିବାକୁ ଗଲେ ଏଥର ଆଇପିଏଲ ସମୟରେ କେବଳ ଅଧିକୃତ ବ୍ୟକ୍ତିମାନଙ୍କୁ ପଡ଼ିଆକୁ ଯିବା ଓ ଡ୍ରେସିଂ ରୁମକୁ ପ୍ରବେଶ କରିବାର ଅନୁମତି ଦିଆଯାଇଛି । ଏହାର ଅର୍ଥ ହେଉଛି ଯେ କୌଣସି ଖେଳାଳିଙ୍କ ପରିବାର ସଦସ୍ୟ ଏଥର ପଡ଼ିଆକୁ ଆସିପାରିବେ ନାହିଁ । ଆହୁରି ବି ସେମାନଙ୍କୁ ଡ୍ରେସିଂ ରୁମରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ। ଅଭ୍ୟାସ ଦିନଗୁଡ଼ିକରେ ମଧ୍ୟ ଡ୍ରେସିଂ ରୁମରେ ପରିବାର ଲୋକଙ୍କ ପ୍ରବେଶ ନିଷେଧ ରହିବ । ଅର୍ଥାତ ଆଇପିଏଲ୍ ମ୍ୟାଚ୍ ପୂର୍ବରୁ ଏବଂ ମ୍ୟାଚ୍ ସମୟରେ ଖେଳାଳି ଏବଂ ମ୍ୟାଚ୍ ଅଧିକାରୀ କ୍ଷେତ୍ର ପାଖରେ ପରିବାର ସଦସ୍ୟଙ୍କ ଉପସ୍ଥିତି ସମ୍ପର୍କରେ ବିସିସିଆଇ ନିୟମକୁ କଡ଼ାକଡ଼ି କରିଛି। ସେହିଭଳି ଅଭ୍ୟାସକୁ ଆସିବା ସମୟରେ ଖେଳାଳିମାନଙ୍କୁ ଦଳୀୟ ବସ୍ ବ୍ୟବହାର କରିବାକୁ ପଡିବ । ଏହାର ଅର୍ଥ ହେଉଛି କୌଣସି ଖେଳାଳି ନିଜସ୍ୱ କାରରେ ଅଭ୍ୟାସ ପାଇଁ ଆସିବେ ନାହିଁ । ତଥାପି ଦଳଗୁଡ଼ିକ ଦୁଇଟି ଗ୍ରୁପ୍‌ରେ ଯାତ୍ରା କରିପାରିବେ। ସେହି ସମୟରେ ଖେଳାଳିଙ୍କ ପରିବାର ସଦସ୍ୟ ଏବଂ ବନ୍ଧୁମାନେ ଏକ ପୃଥକ ଗାଡ଼ିରେ ଯାତ୍ରା କରିପାରିବେ ଏବଂ ଆତିଥ୍ୟ କ୍ଷେତ୍ରରୁ ଦଳର ଅଭ୍ୟାସ ଦେଖିପାରିବେ। ପୂର୍ବରୁ ଖେଳାଳିଙ୍କ ପରିବାର ସଦସ୍ୟମାନେ ଟିମ୍ ବସ୍‌ରେ ଏକାଠି ଯାତ୍ରା କରିପାରିବେ। ଏଥର ଆଇପିଏଲ୍‌ରେ ବିସିସିଆଇ ବିଶେଷଜ୍ଞ ଏବଂ ନେଟ୍ ବୋଲରଙ୍କ ପାଇଁ ମଧ୍ୟ ନିୟମ ପରିବର୍ତ୍ତନ କରିଛି। ସମସ୍ତ ଦଳକୁ ଥ୍ରୋ ଡାଉନ୍ ବିଶେଷଜ୍ଞ ଏବଂ ନେଟ୍ ବୋଲରଙ୍କ ଭଳି ଅତିରିକ୍ତ ସହାୟକ କର୍ମଚାରୀଙ୍କ ଏକ ତାଲିକା ଅନୁମୋଦନ ପାଇଁ ବିସିସିଆଇକୁ ଦାଖଲ କରିବାକୁ ପଡିବ । ଅନୁମୋଦନ ପରେ ମ୍ୟାଚ୍ ନନ-ମ୍ୟାଚ୍ ଡେ ମାନ୍ୟତା ପ୍ରଦାନ କରାଯିବ। ଏହା ପୂର୍ବରୁ ଘଟିନଥିଲା । ଦଳଗୁଡ଼ିକ ପୂର୍ବରୁ ସେମାନଙ୍କ ଦଳରେ ଯେକୌଣସି ଖେଳାଳିଙ୍କୁ ନେଟ୍ ବୋଲର ଭାବରେ ସାମିଲ କରୁଥିଲେ । ସେହିପରି ଯଦି ଖେଳାଳିମାନେ ମ୍ୟାଚ୍ ସ୍ଥଳକୁ ସେମାନଙ୍କର ଆକ୍ରିଡିଟେସନ୍ କାର୍ଡ ଆଣିବା ଭୁଲିଥିଲେ, ସେମାନଙ୍କୁ ଜରିମାନା ଦେବାକୁ ପଡିବ। ମ୍ୟାଚ୍ ପରେ ଉପସ୍ଥାପନା ସମୟରେ ମଧ୍ୟ ଢିଲା ଏବଂ ସ୍ଲିପ୍ ଲେସ୍ ପୋଷାକ ପିନ୍ଧିବାକୁ ଅନୁମତି ନାହିଁ।

## ଆଇପିଏଲ୍ ସୁପର ଓଭର ପାଇଁ ଆସିଲା ଗାଇଡ୍‌ଲାଇନ୍

ମୁମ୍ବାଇ: ଚଳିତ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ରେ କୌଣସି ମ୍ୟାଚ୍ ହେଲେ ସୀମିତ ସଂଖ୍ୟକ ସୁପର ଓଭର ଖେଳାଯିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ପ୍ରକୃତ ମ୍ୟାଚ ଶେଷ ହେବାର ଏକ ଘଣ୍ଟା ମଧ୍ୟରେ ସୁପର ଓଭର ପର୍ଯ୍ୟାୟକୁ ଶେଷ କରିବାକୁ କୁହାଯାଇଛି। ଏଥିସହିତ ସୁପର ଓଭରରେ ପ୍ରତ୍ୟେକ ଦଳକୁ ଗୋଟିଏ ଲେଖାଏଁ ଡିଆରଏସ୍ ବ୍ୟବହାର କରିବାକୁ ଅନୁମତି ଦିଆଯାଇଛି। ପ୍ରକୃତ ମ୍ୟାଚ ଶେଷ ହେବାର ଏକ ଘଣ୍ଟା ମଧ୍ୟରେ ବିଜେତା ନିର୍ଣ୍ଣୟ କରିବା ଲାଗି ସୁପର ଓଭର ଖେଳାଯାଇପାରିବ। ପ୍ରଥମ ସୁପର ଓଭର ପ୍ରକୃତ ମ୍ୟାଚ ଶେଷ ହେବାର ୧୦ ମିନିଟ ମଧ୍ୟରେ ଆରମ୍ଭ ହେବ। ଯଦି ପ୍ରଥମ ସୁପର ଓଭର ଟାଏ ରହେ, ତେବେ ୫ ମିନିଟ୍ ମଧ୍ୟରେ ପରବର୍ତ୍ତୀ ସୁପର ଓଭର ଖେଳାଯିବ। କେଉଁଟା ଅନ୍ତିମ ଓଭର ହେବ, ତାହା ମ୍ୟାଚ ରେଫରୀ ଉଭୟ ଦଳର ଅଧିନାୟକଙ୍କୁ ଜଣାଇବେ। ମ୍ୟାଚରେ ଖେଳାଳିଙ୍କୁ ମିଳିଥିବା ଚେତାବନୀ ଓ ନିର୍ଦ୍ଧାରିତ ସମୟ ଲାଗି ଫିଲ୍ଡରୁ ଦୂରେଇ ରହିବାକୁ ଦିଆଯାଇଥିବା ନିର୍ଦ୍ଦେଶ ସୁପର ଓଭରରେ ମଧ୍ୟ ଜାରି ରହିବ। ଯଦି ଦରକାର ପଡ଼େ, ସମୟ କଟକଣା ସମ୍ପର୍କରେ ମ୍ୟାଚ୍ ରେଫରୀ ଅଧିନାୟକଙ୍କୁ ଜଣାଇବେ ବୋଲି ବିସିସିଆଇ ପକ୍ଷରୁ ସମସ୍ତ ଫ୍ରାଞ୍ଚାଇଜକୁ ଅବଗତ କରାଯାଇଛି।

### ଓପି ଜିନ୍ଦଲ ମେମୋରିଆଲ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ପେନାଲ୍ଟି ସୁଟ୍‌ଆଉଟ୍‌ରେ ସେରେଣ୍ଡା ଚାମ୍ପିଅନ୍




କେନ୍ଦୁଝର(ଭାସ୍କର ନ୍ୟୁଜ): ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି)ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ କାଶିଆ ଆଇରନ ଏଣ୍ଡ ଡୋଲୋମାଇଟ ଖଣି ପାର୍ଶ୍ୱବର୍ତ୍ତୀ କାଶିଆ(କ) ଗ୍ରାମରେ ଚାଲିଥିବା ଓପି ଜିନ୍ଦଲ ମେମୋରିଆଲ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ କାଶିଆ(ଖ) ଟିମକୁ ପେନାଲ୍ଟି ସୁଟଆଉଟରେ ହରାଇ ସେରେଣ୍ଡା ଟିମ୍ ଚାମ୍ପିଅନ ହୋଇଛି। ୩ ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ସେରେଣ୍ଡା, ଭଦ୍ରାସାହି ପଞ୍ଚାୟତର ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ବଡ଼ବିଲ ଏସଡିପିଓ ଡିଏନ୍ ପିଙ୍ଗୁଆ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କାଶିଆ ମାଇନ୍ସ ୟୁନିଟ ହେଡ୍ ପ୍ରମୋଦ କୁମାର ପାତ୍ର, ସେରେଣ୍ଡା ସରପଞ୍ଚ ସୁସ୍ମିତା ସିଦ୍ଧୁ, ଭଦ୍ରାସାହି ସରପଞ୍ଚ ଶ୍ରୀମତି ପ୍ରମୀଳା ନାଏକ ଯୋଗଦେଇଥିଲେ। ପାରିପାର୍ଶ୍ୱିକ ଅଞ୍ଚଳରେ ଶିକ୍ଷା,ସ୍ୱାସ୍ଥ୍ୟ, କୃଷି, କ୍ରୀଡ଼ା ଓ ସଂସ୍କୃତିର ସୁରକ୍ଷା ଓ ପ୍ରସାର ପାଇଁ ଜେଏସପିର ପ୍ରତିଶ୍ରୁତିବଦ୍ଧତାକୁ ଅତିଥିମାନେ ପ୍ରଶଂସା କରିଥିଲେ। ଏଭଳି କ୍ରୀଡ଼ା ପ୍ରତିଯୋଗିତା ସ୍ଥାନୀୟ ଅଞ୍ଚଳର ପ୍ରତିଭାକୁ ପ୍ରୋତ୍ସାହିତ କରିବା ସହ ଅଞ୍ଚଳରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବ ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସିଏସଆର ମୁଖ୍ୟ ଭର୍ଜିଲ ଲାକ୍ରାଙ୍କ ସମେତ ଅନ୍ୟ ଅଧିକାରୀ ଓ ସ୍ଥାନୀୟ ଗ୍ରାମର ପ୍ରମୁଖ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ୧୫ ବର୍ଷରୁ କମ ବାଳକ, ବାଳିକା ଟିମ ସମେତ ସେରେଣ୍ଡା ଓ ଭଦ୍ରାସାହି ପଞ୍ଚାୟତର ବୟସ୍କଲୋକମାନଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ମଧ୍ୟ ଅନୁଷ୍ଠିତ ହୋଇଥିଲା

## ଅଶ୍ୱିନ୍‌ଙ୍କ ନାଁରେ ହେବ ରାସ୍ତା: ମିଳିଲା ଗ୍ରୀନ୍ ସିଗ୍‌ନାଲ୍



ଚେନ୍ନାଇ: ଭାରତର କିମ୍ବଦନ୍ତୀ ସ୍ପିନ ବୋଲର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଗ୍ରେଟର ଚେନ୍ନାଇ କର୍ପୋରେଶନ (ଜିସିସି) ଦ୍ୱାରା ସମ୍ମାନିତ କରାଯିବ। ଜିସିସି ସର୍ବସମ୍ମତି କ୍ରମେ ୱେଷ୍ଟ ମାମ୍ବାଲାମସ୍ଥିତ ରାମାକ୍ରୀଷ୍ଣପୁରମ୍ ପ୍ରଥମ ଷ୍ଟ୍ରିଟର ନାମକୁ ଅଶ୍ୱିନଙ୍କ ନାମରେ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛି, ଯେଉଁଠାରେ ଅଶ୍ୱିନ ରୁହନ୍ତି। ଏକ ଜାତୀୟ ଇଂଲିଶ ଖବରକାଗଜରେ ପ୍ରକାଶିତ ରିପୋର୍ଟ ମୁତାବକ, କ୍ୟାରମ ବଲ ଇଭେଣ୍ଟ ଓ ମାର୍କେଟିଂ ପ୍ରାଇଭେଟ ଲିମିଟେଡ୍‌ର ସିଇଓ ଏସ୍ କାର୍ତ୍ତିକଙ୍କ ଅନୁରୋଧ କ୍ରମେ ରାସ୍ତାର ନାମ ବଦଳାଇବାକୁ ନିଷ୍ପତ୍ତି ନିଆଯାଇଛି। ଅଶ୍ୱିନ ଭାରତ ଓ ତାମିଲନାଡୁ ପାଇଁ ଅନେକ ମ୍ୟାଚ ଖେଳିବା ସହ ଅନେକ ସମ୍ମାନ ପାଇଛନ୍ତି। ତାଙ୍କୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଅଲରାଉଣ୍ଡର ଭାବେ ବିବେଚନା କରାଯାଏ ବୋଲି ଜିସିସିର ପ୍ରସ୍ତାବରେ କୁହାଯାଇଛି। ଏହି ପ୍ରସ୍ତାବକୁ ସରକାରଙ୍କ ଅନୁମତି ମଧ୍ୟ ମିଳିସାରିଛି। ଗତବର୍ଷ ଡିସେମ୍ବରରେ ଅନ୍ତର୍ଜାତୀୟ ସ୍ତରରୁ ଅବସର ନେଇଥିବା ଅଶ୍ୱିନ ଆଇପିଏଲ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସେ ଭାରତ ପାଇଁ ୧୦୬ ଟେଷ୍ଟ (୫୩୭ ଉଇକେଟ), ୧୧୬ ଦିନିକିଆ (୧୫୬ ଉଇକେଟ) ଓ ୬୫ ଟି୨୦ (୭୨ ଉଇକେଟ) ଖେଳିଛନ୍ତି।


**Government of Jharkhand**
**Directorate of Industries**
Letter No. 645 Date: 22.03.2025
**Corrigendum**
Advertisement PR No: 348516, Dated 12/03/2025

Name of Work: Selection of an Event Management Agency for the High Level Delegation of Jharkhand's Travel to Spain and Sweden.
Tender Ref. No. 551

As directed, due to unforeseen circumstances, following modifications have been made with reference to above mentioned tender:

| Corrigendum Critical Dates | | | |
|---|---|---|---|
| Document Download / Sale Start Date | 13-Mar-2025 10:30 AM | Document Download / Sale End Date | 27-Mar-2025 03:00 PM |
| Bid Submission Start Date | 13-Mar-2025 11:00 AM | Bid Submission End Date | 27-Mar-2025 03:00 PM |

Apart from above mentioned modification, all terms and conditions of the NIT will be the same.

Sd/-
(Pranab Kr Paul)
Joint Director
Directorate of Industries

PR 349075 Industries(24-25)D

**कार्यालय अधीक्षण अभियंता,**
**लोक निर्माण विभाग, (वि. / यां.) मंडल, बिलासपुर (छ.ग.)**
**ई-प्रोक्योरमेंट निविदा सूचना**
Portal : http://eproc.cgstate.gov.in
नि.आ.सू. दिनांक 17/03/2025 तथा
Online Bid Submission की अंतिम तिथि 28/03/2025
Physical Submission Last Date 07/04/2025
ऑनलाईन निविदा प्रथम आमंत्रण

| क्र. | नि.आ. सू. क्र. | ऑनलाईन टेण्डर नंबर | कार्य का नाम | लागत (लाख में) |
|---|---|---|---|---|
| 1 | 87 | 166159 | Supply and Fixing of Sound System in Auditorium Building at Agriculture Collage Bilaspur Distt. Bilaspur (C.G.) | 16.77 |
| 2 | 88 | 166166 | Providing Annual Operation & Maintenance work for Runway Light, Taxiway Light, SAPL Light, PAPI, Beacon Light, WDI,LDI, Perimeter Light, Watch Tower, ATC Tower & CCR etc. at Chakarbhatha Airport Bilaspur (C.G) | 38.04 |
| 3 | 89 | 166164 | Renovation of HVAC System, 33/0.4 KV Sub Station, HT/LT Panel and Other E/F work in Lt. B.R. Yadav State sports training center Bahtarai Distt. Bilaspur (C.G.) | 166.97 |

निविदा में भाग लेने की प्रक्रिया एवं निविदा के संबंध में विस्तृत जानकारी विभाग के उपरोक्त वेबसाईट में देखे जा सकते है।

अधीक्षण अभियंता
जी. 242506091/7 लो.नि.वि. (वि./यां.) मण्डल, बिलासपुर (छ.ग.)

**OFFICE OF THE EXECUTIVE ENGINEER**
**BUILDING CONSTRUCTION DEPARTMENT, BUILDING DIVISION, HAZARIBAG**
e-Procurement Cell
e-Procurement Notice
Tender Reference No:-BCD/EE/HAZARIBAG/ 75 /2024-25 Date:- 21-03-2025

| Sl. No | Name of Work | Estimated Cost | Earnest Money | B.O.Q Rate | Time of completion |
|---|---|---|---|---|---|
| 1 | Proposed Construction of 50 Beded S.T. Boys Hostel in Rajaya Samposhit High School Harley Block - Barkagaon, Dist - Hazaribagh For The Year 2024-2025 | 20125246/- | 402600/- | 10000/- | 9 Month |

| | | |
|---|---|---|
| A. | Date of Publication of Tender on website | 26-03-2025 |
| B. | Last date/Time for receipt of bids | 11-04-2025 03.00 PM |
| C. | Name & address of office Inviting tender | Office of the Executive Engineer, Building Construction Department, Building Division,Hazaribag |
| D. | Contact no. of Procurement officer | 9348952485 |
| E. | Helpline number of e-Procurement cell | 06546-225723 |

*Further details and subsequent amendments can be seen on website* http://jharkhandtenders.gov.in

Nodal Officer, e-Procurement Cell,
Office of the Executive Engineer,
Building Construction Department,
Building Division, Hazaribag

PR 349013 Building(24-25)#D

ଓଡ଼ିଶା ଭାସ୍କର
ODISHA BHASKAR

# ସାହିତ୍ୟ





## ହେ ସତ୍ୟ ଶିବ ସୁନ୍ଦର

**ନଳିନୀ ଦାଶ**

ତୁମେ ମହାଯୋଗୀ ସଂସାର ବୈରାଗୀ
ହେ ସତ୍ୟ ଶିବ ସୁନ୍ଦର
ତୁମେ ମହାତପ ତୁମେ ମହାଜପ
ଆହେ ଜଗତ ଈଶ୍ୱର ।

କଇଳାସ ଯତି ହେ ପାର୍ବତୀ ପତି
ତୁମେ ସୁଖ ପାରାବାର
ଅଗତିର ଗତି ପ୍ରଭୁ ପଶୁପତି
ସବୁରି ଦୁଃଖକୁ ହର ।
ହେ ଭୋଳାଶଙ୍କର କଷଣ ମୋହର
ଫେଡ଼ ଯୋଡ଼ୁଅଛି କର
ଆହେ ତ୍ରିପୁରାରୀ ଶ୍ମଶାନବିହାରୀ

ରୋଗ ଶୋକ କର ଦୂର ।
ଶରଧା ତୁମର ଚମ୍ପକର ହାର
ତ୍ରିପତ୍ରୀ ବେଲ ପତର
କେତକୀ ବଉଳ ଅରଖର ମାଳ
ଢ଼ାଳିଦେବି ଗାଈକ୍ଷୀର ।
ବାଘ ଛାଲ ପିନ୍ଧି ମୁଣ୍ଡେ ଜଟା ବାନ୍ଧି
ହାତରେ ତ୍ରିଶୂଳ ଧରି

ଭସ୍ମ ଲେପିଅଛ ମଶାଣି ଜଗୁଛ
ତୁମେ ହେ ପିନାକଧାରୀ ।
ପ୍ରଭୁ ତ୍ରିଲୋଚନ କର ହେ ଖଣ୍ଡନ
ଦୁଃଖ ହେଉ ମୋର ଶେଷ
ମଥାରେ ମୋହର ଆଶିଷର ଝର
ଖରାଅ ହେ ଆଶୁତୋଷ ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୬୭୪୯*

# ପୁଅ ଫେରିଛି

**ଆଦ୍ୟାଶା ମହାପାତ୍ର**





ସମ୍ଭାବ୍ୟ ଯୁଦ୍ଧର ଅବ୍ୟବହିତ ପୂର୍ବରୁ ଡାକରା ପାଇ ପୁଅ ତା କର୍ମକ୍ଷେତ୍ରକୁ ବାହାରିବା ବେଳକୁ ମାଆ ହତୋତ୍ସାହିତ ହୋଇପଡୁଥିଲେ। ମାଆ ଲୁଚି ଲୁଚି କାନ୍ଦୁଥିଲେ ବୋଲି ଅନୁଭବ କଲା ପୁଅ।

-' ଦେଶ ପାଇଁ ଯୁଦ୍ଧରେ ଭାଗ ନେବା ସୌଭାଗ୍ୟର କଥା ମାଆ। ସମସ୍ତଙ୍କ ପାଇଁ ଏ ସୁଯୋଗ ଆସେନି। ଯଦି ଯୁଦ୍ଧ ହୁଏ ମୁଁ ମୋ ପରାକାଷ୍ଠା ଏମିତି ଦେଖାଇବି ଯେ ତୁମେ ମୋ ପାଇଁ ଗର୍ବ ଅନୁଭବ କରିବ। ଏ ଦେଶ ମୋତେ ମନେ ରଖିବ। ଇତିହାସରେ ଲେଖାଯିବ ଶ୍ରୀମତୀ ବିଜୟା ପଟ୍ଟନାୟକଙ୍କ ପୁଅ କମାଣ୍ଡର ବିକ୍ରମ କେଶରୀ ପଟ୍ଟନାୟକଙ୍କ ପରାକ୍ରମ ସର୍ବୋତ୍ତମ।'

-' ସେତିକି ଥାଉ ଡ୍ରାମେବାଜ କରେନା। ମାଆକୁ ଆଶ୍ୱାସନା ନଦେଇ,ଡାଇଲଗ୍ ମାରିଲା। ନିଜ ପ୍ରତି ଯତ୍ନବାନ ହେବା ବି ଯୋଦ୍ଧାର କର୍ତ୍ତବ୍ୟ। ନିଜ ପ୍ରତି ସଜାଗ ରହି ଶତ୍ରୁକୁ ନିପାତ କରିବାକୁ ଟ୍ରେନିଂରେ କୁହାଯାଇନାହିଁ କି ? 'ହସି ହସି କହିଲେ ବାପା ଅରିନ୍ଦମ ପଟ୍ଟନାୟକ।

-' ବାପା, ତୁମେ ରିଟାୟାର୍ଡ କର୍ଣ୍ଣେଲ ହୋଇ ଏମିତି କଥା କହୁଛ ? ଦେଶ ପାଇଁ ରକ୍ତ ଦେବାକୁ ହେଲେ ଯୋଦ୍ଧା କ'ଣ କେବେ ପଛଘୁଞ୍ଚା ଦେଇ ଫେରି ଆସିବ ?'

-' ସେତିକି କଥା ଥାଉ। ଫ୍ଲାଇଟ ଟାଇମ୍ ହୋଇଯିବ। ଯୁଦ୍ଧ ହେଉଛି କି ନାହିଁ ଠିକ୍ ନାହିଁ, ସେ ବିଷୟରେ ଏବେଠୁ କଥା ଆରମ୍ଭ କଲାଣି... ! ଯୁଦ୍ଧ ହିଁ ହେବ ନାହିଁ, ମୋ ଅଭିଜ୍ଞତାରୁ କହୁଛି।' ପତ୍ନୀ ବିଜୟାଙ୍କୁ ଆଶ୍ୱାସନା ଦେବାକୁ ଚେଷ୍ଟା କରୁଥିଲେ ଅରିନ୍ଦମ।

ପୁଅ ମାଆକୁ ଯଥା ସମ୍ଭବ ଆଶ୍ୱାସନା ଦେଇ ଘର ଛାଡିଥିଲା। ଗୋଟିଏ ମାଆ ମନରେ କେତେ ଚିନ୍ତା କେତେ ଉଦ୍‌ବେଗ ବୁଝି ପାରୁଥିଲେ ଅରିନ୍ଦମ। ଯେତେ ଯାହା ଉପରକୁ କହିଲେ ବି ସେ ବି ବାପା ହିସାବରେ ନିଜେ ଟିକିଏ ଜଡସଡ ହୋଇ ଯାଉଥିଲେ ଭିତରେ ଭିତରେ।

ବିଜୟା ଚୁପଚାପ୍ ବସିଥିଲେ। ମନେ ପଡ଼ିଲା ବିକ୍ରମର ଛୋଟ ବେଳର କଥା। ଏଇ ନଅ ଦଶ ବର୍ଷର ହୋଇଥିବ। ସ୍କୁଲରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ବିଷୟବସ୍ତୁ ଥିଲା -' ଇୟୁର୍ ଡ୍ରିମ୍'। ପ୍ରଥମ ପୁରସ୍କାର ପାଇଥିଲା ବିକ୍ରମ।

ତା'ର ଚିତ୍ର ଥିଲା - ସବୁଜ ରଙ୍ଗର ଟୋପି, ପୋଷାକ, କାନ୍ଧରେ ରାଇଫଲ,ଭଗତ ସିଂଙ୍କ ଭଳି ନିଶ ରଖିଥିବା ଯୁବକଟିଏର ଚିତ୍ର। ଉପରିଭାଗରେ ଯୁଦ୍ଧ ବିମାନର ଛୋଟ ଏକ ନକ୍ସା।

ସେଇ ଚିତ୍ର ଦେଖି ଅରିନ୍ଦମ ଖୁସିରେ ନାଚି ଉଠିଲେ ଯେମିତି। କହିଲେ -'ମାଇଁ ସନ ଉଇଲ ବି ଏ ଗ୍ରେଟ୍ ଫାଇଟର।' ସେଦିନ ବିଜୟାଙ୍କ ମା' ମନ କିନ୍ତୁ ଗୁମୁରି ଉଠିଥିଲା। ଯୁକ୍ତି କରିଥିଲେ ସ୍ୱାମୀଙ୍କ ସହିତ।

-' କାହିଁକି ଆଉ କ'ଣ କିଛି ରାସ୍ତା ନାହିଁ ଆମ ପୁଅ ପାଇଁ। ତା' ପିଲା ମନରେ ଗୋଟିଏ ନିର୍ଦ୍ଦିଷ୍ଟ ଚିନ୍ତାଧାରା ନପୁରାଇ ବିଭିନ୍ନ ଦିଗ ବିଷୟରେ କହିବା ଉଚିତ୍। ତାପରେ ତା ବାଟ ସେ ନିଜେ ହିଁ ବାଛିବ।' ଅବିନାଶ ଆଉ କିଛି କହିନଥିଲେ ସେଦିନ।

ଆହୁରି ପଛଦିନକୁ ଫେରିଲେ ବିଜୟା। ପୁଅ ଖଟ ଉପରେ ଶୋଇ ଶୋଇ ଅନେକ ସମୟରେ ଏପଟସେପଟ ଚାହିଁ ହାତ ଗୋଡ ହଲାଇ ଖେଳେ। ତା' ପିଲାମନ କ'ଣ ଭାବୁଥାଏ କେଜାଣି! ଅରିନ୍ଦମ ଦିନେ କହିଲେ -' ଦେଖ ପୁଅ କେମିତି ପ୍ୟାରେଡ ଅଭ୍ୟାସ କରୁଛି ଏବେଠୁ।ଦେଖ ତା ମୁହଁରେ କେମିତି ହସ ଖେଳୁଛି।' ହେଲେ ପର ମୁହୂର୍ତ୍ତରେ ବିଜୟା ଙ୍କ ଉଦାସ ମୁହଁ ଦେଖି ସବୁ ବୁଝିଗଲା ପରି ଚୁପ୍ ରହିଲେ।

ପରିସ୍ଥିତିର ଫାଇଦା ଉଠାଇବାକୁ ବିଜୟା କହିଲେ -'ମୋ ପୁଅ ତ ଦେଖୁଛି ଘର, କାନ୍ଥ,ଛାତ, ଫ୍ୟାନ ଇତ୍ୟାଦିର ନିର୍ମାଣ ଶୈଳୀ। ସେ ଭାବୁଛି ଏ ସବୁ ଜିନିଷରେ କିଛି ଚମତ୍କାରିତା ନାହିଁ। ସେଥିପାଇଁ ହସୁଛି। ସେ ହେବ ସାଇଣ୍ଟିଷ୍ଟ। ବିଶ୍ୱ ବ୍ରହ୍ମାଣ୍ଡର ଅଜଣା ତଥ୍ୟକୁ ସାମ୍ନାକୁ ଆଣିବ।' ଏତିକି ବେଳକୁ ପୁଅର ଡାଇପର ବଦଳେଇବାକୁ ବିଜୟାଙ୍କୁ ଚେତେଇ ଦେଲେ ଅରିନ୍ଦମ।

ବିଜୟା ଡାଇପର ପାଇଁ ଗଲାବେଳକୁ ଅରିନ୍ଦମଙ୍କୁ ଜଗାଇ ଦେଇଯାଇଥିଲେ ପୁଅକୁ। ପୁଅ ଯେ କେତେବେଳେ ଛୁରିରେ ହାତ ପକେଇ ଦେଇଛି ଜଣାନାହିଁ ଅରିନ୍ଦମଙ୍କୁ। ବିଜୟା ଆସି ପୁଅ ହାତରେ ରକ୍ତ ଦେଖି ଭୟରେ ଏକରକମ ଚିତ୍କାର କରି ଉଠିଲେ। ଅରିନ୍ଦମଙ୍କ ଉପଚାରରେ ପୁଅ ହାତରୁ ରକ୍ତସ୍ରାବ ବନ୍ଦ ହୋଇ ଯାଇଥିଲା ଖୁବ୍ ଶୀଘ୍ର।

ତଥାପି ବିଜୟା ଆରମ୍ଭ କରିଦେଲେ ସ୍ୱାମୀଙ୍କ ଉପରେ ଦୋଷାରୋପ।

'ମୁଁ ବସି ପୁଅକୁ ଜଗି ସିଲେଇ କରୁଥିଲି। ତୁମେ ନୂଆ ଡାଇପର ଆଣି ବଦଳେଇ ଦେଇଥିଲେ ଏମିତି ଦୁର୍ଘଟଣା ହେଇନଥାନ୍ତା ।ଯିଏ ନିଜ ପୁଅର ଦାୟିତ୍ୱ ନେଇପାରୁ ନାହାନ୍ତି , ସେ କେମିତି ଦେଶର ଦାୟିତ୍ୱ ସମ୍ଭାଳୁଛନ୍ତି ?ହାଇଲା ଭଳି କହିଲେ ବିଜୟା।

-' ଦି ଚାରି ବୁନ୍ଦା ରକ୍ତ ଦେହରୁ ପଡ଼ିଗଲେ ତୁମେ ଏତେ ନର୍ଭସ ହେଉଛ, ହେଲେ ଗୋଟିଏ ସୈନିକ ଦେଶ ପାଇଁ କେତେ ଯେ ରକ୍ତ ବୁହାଇ ଦିଏ ତୁମେ ଜାଣିଛ !'

ବାସ୍ ବିଜୟାଙ୍କୁ ଆଉ ସମ୍ଭାଳେ କିଏ ? ଚିହିଁକି ଉଠିଲେ ସ୍ୱାମୀଙ୍କ ଉପରେ। -'ଏମିତି କଥା କହିବାକୁ ତୁମର ଇଚ୍ଛା କେମିତି ହେଲା ? ତୁମେ ଭଲ୍ୟୁଣ୍ଟାରୀ ରିଟାୟାରମେଣ୍ଟ ନେଇଯାଅ ଏବେ ଏବେ। ଆଉ ମନେରଖ। ମୋ ପୁଅକୁ କେବେ ବି ଅନୁମତି ଦେବିନି ତୁମ ସ୍ୱପ୍ନ ପୂରଣ କରିବାକୁ।

ବିଜୟାଙ୍କ କଥାରେ କିନ୍ତୁ ହତୋତ୍ସାହିତ ହୋଇ ନଥିଲେ ଅରିନ୍ଦମ। ପୁଅର ପ୍ରଥମ ଜନ୍ମଦିନରେ ସେ ବିଜୟାଙ୍କ ବରାଦ ଅନୁସାରେ ଆଣି ଦେଇଥିଲେ ପ୍ରଭୁ ଜଗନ୍ନାଥଙ୍କ ଛବି ଥିବା ସୁନାର ଲକେଟ୍ ଆଉ ନିଜ ତରଫରୁ ପୁଅ ପାଇଁ ଆଣିଥିଲେ ସବୁଜ ରଙ୍ଗର ପୋଷାକ,ଟୋପି ଆଉ ଖେଳନା ରାଇଫଲଟିଏ। ହେଲେ ପ୍ରଥମଥର ବିଜୟା ଏସବୁ ଦେଖି ହସିଥିଲେ। ପୁଅକୁ ପିନ୍ଧାଇ ଥିଲେ ବି ସେଇ ଡ୍ରେସ୍। ପୁଅ ଦିଶୁଥିଲା ଅପୂର୍ବ ସୁନ୍ଦର!

ବିଜୟା ଦେଖୁଥିଲେ ପୁଅର ଗାଢ଼ ନୀଳ ଆଖିର ଡୋଳାକୁ। ସଫା ଧଳା ଆଖିରେ ଗାଢ଼ ନୀଳ ଡୋଳା ଓ ଘନ କଳା ଭ୍ରୂଲତା ।ଟୋପି ତଳକୁ ଝୁଲିପଡ଼ିଥିଲା କିଛି କୁଞ୍ଚୁକୁଞ୍ଚିଆ କେଶ। ଖୁସିରେ ପ୍ରଗଳ୍ଭା ହୋଇଯାଉଥିଲେ ଯେମିତି..!

କ୍ଷଣିକରେ ଚମକି ପଡିଲେ ନିଜେ। ପୁଅ ଉପରେ ନଜର ପକାଉଛନ୍ତି ନିଜେ ମାଆ ହୋଇ..!!

ବିଧିର ବିଧାନ ବିଚିତ୍ର। ଦ୍ୱାଦଶ ପରୀକ୍ଷା ପରେ ବିକ୍ରମ ଏନ୍ ଡି ଏ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହେଲା। ସେଥିରେ ଯୋଗ ଦେବାକୁ ଉତ୍ସାହିତ ହୋଇପଡିଲା। ବିଜୟା ବୁଝାଇଥିଲେ ଆଇ ଆଇଟି କିମ୍ବା ମେଡିକାଲ ଏଣ୍ଟ୍ରାନସ ଦେବାକୁ। ହେଲେ ସେ ବୁଝାଇ ମନେଇ ଦେଇଥିଲା ମାଆକୁ।

ବିକ୍ରମ ତା ପସନ୍ଦର ଏୟାର ଫୋର୍ସ ଇନଷ୍ଟିଚ୍ୟୁଟରେ ସିଟ୍ ପାଇଥିଲା। ଖୁସିରେ ଯେମିତି ତା'ର ଡେଣା ଲାଗିଯାଇଥିଲା। ପୁଅର ସଫଳତା ଆଉ ଖୁସିରେ ସାମିଲ୍ ହୋଇ ପାରୁନଥିଲେ କିନ୍ତୁ ବିଜୟା।

ଏବେ ପୁଅକୁ ବାଇଶ ବର୍ଷ। ସରଳ,ସତେଜ, ବିଶ୍ୱାସ ଭରା ତା'ର ଚାହାଣି। ମୁହଁ ସଦା ହସ ହସ । ଆଃ.. କୋଟିଏରେ ଗୋଟିଏ। ସେ ଦୂରରେ ଥିଲେ ବି ଦିଶିଯାଏ ତା'ର ଛବି, ତା'ର ଠାଣି..!

ଯୁଦ୍ଧ ସରିଛି । ବିକ୍ରମ ଶତ୍ରୁ ପକ୍ଷର ଶିବିର ଧ୍ୱଂସ କରିଛି । ଏକା ଷୋହଳ ଜଣଙ୍କୁ ନିପାତ କରିଛି ବୋଲି ସମ୍ବାଦପତ୍ର, ଟିଭି ଚ୍ୟାନେଲ ମାନେ ତା ପ୍ରଶଂସାରେ ଶତମୁଖ। ହେଲେ ପୁଅ ସହିତ କଥା ହୋଇ ପାରିନଥିବା ବିଜୟା ଏବଂ ଅରିନ୍ଦମ ଚିନ୍ତାରେ ଅଛନ୍ତି।

ହଠାତ୍ ଖବର ଆସିଲା ନିଖୋଜ ବିକ୍ରମ ମିଳିଛି। ପୁଅ ଆଜି ଫେରୁଛି। ପ୍ରତୀକ୍ଷିତ ବିଜୟା ଆଉ ଅରିନ୍ଦମ। ପୁଅ ଏକା ଆସିନାହିଁ। ଆସିଛନ୍ତି ତା ସାଥିରେ କେତେ ଯବାନ। ବିକ୍ରମ କୁଆଡେ ଯୁଦ୍ଧର ନାୟକ। ଶତ୍ରୁକୁ ମୁହଁ ତୋଡ ଜବାବ ଦେଇଛି। ତେଣୁ ସାଥି ମାନେ ତାକୁ କାନ୍ଧରେ ବୋହି ପଟୁଆରରେ ଆଣୁଛନ୍ତି। ତା ଜନ୍ମ ବେଳକୁ ସିନା ଆସିଥିଲେ ନିମନ୍ତ୍ରିତ ଅତିଥିମାନେ। ଆଜି ଆସିଛନ୍ତି ଅନିମନ୍ତ୍ରିତ ଅଗଣିତ ଲୋକ। ଆସିଛନ୍ତି ସେମାନେ ବିଜୟୀ ବୀରକୁ ଦେଖିବା ପାଇଁ। ହେଲେ ଚାରିଆଡେ ସ୍ତବ୍ଧ..! କୋଳାହଳ ଶୂନ୍ୟ ପରିବେଶ।

ପୁଅ ଯେମିତି ଗେଟ୍ ପାଖରୁ ଦୁଇ ଖେପାରେ ମାଆ ପାଖରେ ପହଞ୍ଚେ ଆଜି ଆସିନି। ଏଥର ତା' ଆଙ୍ଗୁଳି ଆଉ ମାଆର ପାଦ ଛୁଇଁନି।

ବିଜୟା ନିଜେ ଏଥର ନସର ପସର ହୋଇଧାଇଁଛନ୍ତି ପୁଅ ପାଖକୁ। ପୁଅର ହାତର ଆଙ୍ଗୁଳି ଗୁଡିକ ଦିଶୁନାହିଁ କାହିଁକି? ପାଦ ଦୁଇଟାକୁ କିଏ ଅଲଗା କରିଛି ତା' ଦେହରୁ..? ସିନ୍ଦୁଏ ନୁହେଁ ସିନ୍ଦୁଏ ହେବ ରକ୍ତ ତା ପୋଷାକକୁ ରକ୍ତ ଜୁଡୁବୁଡୁ କରି ଶୁଖି ଯାଇଛି। ଗୋରା ତକତକ ଦେହରେ ତା'ର କିଏ ଲେପି ଦେଇଛି ରକ୍ତିମ ଫଲଗୁ ! ତା'ର ଢଳ ଢଳ ନୀଳ ଆଖି ଦୁଇଟିକୁ କିଏ ଉତାରି ନେଇଛି..? କାନ ଦୁଇଟି ବିରାନ...!! ଆଉ ପୁଅକୁ ଦେଖି ପାରୁନଥିଲେ ବିଜୟା ।ଲୋଟି ପଡିଲେ ପୁଅ ଉପରେ..!

ପୁତ୍ରହରା ମାଆର ବାହୁନା କିଛି କ୍ଷଣରେ ନୀରବି ଯାଇଥିଲା। ବିଜୟା ଆଉ ଇହ ଜଗତରେ ନାହାନ୍ତି ବୋଲି ଡାକ୍ତର ଘୋଷଣା କଲେ।

ବିଜୟା ପୁଅକୁ କୋଳରେ ବସେଇ ବିମାନରେ ସ୍ୱର୍ଗାରୋହଣ କରୁଛନ୍ତି...। ସେମିତି କିଛି ଦୃଶ୍ୟ ତାଙ୍କ ସ୍ୱପ୍ନରେ ବାରମ୍ବାର ଆସେ ବୋଲି କୁହନ୍ତି ଅରିନ୍ଦମ। ସେଇ ସମୟରେ ଲୁଚେଇବାକୁ ଚାହିଁ ବି ସେ ଲୁଚାଇ ପାରନ୍ତିନି ତାଙ୍କ ଅଶ୍ରୁସଜଳ ଆଖିକୁ...!!!

*ନୂଆପଡା, କଟକ*

## କବିତା ଗୁଚ୍ଛ

### ଜୀବନ

**ସୁଦର୍ଶନ ମହାପାତ୍ର**

ପ୍ରାଣ ଛଳଛଳ ଆବେଗତା ଯେବେ
ହୋଇଯାଏ ମୁହ୍ୟମାନ
ଚିହ୍ନା ମୁହଁ ସେଠି ଲାଗଇ ଅଚିହ୍ନା
ଅସାର ଲାଗେ ଜୀବନ ।।
ଅୟୁତ ସ୍ୱପ୍ନର ସମ୍ଭାବନା ଯହିଁ
ଭରସା ହରେଇ ଦିଏ
ବିବଶତା ତହିଁ ଜୀବନ ପଥରେ
ଚୋରାବାଲି ରୂପ ନିଏ ।।
ଜୀବନେ ଆସିଲେ ବୈଶାଖୀର ଝଡ
ଆଣେ ମନେ ଅବସାଦ
ମନ ଗହୀରରେ ଉଦ୍ଭଳିତ ବନ୍ୟା
ଭାଙ୍ଗିଦିଏ ଧୈର୍ଯ୍ୟ ବନ୍ଧ ।।
ହୃଦ ଅଗଣାରେ ମଉଳା ଫୁଲର
ଛାଇଯାଏ ଆସ୍ତରଣ
ଜୀବନ ଆକାଶେ ଫିକା ଫିକା ଲାଗେ
ଅପରୂପା ରୂପା ଜହ୍ନ ।।
ବିଶ୍ୱାସତା ଯେବେ ମରୁଭୂମି ସାଜେ
ଆଶା ସାଜେ ମରୀଚିକା
ହସ ଲୁହ ଭରା ଜୀବନ ନାଟକେ
ପଡ଼ିଯାଏ ଯବନିକା ।।
ପ୍ରଣୟ ବିରହ ବୈରାଗ୍ୟ ଆନନ୍ଦ
ସବୁ ତ ପ୍ରାରବ୍ଧ ଲେଖା
ସ୍ଥିତପ୍ରଜ୍ଞ ହୋଇ ସମୟ ପଢଇ
ଜୀବନ ପୋଥିର ଗାଥା ।।

*କୁଞ୍ଜବିହାରୀ ଲେନ, କଟକ*
*୯୪୩୮୧୭୫୫୪୨*



## ଋତୁରାଜ ବସନ୍ତ

**ସଦାଶିବ ବିଶ୍ୱାଳ**

ଋତୁରାଜ ଶିର ଆଭରଣ
ପୁଷ୍ପ କିରୀଟକୁ ନେଇ
ଶୃଙ୍ଗାରେ ବିଭୋର ହୋଇ ଧରାକୁ
ସଦର୍ପେ ଆସେ ଆଗେଇ।

ପଞ୍ଚମ ତାନରେ କୋଇଲିଟି ଗାଏ
ସ୍ୱାଗତିକା ଗାଏ ଧରା
ଏବେ ଯୁଗଳ ବନ୍ଦୀରେ ଅଛନ୍ତି
ଆଜନ୍ମ ବଇରୀ, ଶୀତ ସାଥେ ଟିକେ ଖରା।

ମନ୍ଦ ମନ୍ଦ ବହଇ ମଳୟ
ସୁମନ ବାସ ଚୋରାଏ
ବାସ ବିତରଇ ବିଲ ବଣ ପ୍ରାନ୍ତେ
ମହୀ ଉଲ୍ଲସିତ ହୁଏ।

ପଳାସ ଶିମିଳି ଫୁଲ ରକ୍ତ ରଙ୍ଗ
ଆକର୍ଷେ ପଥିକ ଆଖି
ହୁଏ ଆନମନା ପଥିକ ବାପୁଡ଼ା
ତା' ମନ ପ୍ରାଣ ଯାଏ ଲାଖି।

କମଳ ଉଠଇ ପଙ୍କ ଶିରେ ନେଇ
ଗ୍ରହରାଜ ପଥ ଚାହେଁ
ଦୁଷ୍ଟ ମଳୟ ତା' ତନୁ ଛୁଇଁଲେ
ରୋଷେ ମୁହଁ ମୋଡି ଦିଏ।

ମୁକୁଳିତ ହୁଏ ଚୂତ ବଉଳରୁ
ଝରିଯାଏ ପ୍ରୀତି ମଧୁ
ସଦା ମଧୁମୟ ଏଇ ଋତୁରାଜ
ସତରେ ମଧୁର ସିନ୍ଧୁ।

ରାଧାବିନୋଦଙ୍କ ପଞ୍ଚ ମେଲଣେ
ବସଇ ଅବିର ହାଟ
ରଙ୍ଗର ବର୍ଷାରେ ତନୁମନ ଭିଜେ
ଲୁଟଇ ରାଧା ମହତ।

ଜ୍ଞାନଦାୟୀ ହଂସ ବାହିନୀଙ୍କ
ବସନ୍ତ ପଞ୍ଚମୀ ଯାତ
ବାସନ୍ତୀ ପୂଜା ମହୋତ୍ସବ
ବଢାଏ ଋତୁ ମହତ।

*ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ*
*କଷ୍ଟ ଆକାଉଟାଣ୍ଟ*
*ଅଙ୍ଗାରୁଆ, କେଉଁଝର*



## ଅପହୃତ ଶୈଶବ

**କୈଳାସ ଚନ୍ଦ୍ର ପଣ୍ଡା**

ଶୁଣିଥିଲା ମାତାଗର୍ଭେ ଶୈଶବ ବିଷୟ
ଜୀବନର ସବୁଠାରୁ ଅମୂଲ୍ୟ ସମୟ ।
ନିଷ୍ପାପ ହୃଦୟେ ନାହିଁ ପାତର ଅନ୍ତର
କୋଟି ହୃଦୟକୁ ଜିତେ ହସଟି ତାହାର ।।
ଧୂଳି ଧୂସରିତ ଦେହ ସାଥେ ବାଲିଖେଳ
ସାଙ୍ଗ ସାଥିଙ୍କ ସହିତ ମିଛ ଗଣ୍ଡଗୋଳ ।
ପାଞ୍ଚ ବର୍ଷ ଯାଏ ଥାଏ ଲାଳନପାଳନ
ହସ ଖୁସି ଭରା ସେହି ଶୈଶବ ଜୀବନ ।।
ଖୋଜି ଏବେ ପାଉନାହିଁ ତାର ସେ ଶୈଶବ
ଜନ୍ମରୁ ଆବଦ୍ଧ ସେହି ଯେହ୍ନେ ପୋଷା ଜୀବ ।
ଦେଖିଲାନି ଦୁନିଆ ସେ ପାଇଲାନି ସ୍ନେହ
କାହାର ଶରୀର ସ୍ପର୍ଶ ନପାଇଲା ଦେହ ।।
ଜେଜେ ବାପା ଜେଜେ ମାଆ ଆଉ ଅଜା ଆଇ
ବସି ତାଙ୍କ ପାଖେ କେବେ ଗପ ଶୁଣି ନାହିଁ ।
ପରିବାର ବୋଲି ଖାଲି ଜାଣେ ବାପା ମାଆ
ଦେଖିଛି ଜାଣିଛି ଖାଲି ଏତିକି ଦୁନିଆ ।।
ଆଉ କେହି ଦୁନିଆରେ ଛନ୍ତି ଶୁଭାକାଂକ୍ଷୀ
କାହାକୁ ଚିହ୍ନିଲାନି ସେ ପାରିଲାନି ଦେଖି ।
ସାଙ୍ଗ ସାଥି ଧୂଳି ଖେଳ ତା' ପାଇଁ ସପନ
ପ୍ରାକୃତିକ ପରିବେଶ ଠାରୁ ହେଲା ଭିନ୍ନ ।।
ଦେଖି ନାହିଁ ବୃକ୍ଷ ଲତା ଦେଖିନାହିଁ ପାଣି
ଶରୀର ପ୍ରତିଷେଧକ ଦୁର୍ବଳ ହେଲାଣି ।
ପିତା ମାତା ଦ୍ୱୟ ତାର କରନ୍ତି ଚାକିରି
ଧାଇ ମାଆଙ୍କ ଯତ୍ନରେ ଯାହା ବଢେ ଖାଲି ।।
ଦୁଇ ବର୍ଷ ନହେଉଣୁ ଗଲା ବିଦ୍ୟାଳୟ
କାନ୍ଧରେ ବୋହିଲା ଭାର ନଥିଲେ ସମୟ ।
ପିଲାଟି ଦିନରୁ ପାଠ ପଢିବାକୁ ଗଲା
ଖାଲି ସମୟରେ ଯାହା ଟିଉସନ ହେଲା ।।
ଖେଳ କୁଦ ଦିନେ ହେଲେ ସେହି କରିନାହିଁ
କେମିତି ପାଳନ ହେଲା ବୁଝିଲେନି କେହି ।
ଜନମରୁ ଦାୟିତ୍ୱ ତା' ପଡିଲା କାନ୍ଧରେ
କିଏ ନେଲା ତା ଶୈଶବ ଜାଣି କେ ନପାରେ ।।
ଲିଭି ଯାଉଛି କାହିଁକି ତା ମୁହଁର ହସ
କବିଙ୍କ ଆଖିରେ ପରା ସେହିଟି ପୀୟୂଷ ।
ଅବଶିଷ୍ଟ ଜୀବନ ତା ଖାଲି ଦୁଃଖମୟ
କାହିଁକି ମାନବ ଶିଶୁ ପ୍ରତି ତୁ ନିର୍ଦ୍ଦୟ ।।
ଚିନ୍ତାମୁକ୍ତ ହୋଇ କେବେ ବଞ୍ଚିବ ଜୀବନ
ସ୍ନେହ,ପ୍ରେମ ପ୍ରୀତି ହେଲା କାହିଁକି ସପନ ।
ସାମାଜିକ ମନବୃତ୍ତି ହେବ ତା କିପରି
ଭବିଷ୍ୟତ ସମାଜକୁ ଦିଅ ନଷ୍ଟ କରି ।।
ସ୍ନେହ ପ୍ରୀତି ବନ୍ଧନରେ କେବେ ହେବ ବନ୍ଧା ।
କାହିଁକି ତା ଶୈଶବରେ ଆସେ ଏତେ ବାଧା ।।

*ତଳବେରେଣୀ ସାନ୍ଧା, ଢେଙ୍କାନାଳ*



## ବସନ୍ତ ଋତୁ

**ରାଧାରାଣୀ ପଟ୍ଟନାୟକ**

ଛାତି ଥରା ଶୀତ ବିଦାୟ ନେଲାଣି
ଆସିଛି ବସନ୍ତ ଏବେ
ପ୍ରଫୁଲ୍ଲ ଚିତରେ ଧରଣୀ ହସୁଛି
କୋଇଲିର କୁହୁ ତାନେ (୧)

ଆଦ୍ୟ ବସନ୍ତର ପ୍ରିତି ଗଛ ଡାଳେ
ପତ୍ର ହୁଏ ପଲ୍ଲବିତ
ପ୍ରିତି ପ୍ରଣୟିନୀ ପିକ ଟିଏ କୁଞ୍ଜେ
ସୁ ମଧୁରେ ଗାଏ ଗୀତ (୨)

ଫୁଲର ବାସରେ ମହକି ଉଠୁଛି
ମର୍ତ୍ତେ ଅତର ଝରୁଛି
ସୁନେଲି ରଙ୍ଗର ସୋରିଷ କ୍ଷେତଟି
ମୁରୁକି ମୁରୁକି ହସୁଛି (୩)

ଦେହେ ଦେହେ ଖେଳେ କେତେ ଶିହରଣ
ଆଖିରେ କେତେ ସପନ
ପ୍ରେମ ର ପର୍ବ ଧରାକୁ ଆସିଛି
ରଙ୍ଗରେ ଭରେ ଜୀବନ (୪)

*ଚନ୍ଦନ ନଗର, ବରଗଡ*
*ମୋ-୮୯୧୭୨୩୭୧୩୭*

## ଅଭାଗିନୀ ସୀତା

**ପ୍ରଶାନ୍ତ କୁମାର ଦାଶ**

ଅଭାଗିନୀ ସୀତା ଯାଏ
ତାର ଶାଶୂଘର
ପିଲାଦିନ ଧୂଳିଖେଳ
କରି ସାତପର ।।
ଶାଢି ଶଙ୍ଖା ଚୁଡି ପିନ୍ଧି
ସାଜି ବୋହୂବେଶ
ସିନ୍ଦୁର ନାଇ ସଜେଇ
ତା ସୁନ୍ଦର କେଶ ।।
ବାହାହେଇ ବେଦୀରେ ସେ
କଉଡ଼ି ଖେଳିଲା
ଅଞ୍ଜୁଳି ଚାଉଳ ଦେଇ
ମେଲାଣି ଘେନିଲା ।।
ଆଖିଲୁହ ଢାଳି ଶେଷେ
ତୁଟାଇଲା ମୋହ
ଭରିଗଲା ତାଛାତିରେ
ଅମାନିଆ କୋହ ।।
ସେତ କାହା ଅମାନତ
ନଥିଲା ତାଜାଣି
ସାଜିଥିଲା ଜନମରୁ
ସେ କଣ୍ଢେଇରାଣୀ ।।
ନଈପଠା ଆମ୍ବତୋଟା
ସବୁ ହେଲେ ପର
ଅଭାଗିନୀ ସୀତାଯାଏ
ତାର ଶାଶୂଘର ।।
କେ ଜାଣେ ସୁଖ କି ଦୁଃଖ
ତା କପାଳେ ଲେଖା
ବିଧାତା ଦେଇଛି ଟାଣି
କଷଣର ରେଖା ।।
ଅଭାଗିନୀ ସୀତା ଝୁରେ
ସବୁ ସ୍ମୃତି ତାର
ଯାଏ ଦିନ ଆସେ ରାତି
ଝରେ ଲୁହଧାର ।।

*କୁଞ୍ଜର, ସଙ୍ଗଲାଇ*
*ପିପିଲି -ପୁରୀ*
*ମୋ- ୯୬୬୮୮୨୨୧୯୦*

## ପ୍ରୀତି ନୀଳାକାଶ

**ସୁକାନ୍ତ ଚରଣ ଖୁଣ୍ଟିଆ**



ତୋ ହୃଦୟର ଭାବନା ମୁଁ
ମଳୟ ବସନ୍ତ
ତୋ ସପନର ବାଲିଘର
ପ୍ରୀତି ସପ୍ତରଙ୍ଗ ।

ତୋ ଯଉବନ ଅହଙ୍କାର
ପୀରତି ବାସନା
ମୋ ନିଧୁବନ ବନ୍ଧନର
ପାହାନ୍ତି ଆଇନା ।

ତୋ ମନତଳ ଆପଣାର
ପ୍ରୀତିର ପ୍ରଦୀପ
ମୋ ନିରୋଳାର ଅନଶ୍ୱର
ପ୍ରେମର ପ୍ରଲେପ ।

ତୁ ପ୍ରକୃତିର ଜହ୍ନରାତି
ଜୋଛନା ପରଶ
ମୋ ହୃଦୟର ରୂପକାନ୍ତି
ଅତଳ ସଂଘର୍ଷ ।

ତୋତେ ଦେଖି ଏ ଜହ୍ନରାତି
କରେ ଇର୍ଷା ଭାବ
ତା ନିର୍ବିକଳ୍ପ ଆକାଶଠୁ
(ମୋ) ପ୍ରିୟା ଶୀର୍ଷ ଭାବ ।

ତୁ ଆନନ୍ଦର ମଧୁବନ
ରଜନୀ, ପଳାଶ
ମୋ ଦିବ୍ୟସ୍ରୋତ ରଜନୀର
ନବିନ ଅତସ ।

ମୁଁ ଦଗ୍ଧିଭୂତ ସୁରଜର
ବିଦଗ୍ଧର ଆଶା
ତୋ ଶ୍ରାବଣର ସୁଶିତଳ
ମଳୟ ଭରଷା ।

ତୁ କଢ଼ିଟିଏ ମୋ,ବସାର
ସୁନୀଳ ଆକାଶ
ମୁଁ ଭାବନାର ପ୍ରେମଶ୍ୱର
ପ୍ରୀତି ନିଳାକାଶ ।।

*ନୀଳକଣ୍ଠପୁର*
*ମୋ- ୯୯୩୮୮୦୫୬୬୧*

## ଶ୍ରୀରାଧାକୁ ଏକା ଏଠି ରଖି

**ନୀଳମଣି ଚାନ୍ଦ**

ଶ୍ରୀରାଧାକୁ ଏକା ଏଠି ରଖି
ଚାଲିଗଲ କିଆଁ କହିକି।
ଲାଗେ ତାକୁ ଝୁରିବାକୁ ହେବ
ବିରହରେ ସେ ଝାଉଁଳି ଯିବ।
କେ ପୋଛିବ ତା ଆଖିର ଲୁହ
କେ ବୁଝିବ ଅନ୍ତରର କୋହ।
ଶ୍ରୀରାଧା ତ ଥିଲା ଯେ ନିଜର
କେମିତି ଯେ କରିଗଲ ପର।
ବୁଝିବାକୁ ରହିଛି ବି ବାକି
ନୁହଁ କେହି ତା'ର ମନଲାଖି।
ସେଦିନ ତ ତୁମେ କହିଥିଲ
ଶ୍ରୀରାଧାକୁ ଯଦି ନ ବୁଝିଲ।
ରଖିଦିଅ ଥାକରେ ସାଇତି
ବହୁ ବର୍ଷ ରହୁ ସେ ଏମିତି।
ଆସିବ ତ ପାଠକ ଯେ ଜଣେ
ସେ ବୁଝିବ ଅର୍ଥ ତାର ଜାଣେ।
ଶ୍ରୀରାଧାର କିଛି ମନ କଥା
ତା ଅନ୍ତର ତଳର ତ ବ୍ୟଥା।
ଆଜି ଶୂନ୍ୟ ଯମୁନାର କୂଳ
ନିରବିଛି ଭୂମି,ଭୂମା,ଜଳ ।

*ମନ୍ତ ମାନୋର,ଗୋପାଟଣା*
*ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରବୋଧ ପଟ୍ଟନାୟକ**
Chief Editor: Pradosh Pattanaik



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଫତେପୁର ପଞ୍ଚାୟତ ଅଧୀନ ଫତେପୁର ଗ୍ରାମର ଶ୍ରୀଶ୍ରୀ ଗୋପୀନାଥ ଜୀଉଙ୍କର ପଞ୍ଚଦୋଳ ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ୩ଶହ ବର୍ଷ ଧରି ଏହି ପଞ୍ଚୁଦୋଳ ପରମ୍ପରା ଓ ରୀତିନୀତି ଅନୁଯାୟୀ ପାଳନ ହୋଇଆସୁଛି। ଚଳିତ ବର୍ଷ ମଧ୍ୟ ପଞ୍ଚୁଦୋଳ ପଞ୍ଚମୀ ତିଥିରୁ ଆରମ୍ଭ ହୋଇଥିଲା। ଶ୍ରୀ ଗୋପୀନାଥ ଜୀଉ ଫତେପୁର ଗ୍ରାମରେ ଥାନ୍ତି। ଶ୍ରୀ ଗିରିଧାରୀ ଜୀଉଙ୍କୁ ବିଭୂତିପୁର ଦାଶସାହିରୁ ଓ ଗୋଳାପାଖରୀରୁ ଶ୍ରୀରାଧାବଲ୍ଲଭ ଜୀଉଙ୍କୁ ଶୋଭାଯାତ୍ରାରେ ଦୋଳମଣ୍ଡପକୁ ନିଆଯାଇଥିଲା। ମଣ୍ଡପ ଚାରିପଟେ ପରିକ୍ରମା କରିବା ପରେ ମଣ୍ଡପରେ ଠାକୁରଙ୍କୁ ବିଜେ କରାଯାଇ ନୂଆପାଞ୍ଜି ପାଠ କରାଯାଇଥିଲା। ପରେ ତିନି ଜୀଉଙ୍କୁ ମଣ୍ଡପରୁ ଶୋଭାଯାତ୍ରାରେ ବଡ଼ଦାଣ୍ଡକୁ ନିଆଯାଇ ଥିଲା। ସେଠାରେ ଅବିର ଖେଳ ହୋଇଥିଲା। ଅବିରଖେଳ ପରେ ଭୋଗ ଲଗା ଯାଇଥିଲା। ଠାକୁରଙ୍କୁ ଏକ କଂସା ଥାଳିରେ ରୋଷେଇଘରକୁ ନିଆଯାଇ ସେଠାରେ ଢିଙ୍କିକୁଟା ଉସୁନା ଚାଉଳରେ ପ୍ରସ୍ତୁତ ହୋଇଥିବା ଅନ୍ନରେ ବସାଯାଇ ଭୋଗ ହୋଇଥିଲା। ଏହି ଭୋଗକୁ ପ୍ରଥମେ ବ୍ରାହ୍ମଣ ଓ ବୈଷ୍ଣବମାନଙ୍କୁ ଦିଆଯିବା ପରେ ଅନ୍ୟ ସମସ୍ତେ ଭୋଗ ପାଇଥାନ୍ତି ବୋଲି ପରମ୍ପରା ରହିଛି। ପ୍ରତିଦିନ ଫତେପୁର ୪ଉଆସର ବ୍ୟକ୍ତି ପାଳି କରି ଭୋଗ ଲଗାଇଥିଲେ। ନବମୀ ତିଥିରେ ଠାକୁରଙ୍କୁ ନଗର କୀର୍ତ୍ତନ ସହିତ ନାୟକସାହିରେ ଘର ଘର ବୁଲି ଦର୍ଶନ ଦେଇଥିଲେ। ପରେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ଶୋଭାଯାତ୍ରାରେ ବିଭୂତିପୁର ଗ୍ରାମକୁ ନିଆଯାଇଥିଲା।



# ସୂଚନା ଅଧିକାର ଆଇନ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ




କେନ୍ଦୁଝର, (ଭାସ୍କର ନ୍ୟୁଜ୍): ସୂଚନା ଅଧିକାର ଆଇନ୍-୨୦୦୫ ଅଧିନିୟମ ୪(୧)(ଖ)ପୂର୍ଣ୍ଣାଙ୍ଗ କାର୍ଯ୍ୟନ୍ୱୟନ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ତରଫରୁ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ, କେନ୍ଦୁଝର ଜରିଆରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଡେପୁଟି କଲେକ୍ଟର ସୁଶ୍ରୀ ଶ୍ୱେତାଲିନା ସାହୁ ଅତିଥିଭାବେ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର କିରଣ କୁମାର ନାୟକ, ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକ, ସନ୍ତୋଷ କୁମାର ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଭୁବନେଶ୍ୱରରୁ ବିଷୟ ବିଶାରଦ ରଶ୍ମିରଞ୍ଜନ ରାଉତ ଯୋଗଦେଇ (ଡିସ୍‌କ୍ଲୋଜରର ଅପଡେସନ୍) ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ସ୍ୱତଃପ୍ରବୃତ୍ତ ସୂଚନା ପ୍ରକାଶନ ଉପରେ ପ୍ରଶିକ୍ଷଣ ପ୍ରଦାନ କରିବା ସହ ସୂଚନା ଅଧିକାର ଆଇନ୍‌ରେ ଦରଖାସ୍ତ ଗ୍ରହଣ ଉତ୍ତର ପ୍ରଦାନ, ଅନ୍‌ଲାଇନ୍‌ରେ ସମସ୍ତ ପ୍ରକ୍ରିୟା ସମ୍ପାଦନ କୌଶଳ, ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଣ୍ଟ ଖୋଲାଯିବା ଆଦି ବିଷୟରେ ବିଶଦ ଆଲୋଚନା କରିଥିଲେ। ପ୍ରଶ୍ନୋତ୍ତର ଅଧିବେଶନରେ ଅଧିକାରୀମାନେ ସୂଚନା ଅଧିକାର ଆଇନ୍‌ରେ ଆବେଦନ ଗ୍ରହଣ, ଉତ୍ତର ପ୍ରଦାନ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ବନ୍ଧରେ ପ୍ରଶ୍ନ ପଚାରି ନିଜ ନିଜର ସନ୍ଦେହ ମୋଚନ କରିଥିଲେ। ଏହି କର୍ମଶାଳାରେ ଜିଲ୍ଲାର ବିଭିନ୍ନ ବିଭାଗ କାର୍ଯ୍ୟାଳୟର ପ୍ରଥମ ଅପିଲ କର୍ତ୍ତୃପକ୍ଷ, ଜନସୂଚନା ଅଧିକାରୀ, ସହକାରୀ ଜନସୂଚନା ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜନମୁକ୍ତି ଅନୁଷ୍ଠାନର ବାର୍ଷିକ ଉତ୍ସବ ପାଳିତ




ମୁରିବାହାଲ, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ୍ ଭୋଇପଡ଼ା ଜନମୁକ୍ତି ଅନୁଷ୍ଠାନ ତରଫରୁ ହଳଦୀ କଲ୍ୟାଣମଣ୍ଡପ ଠାରେ ଶନିବାର ଦିନ ଅନୁଷ୍ଠାନର ୨୯ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମୁରିବାହାଲ ବ୍ଲକ୍‌ର ୫ ଜଣ ବିଶିଷ୍ଟ ପ୍ରତିଭାବାନ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧନା କରାଯାଇ ଥିଲା। ଏହି ବାର୍ଷିକ ଉତ୍ସବରେ ଜନମୁକ୍ତି ଅନୁଷ୍ଠାନର ସମ୍ପାଦକ ଭଜରାମ ସାହୁଙ୍କର ସଭାପତିତ୍ୱରେ ମୁରିବାହାଲ ପଂଚାୟତ ସମିତିର ଅଧ୍ୟକ୍ଷ ହରିବନ୍ଧୁ ମେହେର ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ରହି ଜନମୁକ୍ତି ଅନୁଷ୍ଠାନ ମୁରିବାହାଲ ବ୍ଲକରେ ଜନସାଧାରଣ ପାଇଁ ଦୀର୍ଘ ୨୮ବର୍ଷ ଧରି ନିଷ୍ଠା ସହ କାର୍ଯ୍ୟ କରିବା ଉପରେ ନିଜର ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବରେ ୨୯ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ଗୋପୀନାଥ ପାଣିଗ୍ରାହୀ, ବିଧାୟକଙ୍କର ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା, ସାମ୍ବାଦିକ ସଂଘ ମୁରିବାହାଲ ବ୍ଲକ୍ ସଭାପତି ଡା ସୁବ୍ରତ ମହାକୁର, ଜର୍ଣ୍ଣାଲିଷ୍ଟ ଆସୋସିଏସନ୍‌ର ସଭାପତି ଦୁର୍ଗାନନ୍ଦ ମହାକୁର, ଗୋଇମୁଣ୍ଡ ଗ୍ରାମ ପଂଚାୟତ ସରପଞ୍ଚ କାଳିଆ ସରାଫ, ପ୍ରମୁଖ ଉପସ୍ଥିତ ରହି ଜନମୁକ୍ତି ଅନୁଷ୍ଠାନ ୧୯୯୬ ମସିହା ଠାରୁ କାର୍ଯ୍ୟକ୍ରମ ଆରମ୍ଭ କରିବା ସହ କରୋନା ସମୟରେ ଅନୁଷ୍ଠାନ କାର୍ଯ୍ୟ, ମହିଳାମାନଙ୍କୁ ସଂଗଠିତ କରିବା, ପରିବେଶ ଉପରେ ସଚେତନତା କରିବା, ଚାଷୀମାନଙ୍କୁ କୃଷି ଉତ୍ପାଦନ ବିଷୟରେ ସଚେତନତା କରିବା ସହ ଦାଦନ ରୋକିବା ଭଳି ନିରନ୍ତର କାର୍ଯ୍ୟକ୍ରମ କରିବା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଶିଷ୍ଟ ସଂଗଠନ ଓ ସାମାଜିକ କର୍ମୀ ଭାବରେ ଶ୍ରୀବତ୍ସ ବେହେରା, ରାଜନୈତିକ ବ୍ୟକ୍ତିତ୍ୱ ଭାବରେ ହଂସରାଜ ଜୈନ, ବରିଷ୍ଠ ସାମ୍ବାଦିକ ଭାବରେ ଡା ଭଗବାନ ମହାନ୍ତି କୋଶଲି କବି ଭାବରେ ମଧୁସୂଦନ ନାଗ, ଉତ୍ପାଦକ ଗୋଷ୍ଠୀ ଯମୁନାର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧନା ଜ୍ଞାପନ କାରଯାଇଥିଲା। ଉକ୍ତ କାର୍ଯ୍ୟକ୍ରମଙ୍କୁ ରଞ୍ଜିତା ହରପାଳ, ଚିତ୍ରଲେଖା ସାହୁ, କିରନ ଜାଲ, ହିମାଂସୁ ପଣ୍ଡା, ପ୍ରମୁଖ ସଂଯୋଜନା କରିଥିଲେ। ସଞ୍ଜୟ କୁମାର ବାରିକ, ସୁବର୍ଣ୍ଣ ବାଗ, ଟେଭା ସଗରିଆ, କପିଳାସ ଭାଇ, ପ୍ରକାଶ ବାଣ୍ଡିଛୋର, ସଂଜିତା ହାତୀ, ଆସିସ ସା, ବିକାଶ ଟୁପା, ଜୟସିଂ ବନଛୋର ପ୍ରମୁଖ ସହଯୋଗ କରିଥିବାବେଳେ ଲଳିତ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳାଙ୍କ ମୃତ୍ୟୁ, ବାପଘର ପକ୍ଷରୁ ଥାନାରେ ଅଭିଯୋଗ

ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅନ୍ତର୍ଗତ ଚାନ୍ଦପୁର ଗ୍ରାମର ଜନୈକ ମହିଳାଙ୍କର ମୃତ୍ୟୁ ହୋଇଥିବା ବେଳେ, ବାପଘର ପକ୍ଷରୁ ହତ୍ୟା ଅଭିଯୋଗ ଆଣିଥିବା ଜଣାପଡିଛି। ଶନିବାର ପରଜଙ୍ଗ ଥାନା ଅନ୍ତର୍ଗତ କନ୍ତୋର ପଞ୍ଚାୟତର ଚାନ୍ଦପୁର ଗ୍ରାମର ରାହାସ ସାହୁଙ୍କ ପତ୍ନୀ ଶାନ୍ତିଲତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ସମ୍ବନ୍ଧରେ ଖବର ପାଇ ମହିଳାଙ୍କର ବାପଘର ବସୁଲେଇ ଗ୍ରାମର ଜମିଡ଼ିହ ସାହିର କମାର ସାହୁ ଘଟଣା ସ୍ଥଳରେ ପହଞ୍ଚିଥିଲେ। କମାର ତାଙ୍କ ଭଉଣୀ ଶାନ୍ତିଙ୍କୁ ଭିଣେଇ ଓ ତାଙ୍କ ପୁଅ ମିଶି ମାରିଦେବା ପରେ ଏକ ରସିରେ ଝୁଲାଇ ଦେଇଥିବାର ଅଭିଯୋଗ ଆଣିଥିଲେ। କମାର ଏ ସଂକ୍ରାନ୍ତରେ ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଏତେଲାକୁ ଆଧାର କରି ଶାନ୍ତିଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଡାକ୍ତରଖାନାକୁ ପଠାଇ ଅଧିକ ତଦନ୍ତ ଜାରିରଖିଛି। ଶାନ୍ତିଙ୍କର ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସତ୍ୟାସତ୍ୟ ଜଣାପଡିବ ବୋଲି ସୂଚନା ମିଳିଛି।

## ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପତିତପାବନ ହୋତାଙ୍କ ସ୍ମୃତିସଭା




ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ଅଞ୍ଚଳର ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପଣ୍ଡିତ ପତିତପାବନ ହୋତାଙ୍କର ୪୦ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି। ବୋଲଗଡ଼ ନନ୍ଦିଘୋଷ ଅନୁଷ୍ଠାନ ସୌଜନ୍ୟରେ ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ଏହି ସ୍ମୃତି ଶ୍ରଦ୍ଧାଞ୍ଜଳୀ ସଭା ଆୟୋଜିତ ହୋଇଥିଲା।ପ୍ରାରମ୍ଭରେ ସ୍ଥାନୀୟ ଖଦୀକେନ୍ଦ୍ର ଠାରେ ସ୍ଥାପିତ ଜାତିର ପିତା ମହାତ୍ମା ଗାନ୍ଧୀ, ସ୍ୱାଧୀନତା ସଂଗ୍ରାମୀ ପତିତପାବନ ହୋତା ଓ ସ୍ୱାଧୀନତା ସଂଗ୍ରାମୀ ବଳଭଦ୍ର ସାହୁଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିସହିତ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ନନ୍ଦିଘୋଷ ସଭାଗୃହରେ ଆୟୋଜିତ ସ୍ମୃତି ସଭାରର ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର ମହାପାତ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ପ୍ରାକ୍ତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଏବଂ ମୁଖ୍ୟବକ୍ତା ଭାବେ ପ୍ରଖ୍ୟାତ ଗାନ୍ଧୀବାଦୀ ବ୍ୟକ୍ତି ପ୍ରହଲ୍ଲାଦ ସିଂ ଯୋଗ ଦେଇଥିଲେ। ଏହିପରି ପ୍ରେକ୍ଷୀରେ ସ୍ୱାଧୀନତା ସଂଗ୍ରାମରେ ବୋଲଗଡ଼ର ଅବଦାନ ବିଷୟରେ ଐତିହାସିକ ତଥ୍ୟ ସମ୍ୱଳିତ ଆଲୋଚନା କରାଯାଇଥିଲା। ସ୍ଥାନୀୟ ଐତିହାସିକ ରବୀନ୍ଦ୍ର କୁମାର ପରିଡ଼ାଙ୍କ ସମେତ ଉପସ୍ଥିତ ସଂଗ୍ରାମୀଙ୍କ ଦାୟାଦମାନଙ୍କ ସମେତ ଅନ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବହୁ ଦଳିତ ଶ୍ରେଣୀର ମହିଳା ପୁରୁଷମାନଙ୍କୁ ପତିତପାବନ ସ୍ମୃତି ସାଂସଦ ପକ୍ଷରୁ ନୂତନ ବସ୍ତ୍ର ପ୍ରଦାନ କରାଯାଇଥିଲା ଏବଂ ବୋଲଗଡ଼ ଗାନ୍ଧୀ ଭାବେ ପରିଚିତ ପତିତପାବନ ଙ୍କ ସ୍ମୃତିରେ ଏକ ସ୍ମରଣିକାକୁ ମଞ୍ଚାସୀନ ଅତିଥି ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ମୃତି ସଂସଦ ସଭାପତି ଶିକ୍ଷାବିତ ହରିବନ୍ଧୁ ସାହୁ ପରିଚାଳନା କରିଥିଲେ।

## କାଳ ସାଜିଲା କାଳବୈଶାଖୀ

# ଏକର ଏକର ଜମିରେ ଖରାଦିନିଆଁ ମୁଗଚାଷ ନଷ୍ଟ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଚାଷୀଙ୍କ ପିଛା ଛାଡୁନି ସମସ୍ୟା। କିଛି ଦିନ ତଳେ ଟମାଟୋ ନଷ୍ଟ ହୋଇଥିବା ବେଳେ ବର୍ତ୍ତମାନ ଶନିବାର ଦିନ ପୂର୍ବାହ୍ନରୁ ଲାଗି ରହିଥିବା କାଳବୈଶାଖୀ ବର୍ଷା ଓ ପବନର ତାଣ୍ଡବ ମୁଗ ଫସଲକୁ ଉଜାଡ଼ି ଦେଇଛି। ଶନିବାର ଦିନ ତମାମ ଦୀର୍ଘ ସମୟ ବର୍ଷାପବନ ହେବା ଫଳରେ ଶହଶହ ହେକ୍ଟର ମୁଗ ଫସଲ ଉଜୁଡ଼ିବା ଆଶଙ୍କା ଦେଖାଦେଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅଞ୍ଚଳରେ ଅଧିକାଂଶ ଚାଷୀଙ୍କ କ୍ଷେତରେ ମୁଗ ସୁଖି ଯାଇଥିବାରୁ ଅମଳ କରିବାର ପ୍ରକୃଷ୍ଟ ସମୟ। ଖୁବ କମ୍ ଚାଷୀ ମୁଗ ଖଳାକୁ ବୋହି ଆଣି ଅମଳ କରିସାରିଲେଣି। ଅଦିନିଆ ବର୍ଷା ସେ ସବୁକୁ ଉଜାଡି ଦେଇଛି। କଚଡ଼ା ଉପରେ ବର୍ଷା ପାଣି ଚାଲୁଚି। ଖଳାକୁ ଆସିବା ପୂର୍ବରୁ ଫସଲ ଉଜୁଡିବା ନେଇ ଚାଷୀ ଭାଙ୍ଗିପଡିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଉପୁଡ଼ା ହୋଇ ନଥିବା ମୁଗ ଛୁଇଁରେ ପାଣି ପଶିଯିବାରୁ ସେଥିରୁ ଗଜା ବାହାରିଲାଣି। ବିଲରୁ ପାଣି ନିଷ୍କାସନ ହେବାରେ ମଧ ସମୟ ଲାଗିବ। ଆଗକୁ ଆଉ ବର୍ଷା ହେଲେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାର ସମ୍ଭାବନା ଦେଖା ଦେଇଛି। ତେଣୁ ମୁଗ ମଞ୍ଜି ଟଙ୍କା ଉଠିବ କି ନାହିଁ ସେନେଇ ସନ୍ଦେହ ଉପୁଜୁଛି ବୋଲି ଜଣେ ଚାଷୀ ପ୍ରତିନିଧି ଜଣାଇଛନ୍ତି। ଅନ୍ୟପଟେ ଧାନ ଫସଲ ପରେ ପାଖାପାଖି ହେକ୍ଟର ହେକ୍ଟର ଚାଷ ଜମିରେ ମୁଗ ଚାଷ କରିଥିଲେ ଚାଷୀ। ଆଶା କରିଥିଲେ ଭଲ ଫସଲ ଅମଳ ହେବ। ମୁଗ ଗଛରେ ଅନେକ ସ୍ଥାନରେ ଫୁଲ ଧରିବା ବେଳକୁ ବର୍ଷା ହେବାରୁ ଜଉ ପୋକ ଲଗିବାର ସମ୍ଭାବନା ଦେଖାଯାଉଛି। କେମିତି ଧାର କରଜ ସୁଝିବେ ପରିବାର ପ୍ରତିପୋଷଣ କରିବେ ତାକୁ ନେଇ ଚିନ୍ତାରେ ଚାଷୀକୂଳ। ଏ ନେଇ ଅସ୍ତରଙ୍ଗ ବ୍ଲକ୍ କୃଷି ଅଧିକାରିଣୀ ବି. ଅର୍ପିତା କହିଛନ୍ତି, ଯଦି ଚାଷୀଙ୍କ ମୁଗଫସଲରେ କୌଣସି ରୋଗପୋକ ସମସ୍ୟା ହୁଏ କୃଷି କାର୍ଯ୍ୟାଳୟ ପହଞ୍ଚି ପ୍ରତିକାର ପାଇଁ ଔଷଧ ନେଇ ସିଞ୍ଚନ କରିବେ।

## କ୍ଷତିଗ୍ରସ୍ତଙ୍କୁ ସଠିକ କ୍ଷତିପୂରଣ ଦିଅ : ସିପିଆଇ

ବାରିପଦା, (ଭାସ୍କର ନ୍ୟୁଜ୍): ଚଳିତ ମାସ ୨୦ ତାରିଖ ଗୁରୁବାର ସନ୍ଧ୍ୟାରେ କାଳବୈଶାଖୀର ତାଣ୍ଡବ ଯୋଗୁଁ ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି, ବିଷୋୟୀ, ସାରସକଣା, କୁଳିଅଣା ବ୍ଲକ୍‌ର ଅଧିକାଂଶ ଅଞ୍ଚଳରେ କୁଆପଥର ବର୍ଷା ହୋଇଛି। ଯାହାଫଳରେ ଛାତ ଘର ବ୍ୟତୀତ ଅନ୍ୟ ସବୁ ଘର ନଷ୍ଟ ହୋଇଛି। ଚାଷୀର ଚାଷ ଉଜୁଡ଼ି ଯାଇଛି। ମଣିଷ ସମେତ ଗୃହ ପାଳିତ ପଶୁ ଖୋଲା ଆକାଶ ତଳେ ରହୁଛନ୍ତି। ସ୍ଥାନୀୟ ପ୍ରଶାସନର ଅବହେଳା ଲୋକଙ୍କୁ ରାଜରାସ୍ତାକୁ ଟାଣି ଆଣିଛି। କ୍ଷୟକ୍ଷତିର ସଠିକ ଆକଳନ କରାଯାଇ କ୍ଷତିପୂରଣ ଦେବା, ନଷ୍ଟ ହୋଇଥିବା ଘର ଗୁଡ଼ିକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା, ଲୋକେ ସମ୍ପୂର୍ଣ୍ଣ ଆର୍ଥିକ ସ୍ଥିତିକୁ ଆସିବା ପର୍ଯ୍ୟନ୍ତ ସରକାରୀ ଶିବିରରେ ସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରଖିବା ସହିତ ସେମାନଙ୍କ ପିଲାମାନଙ୍କୁ ନିୟମିତ ବିଦ୍ୟାଳୟକୁ ଯିବାର ଯତ୍ନ ନେବାରେ ଅବହେଳା ନ କରିବା ପାଇଁ ମିଳିତ ଭାବେ ସିପିଆଇ ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର, ସହ ସମ୍ପାଦକ ସାଥୀ ତ୍ରିନାଥ ପାତ୍ର, ବାଙ୍ଗିରିପୋଷି ଜୋନ୍ ସମ୍ପାଦକ ସାଥୀ ରଥ ସିଂ ପ୍ରମୁଖ ବିବୃତ୍ତିରେ କହିଛନ୍ତି।

## ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକର ନପଙ୍ଗ ପଞ୍ଚାୟତ ଜଗନ୍ନାଥ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ରଘୁନାଥ ରାଉତଙ୍କ ପରିଚାଳନାରେ ବରିଷ୍ଠ ନାଗରିକ ହରିହର ମିଶ୍ର, ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରିତିକାନ୍ତ ରାଉତ, ନାରାୟଣ ମିଶ୍ର, ଭାସ୍କର ରାଉତ, ପର୍ଶୁରାମ ସାମଲ, କାର୍ତ୍ତିକ ସାମଲ, ନକୁଳ ରାଉତ, ଲକ୍ଷ୍ମୀଧର ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ବିକାଶ ରାଉତ, ଦିଲୀପ ସାମଲ, ଦିବ୍ୟପ୍ରକାଶ ସାମଲ, ମନୋରଞ୍ଜନ ରାଉତ, ନରୋତ୍ତମ ଧଳ, ରଣଜିତ ରାଉତ, ବିଶ୍ୱଜିତ୍ ରାଉତ, ତାପସ ରାଉତ, ଶୁଭେନ୍ଦୁ ସାମଲ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ତିହିଡ଼ି ବଜାରରୁ ୧୨୩ ଉଠାଦୋକାନ ଉଚ୍ଛେଦ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ-ଚାନ୍ଦବାଲି ରାସ୍ତାର ତିହିଡ଼ି ବଜାରର ଉଭୟ ପାର୍ଶ୍ୱରେ ଦୀର୍ଘଦିନ ଧରି ବ୍ୟବସାୟ କରିଆସୁଥିବା ୧୨୩ ଉଠାଦୋକାନୀଙ୍କୁ ପ୍ରଶାସନ ପକ୍ଷରୁ ଶନିବାର ଉଚ୍ଛେଦ କରାଯାଇଛି। ଉଚ୍ଛେଦ ପରେ ବଜାରର ଉତ୍ତର ଓ ଦକ୍ଷିଣ ପାର୍ଶ୍ୱ ଜବରଦଖଲମୁକ୍ତ ହୋଇଥିବା ଜଣାପଡ଼ିଛି। ନୟନଯୋରି କିସମ ସରକାରୀ ଜମି ଜବର ଦଖଲ କରି କିଛିବ୍ୟକ୍ତି ବ୍ୟବସାୟ କରୁଥିଲେ। ଭଦ୍ରକ-ଚାନ୍ଦବାଲି ରାସ୍ତା ସମ୍ପ୍ରସାରଣ ପୂର୍ବରୁ ଉତ୍ତର ପାର୍ଶ୍ୱ ଦୋକାନଗୁଡ଼ିକୁ ଉଚ୍ଛେଦ କରାଯାଇ କ୍ଷତିପୂରଣ ଦିଆଯାଇଥିଲା। ପରେ ଉଚ୍ଛେଦ ହୋଇଥିବା ଦୋକାନୀମାନଙ୍କ ମଧ୍ୟରୁ ଅଧିକାଂଶ ଦେକାନିଙ୍କୁ ଭଦ୍ରକ ବଜାର ନିୟନ୍ତ୍ରିତ କମିଟି ପକ୍ଷରୁ ଦୋକାନଗୃହ ଯୋଗାଇ ଦିଆଯାଇ ଥଇଥାନ କରାଯାଇଥିଲା। ମାତ୍ର ଉଚ୍ଛେଦ ହୋଇଥିବା ଆହୁରି କେତେକ ଦୋକାନୀ ଥଇଥାନ ହୋଇ ପାରିନଥିଲେ। ଯାହାଫଳରେ ସେହି ଦୋକାନୀମାନେ ପୁଣି ଉତ୍ତର ପାର୍ଶ୍ୱରେ ଉଠାଦୋକାନ କରି ବ୍ୟବସାୟ ଆରମ୍ଭ କରିଥିଲେ। କିଛିଦିନ ପରେ ସେହି ଦୋକାନୀମାନଙ୍କୁ ଉଚ୍ଛେଦ କରାଯିବାକୁ ପ୍ରଶାସନ ପକ୍ଷରୁ ନୋଟିସ୍ ଦିଆଯାଇଥିଲା। ଏହି ନୋଟିସ୍ ପାଇବା ପରେ କେତେକ ଦୋକାନୀ ଥଇଥାନ ପରେ ଉଚ୍ଛେଦ କରିବାକୁ ଦାବି କରି ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଥଇଥାନ ପରେ ଉଚ୍ଛେଦ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବଜାରରେ ଟ୍ରାଫିକ୍ ସମସ୍ୟା ଗୁରୁତର ହେଉଥିବା ବେଳେ ବଜାରର ଉଭୟ ପାର୍ଶ୍ୱରେ ଡ୍ରେନେଜ ନିର୍ମାଣ ପାଇଁ ପ୍ରଶାସନ ଦୋକାନୀମାନଙ୍କୁ ଉଚ୍ଛେଦ କରିବାକୁ ପ୍ରକ୍ରିୟା ଆରମ୍ଭ କରିଥିଲା। ମାର୍ଚ୍ଚ ୧୯ ତାରିଖରେ ବଜାରର ବିଭିନ୍ନ ସ୍ଥାନରେ ୧୨୩ଜଣ ଦୋକାନୀଙ୍କ ନାମ ଉଲ୍ଲେଖ କରି ନୋଟିସ ଜରିଆରେ ୩ଦିନ ମଧ୍ୟରେ ଜାଗା ଖାଲି କରିବାକୁ ପ୍ରଶାସନ ସୂଚନା ଦେଇଥିଲା। ଏହି ନୋଟିସ୍ ପାଇବା ପରେ ବଜାରର କେତେକ ଦୋକାନୀ ନିଜ ନିଜ ଦୋକାନ ଉଠାଇ ନେଇଥିବା ବେଳେ ଅନ୍ୟ କେତେକ ଦେକାନୀ ଜାଗା ଖାଲି କରି ନଥିଲେ। ଯାହା ଫଳରେ ଶନିବାର ସକାଳ ୯ଟା ବେଳେ ପ୍ରଶାସନ ପକ୍ଷରୁ ଜେସିବି ଲଗାଇ ଉଚ୍ଛେଦ କରାଯାଇଥିଲା। ଏହି ଉଚ୍ଛେଦ ପ୍ରକ୍ରିୟା ଦିନ ତମାମ ଚାଲିଥିଲା। ପ୍ରଶାସନ ପକ୍ଷରୁ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ଚାନ୍ଦବାଲି ଏସଡିପିଓ ତ୍ରିଲୋଚନ ସେଠୀ, ଅତିରିକ୍ତ ତହସିଲଦାର ନମିତା ଧଳ, ଭାରପ୍ରାପ୍ତ ତିହିଡ଼ି ଥାନା ଅଧିକାରିଣୀ ଅରୁନ୍ଧତୀ ବେହେରା, ଏସଆଇ ପ୍ରଣବ ଗିରି ଓ ଶ୍ରୀକାନ୍ତ ନାୟକ, ଏଏସଆଇ କମଳାକାନ୍ତ ଶତପଥି, ଲକ୍ଷ୍ମଣ ମାରାଣ୍ଡି, ପାର୍ଥ ବେହେରା, ତହସିଲ ପ୍ରଧାନ କିରାଣୀ ବୁଦ୍ଧିରାମ ଟୁଡୁ, ସୁପର ଭାଇଜର ଧନେଶ୍ୱର ମାରାଣ୍ଡି, ଆରଆଇ ସୌମ୍ୟରଞ୍ଜନ ସାମନ୍ତ, ଆଶୁତୋଷ ଦାସ, ଶରତ ଜେନା, ଅମିନ ଶଂକର୍ଷଣ ହେମ୍ବ୍ରମ, ତହସିଲ ଡିଓ ଦେବାଶିଷ ମହାପାତ୍ର, ମୁକ୍ତିକାନ୍ତ ମଲ୍ଲିକ, ବିଶ୍ୱରଂଜନ ନାଥ, ବିଶ୍ୱଜିତ୍ ପୁରୀ, ପଞ୍ଚାନନ ସାହୁ, କିଶୋର କୁମାର ପାତ୍ର ପ୍ରମୁଖ ଉଚ୍ଛେଦ ବେଳେ ଉପସ୍ଥିତ ଥିବା ବେଳେ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

# ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଡ. ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି




ଅନୁଗୁଳ, (ଭାସ୍କର ନ୍ୟୁଜ୍): ଅନୁଗୁଳ ସଭାଘର ଠାରେ ଶନିବାର ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡ଼ଃ ଦେବେନ୍ଦ୍ର ପ୍ରଧାନଙ୍କ ଜିଲ୍ଲାସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସମଗ୍ର ଅନୁଗୁଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଦଳ ମତ ନିର୍ବିଶେଷରେ ହଜାର ହଜାର ସଂଖ୍ୟାରେ ବ୍ୟକ୍ତିବିଶେଷ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ତଥା ପ୍ରାକ୍ତନ ବିଜେପି ରାଜ୍ୟ ସଭାପତି ଡ. ପ୍ରଧାନଙ୍କର ବିୟୋଗ ସମଗ୍ର ଅନୁଗୁଳ ଜିଲ୍ଲା, ଓଡିଶା ପ୍ରଦେଶ ଓ ଦେଶ ପାଇଁ ଅପୂରଣୀୟ କ୍ଷତି ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତ ଦେଇଥିଲେ। କଟକ ଏସସିବି ରୁ ଡାକ୍ତରୀ ପାସ କରି କୋଲ ଇଣ୍ଡିଆ ରେ ଡାକ୍ତର ଚାକିରୀ କରି ରୋଗୀ ସେବା କରି ବେଶ ସୁନାମ ଅର୍ଜନ କରିଥିଲେ। ପରବର୍ତ୍ତୀ ସମୟରେ ସରକାରୀ ଡାକ୍ତରୀ ଚାକିରୀ ଛାଡି ରାଷ୍ଟ୍ର ସେବାରେ ବ୍ରତୀ ହୋଇ ରାଜ୍ୟରେ ସେ ସମୟରେ ସାଇନ ବୋର୍ଡ ପାର୍ଟି କହି ତାସ୍ଛଲ୍ୟ କରୁଥିବା ବିଜେପିର ଦୁର୍ଦ୍ଦିନ ସମୟରେ ବିଜେପିରେ ଯୋଗ ଦେଇଥିଲେ। ବିଜେପି ତାଳଚେର ମଣ୍ଡଳ ସଭାପତିରୁ ରାଜ୍ୟ ସଭାପତି ପର୍ଯ୍ୟନ୍ତ ନିଷ୍ପାପର ଭାବେ କଠିନ ପରିଶ୍ରମ କରି ବିଜେପି ଲକ୍ଷ ଲକ୍ଷ କାର୍ଯ୍ୟକର୍ତ୍ତା ତିଆରି କରିଥିଲେ। ଜଣେ ସ୍ପଷ୍ଟ ବାଦୀ, ଅମାୟିକ ବ୍ୟକ୍ତିତ୍ୱ, ଦୃଢ଼ ସଂଗଠକ, ସମସ୍ତଙ୍କର ପ୍ରିୟ, ଦରଦୀ ମଣିଷ ଦଳମତ ନିର୍ବିଶେଷରେ ସମସ୍ତଙ୍କର ପ୍ରିୟଥିଲେ ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ମତ ପ୍ରକାଶ ପାଇଥିଲା। ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ସହ ଡ. ପ୍ରଧାନଙ୍କର ସ୍ମୃତି ତଥା ଅନୁଭୂତି ଉପରେ ଆଲୋକପାତ କରିଥିଲେ। ଅନୁଗୁଳ ବିଧାୟକ ପ୍ରତାପଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ପାଲ ଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, ଅନୁଗୋଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ପୂର୍ବତନ ଉପ ବାଚସ୍ପତି ରଜନୀକାନ୍ତ ସିଂହ, ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ, ପୂର୍ବତନ ବିଧାୟକ ରମେଶ ସାଏ, ପୂର୍ବତନ ବିଧାୟକ ଖଗେଶ୍ୱର ବେହେରା, କଂଗ୍ରେସ ଜିଲ୍ଲା ସଭାପତି ଅମ୍ବିକା ଭଞ୍ଜ, ବିଜେଡ଼ି ଜିଲ୍ଲା ସଭାପତି ମହେନ୍ଦ୍ର ବସ୍ତିଆ, ପଣ୍ଡିତ ମହେଶ ସାହୁ, ଜିଲ୍ଲାର ବିଭିନ୍ନ ବ୍ଲକ ରୁ ଆସିଥିବା ଜିଲ୍ଲା ପରିଷଦ ଓ ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା, ବିଭିନ୍ନ ଦଳ ବିଭିନ୍ନ ଅନୁଷ୍ଠାନ ର ଶତାଧିକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।

## କେନ୍ଦ୍ରାପଡ଼ା ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷଙ୍କ ଯୋଗଦାନ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ପ୍ରଫେସର ଡ. ସଞ୍ଜୀବ କୁମାର ମହାନ୍ତି ଶନିବାର ଯୋଗଦେଇଛନ୍ତି। ଏଠାରେ ଅତିରିକ୍ତ ଦାୟିତ୍ୱରେ ଥିବା ଇନ୍ଦୁପୁର ବିରୂପା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅଭିଜିତ ବୋଷ ଡ. ମହାନ୍ତିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ପଦବୀରେ ବିରୂପା ମହାବିଦ୍ୟାଳୟର ଅଧ୍ୟକ୍ଷ ଅତିରିକ୍ତ ଦାୟିତ୍ୱରେ ଥିଲେ। ଜଗତସିଂହପୁର ଜିଲାର ରାହାମାସ୍ଥିତ ଶାରଳା ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗରେ ପ୍ରାଧ୍ୟାପକ ଡ. ମହାନ୍ତି କାର୍ଯ୍ୟରତ ଥିଲେ। ନୂତନ ଅଧ୍ୟକ୍ଷ ଡ. ମହାନ୍ତିଙ୍କୁ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏଥିସହିତ ମହାବିଦ୍ୟାଳୟ ପରିସରରେ ଶାନ୍ତ ପରିବେଶ, ଶୈକ୍ଷିକ ବାତାବରଣ ସୃଷ୍ଟି ସହ ଛାତ୍ରଛାତ୍ରୀମାନଙ୍କ ସୁରକ୍ଷାକୁ ବିଶେଷ ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି। ଏହି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ଦୃଷ୍ଟିରୁ ସ୍ଥାୟୀ ଅଧ୍ୟକ୍ଷଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବାରୁ ସାଂସଦ ବୈଜୟନ୍ତ ପଣ୍ଡା, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ପୂର୍ବତନ ସଭାପତି କିଶୋର ପଣ୍ଡାଙ୍କୁ ପୁରାତନ ଛାତ୍ରମାନଙ୍କ ପକ୍ଷରୁ ଅଧ୍ୟାପକ ପ୍ରଦୀପ୍ତ କୁମାର ଶତପଥୀ, ଭାଗିରଥୀ ଜେନା ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି।

# ସ୍ୱାର୍ଡ଼ା ପକ୍ଷରୁ ବିଶ୍ୱ ବନ ଦିବସ ପାଳିତ



ବାରିପଦା, (ଭାସ୍କର ନ୍ୟୁଜ୍): ବାରିପଦା ସ୍ଥିତ ସ୍ଥାନୀୟ ଷ୍ଟାଡ଼ିୟମ୍ କନଫରେନ୍ସ ହଲ୍‌ରେ ପରିବେଶ ପ୍ରହରୀ ଓ ସ୍ୱାର୍ଡା ଅନୁଷ୍ଠାନ ଆନୁକୂଲ୍ୟରେ ବିଶ୍ୱ ବନଦିବସ ପାଳିତ ହୋଇଛି। ଆବାହକ ତଥା ପରିବେଶବିତ୍ ବିବେକାନନ୍ଦ ପଟ୍ଟନାୟକଙ୍କ ପୌରହିତ୍ୟରେ ମୂଖ୍ୟ ଅତିଥି ଭାବେ ଆରସିସିଏଫ୍ କମ୍ ଫିଲ୍ଡ ଡାଇରେକ୍ଟର ପ୍ରକାଶ ଚାନ୍ଦ ଗାଗୋନନୀ, ସମ୍ମାନୀୟ ଅତିଥି ଭାବେ ଶିମିଳିପାଳ (ଦକ୍ଷିଣ) ଡେପୁଟି ଡାଇରେକ୍ଟର ସମ୍ରାଟ୍ ଗୌଡ଼ା ମୂଖ୍ୟ ବକ୍ତା ଭାବେ ବାରିପଦା ବନଖଣ୍ଡ ଅଧିକାରୀ ଏ ଉମା ମହେଶ, ସମ୍ମାନୀତ ଅତିଥି ନଗରପାଳ କୃଷ୍ଣାନନ୍ଦ ମହାନ୍ତି,ଜିଲ୍ଲା ଜରୁରୀ ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି, କାର୍ଯ୍ୟକ୍ରମ ଆବାହକ ମଣ୍ଡଳିର କର୍ମକର୍ତ୍ତା ପଦ୍ମଲୋଚନ ମହାନ୍ତ ଓ ପ୍ରଦୀପ କୁମାର ଦାସମହାପାତ୍ର ପ୍ରମୂଖ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକ୍‌ରୁ ପାଖାପାଖି ୨୫୦ଗୋଟି ଜଙ୍ଗଲ କମିଟିର ୪୫୦ ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟରତ ଜଙ୍ଗଲ କମିଟି ଗୁଡ଼ିକ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ପ୍ରହରୀ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା। ଅଂଚଳ ସ୍ତରରେ ସମସ୍ୟା ଗୁଡିକ ମୁକାବିଲା କରିବା ପାଇଁ ଆଞ୍ଚଳିକ କମିଟିଗୁଡ଼ିକ ଆଗାମୀ ଏକ ମାସ ମଧ୍ୟରେ କ୍ରିୟାଶୀଳ କରିବା ପାଇଁ ପରିବେଶ ପ୍ରହରୀ ଅନୁଷ୍ଠାନ କାମ କରିବ ବୋଲି ପ୍ରକାଶ କରିଥିଲେ। ଫଳରେ ଜଙ୍ଗଲ ନଷ୍ଟ, ଜନ୍ତୁ ଶିକାର ଓ ଅନ୍ୟାନ୍ୟ ସମସ୍ୟା ସମାଧାନ ହୋଇପାରିବ। ଗାଁ' କମିଟି ମଜବୁତ୍ ହେଲେ ଜଙ୍ଗଲ ରକ୍ଷା ହୋଇପାରିବ ବୋଲି ସମସ୍ତ ମତ ପ୍ରକାଶ କରିଥିଲେ। ବିଭିନ୍ନ କମିଟିର ୫୦ ଜଣ କର୍ମକର୍ତ୍ତାମାନଙ୍କୁ ଜଙ୍ଗଲ ସୁରକ୍ଷାର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମୋହନ ମୁର୍ମୁ, ସଂଜୟ ଦ୍ୱାରୀ, ହରିହର ଦାସ, ମନୋରଂଜନ ନାଏକ, ବୈଦ୍ୟନାଥ ମାରାଣ୍ଡି, ପୂର୍ଣ୍ଣଚନ୍ଦ୍ର ନାଏକ, ସୁଧୀର ନାଏକ, ଶ୍ୟାମସୁନ୍ଦର ବେହେରା ପ୍ରମୁଖ ସଫଳ କରିବାରେ ସହଯୋଗ କରିଥିଲେ। ସଭାଶେଷରେ ଅନୁଷ୍ଠାନର କର୍ମକର୍ତ୍ତା ପଦ୍ମଲୋଚନ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରଥିଲେ।

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଦେବ ଶର୍ମାଙ୍କ ଶେଷକୃତ୍ୟ ସମ୍ପନ୍ନ

ଆଳି, (ଭାସ୍କର ନ୍ୟୁଜ୍): ଆଳିର ପୂର୍ବତନ ବିଧାୟକ ତଥା ମହିଳା ଫୁଟବଲର ଜନକ ସ୍ୱର୍ଗତ ଦେବେନ୍ଦ୍ର ଶର୍ମାଙ୍କୁ ପୂର୍ଣ୍ଣ ମର୍ଯ୍ୟାଦା ସହିତ ନିଜ ବାସଗୃହଆଳି ନିଆଳ ଠାରେ କନ୍ଦାବୋବାଳି ସହିତ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି। ସୂଚନାଯୋଗ୍ୟ ଯେ ୧୯୫୯ପିତା ଡାକ୍ତର ଦିବାକର ଶର୍ମା ଓ ମାତା କମଳାଙ୍କ ଔରସରୁ ଜନ୍ମିତ ଦ୍ୱିତୀୟ ପୁତ୍ର ଦେବ ଶର୍ମା ପିଲାଦିନୁ ବିଚିକ୍ଷଣ ଥିଲେ। ସେ' ଉଚ୍ଚଶିକ୍ଷା ପରେ ୧୯୮୪ ମସିହାରେ ଆଳିର ପୂର୍ବତନ ବିଧାୟକ ସ୍ୱର୍ଗତ ଶରତ ଦେବଙ୍କ ସହଯୋଗରେ ପ୍ରଥମ ଥରଲାଗି ଆଳି ପଂଚାୟତ ସମିତିର ମାତ୍ର ୨୫ବୟସରେ ଅଧ୍ୟକ୍ଷ ହୋଇପାରିଥିଲେ। ରାଜନୀତି କ୍ଷେତ୍ରରେ ସଫଳତା ହାସଲ କରିବାରେ ପାରଙ୍ଗମ ଶର୍ମା ୧୯୯୨ ମସିହାରେ ରାଜନୈତିକ ଆକ୍ରୋଶର ଶିକାର ହୋଇ ଜାତୀୟ ନିରାପତ୍ତା ଉଲ୍ଲଂଘନ ଆଇନରେ ଗିରଫ ହୋଇଥିଲେ ଓ ପରବର୍ତ୍ତୀ ସମୟରେ ୧୯୯୭ ମସିହା ତ୍ରିସ୍ତରୀୟ ନିର୍ବାଚନରେ ପୁନର୍ବାର ଦ୍ୱିତୀୟଥର ଲାଗି ଅପ୍ରତିଦ୍ୱନ୍ଦି ଭାବରେ ବିଜୟଲାଭ କରିଥିଲେ କ୍ଷ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ସ୍ୱର୍ଗତ ଶର୍ମା ୨୦୦୪ ମସିହାରେ ପ୍ରଥମଥର ଲାଗି କଂଗ୍ରେସ ଦଳର ଆଳି ନିର୍ବାଚନ ମଣ୍ଡହବଭର ବିଧାୟକ ପ୍ରାଥୀ ହୋଇ ବିଜେଡି ପ୍ରାର୍ଥୀ ପ୍ରତାପ ଦେବଙ୍କ ଠାରୁ ପରାସ୍ତ ହୋଇଥିଲେ। ସେହି ସମୟରେ ଆଳି ଅଂଚଳରେ ମହିଳା ଫୁଟବଲ କ୍ରୀଡାର ବିକାଶ ନିମନ୍ତେ ସେ ତାଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟାରେ ଫୁଟବଲର ଉନ୍ନତି ଲାଗି ଦିନରାତି ଏକାକାର କରିବା ସହିତ କେବଳ ଆଳି ଅଂଚଳରୁ ପ୍ରାୟ ୨୫ ଜଣ ମହିଳା ଖେଳାଳୀ ବିଭିନ୍ନ ସ୍ଥାନରେ ସରକାରୀ ଚାକିରୀ କରିବାରେ ସକ୍ଷମ ହୋଇପାରିଛନ୍ତି। ସ୍ୱର୍ଗତ ଶର୍ମା ପଛକୁ ଆଉ ଫେରି ଚାହିନାହାନ୍ତି। ଦ୍ୱିତୀୟଥର ଲାଗି ଆଳି ନିର୍ବାଚନ ମଣ୍ଡଳୀରୁ ୨୦୦୯ରେ ପୁନର୍ବାର କଂଗ୍ରେସ ଦଳରୁ ପ୍ରାର୍ଥୀ ହୋଇ ପରମ୍ପରିକ ପ୍ରାର୍ଥୀଙ୍କ ଠାରୁ ପରାଜୟ ହେବାପରେ ୨୦୧୪ ମସିହାରେ ବିଜୁ ଜନତା ଦଳର ଟାଣୁଆ ନେତା ପ୍ରତାପ କେଶରୀ ଦେବଙ୍କୁ ପରାସ୍ତକରି ବିଧାନସଭାକୁ ପ୍ରବେଶ କରନ୍ତି। ୨୦୧୯ ମସିହା ସାଧାରଣ ନିର୍ବାଚନରେ ସାଙ୍ଗଠନିକ ଦୁର୍ବଳତା ଯୋଗୁଁ ପୁନରାୟ ବିଜେଡି ପ୍ରାର୍ଥୀଙ୍କ ଠାରୁ ପରାସ୍ତ ହେବାପରେ ୨୦୨୪ ନିର୍ବାଚନରେ ଶାରୀରିକ ଅସୁସ୍ଥତା ଯୋଗୁଁ ନିଜେ ପ୍ରାଥୀ ନହୋଇ ଝିଅ ଡାକ୍ତର ଦେବସ୍ମିତାଙ୍କୁ ପ୍ରାର୍ଥୀ କରନ୍ତି ପଇସା ଓ ପାୱାର ଆଗରେ ଦେବସ୍ମିତା ହାରମାନି ପରାସ୍ତ ହୁଅନ୍ତି। ପରବର୍ତ୍ତୀ ସମୟରେ ଶାରୀରିକ ଅସୁସ୍ଥତା ଲାଗି ନିଜକୁ ବିଭିନ୍ନ ସଂଗଠନ କାର୍ଯ୍ୟକ୍ରମରୁ ନିଜକୁ ଦୂରେଇ ରଖନ୍ତି। ଗତ ବୁଧବାର ଦିନ ଶାରୀରିକ ଅସୁସ୍ଥତା ଯୋଗୁଁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକତ୍ସା ନିମନ୍ତେ ଭର୍ତ୍ତି ହୁଅନ୍ତି। ସେ ଗତକାଲି ଅପରାହ୍ନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଦେବ ଶର୍ମାଙ୍କ ମୃତ୍ୟୁରେ ଆଳି, ରାଜକନିକା ସମେତ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ଶୋକରେ ଛାୟା ଖେଳିଯାଇଛି। ରବିବାର ତାଙ୍କର ପାର୍ଥିବ ଶରୀର ଭୁବନେଶ୍ୱରରୁ ପ୍ରଥମେ କଂଗ୍ରେସ ପାର୍ଟି ଅଫିସ ଓ ବିଧାନସଭାକୁ ନିଆଯିବା ପରେ ଭୁବନେଶ୍ୱରରୁ କଟକ-ଚାନ୍ଦବାଲି ରାସ୍ତାରେ ନିଜ ଜନ୍ମସ୍ଥାନ ଆଳି ନିଆଳ ଗ୍ରାମକୁ ନେବାବାଟରେ ଉଭୟ ପାର୍ଶ୍ୱରେ ହଜାର ହଜାର ଶୋକାକୁଳ ଜନତା 'ଦେବ ଶର୍ମା ଆମର ରହେ' ଧ୍ୱନିରେ ପ୍ରକମ୍ପିତ କରିଥିଲେ। ସ୍ୱର୍ଗତ ଶର୍ମାଙ୍କ ବିୟୋଗରେ କେନ୍ଦ୍ରାପଡ଼ାର ପୂର୍ବତନ ଜିଲ୍ଲାପାଳ ଦକ୍ଷଶରଥୀ ଶତପଥୀ, ବରିଷ୍ଠ ଆଇନଜୀବୀ ଭୀମସେନ ଭୂୟାଁ, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ସରପଞ୍ଚ ଆୟୁବ ଖାନ, ସମାଜସେବୀ ଆୟୁନୁଲ ଖାନ, ପ୍ରଶାନ୍ତ ମହାନ୍ତି ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ଉତ୍ତର ପୂର୍ବାଞ୍ଚଳ ଯୁବ ଉତ୍ସବରେ ଓଡ଼ିଶାରୁ କଳାହାଣ୍ଡିର ପ୍ରତାପ ଚନ୍ଦ୍ର ଦାଶଙ୍କ ପ୍ରତିନିଧିତ୍ୱ


ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଭାରତ ସରକାରଙ୍କ ଯୁବ ବ୍ୟାପାର ଏବଂ ଖେଳ ମନ୍ତ୍ରଣାଳୟ ତରଫରୁ ଅନୁମୋଦିତ ଓ ସିକିମ୍ ରାଜ୍ୟ ସରକାରଙ୍କ ସହଭାଗିତାରେ ଗ୍ୟାଙ୍ଗଟକ୍ ଠାରେ ଅନୁଷ୍ଠିତ ହୋଇଥିବା ଅଷ୍ଟମ ଉତ୍ତର ପୂର୍ବାଞ୍ଚଳ ଯୁବ ଉତ୍ସବକୁ ଓଡିଶାରୁ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ କାର୍ଯ୍ୟନିର୍ବାହୀ ଅଧିକାରୀ ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶ ପ୍ରତିନିଧିତ୍ୱ କରିଥିଲେ। ଏହି ଚାରିଦିବସୀୟ ଯୁବ ଉତ୍ସବ ଗତ ମାର୍ଚ୍ଚ ୧୭ ରୁ ୨୦ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଭାରତର ୨୧ ଟି ରାଜ୍ୟରୁ ୨୮୦ ଜଣ ପ୍ରତିଯୋଗୀ ଏଥିରେ ଯୋଗଦେଇଥିବା ଜଣାପଡିଛି। ଏଥିରେ ଦେଶର ଉତ୍ତର ପୂର୍ବାଞ୍ଚଳ ସମସ୍ତ ରାଜ୍ୟରୁ ନିଜସ୍ୱ ପ୍ରତିନିଧି ମାନେ ଅଂଶଗ୍ରହଣ କରିଥିଲେ। ଏହି ଯୁବ ଉତ୍ସବରେ ସିକିମ୍‌ର ମୁଖ୍ୟମନ୍ତ୍ରୀ, ଓଡିଶା ଦଳ ଏବଂ ଶ୍ରୀ ଦାଶଙ୍କୁ ଶୁଭେଚ୍ଛା ଜଣାଇବା ସହ ବିକଶିତ ଭାରତ ପଛରେ ଓଡିଶାର ଯୁବନେତୃତ୍ୱର ସହଭାଗୀତାକୁ ପ୍ରଶଂସା କରିଥିଲେ। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ନିର୍ଦ୍ଦେଶାଳୟ ତରଫରୁ ଓଡିଶା ଏନ୍‌ଏସ୍‌ଏସ୍ ଦଳ ମନୋନୀତ ହୋଇଥିବାରୁ ଅଧ୍ୟାପକ ଶ୍ରୀ ଦାଶ, ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ, ଯୁବ ଅଫିସର ଅଜିତ୍ ଖୁସ୍‌ବୁ, ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଛବିଲାଲ ସାହୁଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଓଡିଶାରୁ ପ୍ରଥମ ଥର ପାଇଁ ଉତ୍ତର ପୂର୍ବାଞ୍ଚଳ ଯୁବ ଉତ୍ସବକୁ ଅଧ୍ୟାପକ ଶ୍ରୀ ଦାଶ କଳାହାଣ୍ଡିରୁ ପ୍ରତିନିଧିତ୍ୱ କରି ଜିଲ୍ଲା ଓ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି।



## କୁମୁଡ଼ି ଡଙ୍ଗରୀ ଜଙ୍ଗଲରେ ଅଗ୍ନିକାଣ୍ଡ

ଧର୍ମଗଡ଼ (ଭାସ୍କର ନ୍ୟୁଜ): ଧର୍ମଗଡ଼ ବନ ଖଣ୍ଡ ଅଧିନ କୁମୁଡ଼ି ଡଙ୍ଗରୀ ଜଙ୍ଗଲରେ ସନ୍ଧ୍ୟା ସମୟରେ ନିଆଁ ଲାଗି ଥିବାବେଳେ ଦୀର୍ଘ ୫ଘଣ୍ଟା ପରିଶ୍ରମରେ ଆୟତ୍ତ ହୋଇଛି। ପ୍ରଥମେ ଖବର ପାଇ ଜଙ୍ଗଲ ବିଭାଗ କର୍ମଚାରୀମାନେ ନିୟୋଜିତ ହୋଇ ନିଆଁ ଲିଭାଇବା ପ୍ରୟାସ କରିଥିଲେ ମଧ୍ୟ ଅଣାୟତ୍ତ ହୋଇପଡିଥିଲା। ଶେଷରେ ଅଗ୍ନିଶମ ବିଭାଗ ଖବର ପାଇଁ ନିଆଁ ଲିଭାଇବାରେ ଲାଗିପଡିଥିଲେ। ଗୋଟାଏ ପଟେ ଅନ୍ଧାର ଓ ଅନ୍ୟପଟେ ହୁତୁହୁତୁ ନିଆଁ ଯୋଗୁ ଅଗ୍ନିଶମ ବିଭାଗ ନାକେଦମ ହୋଇପଡିଥିଲେ। ବନ ବିଭାଗ ପକ୍ଷରୁ ଏଠାରେ ଗତ କିଛି ବର୍ଷ ତଳେ ମୂଲ୍ୟବାନ ଗଛ ସବୁ ଲଗାଇଥିଲେ।ଏଥିପାଇଁ କୋଟି କୋଟି ଟଙ୍କା ସରକାରୀ ଅର୍ଥ ଖର୍ଚ୍ଚ ହୋଇଥିବାବେଳେ ତାର ରକ୍ଷଣାବେକ୍ଷଣ ଅଭାବ ରହିଥିବା ସ୍ଥାନିୟ ଲୋକଙ୍କ ଭିତରେ ଆଲୋଚନା ହେଉଛି। ତେବେ କୁହୁଡି ଡଙ୍ଗରି ଧର୍ମଗଡ଼ ବନ ବିଭାଗ ଅଧୀନରେ ଥିଲେ ମଧ୍ୟ ବିଭାଗ ଅବହେଳା ଯୋଗୁଁ ବହୁ ମୂଲ୍ୟବାନ ଗଛ ସବୁ ଦିନକୁ ଦିନ ହ୍ରାସ ପାଉଥିବା କୁହାଯାଉଛି। କୁହୁଡି ଡଙ୍ଗରି ବନୀକରଣ ଆଳରେ ଏଠାରେ ଲକ୍ଷ ଲକ୍ଷ ଟଙ୍କା ହରଡ଼ ହୋଇଥିବା ଲୋକଙ୍କ ଭିତରେ ଚର୍ଚ୍ଚା ହେଉଛି। ଡଙ୍ଗରି ରେ ନିଆଁ ଲାଗିବା ପଛର କାରଣ ଅସ୍ପଷ୍ଟ ଥିଲେ ବି କୌଣସି ଖଳପ୍ରକୃତି ସ୍ଥାନୀୟ ଲୋକଙ୍କ ହାତ ଥିବା ସନ୍ଦେହ କରାଯାଉଛି।ଅନ୍ୟପଟେ ସାଧାରଣ ଭାବେ ଚାଷୀମାନେ ଏହି ସମୟରେ ନିଜ ନିଜ ଜମିରେ ନିଆଁ ଲଗେଇ ସଫା କରିଥାନ୍ତି। ହୁଏତ ସେହି ନିଆଁ କୁହୁଡିଡଙ୍ଗରି ଭିତରେ ପ୍ରବେଶ କରିଥିବା ସନ୍ଦେହ କରାଯାଉଛି। ଦୀର୍ଘ ୪-୫ଘଣ୍ଟା ଅଗ୍ନିଶମ ଓ ବନ ବିଭାଗର ମିଳିତ ଉଦ୍ୟମରେ ନିଆଁ ନିୟନ୍ତ୍ରଣ ହୋଇଥିଲା। ତେବେ ଏହାର କେତେ କ୍ଷୟକ୍ଷତି ହୋଇଛି ତାହା ବର୍ତ୍ତମାନ ଜଣାପଡିନାହିଁ। ଏନେଇ ଧର୍ମଗଡ଼ ଉପଖଣ୍ଡ ବନ ବିଭାଗ ଅଧିକାରୀଙ୍କୁ ପଚାରିବାରୁ ସେ ସ୍ୱାସ୍ଥ୍ୟ ଗତ ସମସ୍ୟା ଯୋଗୁ ବିଶାଖାପାଟଣା ଅଛନ୍ତି ଏବଂ ନିଆଁ ଲାଗିବା ଘଟଣା ସତ - କର୍ମଚାରୀ ସମେତ ଅଗ୍ନିଶମ ବିଭାଗ ନିଆଁ ଲିଭା କାର୍ଯ୍ୟ ରେ ନିୟୋଜିତ ଥିବା କହିଛନ୍ତି।

## ପରଲୋକରେ ବର୍ଷୀୟାନ ରାଜନେତା ଦୁର୍ଗା ଶଙ୍କର



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡିର ବର୍ଷୀୟାନ ରାଜନେତା, ସଂକଳ୍ପବାଦୀ ସମାଜସେବୀ, କଳାହାଣ୍ଡି ଆଇନ ମହାବିଦ୍ୟାଳୟର ପ୍ରତିଷ୍ଠାତା, ସ୍ଥାନୀୟ ଗାନ୍ଧୀଚୌକ ଦୁର୍ଗାମନ୍ଦିର କମିଟିର ସଭାପତି, ପ୍ରଖ୍ୟାତ ଇଂ.ସ୍ୱର୍ଗତ ଇନ୍ଦ୍ରମଣି କରଙ୍କ ଜ୍ୟେଷ୍ଠପୁତ୍ର, ସର୍ବୋପରି ଜଣେ ସ୍ନେହ ଛଳଛଳ ମଣିଷ ଦୁର୍ଗା ଶଙ୍କର କରଙ୍କ ଶୁକ୍ରବାର ସକାଳେ ତାଙ୍କ ମନ୍ଦାର ବଗିଚା ପଡା ବାସଭବନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା। ଭବାନୀପାଟଣା, ତାରିଣୀ ମନ୍ଦିର ନିକଟସ୍ଥ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। କଳାହାଣ୍ଡିର ଏହି ବର୍ଷୀୟାନ ନେତାଙ୍କ ବିୟୋଗରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ଓ ଗଭୀର ଶୋକ ପ୍ରକାଶ କରି ଜିଲ୍ଲା ତଥା ରାଜ୍ୟର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଶୋକବାର୍ତ୍ତା ପଠାଇଥିଲେ। ତାଙ୍କ ମୃତ୍ୟୁରେ କଳାହାଣ୍ଡି ଜଣେ ଆଦର୍ଶବାଦୀ ବ୍ୟକ୍ତିତ୍ୱଙ୍କୁ ହରେଇବା ସହ ଚିରଦିନ ପାଇଁ ଜିଲ୍ଲାବାସୀଙ୍କ ହୃଦୟ ଭିତରେ ରହିବେ ବୋଲି ପ୍ରକାଶ କରି ପରିବାର ବର୍ଗ ଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି।

## ବିଶ୍ୱ ବନଦିବସ ଓ ବନାଗ୍ନି ସଚେତନତା କାର୍ଯ୍ୟକ୍ରମ




ଭବାନୀପାଟଣା (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜଙ୍ଗଲ ବିଭାଗର ଦକ୍ଷିଣ ବନଖଣ୍ଡ ଅଧୀନରେ ଥିବା ସାଇସୁରନି ରେଞ୍ଜର ଗୁଣପୁର ଠାରେ ବିଶ୍ୱ ବନ ଦିବସ ଓ ବନାଗ୍ନି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କେଫ୍ୟୁ ପକ୍ଷରୁ ଆୟୋଜିତ ଏହି ସଚେତନତା ସଭାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଓଡିଶା ପଶ୍ଚିମ ପ୍ରାନ୍ତ ପର୍ଯ୍ୟାବରଣ ପ୍ରମୁଖ କାମତା ପ୍ରସାଦ ଚନ୍ଦ୍ରକାର, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ, କଳାହାଣ୍ଡି ରୂପସିଂ ରାଉତ, କଳାହାଣ୍ଡି ଜିଲ୍ଲା ପର୍ଯ୍ୟାବରଣ ସଂଯୋଜକ ନାରାୟଣ ପାତ୍ର, କର୍ଲାପାଟ ଗ୍ରାମ ପଞ୍ଚାୟତର ସରପଞ୍ଚ ବିଶ୍ୱନାଥ ମାଝୀ, ତଳ ଆମପଦର ଗ୍ରାମପଞ୍ଚାୟତ ସରପଞ୍ଚ ପ୍ରକାଶ ଚନ୍ଦ୍ର ମାଝୀ, ନାକରୁଣ୍ଡି ଗ୍ରାମପଞ୍ଚାୟତର କେଫ୍ୟୁ ପୂର୍ବତନ ସରପଞ୍ଚ କାହ୍ନୁ ମାଝି, ସାଇସୁରନି ରେଞ୍ଜ କାର୍ଯ୍ୟରତ ବନରକ୍ଷୀ ସନ୍ତୋଷ କୁମାର ଦାସ , ପ୍ରକୃତି ବନ୍ଧୁ ଡୋଳାମଣି ସାହୁ, ଯୁବ ସମାଜସେବୀ ରଥ ଦୁରିଆ, ଦିଲୀପ ପ୍ରଧାନ, ଗୁଣନିଧି ନାଏକ, ମହିଳା ସମିତି ସଭାନେତ୍ରୀ ରଂଜିତା ପାତ୍ର ପ୍ରମୁଖ ମଂଚାସୀନ ହୋଇ ଏହି ଦିବସର ଗୁରୁତ୍ୱ ବର୍ଣ୍ଣନା କରିଥିଲେ। ବିଶେଷ କରି ଆଜିର ଦିନରେ ମଧ୍ୟ ଜଙ୍ଗଲ ପୋଡି ଓ ପୋଡୁ ଚାଷ ଦ୍ୱାରା କିପରି ଜଙ୍ଗଲ ନଷ୍ଟ ହେଉଛି ତା ଉପରେ ସଚେତନ ହେବା ପାଇଁ ଆଲୋଚନା ହୋଇଥିଲା। ଚଳିତ ବର୍ଷ ବନଦିବସର ବିଷୟ ବସ୍ତୁ 'ବନ ଓ ଭୋଜନ ' ଶୀର୍ଷକ ଉପରେ ପ୍ରକୃତି ବନ୍ଧୁ ଶ୍ରୀ ସାହୁ ଆଲୋଚନା କରିଥିଲେ ବନ କିପରି ମାନବ ସମାଜକୁ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଦେବା ସାଙ୍ଗକୁ ରୋଗ ଦାଉରୁ ବଂଚିବାକୁ ଦୁର୍ମୂଲ୍ୟ ଔଷଧ ଓ ଅମ୍ଳଜାନ ପ୍ରଦାନ କରିଥାଏ ଏପରି ଅମୂଲ୍ୟ ବସ୍ତୁକୁ ଆମେ ଜାଣତରେ ହେଉ କିମ୍ବା ଅଜାଣତରେ ହେଉ ନଷ୍ଟ କରି ଚାଲିଛୁ ବୋଲି ବାର୍ତ୍ତା ପ୍ରଦାନ କରିବା ସହ ଏହା ତୁରନ୍ତ ବନ୍ଦ ହେବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ । ପ୍ରାନ୍ତ ପର୍ଯ୍ୟାବରଣ ପ୍ରମୁଖ ଶ୍ରୀ ଚନ୍ଦ୍ରକାର ଜଳ, ଜମି, ଜନ୍ତୁ ଓ ଜନ ବସତି ନିମେନ୍ତେ ଜଙ୍ଗଲକୁ ସୁରକ୍ଷା ଦେବା ଆମମାନଙ୍କର ନୈତିକ ଅଧିକାର ବୋଲି ପ୍ରକାଶ କରିଥିଲେ । ସଂପ୍ରତି ଗ୍ରୀଷ୍ମ ପ୍ରବାହ ବୃଦ୍ଧି ହେଉଥିବାରୁ ଜଙ୍ଗଲକୁ କିପରି ନିଆଁ ଦାଉରୁ ରକ୍ଷା କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଶ୍ୱ ବନ ଦିବସ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ବନ ସୁରକ୍ଷା ସମିତି, ମହିଳା ସମିତି, ଯୁବକ ସଂଘ ଓ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଶାସ୍ତ୍ରୀଜୀ ମଡେଲ ସ୍କୁଲର ବାର୍ଷିକ ଉତ୍ସବ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ସଦର ଥାନା ସମ୍ମୁଖ ଭାଗରେ ଥିବା ମାଆ ଗାୟତ୍ରୀ ଏଜୁକେସନ ଟ୍ରଷ୍ଟ ପରିଚାଳିତ ଶାସ୍ତ୍ରୀଜୀ ମଡେଲ ସ୍କୁଲର ଦ୍ୱାଦଶ ତମ ବାର୍ଷିକ ଉତ୍ସବ ୧୯ ଓ ୨୦ ତାରିଖ ଦୁଇଦିନ ଧରି ବିଦ୍ୟାଳୟ ପରିସରରେ ଏକ ମନୋଜ୍ଞ ପରିବେଶ ମଧ୍ୟରେ ପାଳିତ ହୋଇଯାଇଅଛି ।ବିଦ୍ୟାଳୟର ପ୍ରିନ୍ସପାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମର ପ୍ରଥମ ଦିନରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଜ୍ଞାନ, ଗଣିତ,ଇଂରାଜୀ, ଓଡ଼ିଆ ଓ ହିନ୍ଦୀ ଭାଷା ସାହିତ୍ୟ ଓ ଚିତ୍ରକଳା ତଥା ହସ୍ତକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା ।ବରିଷ୍ଠ ଶିକ୍ଷକ ପ୍ରଭାସ ଚନ୍ଦ୍ର ମିଶ୍ର, ଚିତ୍ରଶିଳ୍ପୀ କୃଷ୍ଣଚନ୍ଦ୍ର ପ୍ରଧାନ, ଶିକ୍ଷକ ଦିଲ୍ଲୀପ ଚୌଧୁରୀ,ପୋଲିସ ହାଇସ୍କୁଲ ପ୍ରଧାନ ଶିକ୍ଷକ ରବିନ୍ଦ୍ର ପଟ୍ଟନାୟକ, ଶିକ୍ଷକ ଚନ୍ଦନ ଦକୁମାର ସାହୁ ଓ ଶିକ୍ଷକ ବିଷ୍ଣୁ ଶତପଥୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କର ପ୍ରତିଭାର ମୂଲ୍ୟାୟନ କରିଥିଲେ। ୨୦ ତାରିଖ ଗୁରୁବାର ଅପରାହ୍ନରେ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ଉମ୍ମିଦ -୨୦୨୫' ଏକ ଚିତ୍ତାକର୍ଷକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।ବରିଷ୍ଠ ଶିକ୍ଷାବିତ୍ ବସନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭା କାର୍ଯ୍ୟରେ ମୁଖ୍ୟବକ୍ତା ଭାବେ ମେଜର ଡ. ଜୟଦେବ ସାହୁ, ସମ୍ମାନିତ ଅତିଥି ଭାବେ ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ତଥା ନର୍ଲା ବ୍ଲକର ବିଇଓ ତପିମଣି ଜାନୀ, ସଦର ବ୍ଲକ୍ ଏବିଇଓ ଜଗଦୀଶ ଚନ୍ଦ୍ର ମୁଣ୍ଡ, ବିଦ୍ୟାଳୟର ଚେୟାରମେନ୍ ଆଶୁତୋଷ ମୁଣ୍ଡ, ସମ୍ପାଦିକା ନିହାରିକା ପୁରୋହିତ,ଟ୍ରଷ୍ଟି ସଦସ୍ୟା ସ୍ୱପ୍ନା ପ୍ରଧାନ,ଶରଧାପୁର ପ୍ରଧାନ ଶିକ୍ଷକ ମଧୁସୂଦନ ପ୍ରଧାନ, ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ କନ୍ଦ୍ରେଶ୍ୱର ପୁରୋହିତ, ସଂଯୋଜକ ଉଗ୍ରେସନ ସାହୁ ଉପସ୍ଥିତ ରହି ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ବିଭିନ୍ନ ଦିଗଦର୍ଶନ ଦେଇଥିଲେ। ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ନାୟକ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନ ମୋହନ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ ।ଏହି ଅବସରରେ ଶ୍ରେଷ୍ଠ ଶିକ୍ଷକ ଭାବେ ସୁମନ୍ତ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ଗତବର୍ଷ ସିବିଏସଇ ୧୦ମ ଶ୍ରେଣୀ ପରୀକ୍ଷାରେ ୯୫.୦୮ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଥିବା ଛାତ୍ର ପୃଥୀଦୀପ୍ତ ରଣାଙ୍କୁ ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟି ସଦସ୍ୟା ତଥା ଆଶୁକବିୟିତ୍ରୀ ସ୍ୱପ୍ନା ପ୍ରଧାନ ମଞ୍ଚରେ ଉପସ୍ଥିତ ଅତିଥି ମାନଙ୍କୁ ନେଇ ଲେଖିଥିବା ଏକ କବିତା ସଭାରେ ପାଠକରି ଉପସ୍ଥିତ ଅତିଥି ଓ ଅଭିଭାବକମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ମଧୁସୂଦନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପରେପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବହୁ ସଂଖ୍ୟାରେ ଉପସ୍ଥିତ ଅଭିଭାବକ ନିମନ୍ତ୍ରିତ ଅତିଥି ଓ ଛାତ୍ରଛାତ୍ରୀମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ କୁନିକୁନି ପିଲାମାନଙ୍କ ଅଭୂତପୂର୍ବ କଳା ପ୍ରଦର୍ଶନକୁ ମନଭରି ଉପଭୋଗ କରିଥିଲେ ।ମଞ୍ଚ କାର୍ଯ୍ୟକ୍ରମକୁ ଗୋବିନ୍ଦ ପ୍ରଧାନ, ସୁପ୍ରିୟା ସାହୁ, ସୌମ୍ୟା ପ୍ରିୟଦର୍ଶିନୀ, ଧରିତ୍ରୀ, ମେଘନା ଓ ଅନମୋଲ୍ ସଂଯୋଜନା କରିଥିଲେ।




## ଏପ୍ରିଲ ୨ରୁ ଶିଶୁବାଟିକାରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): ଆସନ୍ତା ଏପ୍ରିଲ ୨ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ନୂତନ ଜାତୀୟ ଶିକ୍ଷାନୀତି ପ୍ରଚଳନ ଅବସରରେ ଶିଶୁବାଟିକାରେ ନାମଲେଖା ଓ ଖଡ଼ିଛୁଆଁ ସହିତ ପ୍ରବେଶ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ବହୁସଂଖ୍ୟାରେ ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବା ସହିତ ଅଭିଭାବକଙ୍କୁ ସାମିଲ କରିବାକୁ ଅଭିନବ ପଦକ୍ଷେପ ନେଇଛି କଳାହାଣ୍ଡି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗ। ଭବାନୀପାଟଣା ସହରରେ ଖୋଦ ଜିଲ୍ଲାପାଳ ଘର ଘର ବୁଲି ଏଥିପାଇଁ ନିମନ୍ତ୍ରଣ ପତ୍ର ବାଣ୍ଟିଥିବାବେଳେ ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରି ଲାଞ୍ଜିଗଡ ବ୍ଲକର ବନ୍ଧପାରି ଓ ବିଶ୍ୱନାଥପୁରରେ ନିମନ୍ତ୍ରଣ ବାଣ୍ଟିବା ସହିତ ଏହାର ଶୁଭାରମ୍ଭ କରିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀଙ୍କ ସହିତ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ, ଲାଞ୍ଜିଗଡ ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଢଳଦେବ ମୁଣ୍ଡ, ଭାରତଭୂଷଣ ସାହୁ, ଲକ୍ଷ୍ମୀପ୍ରିୟା ମୁଦୁଲିଙ୍କ ସହିତ କ୍ଲଷ୍ଟର ସଂଯୋଜକ ସୋଭାଗ୍ୟ ରଞ୍ଜନ ସାହୁ, ଦୁଖୀଶ୍ୟାମ ବାରିକ ପ୍ରମୁଖ ସାମିଲ ହୋଇଥିଲେ।

## କର୍ଲାମୁଣ୍ଡା ବ୍ଲକ୍ ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସଦର ସ୍ଥିତ ଆର ଏମସି ସେଡ ଗୃହ ଠାରେ କର୍ଲାମୁଣ୍ଡା ବ୍ଲକ ଟ୍ରାକ୍ଟର ମାଲିକ ସଂଘର ସଭାପତି ନବୀନ କିଶୋର ସାହୁଙ୍କ ନେତୃତ୍ୱରେ ଏକ ସାଧାରଣ ସଭା କରାଯାଇଥିଲା। ଚଳିତ ବର୍ଷ ଲଘୁ ଖଣିଜ ପଦାର୍ଥକୁ ଟ୍ରାକ୍ଟର ସାହାଯ୍ୟରେ ମାଲ ପରିବହନ କରୁଥିବା ବେଳେ ପୋଲିସ ଓ ପ୍ରଶାସନମାନଙ୍କ ଦ୍ୱାରା ଟ୍ରାକ୍ଟରଗୁଡିକୁ ପୋଲିସ ଅଟକ ରଖି କୋର୍ଟ ଚାଲାଣ କରୁଛନ୍ତି। ସରକାରୀ ଅବା ବେସରକାରୀ ସଂସ୍ଥାଗୁଡ଼ିକ ନିର୍ମାଣ କରାଯାଉଥିବା ସ୍ଥାନରେ ଇଟା,ବାଲି,ପଥର,ମାଟି,ଚିପ୍ସ ଇତ୍ୟାଦି ଦରକାର ବେଳେ ପରିବହନରେ ବାଧାପ୍ରାପ୍ତ ହେଉଥିବା ଯୋଗୁଁ ନିର୍ମାଣ କାର୍ଯ୍ୟ ଆଗେଇ ପାରୁନଥିବା ସାଧାରଣରେ ଅଭିଯୋଗ ହେଉଛି। ଏ ନେଇ ତହସିଲଦାରଙ୍କୁ କର୍ଲାମୁଣ୍ଡା ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ଲଘୁ ଖଣିଜ ପଦାର୍ଥ ଯଥା ବାଲି,ମାଟି,ଇଟା,ପଥର ବାବଦକୁ ରୟାଲିଟି ପ୍ରଦାନ କରିବା ପାଇଁ ଅନୁରୋଧ କରିଥିଲେ। ଟ୍ରାକ୍ଟର ମାଲିକ ସଂଘ ର ସଦସ୍ୟ ମହେନ୍ଦ୍ର ରଣା,ଭ୍ବାନୀ ଶଙ୍କର କାମ୍ପ, କ୍ଷିର ସାଗର କୁମାର , ଦେବେନ୍ଦ୍ର କୁମାର,ସନ୍ୟମଣୀ ସାହୁ,ମୋହନ ସାହୁ,ଶଶି ସାହୁ,ତ୍ରିସୁତ ସାହୁ, ଘନଶ୍ୟାମ ସାହୁ,କ୍ଷିରମଣି ସାହୁ, ଶୁଶାନ୍ତ ରଣା, ହେମନ୍ତ ସାହୁ ସମେତ ଶତାଧିକ ଟ୍ରାକ୍ଟର ମାଲିକ ଉପସ୍ଥିତ ଥିଲେ।



## ଦୀର୍ଘ ୧୪ ବର୍ଷ ପରେ ବିନୋଦଙ୍କ ଶପଥ ହେଲା ପୂରଣ

ଧର୍ମଗଡ( ଭାସ୍କର ନ୍ୟୁଜ୍): ଜଣେ ସ୍ୱାଭିମାନ ଉଚ୍ଚ ଶିକ୍ଷିତ ଦିବ୍ୟାଙ୍ଗଙ୍କ ସ୍ୱାବଲମ୍ବୀ ଆଶା ମଉଳି ଯିବାପରେ ଶେଷରେ ଶପଥ ନେଇଥିଲେ। ୧୪ବର୍ଷ ତଳ କଥା- ସେତେବେଳେ ଘଟଣାଟି ଜୋର ଚର୍ଚ୍ଚା ପରିସରକୁ ଆସିଥିଲା। ହେଲେ ତାଙ୍କ ପ୍ରତିଜ୍ଞା ମୁତାବକ ଚଳିତ ନିର୍ବାଚନ ଫଳାଫଳରେ ଶପଥ ପୂରଣ ହୋଇଛି। ଶପଥର ୧୪ବର୍ଷ ପରେ ତାଙ୍କ ପାଦରେ ଚପଲ ପଡିଛି। ଧର୍ମଗଡ ବ୍ଲକ ଛଞ୍ଚାଣବାହେଲି ପଞ୍ଚାୟତ ବେହେରାଗୁଡାର ଦିବ୍ୟଙ୍ଗ ବିନୋଦ ବିହାରୀ ପୋଡ଼ (ଗୋପାଳ) । ପାଠ ପଢି ସେ ସ୍ୱାଭିମାନ ଭାବେ ବଞ୍ଚିବାକୁ ଦିନ ରାତି ଏକ କରି ପଢ଼ାପ୍ରତି ଧ୍ୟାନ ଦେଇଥିଲେ। ଉଚ୍ଚ ଶିକ୍ଷା କରିବାରେ ସଫଳ ବି ହୋଇଥିଲେ। ଖଣ୍ଡେ ଚାକେରି ପାଇଁ ଦିନ ରାତି କସରତ କରିଥିଲେ। ଏପରିକି ୨୦୧୧ମସିହାରେ ଏସଏସ ଚାକିରିର ଇଣ୍ଟରଭ୍ୟୁ ଦେଇ ସଫଳ ବି ହୋଇଥିଲେ। ସିଲେକ୍ସନ ଲିଷ୍ଟ ୯୪୪ମଧ୍ୟରୁ ୮୬୬ ନମ୍ବରରେ ତାଙ୍କର ଲିଷ୍ଟ ରହିଥିଲା। ହେଲେ ତାଙ୍କ ପାଖକୁ କୌଣସି ନିର୍ଦ୍ଦେଶନା ପତ୍ର ଆସି ପାରିନଥିଲା। ଏନେଇ ଜିଲ୍ଲା ପ୍ରଶାସନଙ୍କ ଦ୍ୱାରସ୍ଥ ଅନେକ ଥର ହୋଇଥିଲେ। ଶେଷରେ ନିଜ ଅଞ୍ଚଳର ବିଧାୟକଙ୍କୁ ଦୁଃଖ ଜଣାଇଥିଲେ। ସେତେବେଳେ ରାଜ୍ୟରେ ବିଜେଡି ସରକାର ଥିବାବେଳେ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀରେ ଶାସକ ଦଳ ବିଧାୟକ ରହିଥିଲେ। ବିଧାୟକଙ୍କୁ ଫୋନ ଯୋଗେ ବାରମ୍ବାର ଦୁଃଖ ଜଣାଇଥିଲେ। କିନ୍ତୁ ବିଧାୟକ ଜଣକ ତାଙ୍କ କଥାକୁ ଗୁରୁତ୍ୱ ନଦେଇ ଏଡାଇ ଦେଇଥିଲେ। ଜିଲ୍ଲାପାଳ ,ମନ୍ତ୍ରୀ, ବିଧାୟକ ପାଖକୁ ଯାଇ ଯାଇ ଶେଷରେ ନିରାଶ ହୋଇପଡ଼ିଥିଲେ ବିନୋଦ। ମନରେ ଆଶା ବାନ୍ଧିଥିବା ନିରାଶ ବହ୍ନି ଦେଖା ଦେଇଥିଲା। ଶେଷରେ ସରକାର ଓ ବିଧାୟକ ପ୍ରତି ଅଭିମାନ ରଖି ଶପଥ ନେଇଥିଲେ । ଶପଥରେ -ଧର୍ମଗଡ ନିର୍ବାଚନ ମଣ୍ଡଳୀରୁ ଶାସକ ଦଳ ବିଧାୟକ ନ ବଦଳିବା ଯାଏ ସେ କେବେ ଚପଲ ପିନ୍ଧିବେ ନାହିଁ ବୋଲି ପ୍ରତିଜ୍ଞା ବା ଶପଥ କରିଥିଲେ। ବର୍ତ୍ତମାନ ଚଳିତ ନିର୍ବାଚନରେ ସରକାର ବଦଳିବା ସାଙ୍ଗକୁ ଧର୍ମଗଡ ବିଧାୟକ ବି ବଦଳିଛି। ବିଜୁ ଜନତା ଦଳ ପ୍ରାର୍ଥୀ ବଦଳରେ ବିଜେପି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଦୀର୍ଘ ୧୪ବର୍ଷ ପରେ ଶୁକ୍ରବାର ଦିନ ବିନୋଦ ଚପଲ ପିନ୍ଧି ଥିବା ଜଣାପଡ଼ିଛି। ଚପଲ ପାଦରେ ଲାଗିବା ପରେ ସେ ଖୁସି ବ୍ୟକ୍ତ କରିଛନ୍ତି ।



## ମହୁଲ ଫୁଲର ବାସ୍ନାରେ ମହକୁଛି ବଣଭୂମି

# ମହକି ପାରୁନି ସଂଗ୍ରହକାରୀଙ୍କ ଭାଗ୍ୟ


- ମିଳୁନି ଉଚିତ୍ ମୂଲ୍ୟ
- ମହୁଲ ବଦଳରେ କିଣୁଛନ୍ତି ଘରକରଣା ସାମଗ୍ରୀ
- ବିକ୍ରି ନିମନ୍ତେ ଦଲାଲ ଭରସା
- ମଣ୍ଡି ସ୍ଥାପନ କରିବାକୁ ଦାବି

କୋକସରା, (ଭାସ୍କର ନ୍ୟୁଜ୍): ମହୁଲ ଫୁଲର ମହକରେ ମହକି ଯାଉଛି ବଣଭୂମି। ପରିବାର ପ୍ରତିପୋଷଣ ପାଇଁ ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ମହୁଲ ଗୋଟାଇବାରେ ଲାଗିପଡ଼ିଛନ୍ତି ବନବାସୀ। କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଜଙ୍ଗଲ ଡଙ୍ଗର ସମେତ କୋକସରା ବ୍ଲକର ଗୋତମୁଣ୍ଡା, ସାନପୋଡାଗୁଡା, ମହିମା, କାଉଡୋଲା, ଡୁଡୁକାଠେଙ୍ଗା, ବଡ଼ପୋଡ଼ାଗୁଡ଼ା ଠାରୁ ଆରମ୍ଭ କରି ସାହାଖୋଲ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ଗାଁ ଗୁଡ଼ିକ ଆମପାଣି ପଞ୍ଚାୟତର କୁଟୁରୁଠାରୁ ବରାଡଙ୍ଗା ପଞ୍ଚାୟତର ଝୁଲେନବର ପର୍ଯ୍ୟନ୍ତ ହଜାର ହଜାର ମହୁଲ ଗଛ ରହିଛି। ଫାଲ୍‌ଗୁନ ଓ ଚୈତ୍ର ଦୁଇ ମାସ ଧରି ମହୁଲ ଫୁଲ ଝଡିଥାଏ। ଏହାକୁ ଗୋଟାଇ, ଖରାରେ ସୁଖାଇ ବିକ୍ରୀ କରିଥାନ୍ତି ଏହି ଅଞ୍ଚଳର ଅଧିକାଂଶ ପରିବାର। ମହୁଲରୁ ମଦ ଏବଂ ଅନେକ ପ୍ରକାରର ଆୟୁର୍ବେଦିକ୍ ଔଷଧ ପ୍ରସ୍ତୁତ ହୋଇଥାଏ। ତେଣୁ ବଜାରରେ ଏହାର ଯଥେଷ୍ଟ ଚାହିଦା ରହିଛି। ତେବେ ମହୁଲ ଫୁଲ ଆରମ୍ଭ ହେଉ ହେଉ ତାକୁ ଅତି ଅଳ୍ପ ମୂଲ୍ୟ ଦେଇ କିଣି ନେଉଛନ୍ତି ବେପାରୀ ଓ ସ୍ଥାନୀୟ ସାହୁକାର। ଏବର୍ଷ ମହୁଲ କିଲୋ ପ୍ରତି ୨୦/୩୦ ଟଙ୍କା ଦେଇ ବେପାରୀ ମାନେ କିଣି ନେଉଥିବାବେଳେ ସାବୁନ, ସର୍ଫ, ଆଳୁ, ପିଆଜ ସହ ଦୈନନ୍ଦିନ ବ୍ୟବହାର୍ଯ୍ୟ କିଛି ସାମଗ୍ରୀ ଦେଇ ମହୁଲ ଫୁଲର ଅଦଳବଦଳ କରୁଥିବା ଦେଖିବାକୁ ମିଳୁଛି। କାହିଁ କେଉଁ କାଳରୁ ଆଦିବାସୀମାନେ ଜଙ୍ଗଲରୁ ଝୁଣା, ମହୁଲ, କାଠ, ଶାଳପତ୍ର, ଶାଳମଞ୍ଜି, କେନ୍ଦୁ, ଚାରମଞ୍ଜି, ନିମ୍ବ, ବାହାଡ଼ା, ଅଁଳା, ହରିଡ଼ା ପ୍ରଭୃତି ବନଜାତ ଦ୍ରବ୍ୟ ସଂଗ୍ରହ କରି ଜୀବନଜୀବିକା ନିର୍ବାହ କରି ଆସୁଛନ୍ତି। ତେବେ ମହୁଲ ଭଳି ବନଜାତ ଦ୍ରବ୍ୟର ବଜାର ମୂଲ୍ୟ ବୃଦ୍ଧି ପାଉ ନଥିବାରୁ ସେମାନଙ୍କ ଅକ୍ଳାନ୍ତ ପରିଶ୍ରମର ସମସ୍ତ ଶ୍ରେୟ ଅସାଧୁ ବ୍ୟବସାୟୀ ଓ ମଦ ବେପାରୀଙ୍କ ହାତକୁ ଆପେ ଆପେ ଚାଲି ଯାଉଛି। ଫଳସ୍ୱରୁପ ଅନ୍ୟ ନବଜାତ ଦ୍ରବ୍ୟ ପରି ମହୁଲର ପ୍ରକୃତ ମୂଲ୍ୟ ପାଇପାରୁ ନାହାଁନ୍ତି ମହୁଲ ଫୁଲ ଗୋଟାଳି। ଏଠି ବେପାରୀ ମାଲା ମାଲ ହେଉଥିବାବେଳେ ଶୋଷଣର ଶିକାର ହେଉଛନ୍ତି ଗୋଟାଳି ପରିବାର। ରାଜ୍ୟ ସରକାର ଗ୍ରାମ ପଞ୍ଚାୟତକୁ ମହୁଲର ଦର ନିର୍ଦ୍ଧାରଣ କରିବାକୁ କ୍ଷମତା ଦେଇଛନ୍ତି ସତ ହେଲେ ଆନ୍ତରୀକତା ଅଭାବ କାରଣରୁ ଏହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ପାରୁନାହିଁ। ଯଦି ଧାନ ଓ ମାଣ୍ଡିଆ ପରି ମହୁଲ ମଣ୍ଡି ସ୍ଥାପନ ହୁଅନ୍ତା ତେବେ କୋକସରା ସମେତ କଳାହାଣ୍ଡିର ହଜାର ହଜାର ମହୁଲ ଗୋଟାଳି ପରିବାର ଉପକୃତ ହୋଇପାରନ୍ତେ। ତେଣୁ ରାଜ୍ୟ ସରକାର ଓ କଳାହାଣ୍ଡି ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।




## ରାଶିଫଳ


**ରବିବାର, ୨୩ ମାର୍ଚ୍ଚ ୨୦୨୫**



**ମେଷ :** ଲାଭ ପାଇଁ ସୁଯୋଗ ଆସିବ । ରୋଜଗାର ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ବ୍ୟବସାୟ ଲାଭଦାୟକ ହେବ । ସେୟାର ବଜାରରେ ବୁଦ୍ଧିମାନ ଭାବରେ ବିନିଯୋଗ କରନ୍ତୁ । ଯନ୍ତ୍ରଣା, ଭୟ, ଚିନ୍ତା ଏବଂ ଟେନସନର ପରିବେଶ ସୃଷ୍ଟି ହୋଇପାରେ । କମ୍ ପରିଶ୍ରମ ସହିତ ସଫଳତା ଆସିବ ।




**ବୃଷ :** ରିସ୍କ ନେବାକୁ ସାହସ କରିବେ । ଆୟ ଜାରି ରହିବ । ଭାଇମାନେ ସମର୍ଥନ ପାଇବେ। ବିନିଯୋଗ ଭଲ ହେବ । ଆସନ୍ତାକାଲି ପାଇଁ ଆଜିର କାର୍ଯ୍ୟକୁ ସ୍ଥଗିତ ରଖନ୍ତୁ ନାହିଁ। ନିଜ ବିବେକ ବ୍ୟବହାର କରନ୍ତୁ । ଦୁଷ୍ଟ ଲୋକମାନଙ୍କ ପ୍ରତି ସାବଧାନ ରୁହନ୍ତୁ।



**ମିଥୁନ :** ଶୀଘ୍ର କୌଣସି କାରବାର କରନ୍ତୁ ନାହିଁ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଅପଚୟ ଖର୍ଚ୍ଚ ହେବ । ବ୍ୟବସାୟ ଯାତ୍ରା ସଫଳ ହେବ । ଅପ୍ରତ୍ୟାଶିତ ଲାଭ ହୋଇପାରେ । ବ୍ୟବସାୟରେ ଅଭିବୃଦ୍ଧି ହେବାର ସମ୍ଭାବନା ଅଛି । ସହଭାଗୀମାନେ ସମର୍ଥନ ପାଇବେ ।



**କର୍କଟ :** ଜଣେ ଅପରିଚିତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ ରଖନ୍ତୁ ନାହିଁ । ସମୟ ଚାଲିଯାଇଛି । ନକାରାତ୍ମକତା ରହିବ । ବ୍ୟବସାୟ ଭଲ ହେବ । ଆୟରେ ନିଶ୍ଚିତତା ରହିବ । ମୂଲ୍ୟବାନ ସାମଗ୍ରୀ ନିଜ ସହିତ ରଖନ୍ତୁ । ପତି-ପତ୍ନୀଙ୍କ ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ହେବ । ବକ୍ତବ୍ୟରେ ହାଲୁକା ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ ।



**ସିଂହ :** ଶତ୍ରୁମାନେ ଶାନ୍ତ ରହିବେ । ଲାଭ ପାଇଁ ସୁଯୋଗ ଆସିବ । ବ୍ୟବସାୟ ଯାତ୍ରା ଲାଭଦାୟକ ହେବ । ଦେୟ ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ । ଆପଣ ସାଙ୍ଗମାନଙ୍କ ସମର୍ଥନ ପାଇବେ । ନୂତନ କାର୍ଯ୍ୟ ଆରମ୍ଭ କରିବାକୁ ଯୋଜନା ହେବ । ଭାଗ୍ୟ ତୁମ ସହିତ ରହିବ ।




**କନ୍ୟା :** ଶିଶୁ ପକ୍ଷରୁ ସ୍ୱାସ୍ଥ୍ୟ ଏବଂ ଅଧ୍ୟୟନ ସମ୍ବନ୍ଧୀୟ ଚିନ୍ତାଧାରା ରହିବ। ଏକ ନୂତନ ଯୋଜନା ପ୍ରସ୍ତୁତ ହେବ । ତୁରନ୍ତ କୌଣସି ଲାଭ ହେବ ନାହିଁ । କାର୍ଯ୍ୟ ଶୈଳୀରେ ପରିବର୍ତ୍ତନ ହୋଇପାରେ । ବ୍ୟବସାୟ ଲାଭଦାୟକ ହେବ । ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ । ଷ୍ଟକ୍ ମାର୍କେଟ୍ ଏବଂ ମ୍ୟୁଚୁଆଲ୍ ଫଣ୍ଡ ଅନୁକୂଳ ଲାଭ ଦେବ ।



**ତୁଳା:** ଥକ୍କା ଏବଂ ଦୁର୍ବଳତା ରହିପାରେ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଧାର୍ମିକ କାର୍ଯ୍ୟରେ ଆଗ୍ରହ ରହିବ । ଆଇନଗତ ପ୍ରତିବନ୍ଧକ ହଟାଇବା ପରେ ପରିସ୍ଥିତି ଅନୁକୂଳ ହେବ। ଲାଭ ସୁଯୋଗ ଆସିବ । ସୁଖର ମାଧ୍ୟମ ମିଳିପାରିବ । ଟଙ୍କା ପାଇବା ସହଜ ହେବ ।



**ବିଛା :** ପ୍ରେମ ସଂପର୍କରେ ଶୀଘ୍ର ଯାଅ ନାହିଁ । ବିବାଦ ହୋଇପାରେ। ନକାରାତ୍ମକତା ରହିବ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ଅସାବଧାନ ହୁଅନ୍ତୁ ନାହିଁ । ଯୁବକ ଓ ଯୁବତୀଙ୍କ ବିଶେଷ ଯତ୍ନ ନିଅନ୍ତୁ । ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ଆତ୍ମ ସମ୍ମାନ କ୍ଷତିଗ୍ରସ୍ତ ହୋଇପାରେ । କାରବାରରେ ସାବଧାନ ରୁହନ୍ତୁ। ଆୟରେ ନିଶ୍ଚିତତା ରହିବ ।




**ଧନୁ :** ଆଇନଗତ ବାଧା ସମ୍ଭବ । ଥଟ୍ଟା ଠାରୁ ଦୂରେଇ ରୁହନ୍ତୁ। ବିରୋଧୀମାନେ ସକ୍ରିୟ ରହିବେ । ଯେ କୌଣସି ପ୍ରକାରେ ଟଙ୍କା କ୍ଷତି ହୋଇପାରେ । ତୁମେ ତୁମର ଜୀବନସାଥୀଙ୍କ ଠାରୁ ସମର୍ଥନ ପାଇବ । ଆଇନଗତ ପ୍ରତିବନ୍ଧକକୁ ହଟାଇ ଲାଭର ପରିସ୍ଥିତି ସୃଷ୍ଟି ହେବ । ଘର ବାହାରେ ଖୁସିର ପରିବେଶ ରହିବ। ବ୍ୟବସାୟ ଭଲ ହେବ । ଲାଭ ବୃଦ୍ଧି ପାଇବ ।



**ମକର :** ସୁଖର ମାଧ୍ୟମ ପାଇଁ ଖର୍ଚ୍ଚ ହେବ । ସ୍ଥିର ସମ୍ପତ୍ତିରେ ବୃଦ୍ଧି ହେବାର ସମ୍ଭାବନା ଅଛି । ସମ୍ପତ୍ତି କାର୍ଯ୍ୟ ବଡ ଲାଭ ଦେଇପାରେ। ରୋଜଗାର ପାଇବା ପାଇଁ ପ୍ରୟାସ ସଫଳ ହେବ । ଚାକିରିରେ ସୁଖ ଏବଂ ଶାନ୍ତି ରହିବ । ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗ ପ୍ରବେଶ କରନ୍ତୁ । ଅପମାନଜନକ କିଛି କରନ୍ତୁ ନାହିଁ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଚିନ୍ତା ଏବଂ ଟେନସନ ହେବ ।



**କୁମ୍ଭ :** ଏକ ମନୋରମ ଯାତ୍ରା ଯୋଜନା କରାଯାଇପାରେ। ତୁମକୁ ତୁମ ପ୍ରିୟ ଖାଦ୍ୟ ମିଳିବ। ଭଲ ସମୟ ସାଙ୍ଗ ଏବଂ ସମ୍ପର୍କୀୟମାନଙ୍କ ସହିତ ବିତାଇବେ। ବ୍ୟବସାୟ ଅନୁକୂଳ ହେବ । ରିସ୍କ ନିଅ ନାହିଁ । ଆଖିକୁ ରୋଗ ଏବଂ ଆଘାତ ଆସିପାରେ। କାରବାରକୁ ଶୀଘ୍ର କର ନାହିଁ ।



**ମୀନ :** ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ । ଦୁଃଖଦ ଖବର ଗ୍ରହଣ କରାଯାଇପାରେ । ଆଶା କରାଯାଉଥିବା କାର୍ଯ୍ୟରେ ବିଳମ୍ବ ହେତୁ ହତାଶ ହେବେ । ବ୍ୟବସାୟ ଭଲ ହେବ । ରିସ୍କ ନିଅ ନାହିଁ । ଯନ୍ତ୍ରଣା, ଭୟ, ଚିନ୍ତା ଏବଂ ଟେନସନର ପରିବେଶ ସୃଷ୍ଟି ହୋଇପାରେ । ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ନିଜର ବକ୍ତବ୍ୟକୁ ନିୟନ୍ତ୍ରଣ କରିବେ ।



ଶ୍ରୀପତି

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯